

ମଲାଲା ଦିବସ
▶ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-18 ◆SATURDAY ◆12 JULY 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୧୮ ◆ଶନିବାର ◆୧୨ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ବୁଢ଼ା ହେଉଛି ଭାରତ

## ବଢ଼ୁଛି ଆୟୁଷ; କମୁଛି ପ୍ରଜନନ ହାର

■ **ନୂଆଦିଲ୍ଲୀ, ୧୧।୭ (ଏଜେନ୍ସି):** କମି ଚାଲିଛି ଦେଶର ଯୁବଶକ୍ତି। ଲୋକଙ୍କ ହାରାହାରି ଆୟୁଷ ବୃଦ୍ଧି, ପ୍ରଜନନ ହାର ହ୍ରାସ ଯୋଗୁଁ ଭାରତ ଦ୍ରୁତଗତିରେ ବୟସ୍କଙ୍କ ଦେଶ ପାଲଟୁଛି। ଚଳିତ ବର୍ଷ ଶେଷ ସୁଦ୍ଧା ଭାରତର ମୋଟ ଜନସଂଖ୍ୟାର ଏକ ଚତୁର୍ଥାଂଶ ଅର୍ଥାତ ପ୍ରାୟ ୩୫ କୋଟିଙ୍କ ବୟସ ୬୦ ବର୍ଷ ଅତିକ୍ରମ କରିବ ବୋଲି ଆକଳନ କରାଯାଇଛି। ଯାହା ଦେଶ ଓ ଅର୍ଥନୀତି ପାଇଁ ସବୁଠାରୁ ବଡ଼ ବିପଦ ଭାବରେ ଉଭା ହେବ ବୋଲି ଆକଳନ କରାଯାଉଛି। ବ୍ଲୁମ୍ବର୍ଗ ରିପୋର୍ଟରେ ପ୍ରକାଶିତ ହୋଇଛି ଏପରି ଏକ ସ୍ପର୍ଶକାତର ତଥ୍ୟ।



୩୫ କୋଟି ଛୁଇଁବ ୬୦ରୁ ଊର୍ଦ୍ଧ୍ୱ ବୟସ୍କଙ୍କ ସଂଖ୍ୟା

ଯୁବବର୍ଗ ଭାରତର ସବୁଠୁ ବଡ଼ ଶକ୍ତି ବୋଲି କୁହାଯାଏ। ବହୁ ବର୍ଷ ହେଲା ବିଶ୍ୱରେ ଭାରତର ଯୁବ ଜନସଂଖ୍ୟା ଏକ ପ୍ରମୁଖ ଶକ୍ତିକେନ୍ଦ୍ର ଭାବରେ ପରିଚିତ ହୋଇ ଆସିଛି। ଦେଶର ଜନସଂଖ୍ୟାର ପ୍ରାୟ ୬୫% ଲୋକଙ୍କ ବୟସ ୩୫ ବର୍ଷରୁ କମ୍ ହୋଇଥିବାରୁ ଏହାକୁ ଆର୍ଥିକ ଅଭିବୃଦ୍ଧି କ୍ଷେତ୍ରରେ ବିନିଯୋଗ କରାଯାଉଥିଲା। ମାତ୍ର ଏବେ ଜନସଂଖ୍ୟାର ପରିସଂଖ୍ୟାନ ଏକ ନୂଆ ଓ ଚିନ୍ତାଜନକ ଚିତ୍ର ଦେଖାଇଛି। ୨୦୪୭ ସୁଦ୍ଧା ଭାରତ ଏକ ବିକଶିତ ବା ଧନୀ ରାଷ୍ଟ୍ରରେ ପରିଣତ ହେବା ପୂର୍ବରୁ ଏକ ବୁଢ଼ା ଦେଶରେ ପରିଣତ ହୋଇଯିବ ବୋଲି ଏବେ ଆଶଙ୍କା ପ୍ରକାଶ ପାଇଛି।

ଭାରତରେ ଲୋକଙ୍କ ପ୍ରଜନନ ହାର ହ୍ରାସ, ହାରାହାରି ବୟସ୍କ ଲୋକଙ୍କ ସଂଖ୍ୟା ବୃଦ୍ଧି କେବଳ ସାମାଜିକ ନୁହେଁ, ବରଂ ଦେଶ ପାଇଁ ଆର୍ଥିକ କ୍ଷେତ୍ର ପାଇଁ ବିପଦ ସୃଷ୍ଟି କରିଛି।

ଭାରତ ଗତ ଅନେକ ବର୍ଷ ହେଲା ନିଜ ଯୁବ ଜନସଂଖ୍ୟାକୁ ଦୁନିଆ ଆଗରେ ନିଜର ଶକ୍ତି ରୂପେ ଉପସ୍ଥାପନ କରିଆସୁଛି। ୬୫ ପ୍ରତିଶତ ଜନସଂଖ୍ୟାର ବୟସ ୩୫ ବର୍ଷରୁ କମ ରହିବା ଦ୍ୱାରା ଦେଶକୁ ଡେମୋଗ୍ରାଫିକ୍ ଡିଭିଡେଣ୍ଟ ବା 'ଜନସଂଖ୍ୟାଗତ ଲାଭ' ମିଳୁଥିବା କୁହାଯାଉଛି। ଦେଶରେ ଅଧିକ କାମ କରୁଥିବା ଜନସଂଖ୍ୟା, ଅଧିକ ଉତ୍ପାଦନ ଓ ଦ୍ରୁତ ବିକାଶରେ ସହାୟକ ହୋଇଥାଏ। ମାତ୍ର ବ୍ଲୁମ୍ବର୍ଗରେ ପ୍ରକାଶିତ ରିପୋର୍ଟ ଅନୁସାରେ ଭାରତରେ ଜନସଂଖ୍ୟା ବୃଦ୍ଧିର ଗତି ମନ୍ଥର ହେବାରେ ଲାଗିଛି। ଅନ୍ୟପକ୍ଷରେ ଲୋକଙ୍କ ଜୀବନକାଳ ମଧ୍ୟ ବୃଦ୍ଧି ପାଇଛି। ଏହାର ପରିଣାମସ୍ୱରୂପ ଭାରତ ଦ୍ରୁତ ଗତିରେ ବୟସ୍କଙ୍କ ଦେଶ ଦିଗରେ ଅଗ୍ରସର ହେଉଛି। ଜନସଂଖ୍ୟାକୁ ଆର୍ଥିକ ପ୍ରଗତିର ଅଗ୍ରଦୂତ କରାଇବା ପାଇଁ କିଛି ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆଯାଇଛି। ସହରୀକରଣ, ଭିତ୍ତିଭୂମି, ଦକ୍ଷତା ବିକାଶ ସହ ଶ୍ରମଶକ୍ତିର ବିସ୍ତାର ଓ ବିନିର୍ମାଣ କ୍ଷେତ୍ର ଉପରେ ▶ପୃଷ୍ଠା-୭

# ବେଲୁଚିସ୍ତାନରେ ବସ୍ ଆକ୍ରମଣ; ୯ ମୃତ

■ **କ୍ୱେଟା, ୧୧।୭ (ଏଜେନ୍ସି):** ପାକିସ୍ତାନର ବେଲୁଚିସ୍ତାନ ରାଜ୍ୟରେ ଗୁରୁବାର ରାତିରେ ଆଉ ଏକ ବଡ଼ ଧରଣର ଆକ୍ରମଣ ହୋଇଛି। କ୍ୱେଟାରୁ ଲାହୋର ଯାଉଥିବା ଏକ ଯାତ୍ରୀବାହି ବସ୍‌କୁ ଅଟକାଇ ଅସ୍ତ୍ରଶସ୍ତ୍ରଧାରୀ କେତେକ ଲୋକ ୯ ଜଣ ଯାତ୍ରୀଙ୍କୁ ନେବା ପରେ ସେମାନଙ୍କୁ ଗୁଳିକରି ହତ୍ୟା କରିଛନ୍ତି।



ଏହି ଘଟଣା ଉତ୍ତର ବେଲୁଚିସ୍ତାନର ସର ଧକ୍କାର ଝୋବ୍ ଇଲାକାରେ ଘଟିଛି। ଏହି ଅଞ୍ଚଳ ଉଗ୍ରବାଦୀଙ୍କ ଚରାଭୂଇଁ ଭାବେ ପରିଚିତ। ଉଗ୍ରବାଦୀମାନେ ବସ୍‌ରୁ ଯାତ୍ରୀମାନଙ୍କୁ ଓହ୍ଲାଇବା ସହ ସେମାନଙ୍କର ପରିଚୟ ପାଇବା ପରେ ଏହି କାଣ୍ଡ ଘଟାଇଥିଲେ ▶ପୃଷ୍ଠା-୭

# ଚରମପନ୍ଥୀ ଦଳକୁ ବାଂଲା ସେନାର ସମର୍ଥନ

■ ଢାକା, ୧୧।୭ (ଏଜେନ୍ସି): ବାଂଲାଦେଶରେ ଏବେ ରାଜନୈତିକ ଦୃଶ୍ୟପଟରେ ପରିବର୍ତ୍ତନ ହେବା ସମ୍ଭାବନା ସୃଷ୍ଟି ହୋଇଛି। ବାଂଲାଦେଶ ସେନା ମୁଖ୍ୟ ଜେନେରାଲ ୱାକର-ଉଜ-ଜମାନ ଦେଶରେ ଚରମପନ୍ଥୀ ଇସ୍‌ଲାମୀ ଦଳଗୁଡ଼ିକୁ ସମର୍ଥନ କରିଛନ୍ତି। ଏହି ଦଳଗୁଡ଼ିକ ମଧ୍ୟରେ ଜମାତ-ଏ- ଇସଲାମୀ, ଇସ୍‌ଲାମୀ ଆନ୍ଦୋଳନ ବାଂଲାଦେଶ, ଖିଲଫତ ମଜଲିସ୍, ମୁତାହିଦେ ମଜଲିସ୍-ଏ- ଅମଲ ଓ ତଞ୍ଜିମୂଲ ଉଲେମା ଭଳି ଦଳ ସାମିଲ ରହିଛି। ଏହି ଦଳଗୁଡ଼ିକ ଏକାଠି ହୋଇ ଏକ ଚରମପନ୍ଥୀ ଗଠବନ୍ଧନ ରୂପେ ଉଭା ହୋଇଛନ୍ତି। ଏହି ଦଳଗୁଡ଼ିକ ମିସି ପ୍ରପୋର୍ସନାଲ ରିପ୍ରେଜେଣ୍ଟେସନ ପ୍ରଣାଳୀ ପାଇଁ ଦାବି କରୁଛନ୍ତି। ଯଦି ଏହା ଦାବି ପୂରଣ ନ ହୁଏ ତେବେ ସବୁ ଦଳ ନିର୍ବାଚନ ବହିଷ୍କାର କରିବେ ବୋଲି କହିଛନ୍ତି। ଫଳରେ ସେନା ମୁଖ୍ୟ ଏହି ଦଳଗୁଡ଼ିକୁ ପ୍ରତି ନରମ ମନୋଭାବ ପୋଷଣ କରିଥିବା ଦେଖାଯାଇଛି। ଦେଶରୁ ମୁଖ୍ୟ ବିରୋଧୀ ପାର୍ଟି ବାଂଲାଦେଶ ନ୍ୟାସନାଲ ପାର୍ଟିରେ ଗୋଷ୍ଠୀ କନ୍ଦଳ ଯୋଗୁଁ ଏପର୍ଯ୍ୟନ୍ତ ପ୍ରାର୍ଥୀ ସ୍ଥିର କରାଯାଇପାରି ନାହିଁ।

## 'ସମ୍ବିଧାନ ବଞ୍ଚାଅ' ସମାବେଶରେ ଗର୍ଜିଲେ ରାହୁଲ

# ଗରିବଙ୍କୁ ଲୁଟୁଛି ବିଜେପି ସରକାର

■ **ଭୁବନେଶ୍ୱର, ୧୧।୭ (ସମିସ):** 'ସମ୍ବିଧାନ ବଞ୍ଚାଅ' ସମାବେଶରେ ରାଜ୍ୟ ବିଜେପି ସରକାରଙ୍କ ବିରୋଧରେ ରଣହୁଙ୍କାର ଦେଇଛନ୍ତି କଂଗ୍ରେସ ନେତା ତଥା ଲୋକସଭାର ବିରୋଧୀଦଳ ନେତା ରାହୁଲ ଗାନ୍ଧୀ। ସାଧାରଣ ନିର୍ବାଚନର ବର୍ଷକ ପରେ ଦିନିକିଆ ଓଡ଼ିଶା ଗସ୍ତରେ ଆସି ରାହୁଲ ଭୁବନେଶ୍ୱରସ୍ଥିତ ବରମୁଣ୍ଡା ପଡ଼ିଆରେ କର୍ମୀଙ୍କ ମନରେ ଉତ୍ସାହ ଭରିଛନ୍ତି ରାହୁଲ। ଏହା ସହ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ତୀବ୍ର ଭର୍ତ୍ସନା କରି ରାଜ୍ୟରେ କମ୍ପାନୀ ସରକାର ଚାଲିଛି ବୋଲି କଟାକ୍ଷ କରିଛନ୍ତି।

ବରମୁଣ୍ଡାରେ ଏକ ସମାବେଶରେ ରାହୁଲ କହିଛନ୍ତି ଯେ ଓଡ଼ିଶା ସରକାର ଏବେ ରାଜ୍ୟର ଗରିବ, ଦଳିତ, ପଛୁଆବର୍ଗ, ଆଦିବାସୀଙ୍କ ସମ୍ପତ୍ତି ଚୋରି କରୁଛନ୍ତି। ଗୋଟିଏ ପଟେ ରାଜ୍ୟର ଗରିବ ଏବଂ ଅନ୍ୟପଟେ ଦେଶର ୫-୬ ଜଣ ଅରବପତି ଓ ବିଜେପି ସରକାର ଅଛନ୍ତି। ଏଠାରେ ଆଦିବାସୀଙ୍କୁ ତାଙ୍କ ଜମିରୁ ହଟାଇ ଦିଆଯାଉଛି। ପେସା ଆଇନ ଲାଗୁ କରାଯାଉନାହିଁ। ଆଦିବାସୀମାନଙ୍କ ଉପରେ ଅତ୍ୟାଚାର ବଢ଼ୁଛି ଏବଂ ସେମାନଙ୍କର ସମ୍ପତ୍ତି ଲୁଟ ହେଉଛି। ମାତ୍ର କଂଗ୍ରେସ ଏହା ବିରୋଧରେ ସଂଗ୍ରାମ ଜାରି ରଖିବ; ଓଡ଼ିଶାର ଜଳ, ଜଙ୍ଗଲ ଓ

- **ଓଡ଼ିଶାର ଜଳ, ଜଙ୍ଗଲ ଓ ଜମି ଏବେ ଅସୁରକ୍ଷିତ**
- **ଆଦିବାସୀଙ୍କ ଜମି ହଡ଼ପ କରୁଛନ୍ତି ରାଜ୍ୟ ସରକାର**
- **ବିଜେପି ପାଇଁ କାମ କରୁଛନ୍ତି ନିର୍ବାଚନ କମିଶନ**
- **ରାଜ୍ୟରେ କମିଶନଖୋର୍ ଶାସନ ଚାଲିଛି: ଖଡ଼୍‌ଗେ**
- **ବିଜେପି ଗୁଣ୍ଡାଙ୍କ ବିରୋଧରେ ଏକାଠି ଲଢ଼ିବାକୁ ଆହ୍ୱାନ**

ଜମି ଆଦିବାସୀଙ୍କର, ଏହା ଆଦିବାସୀଙ୍କର ହିଁ ରହିବ। ଓଡ଼ିଶାରେ ଦୈନିକ ୧୫ ମହିଳାଙ୍କ ଦୁଷ୍କର୍ମ ହେଉଛି। ସରକାର ୨୪ ଘଣ୍ଟା ଲୋକଙ୍କ ରକ୍ତ ଶୋଷଣ କରୁଛି। ଆଇନଶୃଙ୍ଖଳା ସ୍ଥିତି ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି ବୋଲି ରାହୁଲ କହିଛନ୍ତି।



ସେ କହିଛନ୍ତି ଯେଦେଶରେ ନରେନ୍ଦ୍ର ମୋଦୀ ସରକାର ଚାଷୀମାନଙ୍କ କ୍ଷତି ଭରଣା ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଆଣିଥିଲେ। ହେଲେ ଏହି ଯୋଜନାରେ ଗରିବ, ରାଜ୍ୟ ଓ କେନ୍ଦ୍ର ସରକାରଙ୍କଠାରୁ ଟଙ୍କା ନେଇ ବିଜେପି ୩-୪ଟି ବଡ଼ କମ୍ପାନୀକୁ ଦେଇ ଦେଇଛି। ଚାଷୀଙ୍କୁ କ୍ଷତିପୂରଣ ମିଳୁନାହିଁ; ଓଡ଼ିଶାରେ ମଧ୍ୟ ସବୁ ଚାଷୀଙ୍କୁ ଟଙ୍କା ମିଳିନାହିଁ। ସମ୍ବିଧାନ ଗରିବଙ୍କୁ ରକ୍ଷା କରୁଛି। ଏ ଦେଶ ଅଦାନୀ ଅମ୍ବାନୀଙ୍କର ନୁହେଁ, ଏ ଦେଶ ଗରିବ ଲୋକଙ୍କର। ପୁରୀରେ ଜଗନ୍ନାଥଙ୍କ ରଥଯାତ୍ରା ପାଇଁ ଲକ୍ଷ ଲକ୍ଷ ଲୋକ ଥିଲେ; କିନ୍ତୁ ଅଦାନୀ ଓତାଙ୍କ ପରିବାର ପାଇଁ ଗୋଟିଏ ଦିନ ରଥ ଅଟକାଇ ଦିଆଗଲା। ଏଥିରୁ ସ୍ପଷ୍ଟ ଯେ ରାଜ୍ୟରେ ବିଜେପି ସରକାର ଲୋକଙ୍କର ନୁହେଁ, ଆଦାନୀଙ୍କ ସରକାର ବୋଲି ରାହୁଲ କହିଛନ୍ତି।

ନିର୍ବାଚନ କମିସନଙ୍କ ଭୂମିକା ଉପରେ ପ୍ରଶ୍ନ ଉଠାଇବା ସହ ରାହୁଲ କହିଛନ୍ତି ଯେ ବିଜେପି ସାରା ଦେଶରେ ସମ୍ବିଧାନ ଉପରେ ଆକ୍ରମଣ କରୁଛି। ମହାରାଷ୍ଟ୍ର ଭଳି ବିହାରରେ ମଧ୍ୟ 'ଭୋଟ ଓ ନିର୍ବାଚନ ଚୋରି' ପାଇଁ ଉଦ୍ୟମ ହେଉଛି। ନିର୍ବାଚନ କମିଶନ ନିଜ କାମ ଛାଡ଼ି ବିଜେପି ପାଇଁ କାମ କରୁଛନ୍ତି। ମହାରାଷ୍ଟ୍ରରେ ଲୋକସଭା ଓ ବିଧାନସଭା ନିର୍ବାଚନ ମଧ୍ୟରେ ୧ କୋଟି ଭୋଟର ବଢ଼ିଥିଲେ। ଏବେ ବିହାରରେ ମଧ୍ୟ ମହାରାଷ୍ଟ୍ର ପରି ଭୋଟ ଚୋରି ଉଦ୍ୟମ ହେଉଛି। ତେଲଙ୍ଗାନାରେ ଜାତି ଜନଗଣନା ମାଧ୍ୟମରେ କାହା ପାଖରେ କେତେ ଧନ ▶ପୃଷ୍ଠା-୭

## ଡ୍ରାଇଭରଙ୍କୁ ମହଙ୍ଗା ପଡ଼ିଲା କଂଗ୍ରେସ ପ୍ରତି କୋହଳ ମନୋଭାବ

# ସଂଘ ଏକଘରକିଆ; ଆଜିଠୁ ଗଡ଼ିବ ବସ୍

■ **ଭୁବନେଶ୍ୱର, ୧୧।୭ (ସମିସ):** ଆଜି ଚତୁର୍ଥ ଦିନରେ ମଧ୍ୟ ଡ୍ରାଇଭର୍ ମହାସଂଘର କର୍ମକର୍ତ୍ତାମାନେ ବିଭିନ୍ନ ସ୍ଥାନରେ ଧର୍ମଘଟ ଜାରି ରଖିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଗାଡ଼ି ନ ଚଳାଇବା ପାଇଁ ମହାସଂଘ ଅଡ଼ି ବସିଛି । ମାତ୍ର କଂଗ୍ରେସର 'ସମ୍ବିଧାନ ବଞ୍ଚାଅ' ସମାବେଶ ପ୍ରତି କୋହଳ ମନୋଭାବ ଡ୍ରାଇଭର ମହାସଂଘକୁ ମହଙ୍ଗା ପଡ଼ିଛି। ରାଜ୍ୟ ସରକାର ଓ ବିଜେପି ଡ୍ରାଇଭର ମହାସଂଘ ସଭାପତି ପ୍ରଶାନ୍ତ ମେଣ୍ଡୁଲିଙ୍କ ଭୂମିକା ଉପରେ ପ୍ରଶ୍ନ ଉଠାଇ ତାଙ୍କୁ ଖଳନାୟକ ଭାବେ ଚିତ୍ରଣ କରିବାକୁ ଉଦ୍ୟମ ଆରମ୍ଭ କରିଛନ୍ତି। ଅନ୍ୟପକ୍ଷରେ ଘରୋଇ ବସ୍‌ମାଲିକଙ୍କୁ ଅସ୍ତ୍ର କରି ସରକାର ଆନ୍ଦୋଳନକୁ ଭଣ୍ଡୁର କରିବାକୁ ଯୋଜନା କରିଥିବା ଡ୍ରାଇଭର ମହାସଂଘ ଅଭିଯୋଗ କରିଛି। ଏହି ପରିପ୍ରେକ୍ଷୀରେ ଶନିବାରଠାରୁ ରାଜ୍ୟରେ ପୁଣି ଥରେ ଘରୋଇ ବସ୍ ଚଳାଚଳ କରିବ ବୋଲି ମାଲିକ ସଂଘ ସୂଚନା ଦେଇଛି। ସେମାନଙ୍କ ସହିତ ଅନେକ ଡ୍ରାଇଭର ଅଛନ୍ତି। ସେମାନେ ବସ୍ ଚଳାଇବେ, ତେବେ ସରକାର ସେମାନଙ୍କୁ ସୁରକ୍ଷା ଯୋଗାଇ ଦେବା ଆବଶ୍ୟକ ବୋଲି ସଂଘ ପକ୍ଷରୁ କୁହାଯାଇଛି।

**ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ: ଡ୍ରାଇଭର ସଂଘ**

ପରିବହନ ମନ୍ତ୍ରୀ ବିଭୂତିଭୂଷଣ ଜେନା କହିଛନ୍ତି ଯେ ଆନ୍ଦୋଳନ କରୁଥିବା ଡ୍ରାଇଭର ମହାସଂଘର ସମସ୍ତ ଦାବିକୁ ସରକାର ଶୁଣିଛନ୍ତି। ଏ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଛି, ତେଣୁ ଆଉ ଆନ୍ଦୋଳନର ଆବଶ୍ୟକତା ନାହିଁ। ସରଳ ଡ୍ରାଇଭରମାନଙ୍କୁ ଡ୍ରାଇଭର ସଂଘର ନେତା ଆନ୍ଦୋଳନ ନାମରେ ଭ୍ରମିତ କରନ୍ତୁ ନାହିଁ ବୋଲି ମଧ୍ୟ ପରାମର୍ଶ ଦେଇଛନ୍ତି ।

ଅନ୍ୟପକ୍ଷରେ ଡ୍ରାଇଭର ମହାସଂଘ ସଭାପତି ପ୍ରଶାନ୍ତ ମେଣ୍ଡୁଲି କହିଛନ୍ତି ଯେ ଆରମ୍ଭ ହୋଇଥିବା ଆନ୍ଦୋଳନ ବନ୍ଦ ହେବାର ପ୍ରଶ୍ନ ଉଠୁନାହିଁ। ଯେ ପର୍ଯ୍ୟନ୍ତ ସରକାର ଲିଖିତ ପ୍ରତିଶ୍ରୁତି ଦେଇ ନାହାନ୍ତି, ସେ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ। ରାଜ୍ୟର ସବୁ ଜିଲ୍ଲାର ଡ୍ରାଇଭରମାନେ ଏକାଠି ରହନ୍ତୁ ଓ ଆନ୍ଦୋଳନରେ ସାମିଲ ହୁଅନ୍ତୁ । ରାଜରାସ୍ତାରେ ବିଶୃଙ୍ଖଳା କିମ୍ବା ଗାଡ଼ି ଅଟକାଇଲେ ସରକାର ଆକ୍ସନ ନେଇପାରନ୍ତି। ତେଣୁ ସେମାନେ ଶାନ୍ତିପୂର୍ଣ୍ଣ ଧାରଣାରେ ବସିବେ ଓ ଆନ୍ଦୋଳନ ଜାରି ରଖିବେ ବୋଲି ଶ୍ରୀ ମେଣ୍ଡୁଲି କହିଛନ୍ତି। ଚତୁର୍ଥ ଦିନରେ ଡ୍ରାଇଭରଙ୍କ ଷ୍ଟିଅରିଂ ▶ପୃଷ୍ଠା-୭

## ପିକ୍‌ଅପ୍ ଦୁର୍ଘଟଣା; ୨ ଜଣଙ୍କ ମୃତ୍ୟୁ

■ **ତୁରୁମୁଙ୍ଗା/ ଚମ୍ପୁଆ, ୧୧।୭ (ସମିସ):** କେନ୍ଦୁଝର ଜିଲ୍ଲା ବାରିଆ ଥାନା ଅନ୍ତର୍ଗତ ନନ୍ଦପୁର-ଜାଳି ରାସ୍ତାର ବରପଦା ଗ୍ରାମରେ ଭାରସାମ୍ୟ ହରାଇ ରାସ୍ତାକଡ଼ ପାଚେରି ଭାଙ୍ଗି ଘର ଭିତରକୁ ପିକଅପ ଭ୍ୟାନ୍ ପଶିଯିବାରୁ ଦୁଇ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ବରପଦା ଗ୍ରାମର ଯଶୋଦା ମହାନ୍ତ ଏବଂ ଗାଡ଼ିରେ ଶ୍ରମିକ ଭାବରେ କାମ କରୁଥିବା ନୀରାକାର ମୁଣ୍ଡା ଓରଫ ଘୁତୁ। ଶୁକ୍ରବାର ବିଳମ୍ବିତ ସନ୍ଧ୍ୟାରେ ଘଟିଥିବା ଏହି ଦୁର୍ଘଟଣାରେ ଯଶୋଦାଙ୍କୁ ଭଣ୍ଡା ମେଡିକାଲରେ ମୃତ ଘୋଷଣା କରାଯାଇଛି। ଘୁତୁଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ଘଟଣାସ୍ଥଳରେ ବାରିଆ ପୁଲିସ ତଦନ୍ତ କରିଥିବା ବେଳେ କମଳ ଲୋଚନ ମହାନ୍ତଙ୍କ ଘର ଭାଙ୍ଗିଥିବା ଜଣାପଡ଼ିଛି।

# ଡାକ୍ତରଙ୍କୁ ପୁଲିସର ଥାର୍ଡ ଡିଗ୍ରୀ

## ଆନ୍ଦୋଳନ ଚେତାବନୀ ଦେଲା ଓମ୍‌ସା

■ **ଭୁବନେଶ୍ୱର, ୧୧।୭ (ସମିସ):** ପ୍ରଶାସନ ଉପରୁ ନିୟନ୍ତ୍ରଣ ହରାଉଛନ୍ତି ସରକାର। ଚାରିଆଡ଼େ ଅରାଜକତା ମାଡ଼ି ଚାଲିଛି। ଖୋଦ୍ ପୁଲିସ ଏବେ ଗୁଣ୍ଡାଙ୍କ ପରି ଆଚରଣ କରୁଛି। ରାୟଗଡ଼ାରେ ଜଣେ ଡାକ୍ତରଙ୍କୁ ଉଠାଇ ନେଇ ୧୮ ଘଣ୍ଟା ଅଟକ ରଖି ନିର୍ଯାତନା ଘଟଣା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ଏପରିକି ତାଙ୍କଠାରୁ ୧୦ ଲକ୍ଷ ଟଙ୍କା ଦାବି କରି ୨ ଲକ୍ଷ ଟଙ୍କା ନେଇଥିବା ମଧ୍ୟ ଅଭିଯୋଗ ହୋଇଛି। ଯାହାକୁ ନେଇ ରାଜ୍ୟ ଡ଼ାକ୍ତର ସଂଘ ଖପ୍ପା। ଘଟଣାରେ ଯଦି ନ୍ୟାୟ ନ ମିଳେ ଓ ମୁଖ୍ୟମନ୍ତ୍ରୀ ନିଜେ ହସ୍ତକ୍ଷେପ ନ କରନ୍ତି, ତାହେଲେ ପ୍ରଥମେ ରାୟଗଡା ଏବଂ ପରେ ରାଜ୍ୟବ୍ୟାପୀ ଡାକ୍ତରମାନେ କାର୍ଯ୍ୟବନ୍ଦ କରିବେ ବୋଲି ସଂଘ ଚରମବାଣୀ ଶୁଣାଇଛି। ରାଜ୍ୟରେ ବର୍ତ୍ତମାନ ଡ୍ରାଇଭର ମହାସଂଘର ଆନ୍ଦୋଳନ ଯୋଗୁଁ ସାଧାରଣ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଡାକ୍ତରଙ୍କ ଚେତାବନୀ ସ୍ଥିତିକୁ ଆହୁରି ଖରାପ କରିବ ବୋଲି ଆଶଙ୍କାପ୍ରକାଶ ପାଇଛି ।

**ପ୍ରଶାସନ ଉପରୁ ନିୟନ୍ତ୍ରଣ ହରାଉଛନ୍ତି ସରକାର**

**ଡାକ୍ତରଙ୍କୁ ୧୮ ଘଣ୍ଟା ଅଟକ, ପୁଲିସ ୧୦ ଲକ୍ଷ ଟଙ୍କା ଦାବି ଅଭିଯୋଗ**

ସୂଚନା ଅନୁଯାୟୀ ରାୟଗଡା ଜିଲ୍ଲାରେ ଡାକ୍ତର ସୁମୀରନ ରାଉତଙ୍କୁ ପୁଲିସର ଅତ୍ୟାଚାର ବିରୋଧରେ ଡାକ୍ତର ସଂଘ ଏକାଠି ହୋଇଛନ୍ତି। ଏକ ଟ୍ରେନ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ପରେ ଡାକ୍ତର ରାଉତଙ୍କୁ ସ୍ଥାନୀୟ ଚାନ୍ଦିଲି ପୁଲିସ ୧୮ ଘଣ୍ଟା ଅଟକ ରଖିଥିବା ଅଭିଯୋଗ ହୋଇଛି। ସେହିପରି ପୁଲିସ ସମ୍ପୃକ୍ତ ଡାକ୍ତରଙ୍କୁ ଛାଡ଼ିବା ପାଇଁ ୧୦ ଲକ୍ଷ ଟଙ୍କା ଦାବି କରିଥିଲା; ମାତ୍ର ଦୁଇ ଲକ୍ଷ ଟଙ୍କା ଓ ସାଦା କାଗଜରେ ଦସ୍ତଖତ ନେଇ ▶ପୃଷ୍ଠା-୭

# ରୋଗୀଙ୍କ ପାଇଁ ଅଭିଶାପ ପାଲଟିଛି 'ଆୟୁଷ୍ମାନ'


## ଝିଅର ମୃତ୍ୟୁ ହେଲେ ଦାୟୀ ରହିବେ ସରକାର: ପରିବାର

■ **ଭୁବନେଶ୍ୱର, ୧୧।୭ (ସମିସ):** ଆୟୁଷ୍ମାନ କାର୍ଡକୁ ନେଇ ପ୍ରତିଦିନ ବଢ଼ିବାରେ ଲାଗିଛି ଅଭିଯୋଗ। ପୂର୍ବରୁ ବିଏସ୍‌କେୱାଇରେ ବିନା ଦ୍ୱିଧାରେ ଚିକିତ୍ସା ପାଉଥିବା ଗରିବ ରୋଗୀମାନଙ୍କ ପାଇଁ ବିଜେପି ସରକାରଙ୍କ 'ଆୟୁଷ୍ମାନ' ଅଭିଶାପ ପାଲଟିଛି। ଚିକିତ୍ସା ସୁବିଧାସୁଯୋଗରୁ ବଞ୍ଚିତ ରୋଗୀମାନେ ଏବେ ନବୀନ ସରକାରଙ୍କ ଦ୍ୱାରା ପ୍ରଚଳିତ ବିଏସ୍‌କେୱାଇକୁ ଝୁରୁଛନ୍ତି। କୋରାପୁଟ, ରାୟଗଡ଼ାର ରୋଗୀମାନେ ବିଶାଖାପାଟଣାରେ ଚିକିତ୍ସା ନ ପାଇ ହନ୍ତସନ୍ତ ହୋଇଥିବାବେଳେ ଏବେ ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ଅନୁରୂପ ଘଟଣା ଦେଖିବାକୁ ମିଳିଛି। ବିଏସ୍‌କେୱାଇରେ ବିନା ମୂଲ୍ୟରେ ହୃଦରୋଗର ଚିକିତ୍ସା କରିଥିବା ଗରିବ ଝିଅଟି ଏବେ ଅନ୍ୟଏକ ବ୍ୟାଧିରେ ମୃତ୍ୟୁସହ ସଂଘର୍ଷ କରୁଥିଲେ ହେଁ ଆୟୁଷ୍ମାନ ଯୋଜନାରେ ଚିକିତ୍ସା ସୁଯୋଗ ପାଇପାରୁ ନାହିଁ। ଯାହାକୁ ନେଇ ପରିବାର ଲୋକମାନେ ରାଜ୍ୟ ସରକାରଙ୍କୁ ଦାୟୀ କରିଛନ୍ତି। ଆୟୁଷ୍ମାନ କାର୍ଡ

**ନବୀନଙ୍କ ବିଏସ୍‌କେୱାଇକୁ ଝୁରୁଛନ୍ତି ରାଜ୍ୟବାସୀ**

ସେମାନଙ୍କ ଚିକିତ୍ସାରେ ଲାଗି ପାରୁ ନ ଥିବା ଅଭିଯୋଗ କରି ଯଦି ତାଙ୍କ ଝିଅର କିଛି ହୋଇଯାଏ ତେବେ ଏଥିପାଇଁ ସରକାର ଦାୟୀ ରହିବେ ବୋଲି ପରିବାର ସଦସ୍ୟମାନେ ଚେତାବନୀ ଦେଇଛନ୍ତି ।

ସାଲିଆ ସାହିର ଝିଅ ରାଧିକା (ଛଦ୍ମନାମ)ର ପରିବାର ଅତ୍ୟନ୍ତ ଗରିବ। ପୂର୍ବରୁ ବିଏସ୍‌କେୱାଇରେ ନିଜର ହୃଦ୍‌ରୋଗର ଚିକିତ୍ସା କରି ସୁସ୍ଥ ହୋଇଥିଲେ।





ମାତ୍ର ଏବେ ସେ ଆଉଏକ ଦୂରାରୋଗ୍ୟ ବ୍ୟାଧିରେ ପୀଡ଼ିତ ଓ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ମାତ୍ର ପୂର୍ବରୁ ବିଏସ୍‌କେୱାଇରେ ସେ ଘରୋଇ ହସ୍ପିଟାଲ୍‌ରେ ଯେଉଁ ଚିକିତ୍ସା ସେବା ପାଇଥିଲେ, ଏବେ ଆୟୁଷ୍ମାନ୍‌ର ତାହା ପାଉନାହାନ୍ତି। ତେଣୁ ଝିଅଟି ଏବେ ଜୀବନ-ମରଣ ସହ ସଂଘର୍ଷ କରୁଛି । ତାଙ୍କ ପରିବାର ମଧ୍ୟ ଏହାକୁ ନେଇ ବେଶ୍ ଚିନ୍ତିତ । ଆୟୁଷ୍ମାନ କାଡର୍ ତାଙ୍କ ପାଇ ଅଭିଶାପ ପାଲଟିଛି ବୋଲି ଉଲ୍ଲେଖ କରି ସରକାରଙ୍କୁ ନିନ୍ଦା କରିଛନ୍ତି । ଚିକିତ୍ସା ନ ପାଇ ତାଙ୍କ ଝିଅ ଯଦି ମୃତ୍ୟୁବରଣ କରେ ତେବେ ସରକାର ଦାୟୀ ରହିବେ ବୋଲି ରାଧିକାର ବାପା କହିଛନ୍ତି।

ଆୟୁଷ୍ମାନ ଯୋଜନାରେ ବିଭିନ୍ନ ରୋଗ ପାଇଁ ଅପେକ୍ଷାକୃତ କମ୍ ଅର୍ଥ ବରାଦ ଯୋଗୁଁ ଚିକିତ୍ସା ସେବା ବ୍ୟାହତ ହେଉଛି। ଏତେ କମ୍ ଅର୍ଥ ବରାଦରେ ବଡ଼ ରୋଗର ଚିକିତ୍ସା କରାଯାଇ ପାରିବ ନାହିଁ ବୋଲି ଘରୋଇ ଡାକ୍ତରଖାନା ଗୁଡ଼ିକ ▶ପୃଷ୍ଠା-୭

# ଷଣ୍ଢ ଆକ୍ରମଣରେ ଜଣେ ମୃତ

**୪ ଆହତ**

**ଜାଲରେ ପଡ଼ି ଷଣ୍ଢ ମୃତ**



■ **ଭଦ୍ରକ/ବାସୁଦେବପୁର, ୧୧।୭ (ସମିସ):** ମୃତ୍ୟୁ ଏମିତି ବି ଆସେ। ଠାକୁର ପୂଜା ପାଇଁ ଫୁଲ ତୋଳିବାକୁ ଯାଉଥିଲେ ନେପାଳି ଯେନା। ବାଟରେ ହଠାତ ଏକ ଷଣ୍ଢ ତାଙ୍କୁ ଆକ୍ରମଣ କରିଥିଲା। ଫଳରେ ତାଙ୍କର ମୃତ୍ୟୁ ଘଟିଥିବାବେଳେ ୪ ଜଣ ଆହତ ହୋଇଛନ୍ତି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ବ୍ରାହ୍ମଣଗାଁ ପଞ୍ଚାୟତ ଚଣ୍ଡିଆ ଗାଁରେ। ସୂଚନା ଅନୁସାରେ, ଚଣ୍ଡିଆ ଗାଁର ନେପାଳି ଜେନା ଫୁଲ ତୋଳିବା ପାଇଁ ସକାଳୁ ସକାଳୁ ଘରୁ ବାହାରିଥିଲେ। ହଠାତ ଏକ ଷଣ୍ଢ ତାଙ୍କୁ ଆକ୍ରମଣ କରିଥିଲା। କିଛି ବୁଝିବା ଆଗରୁ ଶିଙ୍ଗରେ ଟେକି ଫିଙ୍ଗି ଦେଇଥିଲା ଷଣ୍ଢ। ନେପାଳି ନିଜକୁ ଆତ୍ମରକ୍ଷା କରିବା ପୂର୍ବରୁ ପୁନଶ୍ଚ ଆକ୍ରମଣ କରିଥିଲା ଷଣ୍ଢ। ତାଙ୍କ ପାଟି ଶୁଣି ପୁଅ ମାନସ ବାପାଙ୍କୁ ରକ୍ଷାକରିବାକୁ ଯିବାରୁ ମାନସଙ୍କୁ ମଧ୍ୟ ଷଣ୍ଢଟି ଫିଙ୍ଗିଦେଇଥିଲା। ସଂଜ୍ଞାହୀନ ଅବସ୍ଥାରେ ନେପାଳିଙ୍କୁ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା; ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ। ପରେ ଷଣ୍ଢଟି ପାଢୀ ସାହିର ଗୀତାରାଣୀ ପାଢୀଙ୍କୁ ମଧ୍ୟ ଆକ୍ରମଣ ▶ପୃଷ୍ଠା-୭

# ଆୟକର ନୋଟିସର ଦିନକ ପରେ ଟଙ୍କା ଭର୍ତ୍ତି ବ୍ୟାଗ୍ ସହ ଦେଖାଗଲେ ମହାରାଷ୍ଟ୍ର ମନ୍ତ୍ରୀ

ମୁମ୍ବାଇ, ୧୧।୭ (ଏଜେନ୍ସି): ମହାରାଷ୍ଟ୍ର କ୍ୟାବିନେଟ ମନ୍ତ୍ରୀ ତଥା ଔରଙ୍ଗାବାଦ ପଶ୍ଚିମ ଆସନର ଶିବସେନା (ସିନ୍ଦେ ଗୋଷ୍ଠୀ) ବିଧାୟକ ସଞ୍ଜୟ ସିରସାଟକୁ ନେଇ ରାଜ୍ୟର ରାଜନୀତି ସରଗରମ ହୋଇ ଉଠିଛି। ଟଙ୍କା ଭର୍ତ୍ତି ବ୍ୟାଗ ସହ ତାଙ୍କର ଏକ ଭିଡିଓ ଖୁବ ଭାଇରାଲ ହେବାରେ ଲାଗିଛି। ଆୟକର ନୋଟିସ ମିଳିବାର ଦିନକ ପରେ ସାମାଜିକ ନ୍ୟାୟ ମନ୍ତ୍ରୀ ସଞ୍ଜୟଙ୍କ ଏହି ଭିଡିଓ ସାମ୍ନାକୁ ଆସିଛି। ଏହି ଆୟକର ନୋଟିସରେ ୨୦୧୯ ରୁ ୨୦୨୪ ମଧ୍ୟରେ ତାଙ୍କ ସମ୍ପତ୍ତିରେ ଉଲ୍ଲେଖନୀୟ ବୃଦ୍ଧି ହୋଇଥିବା କୁହାଯାଇଛି। ଏହି ବିଷୟରେ ବିସ୍ତୃତ ସୂଚନା ଦେବାକୁ ମନ୍ତ୍ରୀଙ୍କୁ କୁହାଯାଇଥିଲା।

ଉଦ୍ଧବ ଗୋଷ୍ଠୀର ଶିବସେନା ସାଂସଦ ସଞ୍ଜୟ ରାଉତ ଶୁକ୍ରବାର ସାମାଜିକ ଗଣମାଧ୍ୟମରେ ମନ୍ତ୍ରୀଙ୍କ ଏହି ଭିଡିଓ ସେୟାର କରିଛନ୍ତି। ଏଥିରେ ଦେଖାଯାଉଛି ଯେ ସଞ୍ଜୟ ଏକ ପ୍ରକୋଷ୍ଠରେ ବସି ସିଗାରେଟ ଟାଣୁଛନ୍ତି। ତାଙ୍କ ନିକଟରେ ଏକ ଟଙ୍କା ଭର୍ତ୍ତି ବ୍ୟାଗ୍ ରହିଛି। ପ୍ରକୋଷ୍ଠରେ ଏକ କୁକୁର ଥିବା ମଧ୍ୟ ଦେଖାଯାଉଛି। ଏହା ବ୍ୟତୀତ ଆଉ ଏକ ବନ୍ଦ ସୁଟ୍‌କେସ୍ ରହିଛି। ତେବେ ଏହି ଭିଡିଓ କେବାକାର ଏବଂ କେଉଁଠାର ତାହାର କୌଣସି ସୂଚନା ଦିଆଯାଇ ନାହିଁ। ଭିଡିଓ ସେୟାର କରି ରାଉତ ଲେଖିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭୀସଙ୍କ ଉପରେ ଦୟା ଆସୁଛି। ସେ ଆଉ କେତେ ଥର ନିଜ ସମ୍ମାନ ତଳେ ପଡୁଥିବା ଦେଖିବେ? ଅସହାୟଙ୍କ ଅନ୍ୟ ନାମ ହେଉଛି ଫଡନାଭୀସ। ସେହିପରି ଉଦ୍ଧବ ଠାକ୍‌ରେଙ୍କ ପୁଅ ଆଦିତ୍ୟ ଠାକରେ କହିଛନ୍ତି ଯେ ଏହା ୫୦ ଖୋକା ନେଉଥିବା ସରକାର ବୋଲି ଆମେ ପୂର୍ବରୁ କହିଛୁ। ପ୍ରଥମେ ଖୋକା ଦେଖାଯାଉଛି।



ଦିନକ ତଳେ ମନ୍ତ୍ରୀ ସଞ୍ଜୟ କହିଥିଲେ ଯେ ତାଙ୍କୁ ଆୟକର ନୋଟିସ୍ ମିଳିଛି। ଗତ ଦୁଇ ନିର୍ବାଚନରେ ସମ୍ପତ୍ତି ୩ କୋଟିରୁ ବଢ଼ି ୨୪ କୋଟି କେମିତି ହୋଇଗଲା ତାହାର ଜବାବ ମଗାଯାଇଛି। ଏହି ଭିଡିଓ ସାମ୍ନାକୁ ଆସିବା ପରେ ମନ୍ତ୍ରୀ କହିଛନ୍ତି ଯେ ସେ ଯାତ୍ରା କରି ଆସିଥିଲେ। ପୋଷାକ ବାହାର କରି ଘରେ ଖଟ ଉପରେ ବସିଥିଲେ। ବ୍ୟାଗ୍ ସେଠାରେ ରଖି ଦେଇଥିଲେ। ଲୁଚିଛପି କ୍ୟାମେରା ଲଗାଇବା କିଛି ଲୋକଙ୍କ ଧନ୍ଦା ପାଲଟି ଯାଇଛି। ୫-୨୫ ଲକ୍ଷର ଭିଡିଓ ଦେଖାଇଲେ କ'ଣ ହେବ। ଲୋକଙ୍କ ଘର ସେହିଥିରୁ ଚଳୁଥିବ। ଏଥିରୁ କିଛି ମିଳିବ ନାହିଁ। ଖାଲି ତାଙ୍କୁ ବଦନାମ କରିବାକୁ ପ୍ରୟାସ କରାଯାଉଛି। ତେବେ ଏହି ଭିଡିଓ ଏଆଇ ଦ୍ୱାରା ପ୍ରସ୍ତୁତ କି ବୋଲି ପଚାରିବାରୁ ସେ ଜାଣି ନ ଥିବା କହିଥିଲେ। ଏହା ପୂର୍ବରୁ ସଞ୍ଜୟ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ କରିଛନ୍ତି ବୋଲି ଏଆଇଏମଆଇଏମ ନେତା ତଥା ପୂର୍ବତନ ସାଂସଦ ଇମ୍‌ତିଆଜ ଜଲିଲ ଅଭିଯୋଗ ଲଗାଇ ଥିଲେ।

# ଡ୍ୟାମ୍ ନା ଟାଇମ୍ ବମ୍?



ନୂଆଦିଲ୍ଲୀ, ୧୧।୭(ଏଜେନ୍ସି): ଉତ୍ତରପୂର୍ବ ରାଜ୍ୟ ଅରୁଣାଚଳ ପ୍ରଦେଶର ସୀମାଠାରୁ ୫୦ କିମି ଦୂରରେ ଚୀନ୍ ବିଶ୍ୱର ସର୍ବବୃହତ୍ ହାଇଡ୍ରୋପାୱାର ନଦୀ ବନ୍ଧ ନିର୍ମାଣ ଯୋଜନା କରୁଛି। ବ୍ରହ୍ମପୁତ୍ର (ଚୀନ୍‌ରେ ୟାରଲଙ୍ଗ୍ ସାଙ୍ଗପୋ ନାମରେ ପରିଚିତ) ନଦୀରେ ଏହି ଡ୍ୟାମ୍ ନିର୍ମାଣ କରିବ। ଏହା ଅରୁଣାଚଳ ପ୍ରଦେଶ ତଥା ଭାରତ ପାଇଁ ବଡ଼ ବିପଦ ସୃଷ୍ଟି କରିଛି ବୋଲି ଅରୁଣାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ପେମା ଖାଣ୍ଡୁ କହିଛନ୍ତି। ଚୀନ୍ ଏହି ଡ୍ୟାମକୁ ଅସ୍ତ୍ର ଭଳି ବ୍ୟବହାର କରିବ। ଏହା ଭାରତ ପାଇଁ ଟିକ୍‌ଟିକ୍ କରୁଥିବା ଟାଇମ ବମ୍ ସହ ସମାନ ବୋଲି ସେ ଉଲ୍ଲେଖ କରିଛନ୍ତି। ଏହି ମେଗା ଡ୍ୟାମ୍‌କୁ ବ୍ୟବହାର କରି ଚୀନ୍ ଭାରତକୁ ବହୁ ପରିମାଣରେ ପାଣି ଛାଡିବ। ଏହା ଦ୍ୱାରା ବଡ଼ ବନ୍ୟା ସୃଷ୍ଟି କରିବ। ଏହି ଡ୍ୟାମ୍ ଭାରତ ପାଇଁ ୱାଟର ବମ୍ ସଦୃଶ ହୋଇଛି ବୋଲି ସେ ସତର୍କ କରାଇ ଦେଇଛନ୍ତି। ଏହି ଡ୍ୟାମ୍ ଦ୍ୱାରା ସୀମାବର୍ତ୍ତୀ ଅଞ୍ଚଳରେ ରହୁଥିବା ଆଦିବାସୀଙ୍କ ଜୀବନ, ଭୂମି ଓ ସମ୍ବଳକୁ ଧ୍ୱଂସ କରିବାର ଆଶଙ୍କାର ରହିଛି ବୋଲି ସେ କହିଛନ୍ତି।

**ବ୍ରହ୍ମପୁତ୍ରରେ ଚୀନ ନିର୍ମାଣ କରୁଛି ବିଶ୍ୱର ବୃହତ୍ ବନ୍ଧ**

**ଉତ୍ତର-ପୂର୍ବ ଭାରତରେ ରଚାଇବ ଧ୍ୱଂସଲୀଳା**

ଅରୁଣାଚଳ ଓ ତିବ୍ବତ ମଧ୍ୟରେ ୧, ୨୦୦ କିମିର ସୀମା ରହିଛି। ଚୀନ୍ ୧୯୫୦ରୁ ତିବ୍ବତକୁ ଦଖଲ କରି ରଖିଛି। ୧.୧୪ ଲକ୍ଷ କୋଟି ଟଙ୍କା ବିନିମୟରେ ଚୀନ୍ ବ୍ରହ୍ମପୁତ୍ର ଡ୍ୟାମ୍ ନିର୍ମାଣ କରିବ। ତେବେ ଏହି ବନ୍ଧକୁ ଚୀନ୍ ଅନେକ ସୂଚନା ଗୋପନୀୟ ରଖିଛି। ଏହା ଆଞ୍ଚଳିକ ସ୍ତରରେ ଉତ୍ତେଜନାକୁ ବୃଦ୍ଧି କରିଛି। ଏହି ବନ୍ଧ ଅରୁଣାଚଳ ପ୍ରତି ବଡ଼ ବିପଦ ସୃଷ୍ଟି କରୁଛି। ଚୀନ୍ ଅନ୍ତର୍ଜାତୀୟ ଜଳ ଚୁକ୍ତିରେ ସ୍ୱାକ୍ଷର କରି ନ ଥିବାରୁ ପରିବେଶ ଏବଂ ଭୂରାଜନୈତିକ ସ୍ଥିତି ଉପରେ ଏହି ବନ୍ଧର ପ୍ରଭାବକୁ ନେଇ ଗଭୀର ଚିନ୍ତା ପ୍ରକାଶ ପାଇଛି।

ପଶ୍ଚିମ ତିବ୍ବତର ଅଙ୍ଗସି ହିମପ୍ରବାହରୁ ଏହି ନଦୀର ଉତ୍ପତ୍ତି ହୋଇଛି। ଭାରତ ମଧ୍ୟ ଏଭଳି ସମ୍ଭାବ୍ୟ ସ୍ଥିତିକୁ ସାମ୍ନା କରିବାକୁ ଏକ ବହୁମୁଖୀ ପ୍ରକଳ୍ପ ଆରମ୍ଭ କରିବାକୁ ଯୋଜନା କରିଛି। ଏହି ପ୍ରକଳ୍ପ ହେଲେ ଚୀନ୍ ପାଣି ଛାଡିଲେ ଭାରତ ଏହି ପାଣିକୁ ରୋକିବାରେ ସମର୍ଥ ହେବ। ଭାରତ ଏଥିପାଇଁ ଜଳ ଭଣ୍ଡାର କରିବା ସହ ସମ୍ଭାବ୍ୟ ବନ୍ୟାକୁ ରୋକିବା ପାଇଁ ତା'ର ନିୟନ୍ତ୍ରଣ କ୍ଷମତାକୁ ବୃଦ୍ଧି କରିବ। ତିବ୍ବତ ଭାରତର ଉତ୍ତରରେ ଓ ଅପେକ୍ଷାକୃତ ଉଚ୍ଚରେ ଅବସ୍ଥିତ। ତେଣୁ ସେଠାରୁ ଦକ୍ଷିଣକୁ ଆସୁଥିବା ନଦୀଗୁଡିକ ଉପରେ ଚୀନ୍‌ର ନିୟନ୍ତ୍ରଣ ରହୁଛି। ଫଳରେ ଚୀନ୍ ଏକାଧିକ ନଦୀବନ୍ଧ ନିର୍ମାଣ କରି କେବଳ ଭାରତ ନୁହେଁ, ବାଂଲାଦେଶ ପାଇଁ ମଧ୍ୟ ବିପଦ ସୃଷ୍ଟି କରିଛି। ସମ୍ଭାବ୍ୟ ବିପଦ ଓ ବନ୍ୟାସ୍ଥିତି ପାଇଁ ଭାରତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି।

## ଅହମଦାବାଦ ବିମାନ ଦୁର୍ଘଟଣା ମାମଲା

# ବିମାନ ଇନ୍ଧନ ସ୍ୱିଚ୍ ବନ୍ଦ ଥିଲା!

ନୂଆଦିଲ୍ଲୀ, ୧୧।୭ (ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣାର ପ୍ରାରମ୍ଭିକ ଯାଞ୍ଚରେ ବୋଇଂର ୭୮୭ ଡ୍ରିମ୍‌ଲାଇନରରେ କୌଣସି ଯାନ୍ତ୍ରିକ ତ୍ରୁଟି ଥିବା ଜଣାପଡ଼ି ନାହିଁ। 'ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲ' ରିପୋର୍ଟରେ ଏହି ଦାବି କରାଯାଇଛି। ରିପୋର୍ଟ ଅନୁଯାୟୀ ବିମାନର ଉଭୟ ଇଞ୍ଜିନକୁ ଇନ୍ଧନ ଯୋଗାଣ ନିୟନ୍ତ୍ରଣ କରୁଥିବା ସ୍ୱିଚ୍ ବନ୍ଦ କରିଦିଆ ଯାଇଥିଲା। ଏଥିଯୋଗୁଁ ଉଡ଼ାଣ ପରେ ଇଞ୍ଜିନକୁ ଶକ୍ତି (ଥ୍ରଷ୍ଟ) ଶେଷ ହୋଇ ଯାଇଥିଲା। ସାଧାରଣତଃ ଇଞ୍ଜିନ ଚାଲୁ କିମ୍ବା ବନ୍ଦ କରିବା, କୌଣସି ଜରୁରୀକାଳୀନ ସ୍ଥିତିରେ ରିସେଟ୍ କରିବା ପାଇଁ ପାଇଲଟ୍ ଏହି ସ୍ୱିଚକୁ ବ୍ୟବହାର କରିଥାନ୍ତି। ଅନ୍ୟପକ୍ଷରେ ଦୁର୍ଘଟଣାର ପ୍ରାଥମିକ ତଦନ୍ତ ରିପୋର୍ଟକୁ ଖୁବ୍‌ଶୀଘ୍ର ସାର୍ବଜନୀନ କରାଯାଇପାରେ। ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନଭେଷ୍ଟିଗେସନ ବ୍ୟୁରୋ (ଏଏଆଇବି) ଏହି ମାମଲାର ତଦନ୍ତ କରୁଛି। ନିୟମ ଅନୁଯାୟୀ ଦୁର୍ଘଟଣାର ୩୦ ଦିନ ଭିତରେ ଏହି ରିପୋର୍ଟ ଅପଲୋଡ କରିବାକୁ ପଡ଼ିଥାଏ। ସୂଚନାଯୋଗ୍ୟ ଯେ ଜୁନ୍ ୧୨ ତାରିଖରେ ଅହମଦାବାଦରୁ ଲଣ୍ଡନ ଯାଉଥିବା ଏୟାର ଇଣ୍ଡିଆ ବିମାନ ଏଆଇ-୧୭୧ ଉଡ଼ାଣର କିଛି ସେକେଣ୍ଡ ମଧ୍ୟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ୨୭୫ ଜଣଙ୍କ ମୃତ୍ୟୁ ହୋଇଥିଲା।



**ଜରୁରୀ ଯାନ୍ତ୍ରିକ ସ୍ଥିତି ସୃଷ୍ଟି ହେଲେ ପାଇଲଟ୍ ସ୍ୱିଚ୍ ମାରନ୍ତି: ବିଶେଷଜ୍ଞ**

ଆମେରିକା ଆଭିଏସନ ୱେବସାଇଟ 'ଦି ଏୟାର କଣ୍ଟ୍ରୋଲ'ର ରିପୋର୍ଟ ଅନୁଯାୟୀ ବ୍ଲାକବକ୍ସର ପ୍ରାରମ୍ଭିକ ତଥ୍ୟରୁ ଉଭୟ ଇଞ୍ଜିନର ଫୁଏଲ ସ୍ୱିଚ୍ ପରିଚାଳନା (ମୁଭମେଣ୍ଟ)ର ସୂଚନା ଦିଆଯାଇଛି। ତେବେ ପାଇଲଟଙ୍କ ଭୁଲ୍‌ର ଏପରି ହୋଇଥିଲା କି ଯାନ୍ତ୍ରିକ ତ୍ରୁଟି କିମ୍ବା ଅନ୍ୟ କୌଣସି କାରଣରୁ ତାହା ଏ ପର୍ଯ୍ୟନ୍ତ ଜଣାପଡ଼ି ନାହିଁ। ଆମେରିକା ବିଶେଷଜ୍ଞ ଜନ୍ କାକ୍ସଙ୍କ ଅନୁଯାୟୀ ଏହି ସ୍ୱିଚ୍ ଏତେ ସମ୍ବେଦନଶୀଳ ନୁହେଁ ଯେ ଭୁଲ୍‌ରେ ହାତ ବାଜିଗଲେ ଚାଲୁ ହୋଇଯିବ। ଏହାକୁ ତଳେ ହିଁ ଅନ୍ କିମ୍ବା ଅଫ୍ କରାଯାଇଥାଏ। ଡ୍ରିମ୍‌ଲାଇନର ବିମାନର ଦୁଇ ଇଞ୍ଜିନରେ ରନ୍ ଏବଂ କଟ୍‌ଅଫ୍ ନାମରେ ଦୁଇଟି ପୋଜିସନ ଥାଏ। ବିମାନ ଆକାଶରେ ରହି ସ୍ୱିଚ କଟ୍‌ଅଫ୍‌ରେ ଥିଲେ ଇଞ୍ଜିନକୁ ଇନ୍ଧନ ମିଳିବା ବନ୍ଦ ହୋଇଯାଏ। ଏହା ଦ୍ୱାରା ଶକ୍ତି ଶେଷ ହୋଇଯାଏ ଏବଂ ବିଦ୍ୟୁତ ଯୋଗାଣ ମଧ୍ୟ ବନ୍ଦ ହୋଇପାରେ। ଏହା ଦ୍ୱାରା କକ୍‌ପିଟ୍‌ର ଅନେକ ଉପକରଣ ବନ୍ଦ ହୋଇପାରେ। ଅନ୍ୟଜଣେ ବିଶେଷଜ୍ଞଙ୍କ ଅନୁଯାୟୀ କୌଣସି ପାଇଲଟ ବିମାନକୁ ଆସି ସ୍ୱିଚ୍ ସହ ଖେଳନ୍ତି ନାହିଁ। ଯଦି ଏପରି ହୋଇଛି ତେବେ ଜରୁରୀ ଯାନ୍ତ୍ରିକ ତ୍ରୁଟି ସୃଷ୍ଟି ହୋଇଥିବ।

# ୯ ମାସ ପରେ ପାକ୍ ଅଭିନେତ୍ରୀଙ୍କ ମୃତଦେହ ଉଦ୍ଧାର



କରାଚୀ, ୧୧।୭(ଏଜେନ୍ସି): ପାକିସ୍ତାନ ଅଭିନେତ୍ରୀ ହୁମେରା ଅସଗରଙ୍କ ମୃତ୍ୟୁ ରହସ୍ୟ ଘନେଇବାରେ ଲାଗିଛି। ୩୨ ବର୍ଷୀୟ ଏହି ଅଭିନେତ୍ରୀ କେବେ ମୃତ୍ୟୁବରଣ କରିଛନ୍ତି ସେ ନେଇ ଏବେ ସ୍ପଷ୍ଟ କରାଯାଇଛି। ପ୍ରଥମେ ସେ ୨ ମାସ ତଳେ ମୃତ୍ୟୁବରଣ କରିଥିଲେ ବୋଲି କୁହାଯାଉଥିଲା। କିନ୍ତୁ ଡିଜିଟାଲ ଓ ଫରେନସିକ୍ ପ୍ରମାଣକୁ ଭିତ୍ତିକରି ଏବେ ନୂଆ ତଥ୍ୟ ପ୍ରଦାନ କରାଯାଇଛି। ୯ ମାସ ତଳେ ଅର୍ଥାତ ଗତ ଅକ୍ଟୋବରରେ ତାଙ୍କର ମୃତ୍ୟୁ ହୋଇଥିଲା ବୋଲି କୁହାଯାଇଛି। ତାଙ୍କର ମୃତ କରାଚୀର ଏକ ଫ୍ଲାଟ୍‌ରେ ମିଳିଥିଲା। ଗତ ସେପ୍ଟେମ୍ବର ମାସଠାରୁ ତାଙ୍କ ସୋସିଆଲ ମିଡିଆ ଏକାଉଣ୍ଟରେ କୌଣସି କାର୍ଯ୍ୟକଳାପ ଦେଖିବାକୁ ମିଳିନଥିଲା। ପଡୋଶୀ ତାଙ୍କୁ ଗତ ସେପ୍ଟେମ୍ବର କିମ୍ବା ଅକ୍ଟୋବରରେ ଶେଷଥର ପାଇଁ ଦେଖିଥିଲେ ବୋଲି କହିଛନ୍ତି। ତାଙ୍କ ଶବ ସମ୍ପୂର୍ଣ୍ଣ ଭାବେ ସଢିଯାଇଛି। ୨୦୨୪ ସେପ୍ଟେମ୍ବର ୧୧ରେ ସେ ଶେଷଥର ପାଇଁ ଫେସ୍‌ବୁକ୍‌ରେ ଓ ସେପ୍ଟେମ୍ବର ୩୦ରେ ଇନଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଥିଲେ। ପ୍ରଥମେ ମୃତଦେହ ନେବାକୁ ତାଙ୍କ ପରିବାର ମନା କରିଥିଲେ। କିନ୍ତୁ ଏବେ ତାଙ୍କ ଭାଇ ମୃତଦେହ ନେବା ପାଇଁ ପ୍ରକ୍ରିୟା ପୂରା କରିଛନ୍ତି। ହୁମେରା ତାଙ୍କ ପରିବାର ସହ କୌଣସି ସମ୍ପର୍କ ରଖିନଥିଲେ। ହୁମେରା କ୍ୟାରିଅରରେ ଏକାଧିକ ସଫଳ ସିନେମାରେ ଅଭିନୟ କରିବା ସହ ଟେଲିଭିଜନ ଶୋ'ରେ ମଧ୍ୟ ନିଜର ପ୍ରତିଭା ପ୍ରଦର୍ଶନ କରିବାରେ ସଫଳ ହୋଇଥିଲେ। ତେବେ ସେ କିପରି ଓ କେଉଁ ଭଳି ସ୍ଥିତିରେ ଜୀବନ ହରାଇଛନ୍ତି ତାହା ଏବେ ମଧ୍ୟ ରହସ୍ୟ ହୋଇ ରହିଛି।

# ବିଦେଶୀ ଗଣମାଧ୍ୟମଙ୍କୁ ଅଜିତ ଡୋଭାଲଙ୍କ ଚ୍ୟାଲେଞ୍ଜ



ଚେନ୍ନଇ, ୧୧।୭ (ଏଜେନ୍ସି): 'ଅପରେସନ ସିନ୍ଦୂର' ଭାରତ ପାଇଁ ଗର୍ବର କ୍ଷଣ ଥିଲା। ଏହି ଅଭିଯାନରେ ଭାରତର କୌଣସି କ୍ଷୟକ୍ଷତି ହୋଇନାହିଁ। ବିଦେଶୀ ଗଣମାଧ୍ୟମର ଦାବିକୁ ଖାରଜ କରି ଏନଏସଏ ଅଜିତ ଡୋଭାଲ ଶୁକ୍ରବାର ଏହି ମନ୍ତବ୍ୟ ଦେଇଛନ୍ତି। କିଛି ବିଦେଶୀ ଗଣମାଧ୍ୟମ ପାକିସ୍ତାନ ଉପରେ ଭାରତର କାର୍ଯ୍ୟାନୁଷ୍ଠାନକୁ ନେଇ ପ୍ରଶ୍ନ ଉଠାଇ ଥିଲେ। ଭାରତର କ୍ଷୟକ୍ଷତି ହୋଇଥିବା ନେଇ ଦାବି କରିଥିଲେ। ଏହାକୁ ନେଇ ଡୋଭାଲ ସମାଲୋଚକଙ୍କୁ ଆହ୍ୱାନ ଦେଇଛନ୍ତି। ଭାରତ କ୍ଷୟକ୍ଷତିର ଗୋଟିଏ ବି ଫଟୋ ଅଛି ଯଦି ଦେଖାଇବାକୁ ଆହ୍ୱାନ ଦେଇଛନ୍ତି। ଗୋଟିଏ କାଚ ଯଦି ବି ଭାଙ୍ଗିଛି ତେବେ ଦେଖାଅ ବୋଲି କହିଛନ୍ତି। ଆଇଆଇଟି ମାଡ୍ରାସର ୬୨ତମ ଦୀକ୍ଷାନ୍ତ ସମାରୋହରେ ସାମିଲ ହୋଇ ଡୋଭାଲ ଏହି ଟିପ୍ପଣୀ ଦେଇଛନ୍ତି।

**■ 'ଅପରେସନ ସିନ୍ଦୂର' ରେ ଭାରତ କ୍ଷୟକ୍ଷତିର ଗୋଟିଏ ଫଟୋ ଦେଖାଅ**

ଏନଏସ୍‌ଏ କହିଛନ୍ତି ଯେ ପାକିସ୍ତାନ ଏଇଟା କଲା ସେଇଟା କଲା ଖାଲି କହୁଛନ୍ତି। କିନ୍ତୁ, ବିଦେଶୀ ଗଣମାଧ୍ୟମ କୌଣସି ଫଟୋ କିମ୍ବା ଉପଗ୍ରହ ଚିତ୍ର ଦେଖାଇ ପାରି ନାହିଁ। କ'ଣ କ୍ଷତି ହୋଇଛି ମଧ୍ୟ କହିପାରି ନାହିଁ। ଭାରତ କୌଣସି ତ୍ରୁଟି କରିନାହିଁ। ସମ୍ପୂର୍ଣ୍ଣ ସଠିକ୍ ଲକ୍ଷ୍ୟଭେଦ କରାଯାଇଥିଲା। କିଏ କେଉଁଠି ଥିଲା ତାହା ଭାରତ ଜାଣିଥିଲା। ଜ୍ଞାନକୌଶଳ ଏବଂ ୱାରଫେୟାର ମଧ୍ୟରେ ସମ୍ବନ୍ଧ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। 'ଅପରେସନ ସିନ୍ଦୂର'ରେ ବ୍ରହ୍ମୋସଠାରୁ ନେଇ ରାଡାର ପର୍ଯ୍ୟନ୍ତ ସବୁ କିଛି ସ୍ୱଦେଶୀ ଥିଲା। ପାକିସ୍ତାନରେ ଆଖପାଖରେ ଥିବା ୯ଟି ଆତଙ୍କବାଦୀ ଶିବିରକୁ ନିଶାଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହା ସୀମା ଅଞ୍ଚଳରେ ନ ଥିଲା। ଏହା ବ୍ୟତୀତ ଭାରତ ଆଉ କୌଣସି ଠିକଣାକୁ ନିଶାଣ କରି ନ ଥିଲା। ଭାରତ ସଠିକ୍ ଲକ୍ଷ୍ୟଭେଦ କରି ଏଗୁଡିକୁ ଧ୍ୱଂସ କରିଥିଲା। ଏଭଳି ଏକ ସଭ୍ୟତା ସହ ଆମେ ସମ୍ପର୍କ ରହିଛି ଯିଏ ହଜାର ବର୍ଷ ପର୍ଯ୍ୟନ୍ତ ସଙ୍କଟଗ୍ରସ୍ତ ଏବଂ ଲହୁ ଲୁହାଣ ଥିଲା। ଆମେ ପୂର୍ବଜମାନେ ବହୁତ କିଛି ସହିଥିଲା। ରାଷ୍ଟ୍ରର ଏହି ଧାରଣାକୁ ଜୀବନ୍ତ ରଖିବା ପାଇଁ କେତେ ଅପମାନ ଏବଂ କଷ୍ଟ ସହିଥିବା ତାହା କହିହେବନି। ରାଷ୍ଟ୍ର, ରାଜ୍ୟଠାରୁ ଅଲଗା ହୋଇଥାଏ। ଏକ ରାଷ୍ଟ୍ର ଭାବେ ଭାରତ ହଜାର ହଜାର ବର୍ଷ ହେଲା ଅସ୍ତିତ୍ୱରେ ରହିଛି।

# ମିଆଁମାରର ବୌଦ୍ଧ ମଠ ଉପରେ ଏୟାର ଷ୍ଟ୍ରାଇକ୍; ୨୩ ମୃତ

ନାପିଡ୍ୟ, ୧୧।୭(ଏଜେନ୍ସି): ମିଆଁମାରର ସାଗାଇଙ୍ଗ ଅଞ୍ଚଳରେ ଥିବା ଏକ ବୌଦ୍ଧ ମଠ ଉପରେ ଏୟାର ଷ୍ଟ୍ରାଇକ କରାଯାଇଛି। ଗୁରୁବାର ବିଳମ୍ବିତ ରାତିରେ ହୋଇଥିବା ଏହି ଆକ୍ରମଣରେ ୨୩ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୩୦ଜଣ ଆହତ ହୋଇଛନ୍ତି। ଲିନ୍ ତା ଶୁ ଗାଁରେ ଘଟିଥିବା ଏହି ଘଟଣାରେ ୧୦ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ୧୫୦ରୁ ଊର୍ଦ୍ଧ୍ୱ ଲୋକ ଏହି ମଠରେ ଶରଣ ନେବାକୁ ଆସିଥିଲେ। ମୃତକଙ୍କ ମଧ୍ୟରେ ୪ ଛୋଟପିଲା



ସାମିଲ ରହିଛନ୍ତି। ରାତି ୧ଟାରେ ଏକ ଲଢୁଆ ଜେଟ୍ ବିମାନ ମଠ ଉପରେ ବମ୍ ପକାଇଥିଲା। ତେବେ କିଏ ବା କେଉଁ ସଂଗଠନ ଏହି ଆକ୍ରମଣ କରିଛି ତାହା ଏପର୍ଯ୍ୟନ୍ତ ଜଣା ପଡ଼ିନାହିଁ। ଉଲ୍ଲେଖଥାଉ କି, ୨୦୨୧ରେ ମିଆଁମାରରେ ଗୃହଯୁଦ୍ଧ ଚାଲିଛି। ସେନାବାହିନୀ ନିର୍ବାଚିତ ସରକାରଙ୍କୁ ଶାସନରୁ ହଟାଇବର ପରେ ଏହି ଗୃହଯୁଦ୍ଧ ଆରମ୍ଭ ହୋଇଛି। ଏହି ଗୃହଯୁଦ୍ଧରେ ଏପର୍ଯ୍ୟନ୍ତ ମୋଟ୍ ଉପରେ ୭୫ ହଜାର ଲୋକ ମୃତ୍ୟୁବରଣ କଲେଣି। ଏକଦା ମିଆଁମାର ଭାରତର ଅଂଶ ରହିଥିଲା। ୧୯୩୭ରେ ମିଆଁମାର ଅର୍ଥାତ ସେତେବେଳର ବର୍ମାକୁ ବ୍ରିଟିଶ ସରକାର ଭାରତ ଏକ ରାଜ୍ୟ ଭାବେ ଘୋଷିତ କରିଥିଲା। ୧୯୪୮ ଜାନୁଆରୀ ୪ରେ ବର୍ମାକୁ ସ୍ୱାଧୀନତା ମିଳିଥିଲା।

## ଜାଗୁଆର ବିମାନ ଦୁର୍ଘଟଣା

# ୧୨୦୦ ପରିବାରକୁ ବଞ୍ଚାଇଦେଲେ ପାଇଲଟ୍

ଜୟପୁର, ୧୧।୭ (ଏଜେନ୍ସି): ରାଜସ୍ଥାନ ଚୁରୁରେ ବୁଧବାର ଭାରତୀୟ ବାୟୁସେନାର ଏକ ଜାଗୁଆର ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ୨ ପାଇଲଟ ସହିଦ ହୋଇଥିଲେ। ହରିୟାଣା ରୋହତକର ସ୍କ୍ୱାଡ୍ରନ ଲିଡ ଲୋକେନ୍ଦ୍ର ସିଂହ ସାନ୍ଧୁ (୪୪) ଏବଂ ପାଲିର ଖିମ୍ବାଦୀ ଗ୍ରାମର ଫ୍ଲାଇଟ ଲେଫ୍ଟନାଣ୍ଟ ଋଷିରାଜ ( ୨୩) ପ୍ରାଣ ହରାଇ ଥିଲେ। ଦୁଇ ପାଇଲଟ ସହିଦ ହୋଇ ଗାଁର ୧୨୦୦ ପରିବାରକୁ ବଞ୍ଚାଇ ଦେଇଥିଲେ। ଉଭୟେ ଶେଷ ସମୟ ନିଜ ଦାୟିତ୍ୱ ଏବଂ କର୍ତ୍ତବ୍ୟକୁ ଭୁଲି ନ ଥିଲେ। ଭାନୁଦା ଗ୍ରାମର ଗ୍ରାମବାସୀ ଏହି କହିଛନ୍ତି। ଏହି ଗାଁ ଲୋକେ ଲଢୁଆ ବିମାନ ଦୁର୍ଘଟଣାଗ୍ରସ୍ତ ହେବାର କରୁଣ ଦୃଶ୍ୟ ଦେଖିଥିଲେ। ବୁଧବାର ଦ୍ୱିପହର ୧୨ଟା ୪୦ରେ ଗାଁଠୁ ଦୁଇ କିମି ଦୂର ଶୂନଶାନ ଅଞ୍ଚଳରେ ଏହି ଦୁର୍ଘଟଣା ଘଟିଥିଲା। ଘଟଣାସ୍ଥଳରୁ ଦୁଇ ପାଇଲଟଙ୍କ ମୃତଦେହର ଖଣ୍ଡ ବିଖଣ୍ଡିତ ଅଂଶ ଉଦ୍ଧାର କରାଯାଇଥିଲା। ସୂଚନା



ଅନୁଯାୟୀ ଭାନୁଦା ବିଦାବତାନ ଏବଂ ଭାନୁଦା ଚାରନାନ ଗ୍ରାମରେ ପ୍ରାୟ ୧୨୦୦ ପରିବାର ରହୁନ୍ତି। ଭାନୁଦାରୁ ରାଜଲଦେସର ଯିବା ରାସ୍ତା ନିକଟରେ ଏହି ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହା ଆକାଶରେ ନିୟନ୍ତ୍ରଣ ହରାଇ ଏକ ଗଛ ସହ ଧକ୍କା ହୋଇଥିଲା। ତଳେ ପଡ଼ିବା ପରେ ବୋମା ଫାଟିବା ପରି ଶବ୍ଦ ଶୁଭିଥିଲା। ଏହା ଶହେ ମିଟର ପର୍ଯ୍ୟନ୍ତ ଘୋଷାଡ଼ି ହୋଇ ଯାଇଥିଲା। ଏଥିଯୋଗୁଁ ନିଆଁ ଲାଗି ଯାଇଥିଲା। ଏହି ବିସ୍ଫୋରଣ ଶବ୍ଦ ଶୁଣି ଗାଁରେ ଭୟର ବାତାବରଣ ଖେଳି ଯାଇଥିଲା। ପ୍ରତ୍ୟକ୍ଷଦର୍ଶୀ ମୋହିତ ଶର୍ମାଙ୍କ ଅନୁଯାୟୀ ଦୁଇ ପାଇଲଟ ନିଜ ଜୀବନ ଦେଇ ଦୁଇ ଗାଁର ଲୋକଙ୍କୁ ନୂଆ ଜୀବନ ଦେଇଥିଲେ। ଯଦି ବିମାନ ଏହି ଦୁଇ ଗାଁ ଉପରେ ପଡ଼ିଥାନ୍ତା ତେବେ ଅଧିକ ଲୋକ ମୃତାହତ ହୋଇଥାନ୍ତେ। ଉଭୟ ପାଇଲଟ ଶେଷ ସମୟପର୍ଯ୍ୟନ୍ତ ବିମାନକୁ ଗାଁରେ ପଡ଼ିବାକୁ ଦେଇ ନ ଥିଲେ। ଏଥିପାଇଁ ନିଜ ଜୀବନ ଦେଇଦେଇଥିଲେ।

## 'ଏକ ରାଷ୍ଟ୍ର, ଏକ ନିର୍ବାଚନ'କୁ ନେଇ ଜେପିସି ବୈଠକ

# 'ଇସିଙ୍କୁ ଅବାଧ ଶକ୍ତି ପ୍ରଦାନ କରିବା ଅନୁଚିତ'

ନୂଆଦିଲ୍ଲୀ, ୧୧।୭ (ଏଜେନ୍ସି): 'ଏକ ରାଷ୍ଟ୍ର, ଏକ ନିର୍ବାଚନ' ନିର୍ବାଚନ ପାଇଁ ୧୨୯ ତମ ସମ୍ବିଧାନ ସଂଶୋଧନ ବିଲ୍ ଉପରେ ଶୁକ୍ରବାର ଯୁଗ୍ମ ସଂସଦୀୟ କମିଟି (ଜେପିସି)ର ବୈଠକ ବସିଛି। ଏହି ବୈଠକରେ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଭଦ୍ରା, ବିଜେପି ସାଂସଦ ଅନୁରାଗ ଠାକୁରଙ୍କ ଅନ୍ୟ ସଦସ୍ୟ ପହଞ୍ଚିଛନ୍ତି। ଏହି ବୈଠକରେ ସୁପ୍ରିମକୋର୍ଟର ଦୁଇ ପୂର୍ବତନ ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡ଼ ଏବଂ ଜେଏସ୍ ଖେହର ଉପସ୍ଥିତ ହୋଇ ଏହି ପ୍ରକ୍ରିୟା କାର୍ଯ୍ୟକାରିତା ଲାଗି ନିର୍ବାଚନ କମିଶନକୁ ଅବାଧ ଶକ୍ତି ପ୍ରଦାନ ନ କରିବା ଉଚିତ ବୋଲି କହିଛନ୍ତି। ଉଭୟେ ଏକ ରାଷ୍ଟ୍ର, ଏକ ନିର୍ବାଚନକୁ ନେଇ ନିଜ ମତ ରଖି ଏକ ପ୍ରସ୍ତୁତି ଉପସ୍ଥାପନ କରିଥିବା ସୂଚନା ମିଳିଛି। ବିଜେପି ସାଂସଦ ପିପି ଚୌଧୁରୀଙ୍କ ନେତୃତ୍ୱାଧୀନ ଜେପିସି କମିଟି ଦେଶରେ ଏକକାଳୀନ ନିର୍ବାଚନ ପାଇଁ ଉଦ୍ଦିଷ୍ଟ ଏହି ବିଲ୍ ଉପରେ ନିଜ ସୁପାରିସ ଦେବା ପାଇଁ ଆଇନ ବିଶେଷଜ୍ଞଙ୍କ ମତ ନେଉଛନ୍ତି। ଏଥିରେ ସାମିଲ ହୋଇଛି ଇସିଙ୍କୁ ଅବାଧ କ୍ଷମତା ଦେବାକୁ ବିରୋଧ କରିବା ସହିତ ଯାଞ୍ଚ ଏବଂ ସନ୍ତୁଳନ ବ୍ୟବସ୍ଥା ଉପରେ ପ୍ରସ୍ତାବ ଦେଇଛନ୍ତି।

# ପ୍ରବଳ ବର୍ଷା: ହିମାଚଳରେ ୨୧ ଦିନରେ ୯୧ ମୃତ

ନୂଆଦିଲ୍ଲୀ, ୧୧।୭(ଏଜେନ୍ସି): ଜୁନ୍ ୨୦ରେ ହିମାଚଳ ପ୍ରଦେଶରେ ମୌସୁମୀ ପ୍ରବେଶ କରିଥିଲା। ଏହାପରଠାରୁ ଗତ ୨୧ ଦିନ ମଧ୍ୟରେ ବର୍ଷା ଜନିତ ଘଟଣା ଅର୍ଥାତ ବନ୍ୟା, ଭୂସ୍ଖଳନ ଓ ସଡକ ଦୁର୍ଘଟଣାରେ ଏହି ପାହାଡି ରାଜ୍ୟରେ ୯୧ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ରାଜ୍ୟରେ ଏବେ ୨୦୦ରୁ ଊର୍ଦ୍ଧ୍ୱ ସଡକକୁ ବନ୍ଦ କରାଯାଇଛି। ସେହିପରି ଉତ୍ତରପ୍ରଦେଶ ଏକାଧିକ ଜିଲ୍ଲାରେ ଶୁକ୍ରବାର ପ୍ରବଳ ବର୍ଷା ହୋଇଛି। ମଧ୍ୟପ୍ରଦେଶରେ ମଣ୍ଡଲାରେ ଆସିଥିବା ବନ୍ୟାରେ ୭ ଜଣ ମୃତ୍ୟୁବରଣ କରିଥିବା ବେଳେ ୨ ଜଣ ନିଖୋଜ ହୋଇଛନ୍ତି। ୩୦୦ ବାସଗୃହ କ୍ଷତିଗ୍ରସ୍ତ ହୋଇଛି। ୩୦୦ରୁ ଊର୍ଦ୍ଧ୍ୱ ଲୋକ ୭ଟି ରିଲିଫ୍ କ୍ୟାମ୍ପରେ ରହୁଛନ୍ତି। ଅନ୍ୟପଟେ ରାଜସ୍ଥାନରେ ୧୧ଟି ଜିଲ୍ଲାରେ ଶୁକ୍ରବାର ସକାଳୁ ବର୍ଷା ହେଉଛି। ୨୭ଟି ଜିଲ୍ଲାରେ ପ୍ରବଳ ବର୍ଷା ହେବ ବୋଲି ସତର୍କ କରାଇଦିଆଯାଇଛି। ସରା ଦେଶରେ ମୌସୁମୀ ସକ୍ରିୟ ହୋଇଛି ଓ ସବୁଠାର ପ୍ରବଳ ବର୍ଷା ହେବ ବୋଲି ଅନୁମାନ କରାଯାଉଛି।

# ଆମେରିକା ବିଦେଶ ମନ୍ତ୍ରଣାଳୟରୁ ଛଟେଇ ହେବେ ୧୩୦୦ କର୍ମଚାରୀ

ୱାସିଂଟନ, ୧୧।୭(ଏଜେନ୍ସି): ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶରେ ଆମେରିକା ବିଦେଶ ମନ୍ତ୍ରଣାଳୟର ପୁନର୍ଗଠନ ହେବ। ଏଥିପାଇଁ ଏହି ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟରୁ ୧୩୦୦ କର୍ମଚାରୀଙ୍କୁ ଛଟେଇ କରାଯିବ ବୋଲି ସରକାରଙ୍କ ତରଫରୁ କୁହାଯାଇଛି। ସିଭିଲ ଓ ଫରେନ ସର୍ଭିସ୍ ବିଭାଗରେ କାର୍ଯ୍ୟକରୁଥିବା ଅଧିକାରୀମାନେ ଛଟେଇ ହେବେ। ତେବେ ଟ୍ରମ୍ପଙ୍କର ଏହି ଅଜବ ନୀତିକୁ ପୂର୍ବତନ କୁଟନୀତିଜ୍ଞ ଏବଂ ବୈଦେଶିକ ନୀତି ବିଶେଷଜ୍ଞ କଡ଼ା ସମାଲୋଚନା କରିଛନ୍ତି। ଏହା ଦ୍ୱାରା ବିଶ୍ୱରେ ଆମେରିକାର ଚାଲିଥିବା ନେତୃତ୍ୱ ଓ ପତିଆରା କ୍ଷୁର୍ଣ୍ଣ ହେବ ବୋଲି ଏମାନେ ସତର୍କ କରାଇଦେଇଛନ୍ତି।

# ଗୋଟିଏ ସପ୍ତାହରେ ଦିଲ୍ଲୀରେ ଦ୍ୱିତୀୟ ଭୂକମ୍ପ

ନୂଆଦିଲ୍ଲୀ, ୧୧।୭(ଏଜେନ୍ସି): ଦିଲ୍ଲୀ ଓ ନ୍ୟାସନାଲ କ୍ୟାପିଟାଲ ରିଜିଅନ (ଏନସିଆର)ରେ ଗୋଟିଏ ସପ୍ତାହରେ ଦ୍ୱିତୀୟଥର ପାଇଁ ଭୂକମ୍ପର ଝଟ୍‌କା ଅନୁଭୂତ ହୋଇଛି। ଶୁକ୍ରବାର ସନ୍ଧ୍ୟା ୭.୩୦ରେ ଏହି ଭୂକମ୍ପ ଅନୁଭୂତ ହୋଇଥିଲା। ନ୍ୟାସନାଲ ସେଣ୍ଟର ଅଫ୍ ସିସମୋଲୋଜୀ (ଏନ୍‌ସିଏସ୍) ଏକ୍ସରେ ପୋଷ୍ଟ କରି ଏ ନେଇ ସୂଚନା ଦେଇଛି। ଏହାର ଏପିସେଣ୍ଟର ହରିୟାଣାର ଝାଝର ଥିଲା। ଗୋଟିଏ ଦିନ ପୂର୍ବରୁ ଅର୍ଥାତ ଗୁରୁବାର ସକାଳେ କମଧ୍ୟ ଦିଲ୍ଲୀ ଓ ଏନ୍‌ସିଆରରେ ଭୂକମ୍ପ ଝଟ୍‌କା ଦେଖିବାକୁ ମିଳିଥିଲା ଓ ଏହାର ତୀବ୍ରତା ୪.୪ ଥିଲା।

# ଏଫବିଆଇ ଅଧିକାରୀଙ୍କ ସଚ୍ଚୋଟତା ଯାଞ୍ଚ କରୁଛି ମିଛଧରା ମେସିନ

ୱାସିଂଟନ, ୧୧।୭ (ଏଜେନ୍ସି): ବିଶ୍ୱର ପ୍ରମୁଖ ଯାଞ୍ଚ ଏଜେନ୍ସି ଆମେରିକାର ଫେଡେରାଲ ବ୍ୟୁରୋ ଅଫ୍ ଇନଭେଷ୍ଟିଗେସନ (ଏଫ୍‌ବିଆଇ) ନିଜ ଅଧିକାରୀଙ୍କୁ ବିଶ୍ୱାସ କରିପାରୁ ନାହିଁ। ଏଥିପାଇଁ ବରିଷ୍ଠ ଅଧିକାରୀଙ୍କ ସଚ୍ଚୋଟତା ଯାଞ୍ଚ କରିବା ନିମନ୍ତେ ପଲିଗ୍ରାଫ ଟେଷ୍ଟ ତଥା ମିଛଧରା ମେସିନର ବ୍ୟବହାର କରାଯାଉଛି। ଅଧିକାରୀଙ୍କୁ ଅଜବ ପ୍ରଶ୍ନ ମଧ୍ୟ ପଚରାଯାଉଛି। ଏଫ୍‌ବିଆଇର ନିର୍ଦ୍ଦେଶକ କାଶ୍ ପଟେଲଙ୍କ ବିରୋଧରେ କୌଣସି ନକରାତ୍ମକ ବୟାନ ଦେଇଥିଲେ କି ନାହିଁ ତାହା ମଧ୍ୟ ପଚରା ଯାଉଛି। ଏହା ପୂର୍ବରୁ ଦେଶଦ୍ରୋହ କିମ୍ବା ଗୋପନୀୟ ସୂଚନା ପ୍ରଘଟ କରୁଥିବା କର୍ମଚାରୀଙ୍କର ଏଭଳି ପରୀକ୍ଷା କରାଯାଉଥିଲା। କିନ୍ତୁ କାଶ୍ ପଟେଲ ନିର୍ଦ୍ଦେଶକ ହେବା ପରେ ଏହି ମେସିନର ବ୍ୟବହାର ଅନେକ ଗୁଣ ବୃଦ୍ଧି ପାଇଛି। ଏବେ ଏହା ବ୍ୟକ୍ତିଗତ ନିଷ୍ଠାର ଯାଞ୍ଚର ଅସ୍ତ୍ର ପାଲଟି ଯାଇଛି। ସୂଚନା ଅନୁଯାୟୀ କାଶ୍ ପଟେଲଙ୍କ ସର୍ଭିସ ୱିପୋନ (ଅସ୍ତ୍ରଶସ୍ତ୍ର) ମାଗୁଥିବାର ଖବର କିଏ ଗଣମାଧ୍ୟମକୁ ଦେଇଥିଲା ତାହା ଜାଣିବା ପାଇଁ ଏହି ଯାଞ୍ଚ କରାଯାଉଛି। କାଶ୍ ଏଫ୍‌ବିଆଇ ଏଜେଣ୍ଟ ହୋଇ ନ ଥିବାରୁ ତାଙ୍କୁ ସର୍ଭିସ ୱିପନ ଦେବାର ନିୟମ ନାହିଁ। ଏଫ୍‌ବିଆଇର ପୂର୍ବତନ ଅଧିକାରୀଙ୍କ ଅନୁଯାୟୀ ଏହା ଏକ ରାଜନୈତିକ ଏଜେଣ୍ଡା ଜନିତ ଅଭିଯାନ।

ସକାଳ THE SAKALA



# ନାବାଳିକା ଦୁଷ୍କର୍ମକାରୀଙ୍କୁ ୨୦ବର୍ଷ କାରାଦଣ୍ଡ

**ଅନୁଗୋଳ,୧୧।୭(ସମିସ):** ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ମାମଲାର ବିଚାର କରି ଅନୁଗୋଳ ଅତିରିକ୍ତ ଜିଲ୍ଲା ଓ ସେସନ୍ସ ଜଜ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ୧ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ପୀଡ଼ିତାଙ୍କୁ ୫ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ପ୍ରଦାନ କରିବା ପାଇଁ ଜିଲ୍ଲା ଆଇନ ସେବା ପ୍ରାଧୀକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ଦଣ୍ଡିତ ବ୍ୟକ୍ତି ହେଲେ ଅନୁଗୋଳ ଜିଲ୍ଲା ନିଶା ଶିଳ୍ପାଞ୍ଚଳ ଥାନା ମାଳିବ୍ରାହ୍ମଣୀ ଗ୍ରାମର ସନାତନ ନାଏକ।

ମାମଲାର ବିବରଣୀ ଅନୁଯାୟୀ, ୨୦୨୪ ମାର୍ଚ୍ଚ ୭ ମଧ୍ୟାହ୍ନରେ ସନାତନ ସେହି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଦୁଷ୍କର୍ମ କରିଥିବା ପୀଡ଼ିତାଙ୍କ ମା' ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରି ତଦନ୍ତ କରିବା ସହ ସନାତନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଶୁକ୍ରବାର ସ୍ୱତନ୍ତ୍ର ପୋକ୍ସୋ ଜଜ୍ ସୌମ୍ୟା ଶୁଭଦର୍ଶିନୀ ଏହି ମାମଲାର ଶୁଣାଣି କରି ୧୬ଜଣ ସାକ୍ଷୀଙ୍କ ବୟାନ ଓ ସମସ୍ତ ପ୍ରମାଣ ଆଧାରରେ ସନାତନଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସରୋଜ କୁମାର ପଟ୍ଟନାୟକ ଏହି ମାମଲା ପରିଚାଳନା କରୁଥିଲେ।

# ବିଦ୍ୟୁତ୍ ଆଘାତରେ ଯୁବକଙ୍କ ମୃତ୍ୟୁ

**ପରଜଙ୍ଗ,୧୧।୭(ସମିସ):** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ କୁଆଲୁ ଗ୍ରାମରେ ଶୁକ୍ରବାର ଅପରାହ୍ନରେ ବିଦ୍ୟୁତ୍ ଆଘାତରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗ୍ରାମର ଶୁକଦେବ ସାହୁଙ୍କ ପୁଅ ଜଳଧର ସାହୁ (୫୩)। ଜଳଧର ନିଜ ଘରେ ବିଦ୍ୟୁତ୍ ମରାମତି କରୁଥିବା ସମୟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ପରଜଙ୍ଗ ମେଡିକାଲରେ ଭର୍ତ୍ତି କରିଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ।

ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ ଆଜକୁ ୧୫ ଦିନ ତଳେ କୁଆଲୁ ଅଞ୍ଚଳରେ ବଜ୍ରପାତ ହୋଇଥିଲା। ଏହାର ପ୍ରଭାବରେ ଜଳଧରଙ୍କ ଘରେ ଲାଗିଥିବା ବିଦ୍ୟୁତ୍ ମିଟର ସମେତ ଅନ୍ୟାନ୍ୟ ସରଞ୍ଜାମ ପୋଡ଼ିଯାଇଥିଲା। ଏହାକୁ ସଜାଡ଼ିବା ପାଇଁ ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କୁ ଅବଗତ କରିଥିଲେ। ହେଲେ ୧୫ ଦିନ ବିତିଯାଇଥିଲେ ସୁଦ୍ଧା ବିଦ୍ୟୁତ କର୍ମଚାରୀ ମରାମତି ନ କରିବାରୁ ଶୁକ୍ରବାର ଜଳଧର ନିଜେ ମରାମତି କରୁଥିବା ସମୟରେ ଏପରି ଘଟଣା ଘଟିଛି। ଜଳଧରଙ୍କ ମୃତ୍ୟୁ ପାଇଁ ପରିବାର ଲୋକେ ବିଦ୍ୟୁତ୍ ବିଭାଗକୁ ଦାୟୀ କରିଛନ୍ତି। ତାଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି ହୋଇଛି।

■ ଫସାଇ ଦେଲା ଅଭିଯୁକ୍ତ

# ଅପହରଣକାରୀ ଭାବି ପୁଲିସକୁ ପିଟିଲେ ଗ୍ରାମବାସୀ



**ବାଲିଗୁଡ଼ା,୧୧।୭(ସମିସ):** ଅଭିଯୁକ୍ତକୁ ଧରିବାକୁ ଆସିଥିବା ପୁଲିସକୁ ଫସାଇ ଦେଲା ଅଭିଯୁକ୍ତ। ତାକୁ ଅପହରଣ କରିବାକୁ କେତେକ ଲୋକ ଆସିଥିବା ଗ୍ରାମବାସୀଙ୍କୁ ଜଣାଇବା ପରେ ଗ୍ରାମବାସୀ କିଛି ନବୁଝି ସାଦା ପୋଷାକରେ ଥିବା ପୁଲିସକୁ ନିସ୍ତୁକ ମାଡ଼ ମାରିଛନ୍ତି। ଏଭଳି ଘଟଣା ଘଟିଛି କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଅଞ୍ଚଳରେ। ମାଡ଼ ଖାଇଥିବା କଳାହାଣ୍ଡିର ୩ ପୁଲିସଙ୍କୁ ତୁମୁଡ଼ିବନ୍ଧ ପୁଲିସ ଗ୍ରାମବାସୀଙ୍କ କବଳରୁ ଉଦ୍ଧାର କରିଥିଲା।

ପ୍ରକାଶ ଯେ, କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବ୍ଲକ ପୁସାଙ୍ଗିଆକୁ ଗଞ୍ଜେଇ ଚୋରା ଚାଲାଣରେ ସମ୍ପୃକ୍ତ ଜଣେ ଅଭିଯୁକ୍ତକୁ ଧରିବାକୁ ଆସିଥିଲା କଳାହାଣ୍ଡି ପୁଲିସ। କିନ୍ତୁ ଅଭିଯୁକ୍ତ ଜଣକ ପୁଲିସ ହାତରୁ ଖସିଯାଇଥିଲା। ପରେ ପୁଲିସକୁ ଫସାଇବା ପାଇଁ ଫୋନ୍ ଯୋଗେ ତାର ସହକର୍ମୀ ଓ ଗ୍ରାମବାସୀଙ୍କୁ ମିଛ ଖବର ଦେଇଥିଲା ଯେ, ତାକୁ ଏକ କାର୍‌ରେ କିଛି କଳାହାଣ୍ଡି ଲୋକ ଅପହରଣ କରିବାକୁ ଆସିଛନ୍ତି ଏବଂ ସେମାନଙ୍କ ହାବୁଡ଼ରୁ ସେ ଖସି ଆସି ଜଙ୍ଗଲରେ ଲୁଚିଛି। ଏହାପରେ ଗ୍ରାମବାସୀ ଓ ତାଙ୍କ ସହକର୍ମୀ ପିଛାକରି କଳାହାଣ୍ଡିରୁ ଆସିଥିବା ପୁଲିସ ଗାଡ଼ିକୁ କୃର୍ତ୍ତମଗଡ ଟୋଲ୍‌ଗେଟ୍ ନିକଟରେ ଅଟକାଇ କର୍ମଚାରୀଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ସୋମାନେ ପୁଲିସ ପରିଚୟ ଦେଇଥିଲେ ମଧ୍ୟ ଶୁଣିନଥିଲେ ଅଞ୍ଚଳବାସୀ। ବହୁ ସମୟ ପରେ ତୁମୁଡ଼ିବନ୍ଧ ପୁଲିସ ପହଞ୍ଚିବାରୁ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ଘଟଣା ସ୍ଥଳରେ ତୁମୁଡ଼ିବନ୍ଧ ଥାନା ଅଧିକାରୀ ଆଶୁତୋଷ ଜେନା ପହଞ୍ଚି ସାଦା ପୋଷାକରେ କଳାହାଣ୍ଡିର ତିନି ପୁଲିସ ଅଧିକାରୀଙ୍କୁ ମୁକୁଳାଇ ଥାନାକୁ ଆଣିଥିଲେ। ଘଟଣାରେ ସମ୍ପୃକ୍ତ ଗ୍ରାମବାସୀଙ୍କୁ ଅଟକ ରଖି ଅଧିକ ତଦନ୍ତ ଚାଲିଥିବା ତୁମୁଡ଼ିବନ୍ଧ ଥାନା ଅଧିକାରୀ ଆଶୁତୋଷ ଜେନା କହିଛନ୍ତି।

# ବିଶ୍ୱବିଦ୍ୟାଳୟ ପରିଚାଳନା କରିବେ ସରକାର!

## ପୁଲିସ୍ ହାଉସିଂ ବୋର୍ଡ ମାଧ୍ୟମରେ ଉନ୍ନତିକରଣ ଓ ରକ୍ଷଣାବେକ୍ଷଣ ଯୋଜନା

**ଭୁବନେଶ୍ୱର, ୧୧।୭(ସମିସ):** ସରକାରୀ ମହାବିଦ୍ୟାଳୟ ପରି ବିଶ୍ୱବିଦ୍ୟାଳୟକୁ ମଧ୍ୟ ପରିଚାଳନା କରିବେ ସରକାର। କୁଳପତିଙ୍କ ସମେତ ଅଧ୍ୟାପକ/ଅଧ୍ୟାପିକା ଓ କର୍ମଚାରୀଙ୍କୁ ସରକାରୀ ଟ୍ରେଜେରୀରୁ ସିଧାସଳଖ ଦରମା ପ୍ରଦାନ କରାଯିବ। ପୂର୍ବରୁ ବିଶ୍ୱବିଦ୍ୟାଳୟକୁ ସମସ୍ତ କର୍ମଚାରୀଙ୍କ ଦରମା ପ୍ରଦାନ କରାଯାଉଥିଲା। ଏଥିରେ ପରିବର୍ତ୍ତନ କରିବାକୁ ବହୁ ଆଗରୁ ପ୍ରସ୍ତାବ ରହିଛି। ସମ୍ପ୍ରତି ଏହାକୁ କାର୍ଯ୍ୟକାରୀ କରିବାକୁ ବିଚାରବିମର୍ଶ ଆରମ୍ଭ ହୋଇଛି।

ସୂଚନା ଅନୁଯାୟୀ, ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ପାଇଁ ଅନୁଷ୍ଠିତ ବୈଠକରେ ବ୍ୟାପକ ଆଲୋଚନା ହୋଇଛି। ବହୁ ଅଧିକାରୀ ଏହାକୁ ନେଇ ସହମତ ହୋଇଛନ୍ତି। ବିଶ୍ୱବିଦ୍ୟାଳୟ ପ୍ରଶାସନ ଉପରୁ ଚାପ କମିବା ସହ ନିରପେକ୍ଷ ଭାବେ ଦରମାପ୍ରଦାନ କରାଯାଇ ପାରିବ। କର୍ମଚାରୀଙ୍କ ଦରମା ପାଇବାରେ କୌଣସି ପ୍ରକାର ସମସ୍ୟା ହେବନାହିଁ। ସେହିପରି ବିଶ୍ୱବିଦ୍ୟାଳୟ ଭିତ୍ତିଭୂମି ଉନ୍ନତିକରଣ ଏବଂ ରକ୍ଷଣାବେକ୍ଷଣ ଭାର

**କମିବ ବିଶ୍ୱବିଦ୍ୟାଳୟ ସ୍ୱାୟତ୍ତତା**
**ବିରୋଧ ଆଶଙ୍କାରେ ନିଷ୍ପତ୍ତି ବିଳମ୍ବ**

ସରକାର ନିଜ ହାତକୁ ନେବାକୁ ବିଚାର କରୁଛନ୍ତି। ଏପରି ହେଲେ ବିଶ୍ୱବିଦ୍ୟାଳୟକୁ ଆଉ କୌଣସି ଅନୁଦାନ ମିଳିବ ନାହିଁ। ରାଜ୍ୟ ପୁଲିସ୍ ହାଉସିଂ ବୋର୍ଡ ମାଧ୍ୟମରେ ଉନ୍ନତିକରଣ କରାଯିବ। ନୂତନ କୋଠା ସମେତ ରକ୍ଷଣାବେକ୍ଷଣ ଦାୟିତ୍ୱ ମଧ୍ୟ ସେହି ସଂସ୍ଥା କରିବ। ଫଳରେ ବିଶ୍ୱବିଦ୍ୟାଳୟର ସ୍ୱାୟତ୍ତତା ହ୍ରାସ ପାଇବ। ଯାହାକୁ ନେଇ ଛାତ୍ର ଆନ୍ଦୋଳନ ଓ ବିରୋଧର ସମ୍ମୁଖୀନ ହେବାର ଆଶଙ୍କା ରହିଛି। ଆଗକୁ ବିଶ୍ୱବିଦ୍ୟାଳୟରେ ଛାତ୍ରସଂସଦ ନିର୍ବାଚନ କରିବାକୁ ସରକାର ପ୍ରସ୍ତୁତି ଚଳାଇଛନ୍ତି। ଦୁର୍ଗାପୂଜା ଛୁଟି ପୂର୍ବରୁ ନିର୍ବାଚନ ସରିବ। ଏଣୁ ଦୀର୍ଘ ବର୍ଷ ପରେ ହେବାକୁ ଥିବା ନିର୍ବାଚନ ପୂର୍ବରୁ କୌଣସି ରିସ୍କ ନେବାକୁ ସରକାର ଚାହୁଁ ନାହାନ୍ତି।

ଅନ୍ୟପକ୍ଷରେ ରାଜ୍ୟରେ ସାମ୍ଭାବ୍ୟ ମନ୍ତ୍ରିମଣ୍ଡଳ ଅଦଳବଦଳ ପ୍ରକ୍ରିୟା ଏହି ନିଷ୍ପତ୍ତିକୁ ବିଳମ୍ବିତ କରୁଥିବା ଜଣାପଡ଼ିଛି। କାରଣ ଉଚ୍ଚଶିକ୍ଷା ବିଭାଗ ବଦଳିବା ନେଇ ଚର୍ଚ୍ଚା ଜୋର୍ ହୋଇଛି। କୁଳପତି ନିଯୁକ୍ତି ପ୍ରକ୍ରିୟା ଜାରି ରହିଥିବାବେଳେ ଅଧ୍ୟାପକ ଓ କର୍ମଚାରୀ ନିଯୁକ୍ତ କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏପରି ସ୍ଥିତିରେ ଟିକିଏ ଏପଟସେପଟ ହେଲେ ମନ୍ତ୍ରୀ ପଦ ଯିବାର ଆଶଙ୍କା ବଢ଼ିଯିବ। ଏଣୁ ବିଶ୍ୱବିଦ୍ୟାଳୟ ଅଧ୍ୟାପକ ଓ କର୍ମଚାରୀଙ୍କୁ ସିଧାସଳଖ ଦରମା ପ୍ରଦାନ କରିବା ନିଷ୍ପତ୍ତିରେ ଉଚ୍ଚଶିକ୍ଷା ମନ୍ତ୍ରୀ ମୋହର ମାରିବା ବଦଳରେ ଆଡ଼େଇ ଯାଇଥିବା ଜଣାପଡ଼ିଛି।

# ଡ୍ରାଇଭରଙ୍କୁ ମାଡ଼ ଘଟଣାରେ ୮ ଗିରଫ

**ବଲାଙ୍ଗିର,୧୧।୭(ସମିସ):** ବଲାଙ୍ଗିର ଜିଲ୍ଲାରେ ଡ୍ରାଇଭରଙ୍କୁ ଡ୍ରାଇଭରଙ୍କ ମାଡ଼ ଘଟଣାରେ ୮ଜଣଙ୍କୁ ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଡ୍ରାଇଭରମାନେ ଗୁରୁବାର ପୁଇଁନ୍ତଲା ଥାନା ବଇରାସର ଟୋଲ ଗେଟ ନିକଟରେ ଜଣେ ଡ୍ରାଇଭରଙ୍କୁ ମାଡ଼ମାରି ଗୁରୁତର କରିଥିବା ପୁଇଁନ୍ତଲା ଥାନାରେ ଅଭିଯୋଗ ହୋଇଥିଲା। ସୂଚନା ଅନୁସାରେ ବଲାଙ୍ଗିର ଜିଲ୍ଲା ପୁଇଁନ୍ତଲା ଥାନା ବଇରାସର ଟୋଲଗେଟ୍ ନିକଟରେ ଡ୍ରାଇଭର ସଂଘ ପକ୍ଷରୁ ଆନ୍ଦୋଳନ କରାଯାଉଥିଲା। ଗୁରୁବାର ଅପରାହ୍ନରେ ସୋନପୁର ପଟୁ ବଲାଙ୍ଗିରକୁ ଏକ ଗାଡି ଆସୁଥିବା ବେଳେ ଉକ୍ତ ଗାଡିକୁ ସଂଘର ସଦସ୍ୟମାନେ ଅଟକାଇ ଥିଲେ। ଅଟକାଇବା ପରେ ଡ୍ରାଇଭର ସହ ଯୁକ୍ତିତର୍କ କରିଥିଲେ। ଏହି ସମୟରେ କିଛି ଡ୍ରାଇଭର ମିଶି ଉକ୍ତ ଗାଡ଼ିର ଡ୍ରାଇଭର ମନୋଜ ବର୍ଗର୍ତ୍ତିଙ୍କୁ ମାଡ଼ ମାରିଥିଲେ। ସେ ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଏନେଇ ସେ ପୁଇଁନ୍ତଲା ଥାନାରେ ଲିଖିତ ଅଭିଯୋଗ କରି ପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ପୁଇଁନ୍ତଲା ପୁଲିସ କେସ ନଂ ୨୦୪/୨୫ରେ ମାମଲା ରୁଜୁ କରି ୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରି



କୋର୍ଟଚାଲାଣ କରିଥିବା ଜଣାପଡିଛି। ଗିରଫ ଅଭିଯୁକ୍ତ ଡ୍ରାଇଭରମାନେ ଦଶପୁର ଗାଁର ତାରାକାନ୍ତ ବାରିକ, କୁରେଇଭନା ଗାଁର ବିଜୟ ପଧାନ, ଖଇରଭାଡି ଗାଁର ମିତ୍ରଭାନୁ ଦାସ, ଡୁମେରବାହାଲ ଗାଁର ରାମ କୁମ୍ଭାର, ଠଲକୋମୁଣ୍ଡା ଗାଁର ଅଚ୍ୟୁତ ସେଠ, ମରାଦୁଗୁଛା ଗାଁର ନିରଞ୍ଜନ ବାଗ, ଚନ୍ଦନପାଲି ଗାଁର ବାଦଲ କୁଦେଇ, ପଦମପୁର ଗାଁର ମଧୁସୁଦନ ସେଠ ବୋଲି ଜଣାପଡିଛି। ସମସ୍ତ ଡ୍ରାଇଭର ସୋନପୁର ଜିଲ୍ଲା ତରଭା ଥାନା ଅଞ୍ଚଳର ବୋଲି ପୁଲିସ ସୂଚନା ଦେଇଛି।

■ ଡ୍ରାଇଭର ମହାସଂଘ ଆନ୍ଦୋଳନର ପ୍ରଭାବ

# ୪୦ କିମି ଚାଲିଚାଲି ଗଲେ ଭିନ୍ନକ୍ଷମ

**ଭଦ୍ରକ,୧୧।୭(ସମିସ):** ରାଜ୍ୟବ୍ୟାପୀ ଡ୍ରାଇଭର ମହାସଂଘର ଆନ୍ଦୋଳନ ଆଜି ୪ର୍ଥ ଦିନରେ ପହଞ୍ଚିଛି। ବସ ଚଳାଚଳ ବନ୍ଦ ହେତୁ ଲୋକେ ନାହିଁ ନଥିବା ଦୁର୍ଦ୍ଦଶାରେ ସମ୍ମୁଖୀନ ହେଉଛନ୍ତି । ଆଉ ଏହି ଦୁର୍ଦ୍ଦଶାରେ ପଡି ବହୁ କଷ୍ଟକରି ଦୀର୍ଘ ୪୦କିମି ରାସ୍ତା ଅତି ଅତିକ୍ରମ କରିଛନ୍ତି ଚାନ୍ଦବାଲି ଅଂଚଳର ଜଣେ ଭିନ୍ନକ୍ଷମ। ସୂଚନାଯୋଗ୍ୟ ଯେ, ସେକ ସିରାଜ ନାମକ ଏହି ଭିନ୍ନକ୍ଷମ ବ୍ୟକ୍ତି ଯିଏ କି କଲିକତାରୁ ଟ୍ରେନ ଯୋଗେ ଭଦ୍ରକରେ ପହଞ୍ଚି ନିଜ ଘର ଧାମରା ଅଞ୍ଚଳକୁ



ବାହାରିଥିଲେ; ହେଲେ ଭଦ୍ରକକୁ କୌଣସି ବସ୍ ଚଳାଚଳ କରୁ ନ ଥିବାରୁ ସେ ଚାଲି ଚାଲି ଘରକୁ ଯାଉଛନ୍ତି। ଦୁଇଦିନ ହେଲା ୪୦ କିମି ଅତିକ୍ରମ କରି ସାରିଲେଣି; ହେଲେ ଘରେ ପହଞ୍ଚିବାକୁ ଆହୁରି ୨୦ କିମି ଚାଲିବାକୁ ପଡିବ।

## ଓଡ଼ିଶା-ଝାଡ଼ଖଣ୍ଡ ସୀମାରେ ପୁଲିସକୁ ବଡ଼ ସଫଳତା

# ସରଣ୍ଡା ଜଙ୍ଗଲରୁ ୧୮ ଆଇଇଡି ଜବତ

**ରାଉରକେଲା,୧୧।୭(ସମିସ):** ଓଡ଼ିଶା-ଝାଡ଼ଖଣ୍ଡ ସୀମାରେ ଝାଡ଼ଖଣ୍ଡ ପୁଲିସକୁ ମିଳିଛି ବଡ଼ ସଫଳତା। ଝାଡ଼ଖଣ୍ଡ ରାଜ୍ୟର ସରଣ୍ଡା ଜଙ୍ଗଲରେ ନକ୍ସଲଙ୍କ ଏକ ବଡ଼ଧରଣର ଯୋଜନାକୁ ପଣ୍ଡ କରିଛନ୍ତି ସୁରକ୍ଷା ବାହିନୀ। ସୀମାନ୍ତବର୍ତ୍ତୀ ସରଣ୍ଡା ଜଙ୍ଗଲରୁ ମାଓବାଦୀମାନେ ଖଞ୍ଜିଥିବା ୧୮ଟି ଆଇଇଡିକୁ ବମ୍ବସ୍କ୍ୱାଡ୍ ଦ୍ୱାରା ନିଷ୍କ୍ରିୟ କରାଯାଇଛି। ଏକ ସପ୍ତାହ ମଧ୍ୟରେ ଝାଡ଼ଖଣ୍ଡ ପୁଲିସ ଦ୍ୱାରା ୬୪ଟି ଆଇଇଡି ଉଦ୍ଧାର ହୋଇଥିବା ସୂଚନା ମିଳିଛି। ସରଣ୍ଡା ଜଙ୍ଗଲରେ କମ୍ବିଂ କରୁଥିବା ସୁରକ୍ଷା ଯବାନଙ୍କ ଜୀବନପ୍ରତି ହାନୀ ପହଞ୍ଚାଇବା ପାଇଁ ମାଓବାଦୀମାନେ ବିଭିନ୍ନସ୍ଥାନରେ ଆଇଇଡି ପୋତିଥିବା କୁହାଯାଉଛି।

ସୂଚନା ଅନୁସାରେ ଝାଡ଼ଖଣ୍ଡ ରାଜ୍ୟ ଚାଇବାସା ଓ ଖୁଣ୍ଟି ଜିଲ୍ଲା ସୀମାରେ ଥିବା ସରଣ୍ଡାର କୋଲହାନ ନିକଟ କୋଚାଙ୍ଗ ଜଙ୍ଗଲରୁ ଗୁରୁବାର ରାତିରେ ସୁରକ୍ଷା ଯବାନମାନେ କମ୍ବିଂ କଲାବେଳେ ୧୮ଟି

**ବମ୍ବସ୍କ୍ୱାଡ୍ ଦ୍ୱାରା ନିଷ୍କ୍ରିୟ; ସପ୍ତାହରେ ୬୪ଟି ଆଇଇଡି ଉଦ୍ଧାର**

ଆଇଇଡିକୁ ମାଟିତଳେ ପୋତା ଯାଇଥିବା ଅବସ୍ଥାରେ ଜବତ କରିଛନ୍ତି। ପ୍ରତ୍ୟେକର ଓଜନ ୩ କେଜି ରହିଥିବା ସୂଚନା ମିଳିଛି। ସୁରକ୍ଷା ବାହିନୀଙ୍କୁ ଟାର୍ଗେଟ କରି ଏହି ଲ୍ୟାଣ୍ଡମାଇନ ବିଛାଯାଇଥିବା ସ୍ପଷ୍ଟ ହୋଇଛି। ଝାଡ଼ଖଣ୍ଡ ଜାଗୁଆର ଏବଂ ସିଆରପିଏଫ ଯବାନ ସହ ଚାଇବାସା ଏବଂ ଖୁଣ୍ଟି ପୁଲିସ ମିଳିତ ଭାବେ ସର୍ଚ୍ଚ ଅପରେସନ ଚାଲିଥିବାବେଳେ ଏହି ସଫଳତା ମିଳିଛି। ସେହିପରି ଗତ ୭ ତାରିଖ ରାତିରେ ଓଡିଶା - ଝାଡ଼ଖଣ୍ଡ ସୀମାନ୍ତବର୍ତ୍ତୀ ଟୋକଲ ଥାନା ଅଧୀନ ସରଣ୍ଡା ଜଙ୍ଗଲରୁ ୧୬ଟି ଆଇଇଡିକୁ ସୁରକ୍ଷା ଯବାନମାନେ ଜବତ କରିଥିଲେ। ପ୍ରତ୍ୟେକ ଆଇଇଡିର ଓଜନ ୨ କେଜି ଥିଲା ବୋଲି ସୂଚନା ମିଳିଛି। ଝାଡ଼ଖଣ୍ଡ ଓଡ଼ିଶା ସୀମା ଚାଇବାସା ଟୋକଲ ଥାନା ସରଣ୍ଡା ଜଙ୍ଗଲରେ ସୁରକ୍ଷା ବାହିନୀଙ୍କୁ ଟାର୍ଗେଟ କରି ଖଞ୍ଜା ଯାଇଥିବା ଏହି ୧୬ଟି ଆଇଇଡି ଟିଫିନ ବୋମାକୁ ଉଦ୍ଧାର କରି ଏହାକୁ ନିଷ୍କ୍ରିୟ କରାଯାଇଥିଲା। ସେହିପରି ଗତ ୪ ତାରିଖରେ ଝାଡ଼ଖଣ୍ଡ ସୀମାନ୍ତବର୍ତ୍ତୀ ଚାଇବାସା ଜିଲ୍ଲା ଟୋକଲ ଥାନା ଅଧୀନ ଦଲଭଙ୍ଗା ସରଣ୍ଡା ଜଙ୍ଗଲରୁ ୩୦ ଟିଫିନ ଆଇଇଡି ସୁରକ୍ଷା ଯବାନମାନେ ଜବତ କରିଥିଲେ। ପ୍ରତ୍ୟେକ ଆଇଇଡିର ଓଜନ



୨ କେଜି ହେବ ବୋଲି ଜଣାପିଡ଼ିଥିଲା। ସୁରକ୍ଷା ବାହିନୀଙ୍କୁ ଟାର୍ଗେଟକରି ଖଞ୍ଜା ଯାଇଥିବା ଏହି ଆଇଇଡି ବୋମାଗୁଡିକୁ ଉଦ୍ଧାର କରାଯାଇଥିଲା। ସୂଚନାଯୋଗ୍ୟ ଟପ୍ ମାଓନେତା ଅସୀମ ମଣ୍ଡଳ ସହ ମିସିର, ମୋଛୁ, ଅନମୋଲ ବର୍ତ୍ତମାନ ସରଣ୍ଡା ଜଙ୍ଗଲରେ ସକ୍ରିୟ ରହିଥିବାରୁ ଝାଡ଼ଖଣ୍ଡ ପୁଲିସ ପକ୍ଷରୁ ଏହି ସର୍ଚ୍ଚ ଅପରେଶନ ଜାରି ରହିଛି।

# ପୂର୍ବତନ ସରପଞ୍ଚଙ୍କୁ ହତ୍ୟା

## ରାସ୍ତାରେ ଗୋଡେଇ ହାଣିଲେ ଦୁର୍ବୃତ୍ତ; ୨ ଅଟକ

**ସୋନପୁର,୧୧।୭(ସମିସ):** ସୁବର୍ଣ୍ଣପୁର ଜିଲ୍ଲାରେ ଆଇନ ଶୃଙ୍ଖଳା ପରିସ୍ଥିତି ଧିରେ ଧିରେ ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଜଣେ ପୂର୍ବତନ ସରପଞ୍ଚଙ୍କୁ ରାସ୍ତାରେ ଗୋଡାଇ ଗୋଡାଇ ହାଣି ଦୁର୍ବୃତ୍ତମାନେ ଫେରାର ହୋଇଯାଇଛନ୍ତି। ଏଭଳି ଲୋମହର୍ଷକାରୀ ଘଟଣା ରାମପୁର ଥାନା ପଣ୍ଡରାପାଲି ଗ୍ରାମରେ ଘଟିଛି। ମୃତକ ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି



ବ୍ଲକ୍ ରାମପୁର ଥାନା ଗଜବନ୍ଧ ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ବର୍ତ୍ତମାନର ସରପଞ୍ଚ ବାସନ୍ତୀ ଖେତିଙ୍କ ସ୍ୱାମୀ ବଲ୍ଲଭ ଖେତି ବୋଲି ଜଣାପଡ଼ିଛି। ସୂଚନାନୁଯାୟୀ, ଗୁରୁବାର ରାତି ସାଢେ ୧୦ଟାରେ ମୃତକ ବଲ୍ଲଭ ଗଜବନ୍ଧ ଛକରୁ ନିଜ ଘର କେନପାଲି ଗ୍ରାମକୁ ଆସୁଥିବା ସମୟରେ ପଣ୍ଡରାପାଲିରୁ କେନପାଲି ମଝି ରାସ୍ତାର ଏକ ନିଛାଟିଆ ଅନ୍ଧାରିଆ ସ୍ଥାନରେ ତାଙ୍କୁ ଚାରିଜଣ ଦୁର୍ବୃତ୍ତ ଖଣ୍ଡାରେ ଆକ୍ରମଣ କରିଥିଲେ। ତାଙ୍କ ମୁଣ୍ଡରେ ଓ ଦେହର ଅନେକ ସ୍ଥାନରେ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ରକ୍ତାକ୍ତ ଅବସ୍ଥାରେ ରାସ୍ତା ଉପରେ ପକାଇ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ବଲ୍ଲଭଙ୍କୁ ଡୁଙ୍ଗୁରିପାଲି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପରିବାର ଲୋକେ ରାମପୁର ଥାନାରେ ଅଭିଯୋଗ କରିଛନ୍ତି। ରାମପୁର ପୁଲିସ ଏକ ମାମଲା ରୁଜୁ କରି ଘଟଣା ସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି। ଘଟଣା ସ୍ଥଳରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ(ଏସ୍‌ପି)ଙ୍କ ସହ ସାଇଣ୍ଟିଫିକ ଟିମ୍ ପହଞ୍ଚି ତନାଘନା ଜାରି ରଖିଛନ୍ତି। ତେବେ ଚାରି ଜଣ ଅଭିଯୁକ୍ତଙ୍କ ଭିତରୁ ଦୁଇ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଥିବାବେଳେ ଅନ୍ୟ ଦୁଇ ଅଭିଯୁକ୍ତ ଫେରାର ଥିବା ଏସ୍‌ପି ନାରାୟଣ ନାୟକ କହିଛନ୍ତି। ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ ସ୍ୱତନ୍ତ୍ର ଟିମ୍ ଗଠନ କରିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଧରାଯିବ ବୋଲି ଏସ୍‌ପି କହିଛନ୍ତି। ପୂର୍ବ ଶତ୍ରୁତାରୁ ଏହି ହତ୍ୟାକାଣ୍ଡ ହୋଇଥିବା ଏସ୍‌ପି ସ୍ପଷ୍ଟ କରିଛନ୍ତି।

ପ୍ରେମ ବିବାହ ମହଙ୍ଗା

# ବିଲରେ ବଳଦ ସାଜି ହଳକଲେ ପ୍ରେମୀଯୁଗଳ

**କଲ୍ୟାଣସିଂହପୁର,୧୧।୭(ସମିସ):** ଗୋଟିଏ ବଂଶର ହୋଇ ପରସ୍ପରକୁ ଭଲ ପାଇ ବିବାହ କରିବା ପ୍ରେମୀଯୁଗଳଙ୍କୁ ମହଙ୍ଗାପଡ଼ିଛି। ଜାତି ସମାଜର କଙ୍ଗାରୁ

**ଜାତି ସମାଜର କଙ୍ଗାରୁ କୋର୍ଟ**
**ଗାଁରୁ ନିର୍ବାସିତ ଜୀବନ ବିତାଉଛନ୍ତି**



କୋର୍ଟରେ ଉଭୟ ଦଣ୍ଡିତ ହୋଇଛନ୍ତି। ଦଣ୍ଡ ସ୍ୱରୂପ କ୍ଷେତରେ ବଦଳ ସାଜି ଉଭୟେ ହଳ କରିଛନ୍ତି। ସେତିକରେ ସମାଜର ପଦାଧିକାରୀଙ୍କ ମନ ଶାନ୍ତି ହୋଇନାହିଁ। ଉଭୟଙ୍କୁ ଗାଁରୁ ତଡ଼ି ଦିଆଯାଇଛି। ଏଭଳି ଅଭାବନୀୟ ଘଟଣା ସାମ୍ନାକୁ ଆସିଛି ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଶିକରପାଇ ପଞ୍ଚାୟତ କଞ୍ଚାମଯୋଡ଼ି ଗାଁରେ। ସୋସିଆଲ ମିଡିଆରେ ଏ ନେଇ ଏକ ଭିଡିଓ ଭାଇରାଲ୍ ହେବା ପରେ ଏହି ଘଟଣା ପଦାକୁ ଆସିଛି। ପ୍ରେମୀଯୁଗଳଙ୍କ ଭୁଲ ଥିଲା ଉଭୟ ଗୋଟିଏ ବଂଶର। ସମ୍ପର୍କରେ ଆତା (ପିଉସୀ ନାନୀ) ଓ ପୁତୁରା ଅଟନ୍ତି। ଆଦିବାସୀ ପରମ୍ପରା ଅନୁଯାୟୀ ଗୋଟିଏ ବଂଶର ହୋଇଥିଲେ ରକ୍ତ ସମ୍ପର୍କ କାରଣରୁ ସେମାନେ ବିବାହ ବନ୍ଧନରେ ଆବଦ୍ଧ ହୋଇପାରିବେ ନାହିଁ। କିନ୍ତୁ କଞ୍ଚାମଯୋଡ଼ି ଗ୍ରାମର ମୁଗି ସାରାକଙ୍କ ବଡ଼ପୁଅ କାଡ଼ିଆ ସାରକାଙ୍କ ସହ ବେତକଲାଙ୍ଗରେ ରହୁଥିବା ମୁଗୀଙ୍କ ଭଉଣୀ ଲାକ ସାରକାଙ୍କ ପ୍ରେମ ସମ୍ପର୍କ ରହିଥିଲା। ଦିନେ ଉଭୟଙ୍କ ଏକତ୍ରିତ ଥିବା ଗାଁ ଲେକେ ଦେଖିଥିଲେ। ଏହାକୁ ନେଇ ଗାଁ କୁଟୁମ୍ବ ବୈଠକ ବସି ଉଭୟଙ୍କୁ ପରମ୍ପରା ଅନୁସାରେ ଦଣ୍ଡ ଶୁଣାଇଥିଲେ। ଆଦିବାସୀ ପରମ୍ପରା ଓ ରୀତିନୀତି ଅନୁଯାୟୀ ଗ୍ରାମ ଧରଣୀ ଠାରେ ପୂଜାପାଠ କରିବା ପରେ ବଳଦ ସ୍ଥାନରେ ପ୍ରେମୀଯୁଗଳ ଗୋଟିଏ ପଟେ ପୁଅ ଓ ଅନ୍ୟ ପଟେ ଝିଅ କାନ୍ଧରେ ଯୁଆଳି ପକାଇ କ୍ଷେତକୁ ନେଇ ଜମି ହଳ କରିଥିଲେ। ଉଭୟଙ୍କ ଅନିଛା ସତ୍ତ୍ୱେ ଧମକଚମକ ଦେଇ ହଳ କରାଇଥିଲେ ଗାଁ ଲୋକେ। କେବଳ ଏତିକିରେ ସୀମିତ ନଥିଲା ଗ୍ରାମବାସୀ ତଥା ଜାତି ସମାଜର ଦଣ୍ଡ। ସେମାନଙ୍କ ଠାରୁ କିଛି ଟଙ୍କା ଆଦାୟ କରି ଗ୍ରାମ ଛାଡିବା ପାଇଁ ବାଧ୍ୟ କରିଥିଲେ। ଫଳରେ ପ୍ରେମୀଯୁଗଳ ଗ୍ରାମ ଛାଡି ଅନ୍ୟତ୍ର ଚାଲିଯାଇଥିବା ସୂଚନା ମିଳିଛି। ଏ ସମ୍ପର୍କରେ ଗ୍ରାମର ବିଶ୍ୱନାଥ କୃଷିକା, ୱାର୍ଡ ସଦସ୍ୟ ଶ୍ୟାମଧର ମିଣିଆକା, ପୁରନ୍ଧର ଓ ସୁବାଶିନୀ ରଣା ପ୍ରମୁଖ ପ୍ରେମୀଯୁଗଳ କିଛି ଦିନ ପାଇଁ ବାହାରେ ରହିବା ପରେ ଫେରିଆସିବେ ବୋଲି କହିଛନ୍ତି। ଏ ନେଇ ପୁଲିସରେ କୌଣସି ଅଭିଯୋଗ ହୋଇ ନଥିବା ଜଣାପଡ଼ିଛି।

## ରତ୍ନଭଣ୍ଡାର ଗଣତିମଣତି ପ୍ରସଙ୍ଗ

# ବିଜେପି ସରକାର ରାଜ୍ୟବାସୀଙ୍କୁ ଭୁଆଁ ବୁଲାଉଛନ୍ତି: ବିଜେଡି

**ଭୁବନେଶ୍ୱର,୧୧।୭(ସମିସ):** ରତ୍ନଭଣ୍ଡାର ଗଣତିମଣତିକୁ ନେଇ ଏକ ବର୍ଷ ହେଲା ରାଜ୍ୟ ବିଜେପି ସରକାର ଓଡ଼ିଶାବାସୀଙ୍କୁ ଭୁଆଁ ବୁଲାଉଛନ୍ତି ବୋଲି ଅଭିଯୋଗ କରିଛି ବିଜେଡି। ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡଃ ଲେନିନ ମହାନ୍ତି ଏକ ପ୍ରେସ୍ ବିବୃତିରେ କହିଛନ୍ତି ଯେ ଗତ ଏକ ବର୍ଷ ହେଲା ରତ୍ନଭଣ୍ଡାରର ଗଣତିମଣତିକୁ ନେଇ ଅନିଶ୍ଚିତତା ଲାଗି ରହିଛି। ଏପରିସ୍ଥଳେ ଗଣତିମଣତିକୁ ଆହୁରି ତିନି ମାସ ଲାଗିବ ବୋଲି ଆଇନ ମନ୍ତ୍ରୀ କହିବା ଦୁର୍ଭାଗ୍ୟଜନକ ବୋଲି ସେ ମତବ୍ୟକ୍ତ କରିଛନ୍ତି।

ଡଃ ମହାନ୍ତି କହିଛନ୍ତି ଯେ ଗଣତିମଣତି ପାଇଁ ରିଜର୍ଭ ବ୍ୟାଙ୍କର ସହାୟତା ଲୋଡ଼ା ଯାଇଛି ବୋଲି ଆଇନ ମନ୍ତ୍ରୀଙ୍କ ମନ୍ତବ୍ୟ ଗ୍ରହଣୀୟ ନୁହେଁ। ପୂର୍ବରୁ ଗଣତିମଣତି ସମୟରେ କେବେ ରିଜର୍ଭ ବ୍ୟାଙ୍କର ସହାୟତା ନିଆ ଯାଇଥିଲା କି ? ଶ୍ରୀଜଗନ୍ନାଥ ଟେମ୍ପୁଲ

■ **ରିଜର୍ଭ ବ୍ୟାଙ୍କ ସହାୟତା ଲୋଡ଼ା ମନ୍ତବ୍ୟ ଗ୍ରହଣୀୟ ନୁହେଁ**
■ **ବର୍ଷ ହେଲା ଭଣ୍ଡାର ବାହାରେ ଠାକୁରଙ୍କ ମୂଲ୍ୟବାନ ରତ୍ନ**

ଆକ୍ଟରେ ଗଣତିମଣତି ସମୟରେ ରିଜର୍ଭ ବ୍ୟାଙ୍କର ସହାୟତା ନେବା ବ୍ୟବସ୍ଥା ରହିଛି କି? ଯଦି ନାହିଁ, କେଉଁ କାରଣ ପାଇଁ ଏହାକୁ ରିଜର୍ଭ ବ୍ୟାଙ୍କ ନାମରେ ବିଳମ୍ବିତ କରିବାକୁ ଚେଷ୍ଟା କରାଯାଉଛି ବୋଲି ସେ ପ୍ରଶ୍ନ କରିଛନ୍ତି।

ଡଃ ମହାନ୍ତି କହିଛନ୍ତି, ରତ୍ନଭଣ୍ଡାରର ଗଣତିମଣତି କରିବା ପରିବର୍ତ୍ତେ ଗତ ଏକ ବର୍ଷ ଧରି ଠାକୁରଙ୍କ ମୂଲ୍ୟବାନ ଅଳଙ୍କାରସମୂହ ଅନ୍ୟ ଏକ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଏବେ ଅଳିଆ ଗଦା ମାଧ୍ୟମରେ ସୃଷ୍ଟି ହୋଇଥିବା ପଞ୍ଚମ ଦ୍ୱାର ଦେଇ କିଛି ଲୋକ ପ୍ରବେଶ କରୁଥିବା ଦୃଶ୍ୟ ଓଡ଼ିଶାବାସୀଙ୍କୁ ବିଚଳିତ କରିଛି। ଏପରିସ୍ଥିତିରେ ରତ୍ନଭଣ୍ଡାର ବାହାରେ ଥିବା ଠାକୁରଙ୍କ ରତ୍ନ ସୁରକ୍ଷିତ ଅଛି କି ନାହିଁ, ସେନେଇ ଜଗନ୍ନାଥପ୍ରେମୀଙ୍କ ମନରେ ସନ୍ଦେହ ସୃଷ୍ଟି ହେଲାଣି। ତେଣୁ ରାଜ୍ୟ ସରକାର ରତ୍ନଭଣ୍ଡାରର ଗଣତିମଣତିକୁ ନେଇ ଆଉ ଅଧିକ ରାଜନୀତି ନ କରି ଜନ ସାଧାରଣଙ୍କ ମନରୁ ସନ୍ଦେହ ଦୂର କରନ୍ତୁ ବୋଲି ଡଃ ମହାନ୍ତି କହିଛନ୍ତି।

# ମଝିଆର ତଣ୍ଟିକାଟି ହତ୍ୟାକଲା ବଡ଼ଭାଇ

**ଭୋଗରାଇ,୧୧।୭(ସମିସ):** ମଝିଆ ଭାଇକୁ ରାତି ଅଧରେ ଘରକୁ ଡାକିନେଇ ଧାରୁଆ ଅସ୍ତ୍ରରେ ଅତି ବିଭତ୍ସ ଭାବେ ତଣ୍ଟିକାଟି ହତ୍ୟାକରିଛି ବଡ଼ଭାଇ। ଏଭଳି ଅଭାବନୀୟ ଘଟଣା ବାଲେଶ୍ୱର ଜିଲ୍ଲା ଭୋଗରାଇ ଥାନା ଅନଲିଆ ପଞ୍ଚାୟତ ମାନକୁଣ୍ଡାରେ ଘଟିଛି। ଖବର ପାଇ ଶୁକ୍ରବାର ସକାଳେ ଘଟଣାସ୍ଥଳରେ ଜଳେଶ୍ୱର ଏସ୍‌ଡିପିଓ ମାନସ କୁମାର ଦେଓ, ଭୋଗରାଇ ଥାନା ଅଧିକାରୀଙ୍କ ସହ ପୁଲିସବାହିନୀ ଓ ବାଲେଶ୍ୱର ସାଇଣ୍ଟିଫିକ ଟିମ୍ ପହଞ୍ଚି ହତ୍ୟାକାରୀଙ୍କ ଘରେ ଛାନଭିନ କରିଥିଲେ। ଏଥିସହ ଜଣେ ମହିଳା ଓ ଆତ୍ମୀୟଙ୍କର ବୟାନକୁ ରେକର୍ଡ ମଧ୍ୟ କରିଛନ୍ତି।



**ହତ୍ୟାକାରୀ ଫେରାର**

ସୂଚନାନୁଯାୟୀ, ଗ୍ରାମର ନିଆସୀ ମଣ୍ଡଳ(୫୨)ଙ୍କ ୩ ଭାଇ ଅଲଗା ଘରକରି ରୁହନ୍ତି। ୩ ଭାଇଙ୍କ ବିବାହ ସରିଥିବା ବେଳେ ବଡ଼ଭାଇ ନିଆସୀଙ୍କ ଅତ୍ୟାଚାରରେ ପୁଅ ଓ ସ୍ତ୍ରୀ ଘରୁ ପଳାଇଯାଇ ଭିନ୍ନ ରାଜ୍ୟରେ ରହି କାମ କରୁଥିବାର ତାଙ୍କ ସାନଭାଇ ତପନ ମଣ୍ଡଳ କହିଛନ୍ତି। ହତ୍ୟାକାରୀ ନିଆସୀ ଗତ ୧୦ବର୍ଷ ପୂର୍ବେ ଗ୍ରାମର ଜନୈକ ମହିଳା ରାତିରେ ଶୋଇଥିବା ବେଳେ ଧାରୁଆ ଅସ୍ତ୍ରରେ ତାଙ୍କ ହାତର ୩ ଆଙ୍ଗୁଳିକାଟି ୫ ବର୍ଷ ଜେଲଯାଇ ଫେରିଛନ୍ତି। ଏପରିକି ନିଆସୀଙ୍କ ନାମରେ ଭୋଗରାଇ ଥାନାରେ ଏକାଧିକ ମାମଲା ମଧ୍ୟ ରହିଛି। ଗତ ଗୁରୁବାର ବିଳମ୍ବିତ ରାତ୍ରିରେ ମଝିଆଁ ଭାଇ ନିମାଇଁ ମଣ୍ଡଳ(୪୫) ଘରେ ଖାଇବାକୁ ବସିଥିବା ବେଳେ ତାଙ୍କୁ ନିଆସୀ ଘରୁ ଡାକିନେଇ ଥିବାର ମୃତକଙ୍କ ସ୍ତ୍ରୀ ଗୁରୁବାରୀ ମଣ୍ଡଳ ଅଭିଯୋଗ କରିଛନ୍ତି। ସେ ରାତିରେ ଦେଢ଼ଶୁର ନିଆସୀଙ୍କୁ ପଚାରିବାରୁ ନିମାଇଁ ଘରକୁ ଚାଲି ଯାଇଛି ବୋଲି କହିବାପରେ ଅନ୍ୟ ୨ ଭାଇ ଖୋଜିଥିଲେ ବି ତାଙ୍କର ପତ୍ତା ମିଳିନଥିଲା। ସକାଳେ ଘର ସମ୍ମୁଖ ବାହାରିବା ରାସ୍ତା ପାଖରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଯୁବକଙ୍କ ମୃତଦେହ ପଡିଥିବାର ଦେଖି ଗାଁ ଲୋକେ ପୁଲିସକୁ ସୂଚନା ଦେଇଥିଲେ। ଭୋଗରାଇ ପୁଲିସ ଅଭିଯୋଗ ମୂଳେ ଏହି ଘଟଣାରେ ହତ୍ୟାକାରୀଙ୍କ ବିରୋଧରେ ବିଭିନ୍ନ ଦଫାରେ ମାମଲା ରୁଜୁକରି ପ୍ରାଥମିକ ତଦନ୍ତ ଜାରି ରଖିଥିବା ବେଳେ ଆସାମୀଙ୍କୁ ଧରିବାରେ ତଲାସୀ ଜାରି ରଖିଛନ୍ତି। ମୃତଦେହକୁ ଭୋଗରାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଯାଇ ଆତ୍ମୀୟଙ୍କୁ ହସ୍ତାନ୍ତର କରାଯାଇଛି।

ସକାଳ THE SAKALA



www.sakalaepaper.com

## ସମୀକ୍ଷା ବୈଠକରେ ସାଂସଦଙ୍କ ଅସନ୍ତୋଷ

# ହାତପାଣ୍ଠି ବିନିଯୋଗ ଦେଖାଇପାରିଲେନି ଅଧିକାରୀ

ବାରିପଦା, ୧୧।୭ (ସମିସ)



ରାଜ୍ୟ ସରକାର ଏକ ବର୍ଷ ପୂର୍ତ୍ତି ପାଳନ କରିଛନ୍ତି। ମୟୂରଭଞ୍ଜର ଲୋକସଭା ସାଂସଦ ନବଚରଣ ମାଝୀଙ୍କର ମଧ୍ୟ ଏକ ବର୍ଷ ପୂରିଛି। ଏହା ପୂର୍ବରୁ ସେ ରାଇରଙ୍ଗପୁର ବିଧାୟକ ଭାବେ ୫ ବର୍ଷ ଦାୟିତ୍ୱ ତୁଲାଇଥିଲେ। ତତ୍କାଳୀନ ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ଇଂ. ବିଶ୍ୱେଶ୍ୱର ଟୁଡୁଙ୍କୁ ବିଜେପିରୁ ପୁଣି ଟିକଟ ନ ମିଳିବାରୁ ୨୦୨୪ ସାଧାରଣ ନିର୍ବାଚନରେ ସାଂସଦ ପ୍ରାର୍ଥୀ ଭାବେ ଦଳ ନବଚରଣଙ୍କୁ ସୁଯୋଗ ଦେଇଥିଲା। ସେ ଦଳୀୟ ଟିକଟରେ ନିର୍ବାଚନ ଲଢି ବିଜେଡି ପ୍ରାର୍ଥୀ ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କୁ ପରାସ୍ତ କରି ପ୍ରଥମ ଥର ପାଇଁ ସାଂସଦ ହୋଇଛନ୍ତି। ଇତିମଧ୍ୟରେ ଏକ ବର୍ଷ ବିତି ଦ୍ୱିତୀୟ ବର୍ଷ ଆରମ୍ଭ ହେଲାଣି। ସାଂସଦ ଭାବେ ବାର୍ଷିକ ରିପୋର୍ଟ କାର୍ଡ ବର୍ତ୍ତମାନ ପ୍ରସ୍ତୁତ ସମୟରେ ସେ ତାଙ୍କ ହାତପାଣ୍ଠି ବିନିଯୋଗ ସମ୍ପର୍କରେ ବିବରଣୀ ଦେବେ; ପରନ୍ତୁ ସରକାରୀ ତଥ୍ୟ ନ ପାଇ ଜିଲ୍ଲାର ପ୍ରମୁଖ ଅଧିକାରୀଙ୍କୁ ନେଇ ଶୁକ୍ରବାର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ କରିଥିଲେ। ବୈଠକରେ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଉପସ୍ଥିତିରେ ସାଂସଦ ଶ୍ରୀ ମାଝୀ ସମସ୍ତ ଅଧିକାରୀଙ୍କ ଉପରେ ବିରକ୍ତ ପ୍ରକାଶ କରିଛନ୍ତି। ପ୍ରଥମ ବର୍ଷର ହାତପାଣ୍ଠି ବାବଦକୁ ୫ କୋଟି ପୁଣି ଚଳିତବର୍ଷର ୫କୋଟି ଟଙ୍କା ବିନିଯୋଗ ପାଇଁ ସେ ବିଭିନ୍ନ ବିଭାଗକୁ ଏକାଧିକ ପ୍ରସ୍ତାବ ଦେଇଥିଲେ ହେଁ ତାହାର ତଥ୍ୟ କୌଣସି ଅଧିକାରୀ ଦେଇପାରି ନ ଥିଲେ। ମୟୂରଭଞ୍ଜ ସାଂସଦ ଭାବେ ସେ ବାରିପଦା, ମୋରଡା, ଉଦଳା, ସାରସକଣା, ରାଇରଙ୍ଗପୁର, ଯଶିପୁର ଓ ବାଙ୍ଗିରିପୋଷି ମିଶି ୭ଟି ବିଧାନସଭା ନିର୍ବାଚନ ମଣ୍ଡଳୀରୁ ପ୍ରତିନିଧିତ୍ୱ କରୁଛନ୍ତି।

**● ମୁଁ ସବୁଥିରେ ଆଗୁଆ, ଉନ୍ନୟନ କାର୍ଯ୍ୟରେ ପଛୁଆ**

**● ବାର୍ଷିକ ରିପୋର୍ଟ କାର୍ଡରେ କଣ ଦର୍ଶାଇବି**

ପୂର୍ବରୁ ରାଜ୍ୟରେ ବିଜେଡି ସରକାର ଥିବା ବେଳେ ପୂର୍ବତନ ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ତାଙ୍କ ବାର୍ଷିକ ରିପୋର୍ଟ କାର୍ଡରେ ହାତପାଣ୍ଠି ବିନିଯୋଗ ସମ୍ବନ୍ଧିତ ସମସ୍ତ ତଥ୍ୟ ଉପସ୍ଥାପନ କରିପାରୁଥିଲେ; ହେଲେ ବର୍ତ୍ତମାନ ରାଜ୍ୟରେ ବିଜେପି ସରକାର ଥାଇ ଅଧିକାରୀ ଓ ବିଭାଗୀୟ ଉଦାସୀନତା ପାଇଁ ବିନିଯୋଗ ସମ୍ପର୍କିତ ତଥ୍ୟ ଜଣେ ସାଂସଦ ପାଇ ନ ପାରିବା ଲଜ୍ଜାଜନକ ବିଷୟ। ବୈଠକରେ ଜିଲ୍ଲାପାଳଙ୍କ ବ୍ୟତୀତ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ଅତିରିକ୍ତ ଉନ୍ନୟନ ଅଧିକାରୀ, ବାରିପଦା, ରାଇରଙ୍ଗପୁର, କରଞ୍ଜିଆ ଓ କପ୍ତିପଦା ପିଏ ଆଇଟିଡିଏ, ବାରିପଦା ଓ ରାଇରଙ୍ଗପୁର ପୌର ନିର୍ବାହୀ ଅଧିକାରୀ ଓ ସମସ୍ତ ବିଡ଼ିଓ ଉପସ୍ଥିତ ଥିଲେ ବି ସାଂସଦଙ୍କ ପ୍ରଶ୍ନର ଉତ୍ତର ନ ଦେଇ ଚୁପ ହୋଇ ବସିଥିଲେ। 'ବର୍ଷକ ମଧ୍ୟରେ ମୁଁ ସବୁ କ୍ଷେତ୍ରରେ ଆଗୁଆ ଥିବାବେଳେ ଆପଣଙ୍କ ପାଇଁ ଉନ୍ନୟନ କାର୍ଯ୍ୟରେ ପଛରେ ରହିଛି' ବୋଲି ସାଂସଦ ଶ୍ରୀ ମାଝୀ ବିରକ୍ତିଭାବ ପ୍ରକାଶ କରିଥିଲେ। ଏଥିସହିତ କେନ୍ଦ୍ରରୁ ଆସୁଥିବା ପାଣ୍ଠିକୁ ଯଥା ଶୀଘ୍ର ମୟୂରଭଞ୍ଜବାସୀଙ୍କ ଅସୁବିଧାକୁ ଦୂର ପାଇଁ ବିନିଯୋଗ ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ଯାହାର ରିପୋର୍ଟ ୭ ଦିନ ଭିତରେ ଦେବାକୁ ସେ କହିଛନ୍ତି। ମୟୂରଭଞ୍ଜର ବିକାଶରେ କେନ୍ଦ୍ରରୁ ଆସୁଥିବା ସମସ୍ତ ପାଣ୍ଠିର ସୁବିନିଯୋଗ ହେଉ ଏବଂ ଲୋକେ ମୌଳିକ ସୁବିଧାରୁ ସୁଯୋଗ ଯେପରିର ବଞ୍ଚିତ ନ ହୁଅନ୍ତୁ ସେଥିପ୍ରତି ଅଧିକାରୀମାନେ ସଚେତନ ରହିବା ପାଇଁ କହିଛନ୍ତି।

## ଚେକ୍ ବାଉନ୍ସ ମାମଲାରେ ୬ ମାସ ଜେଲ୍

**ବାରିପଦା, ୧୧।୭ (ସମିସ):** ବାରିପଦା ସ୍ଥିତ ଅତିରିକ୍ତ ଜିଲ୍ଲା ବିଚାରପତି-୧ ଏକ ଚେକ ବାଉନସ ମାମଲାରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତରେ ରାୟକୁ କାଏମ ରଖିଛନ୍ତି। ବିଚାରପତି ସତ୍ୟନାରାୟଣ ପାତ୍ର ମାମଲାରା ବିଚାର କରି ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରି ୬ମାସର କାରାଦଣ୍ଡ ଭୋଗିବାର ଆଦେଶ ପ୍ରଦାନ କରିଛନ୍ତି। ଏହା ସହିତ ୨ ଲକ୍ଷ ୪୩ ହଜାର ୪୯୦ ଟଙ୍କା ଜୋରିମାନା ପୈଠ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅନାଦେୟ ଅଧିକ ୨ମାସର କାରାଦଣ୍ଡ ଭୋଗିବେ। ଆସାମୀ ଜଣକ ହେଲେ ବାରିପଦା ଟାଉନ ଥାନା ଅନ୍ତର୍ଗତ ସୁଇଟି ସାହା। ସୂଚନା ଯୋଗ୍ୟ, ସେ ବ୍ୟବସାୟୀ ନିମନ୍ତେ ବାରିପଦା ସ୍ଥିତ ମୟୁରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କର ମହିଳା ଶାଖାରୁ ୧ଲକ୍ଷ ଟଙ୍କା ଋଣ ନେଇଥିଲେ। ଋଣ ପରିଶୋଧ ନିମନ୍ତେ ୧, ୨୧, ୭୪୫ ଟଙ୍କାର ଏକ ବ୍ୟାଙ୍କ ଚେକ ଦେଇଥିଲେ। ତେବେ ଉକ୍ତ ଚେକର ବ୍ୟାଙ୍କ ଆକାଉଣ୍ଟରେ ପର୍ଯ୍ୟାପ୍ତ ପରିମାଣର ଅର୍ଥ ନ ଥିବାରୁ ଚେକ ବାଉନସ ହୋଇଯାଇଥିଲା। ତେବେ ଏହାକୁ ନେଇ ପରିଚାଳନା ନିର୍ଦ୍ଦେଶକ ଏସଡିଜେଏମ କୋର୍ଟରେ ମାମଲା ରୁଜୁ ହୋଇଥିଲା। ପ୍ରମାଣକୁ ଭିତ୍ତିକରି ବିଚାରପତି ଶୁଣାଣି କରିଥିଲେ। ଯାହାକୁ ନେଇ ଜିଲ୍ଲା ଦୌରାଜଜ କୋର୍ଟରେ ଅପିଲ କରିଥିଲେ। ଏହାପରେ ଉକ୍ତ ମାମଲା ଏଡିଜେ-୧ ଅଦାଲତକୁ ଟ୍ରାନ୍ସଫର ହୋଇଥିଲା। ଉକ୍ତ କୋର୍ଟରେ ମଧ୍ୟ ରାୟ ପ୍ରକାଶ ପାଇଛି। ଉକ୍ତ ମାମଲାକୁ ବ୍ୟାଙ୍କ ପକ୍ଷରୁ ଆଇନଜୀବୀ ବଟକୃଷ୍ଣ ପାଢ଼ୀ ପରିଚାଳନା କରୁଥିଲେ।

## ସୁବର୍ଣ୍ଣରେଖା କେନାଲରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ମୋରଡା, ୧୧।୭ (ସମିସ):** ଚିତ୍ରଡା ଫାଣ୍ଡି ଅନ୍ତର୍ଗତ ମାକୁନ୍ଦ ଗ୍ରାମ ନିକଟ ସୁବର୍ଣ୍ଣରେଖା କେନାଲରୁ ଜଣେ ଯୁବକଙ୍କ ମୃତଦେହକୁ ଉଦ୍ଧାର କରିଛି ମୋରଡ଼ା ପୁଲିସ। ମୃତକ ଜଣକ ହେଲେ ବୈଶିଙ୍ଗା ଥାନା ଅଧୀନ କାଦ୍ରା ସାହି ସହୀଦ ନଗର ଅଞ୍ଚଳର ଭୁଜୁ ସୋରେନ(୨୫)। ଗୁରୁବାର ସନ୍ଧ୍ୟାରେ ଭୁଜୁ ସୁବର୍ଣ୍ଣରେଖା କେନାଲରେ ଗାଧୋଉଥିବାବେଳେ ପାଣିରେ ବୁଡି ଯାଇଥିଲେ। ତେବେ ଭୁଜୁଙ୍କ ମୃତଦେହ ପାଣିରେ ଭାସି ଶୁକ୍ରବାର ମୋରଡା ଥାନା ଅଧୀନ ମାକୁନ୍ଦ ମାଝୀ ସାହିରେ ଥିବା କେନାଲ ପୋଲ ନିକଟରେ ଲାଗିଥିଲା। ସ୍ଥାନୀୟ ଲୋକେ ମୃତଦେହକୁ ଦେଖି ପୁଲିସକୁ ଖବର ଦେଇଥିଲେ। ପରେ ପୁଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏଣ୍ଡ ହସ୍ପିଟାଲକୁ ପଠାଇଛି।

## ଡାକ୍ତର ଓ ଫାର୍ମାସିଷ୍ଟ ବଦଳିକୁ ନେଇ ତେଜିଲା ଅସନ୍ତୋଷ

# ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ

**କୁଆମରା, ୧୧।୭ (ସମିସ):** ଗୋପବନ୍ଧୁନଗର ବ୍ଲକ କୁଆମରା ଆଞ୍ଚଳିକ ଡାକ୍ତରଖାନା ଉପରେ ପ୍ରାୟ ୪୦ ହଜାର ଲୋକ ନିର୍ଭର କରି ଆସୁଛନ୍ତି। ଆଠ ଶଯ୍ୟା ବିଶିଷ୍ଟ ଉକ୍ତ ଡାକ୍ତରଖାନାରେ ୨ ଜଣ ଡାକ୍ତର ଓ ୨ଜଣ ଫାର୍ମାସିଷ୍ଟ ପଦ ଥିବାବେଳେ ଦୀର୍ଘ ଦିନ ଧରି ଜଣେ ଡାକ୍ତର ଓ ଜଣେ ଫାର୍ମାସିଷ୍ଟଙ୍କ ଦ୍ୱାରା ଚାଲିଥିଲା; କିନ୍ତୁଅଞ୍ଚଳବାସୀଙ୍କ ଦାବି ଓ ଆନ୍ଦୋଳନ ପରେ ବର୍ଷେ ହେବ ଏହି ପଦ ପୂରଣ ହୋଇଥିଲା। ମାତ୍ର କର୍ତ୍ତୃପକ୍ଷ ତିନି ମାସ ତଳେ ଜଣେ ଡାକ୍ତରଙ୍କୁ ଏଠାରୁ ଅନ୍ୟତ୍ର ବଦଳି କରିଦେଇଛନ୍ତି। ଏବେ ପୁଣି ଏଠାରୁ ଜଣେ ଫାର୍ମାସିଷ୍ଟଙ୍କୁ ଅନ୍ୟ ଡାକ୍ତରଖାନାକୁ ନେଇଯିବା ଫଳରେ ସେବା ବିପର୍ଯ୍ୟସ୍ତ ହୋଇଛି। ଏଠାରେ ପ୍ରତ୍ୟହ ଆଉଟ ଡୋରରେ ୨୦୦ରୁ ଊର୍ଦ୍ଧ୍ୱ ରୋଗୀ ଆସୁଛନ୍ତି। ଜଣେ ଡାକ୍ତର ଓ ଜଣେ ଫାର୍ମାସିଷ୍ଟଙ୍କ ଦ୍ୱାରା କିପରି ସ୍ୱାସ୍ଥ୍ୟ ସେବା ମିଳୁଥିବା ତାହା ଏଥିରୁ ଜଣାପଡୁଛି। ଏବେ ଡାକ୍ତର ଏବଂ ଫାର୍ମାସିଷ୍ଟଙ୍କ ବଦଳିକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଆଜି କୁଆମରା ପଞ୍ଚାୟତ ବିକାଶ ପରିଷଦର ସମ୍ପାଦକ ବିମଳ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅଞ୍ଚଳବାସୀଙ୍କୁ ନେଇ ଡାକ୍ତରଖାନା ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏ ନେଇ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷଙ୍କୁ କାର୍ଯ୍ୟରତ ଫାର୍ମାସିଷ୍ଟଙ୍କ ବଦଳି ଆଦେଶକୁ ବାତିଲ କରିବା ସହ ପୂର୍ବରୁ ବଦଳି କରାଯାଇଥିବା ଡାକ୍ତର ପଦ ତୁରନ୍ତ ପୂରଣ କରିବା ଏବଂ ଦୁଇଜଣ ଷ୍ଟାଫ ନର୍ସ ଦେବା ପାଇଁ ଦାବି ହୋଇଛି। ଯଦି ସପ୍ତାହ ମଧ୍ୟରେ ଖାଲି ପଡ଼ିଥିବା ପଦବୀକୁ ପୂରଣ କରା ନଯାଏ ତେବେ ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ଦେଶୀ ମଦ ସହ ବାଇକ୍ ଜବତ; ଜଣେ ଗିରଫ

**ବାରିପଦା, ୧୧।୭ (ସମିସ):** ବାରିପଦା ସଦର ଅବକାରୀ ବିଭାଗ ବିଭିନ୍ନ ସ୍ଥାନରେ ଚଢ଼ଉ କରି ୨୮୫ଲିଟରର ଦେଶୀ ମଦ ଜବତ କରିବା ସହିତ ଓ ୩୦୫୦ଲିଟରର ପୋଚ ନଷ୍ଟ କରିଛନ୍ତି। ଏହି ଘଟଣାରେ ଏକ ବାଇକ ମଧ୍ୟ ଜବତ କରାଯାଇଛି। ଅନ୍ୟ ଜଣେ ଫେରାର ରହିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ବାରିପଦା ସଦର ଥାନା ଅନ୍ତର୍ଗତ ଦାମୋଦରପୁର ଅଞ୍ଚଳର ବବୁଲୁ ହାଁସଦା(୪୦)। ଏନେଇ ଅବକାରୀ ବିଭାଗ ପକ୍ଷରୁ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି। ଚଢ଼ଉରେ ବାରିପଦା ସଦର ଅବକାରୀ ଥାନାର ଓଆଇସି ବ୍ରଜମୋହନ ମଲ୍ଲିକ, ପ୍ରହ୍ଲାଦ ବିଶ୍ୱାଳ, ରଜନୀକାନ୍ତ ବେହେରା, ଦିବ୍ୟାନଶୁ ପଣ୍ଡା, ଦେବରାଜ ବେହେରା ପ୍ରମୁଖ ସାମିଲ ଥିଲେ।

## ବାଇକ୍ ଡିକି ଭାଙ୍ଗି ୨ ଲକ୍ଷ ଲୁଟ୍; ପୁଲିସର ଛାନ୍‌ଭିନ୍

**ବେତନଟୀ, ୧୧।୭ (ସମିସ):** ବୈଶିଙ୍ଗା ଥାନାଠାରୁ ମାତ୍ର ୨୦୦ ମିଟର ଦୂରରେ ଥିବା ଗଳାପୋଲ ନିକଟରେ ଗୁରୁବାର ୨ ଲକ୍ଷ ଲୁଟ୍ ହୋଇଥିବା ନେଇ ଅଭିଯୋଗ ହୋଇଛି। ଅବସରପ୍ରାପ୍ତ ଶିକ୍ଷକ ନରସିଂହ ଚରଣ ଭୂୟାଁଙ୍କ ବାଇକର ଡିକି ଭାଙ୍ଗି ଦୁଇ ଜଣ ଦୁର୍ବୃତ୍ତ ନଗଦ ଦୁଇ ଲକ୍ଷ ଟଙ୍କା ଲୁଟି ନେଇ ଚମ୍ପଟ ମାରିଛନ୍ତି। ପରେ ଶ୍ରୀ ଭୂୟାଁ ଥାନାରେ ଅଭିଯୋଗ କରିଛନ୍ତି। ଶ୍ରୀ ଭୂୟାଁ ଗୁରୁବାର ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ବୈଶିଙ୍ଗା ଶାଖାରୁ ଦୁଇ ଲକ୍ଷ ଟଙ୍କା ଉଠାଇ ନିଜର ବାଇକ ଡିକିରେ ରଖିଥିଲେ। ଏହାପରେ ସେ ବୈଶିଙ୍ଗା ବଜାରର ଗଳାପୋଲ ନିକଟସ୍ଥ ଏକ ପାଇପ୍ ଦୋକାନ ସମ୍ମୁଖରେ ବାଇକ୍ ପାର୍କ କରି କିଛି ଜିନିଷ କିଣିବାକୁ ଦୋକାନକୁ ଯାଇଥିଲେ। ଏହି ସମୟରେ ଦୁଇ ଜଣ ଯୁବକ ହେଲମେଟ ପିନ୍ଧି ଏକ ବାଇକରେ ଆସି ଡିକି ଭାଙ୍ଗି ଟଙ୍କା ଲୁଟି ନେଇ ଦ୍ରୁତଗତିରେ ପଳାଇଥିଲେ। ଏହି ଘଟଣାର ଦୃଶ୍ୟ ପାଖରେ ଥିବା ଏକ ଦୋକାନର ସିସିଟିଭି କ୍ୟାମେରାରେ କଏଦ ହୋଇଛି; ଯାହା ତଦନ୍ତରେ ପୁଲିସକୁ ସହାୟକ ହେବ। ଶ୍ରୀ ଭୂୟାଁ ତୁରନ୍ତ ବୈଶିଙ୍ଗା ଥାନାରେ ଏତଲା ଦେଇଥିଲେ। ଏହାପରେ ସବ-ଇନ୍ସପେକ୍ଟର ଦେବାଶିଷ ମଣ୍ଡଳ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ ଆଧାରରେ ତଦନ୍ତ ଆରମ୍ଭ କରିଛନ୍ତି।



## ଲଗାଣବର୍ଷାରେ ଭୁଶୁଡ଼ିଲା ୭ଟି ଘର



**ରାଇରଙ୍ଗପୁର, ୧୧।୭ (ସମିସ):** ରାଇରଙ୍ଗପୁର ବ୍ଲକ ଅନ୍ତର୍ଗତ ଗୁହାଳଡାଙ୍ଗ୍ରୀ ଗ୍ରାମପଞ୍ଚାୟତରେ ଲଗାଣବର୍ଷା ଲାଗି ରହିଥିବାରୁ ୭ଟି ଘର ଭୁଶୁଡି ଯାଇଛି। ହେଲେ ଏ ଯାଏ ଏହି ପରିବାରକୁ କୌଣସି ସରକାରୀ ସହାୟତା ମିଳିନାହିଁ। ଏହିସବୁ ପରିବାର ଏବେ ପଲିଥିନ, ଛେଳି ଗୁହାଳ ଘରେ ରହୁଥିବା ସୂଚନା ମିଳିଛି। ଗ୍ରାମର ଡିବାର ନାଏକ, ସେଲାଏ ନାଏକ, ରୁବିନ ନାଏକ, ଲାଦୁଗୁଡିବାର ନାଏକ, ଲାଦୁଗୁ ନାଏକ, ଦୁର୍ଗା ମାଝୀ, କାହ୍ନା ନାଏକ, ମଞ୍ଜରୀ ନାଏକ, ମଞ୍ଜରୀ ଗୋଇପାଇଙ୍କ ଘର ସମ୍ପୂର୍ଣ୍ଣଭାବେ ଭୁଶୁଡି ଯାଇଛି। ବିପନ୍ନ ପରିବାରକୁ ଆବାସ ଯୋଜନାରେ ସାମିଲ କରିବାକୁ ନିବେଦନ କରିଛନ୍ତି। ଏ ନେଇ ଗ୍ରାମବାସୀ ପଞ୍ଚାୟତ ଓ ଆରଆଇଙ୍କୁ ଜଣାଇଥିଲେ ମଧ୍ୟ ଏ ଯାଏ କୌଣସି ସରକାରୀ ଅଧିକାରୀ ଗ୍ରାମରେ ପହଞ୍ଚି ନାହାନ୍ତି। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

## କେନ୍ଦ୍ରୀୟ ବିଦ୍ୟାଳୟରେ 'ମା' କୀ ନାମ ଏକ ପେଡ଼' କାର୍ଯ୍ୟକ୍ରମ

**ବାରିପଦା, ୧୧।୭ (ସମିସ):** ମୁରଗାବାଡି ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ-୨ ପ୍ରାଙ୍ଗଣରେ ଇକୋ କ୍ଲବ ଓ ମିଶନ ଲାଇଫ ମିଳିତ ଆନୁକୂଲ୍ୟରେ 'ମା' କୀ ନାମ ଏକ ପେଡ' କର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଲୋକସଭା ସାଂସଦ ନବଚରଣ ମାଝୀ ଯୋଗଦାନ କରି ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ ପୂର୍ବକ ଛାତ୍ରଛାତ୍ରୀଙ୍କୁ ଶିକ୍ଷାର ମୂଲ୍ୟବୋଧ ଓ ଉତ୍ତମ ଚରିତ୍ର ଗଠନ ସହ ମନୋବଳ ସୁଦୃଢ଼ ଉପରେ ମତବ୍ୟକ୍ତ କରିଥଲେ। ଅଧକ୍ଷ ଅକ୍ଷୟ କୁମାର ମଲ୍ଲିକ ବିଦ୍ୟାଳୟର ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମରେ ରାକେଶ ସିଂହ, ମନୋଜ ଦାସ ଏବଂ ଅଭିଭାବକ ପୂର୍ଣ୍ଣାନନ୍ଦ ପରିଡ଼ାଙ୍କ ସହିତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।




## କଳାବ୍ୟାଜ ପିନ୍ଧି ଆନ୍ଦୋଳନକୁ ଓହ୍ଲାଇଲା ଅମଲା ସଂଘ



**ବଡସାହି, ୧୧।୭ (ସମିସ):** ରାଜ୍ୟ ରାଜସ୍ୱ ଅମଲା ସଂଘ ୧୦ ଦଫା ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇଛି। ଏହି ଦାବି ନେଇ ସଂଘ ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଛି; ମାତ୍ର ଦାବି ପୂରଣ କରିବାରେ ସରକାର ଟାଳଟୁଳ ନୀତି ଗ୍ରହଣ କରୁଛନ୍ତି। ଫଳରେ ରାଜ୍ୟ ସଂଘର ନିଷ୍ପତ୍ତି ଅନୁସାରେ ବଡସାହି ତହସିଲର ଅମଲାମାନେ ଜିଲ୍ଲା କାର୍ଯ୍ୟକାରୀ ସଭାପତି ସନ୍ତୋଷ କୁମାର ମହାନ୍ତିଙ୍କ ନେତୃତ୍ୱରେ ୭ରୁ ୧୧ ତାରିଖ ଯାଏ କଳା ବ୍ୟାଜ ପିନ୍ଧି କାର୍ଯ୍ୟ କରୁଛନ୍ତି। ଏହା ସତ୍ତ୍ୱେ ସରକାର ଦାବି ପୂରଣ ନ କରନ୍ତି ତେବେ ୧୪ ତାରିଖରୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିବେ ବୋଲି ସଂଘ ନିଷ୍ପତ୍ତି ନେଇଛି। ଅମଲାଙ୍କ ମୂଳ ଦରମା ୨୦୧୭ ମସିହା ନିୟମ ଅନୁଯାୟୀ ଲେବଲ-୯କୁ ବୃଦ୍ଧି, ନୂତନ ପଦବୀ ସୃଷ୍ଟି କରାଯିବା ସହିତ ପଦବୀ ପୁର୍ନଗଠନ, କନିଷ୍ଠ ରାଜସ୍ୱ ଅମଲାଙ୍କ ରେସିଡେନସି ପିରିୟଡ ୬ ବର୍ଷ ଜାଗାରେ ୪ ବର୍ଷ, ବରିଷ୍ଠ ରାଜସ୍ୱ ସହାୟକ ଏବଂ ଏଏସ୍‌ଓ. ପଦବୀକୁ ଏକତ୍ରିକରଣ କରାଯାଇ କେବଳ ଏଏସଓ ରଖାଯାଉ ଏବଂ କନିଷ୍ଠ ରାଜସ୍ୱ ସହାୟକଙ୍କ ୪ ବର୍ଷ ରେସିଡେନସୀ ପିରିୟଡ ରଖାଯାଇ ଏଏସ ଓ ପଦକୁ ପଦୋନ୍ନତି, ସମସ୍ତ ସରକାରୀ କର୍ମଚାରୀ ଏବଂ ସେମାନଙ୍କର ପରିବାର ବର୍ଗଙ୍କୁ ବାର୍ଷିକ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟବୀମା ଲାଗୁ, ୨୦୨୦ ମସିହାରେ ଲାଗୁ କରାଯାଇଥିବା ପୁନଃ ଥଇଥାନ ଯୋଜନାର ନିୟମାବଳୀକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯାଇ ୧୯୯୦ ମସିହାରେ ଲାଗୁ କରାଯାଇଥିବା ନିୟମାବଳୀକୁ ପୁନଃ ପ୍ରଚଳନ ଆଦି ଦାବି ରହିଛି।

## ବାଲି ଟ୍ରାକ୍ଟର ଜବତ; ଚାଳକ ଗିରଫ

**ବାରିପଦା, ୧୧।୭ (ସମିସ):** ବେଆଇନ ଭାବେ ବାଲି ଚୋରା ଚାଲାଣ କରୁଥିବାବେଳେ ବାରିପଦା ସଦର ଥାନା ପୁଲିସ ଏକ ଟ୍ରାକ୍ଟର ଜବତ କରିବା ସହ ଚାଳକଙ୍କୁ ଗିରଫ କରିଛି। ଗିରଫ ଚାଳକ ଜଣକ ହେଲେ କୁଳିଅଣା ଥାନା ଅନ୍ତର୍ଗତ କୁକୁଡ଼ାଖୁମ୍ପି ଗ୍ରାମର ରାଜୁ ସିଂ(୨୩)। ଦର ଥାନା ପୁଲିସ ପକ୍ଷରୁ ଦାମୋଦରପୁର ଅଞ୍ଚଳରେ ପାଟ୍ରୋଲିଂ ସମୟରେ ଚୋରା ଚାଲାଣ କରୁଥିବାର ନେଇ ଜାଣିବା ପରେ ଗାଡିକୁ ଜବତ କରାଯାଇଛି। ଏନେଇ ଥାନାରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

## ଟ୍ରେନ୍ ଧକ୍କାରେ ସମାଜସେବୀଙ୍କ ମୃତ୍ୟୁ

**ବେତନଟୀ, ୧୧।୭ (ସମିସ):** ବରିଷ୍ଠ ସମାଜସେବୀ ତଥା ସାମାଜିକ ସଂଗଠକ ଭଗବାନ ମହାପାତ୍ର (୮୦)ଙ୍କ ରେଳ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସେ କଷିପଦା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଇଁ ଯିବା ସମୟରେ ଫାଟକ ବିହୀନ ଲେବଲ କ୍ରସିଂ ପାର ହେଉଥିଲେ। ଏହି ସମୟରେ ବାଲେଶ୍ୱରରୁ ବାଙ୍ଗିରିପୋଷି ଯାଉଥିବା ମେମୁ ଟ୍ରେନ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ସେ ବିଭିନ୍ନ ସଂଗଠନ ସହିତ ଜଡିତ ଥିଲେ। ଏଥି ସହିତ ରାଜ୍ୟସ୍ତରୀୟ ସଂଗଠନ ମଧ୍ୟରୁ ଓଡ଼ିଶା ପଞ୍ଚାୟତ ସମ୍ପାଦକ ସଂଘ, ଓଡ଼ିଶା ସରପଞ୍ଚ-ସମ୍ପାଦକ ସମନ୍ୱୟ ସମିତି ଓ ଅବସରପ୍ରାପ୍ତ ପଞ୍ଚାୟତ ସମ୍ପାଦକ ସଂଘର ସଦସ୍ୟ ଥିଲେ। ସେ ସର୍ବଦା ନିଜ ଅଞ୍ଚଳ ପାଇଁ ଲଢେଇ କରିଆସୁଥିଲେ। ରୂପସା ଷ୍ଟେସନର ଉନ୍ନତିକରଣ ପାଇଁ ତାଙ୍କ ଅବଦାନ ସର୍ବାଧିକ। ନିଜ ଗ୍ରାମରେ ପ୍ରତିବର୍ଷ ମାଟ୍ରିକ ଓ କଲେଜ ବିଦ୍ୟାର୍ଥୀଙ୍କ ସମ୍ବର୍ଦ୍ଧନା ସଭା, ଗ୍ରାମରେ ରକ୍ତଦାନ ଶିବିର, ଚକ୍ଷୁ ପରୀକ୍ଷା ଶିବିର ଓ ବ୍ୟାପକ ଭାବେ ବୃକ୍ଷରୋପଣର ସେ ଆୟୋଜନ କରିଆସୁଥିଲେ। ପଞ୍ଚାୟତ ସମ୍ପାଦକ ଭାବେ ଚାକିରିରୁ ଅବସର ନେଇ ସାମାଜିକ କାର୍ଯ୍ୟରେ ନିୟୋଜିତ ଥିଲେ। ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବାପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବାସଭବନରେ ଶେଷ ଦର୍ଶନ କରିଥିଲେ।



## ଲକ୍ଷାଧିକ ଟଙ୍କାର ମହୁଲ ଫୁଲ ଓ ମଦ ଜବତ; ଜଣେ ଗିରଫ

**ବିଶୋଇ, ୧୧।୭ (ସମିସ) :** ମୟୂରଭଞ୍ଜ ଜିଲ୍ଲା ବିଶୋଇ ଥାନା ଅନ୍ତର୍ଗତ ପୁଣ୍ଡିଦା ଗ୍ରାମରେ ଲକ୍ଷାଧିକ ଟଙ୍କାର ମହୁଲ ଫୁଲ, ଦେଶୀ ମଦ ଓ ମହୁଲ ପୋଚ ଜବତ ହୋଇଥିବା ବେଳେ ଏଥିରେ ସମ୍ପୃକ୍ତ ଜଣେ ଯୁବକକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଗିରଫ ଯୁବକ ଜଣଙ୍କ ହେଲେ ପୁଣ୍ଡିଦା ଗ୍ରାମର କଂଗ୍ରେସ ହାଁସଦା (୪୪)। ଜିଲ୍ଲା ଅବକାରୀ ଅଧିକ୍ଷକ ପ୍ରଶାନ୍ତ କହଁରଙ୍କ ନିର୍ଦ୍ଦେଶକ୍ରମେ ଓ ରାଇରଙ୍ଗପୁର ଅବକାରୀ ଉପ-ଅଧିକ୍ଷକ ସୌମ୍ୟରଞ୍ଜନ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଇରଙ୍ଗପୁର ଅବକାରୀ ରେଞ୍ଜ ପକ୍ଷରୁ ବିଶୋଇ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପିଙ୍କି ମାରାଣ୍ଡି ଏବଂ କର୍ମଚାରୀଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ଦ୍ୱାରା ବିଶୋଇ ଥାନା ଅନ୍ତର୍ଗତ ପୁଣ୍ଡିଦା ଗ୍ରାମ ଅଞ୍ଚଳରେ ଚଢ଼ଉ କରାଯାଇ କଂଗ୍ରେସ ହାଁସଦାଙ୍କ ବାସଗୃହରୁ ୧୪୫୦ କେଜି ମହୁଲ ଫୁଲ ଜବତ କରାଯାଇଥିଲା। ଚଢ଼ଉ ସମୟରେ ଗ୍ରାମ ନିକଟସ୍ଥ ଏକ ପୋଖରୀ ନିକଟରେ ୧୨୦ ଲିଟର ଦେଶୀ ରନ୍ଧା ମଦ ଓ ୨୨୦୦ ଲିଟର ମହୁଲ ପୋଚ ମଧ୍ୟ ଜବତ ଜବତ କରାଯାଇଥିଲା। ପରେ କଂଗ୍ରେସ ହାଁସଦାଙ୍କୁ ଗିରଫ କରାଯାଇ ଆଜି କୋର୍ଟ ଚାଲାଣ କରାଯାଇଛି। ଜବତ ହୋଇଥିବା ମହୁଲ ଫୁଲ, ଦେଶୀ ରନ୍ଧା ମଦ ଓ ମହୁଲ ପୋଚର ଆନୁମାନିକ ମୂଲ୍ୟ ୨ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ଏହି ଚଢ଼ଉରେ ବହଳଦା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ରଣଜିତ ଶବର, କରଞ୍ଜିଆ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ରଶ୍ମିରଞ୍ଜନ ନାୟକ, ଯଶିପୁର ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ସୂର୍ଯ୍ୟକାନ୍ତ ମଲ୍ଲିକ, ଶୁକୃଳି ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ କୃଷ୍ଣଚନ୍ଦ୍ର ବିନ୍ଧାଣୀ ପ୍ରମୁଖ ସାମିଲ ହୋଇଥିଲେ। ବିଶୋଇ ଅବକାରୀ ଥାନା ପକ୍ଷରୁ ଦୁଇଟି ପୃଥକ ମାମଲା ରୁଜୁ କରିଛି।



# ଚଢ଼େଇପାହାଡ଼ି ପଞ୍ଚାୟତରେ ଡିଜିଟାଲ ସେବା ଅପହଞ୍ଚ

ରାଇରଙ୍ଗପୁର, ୧୧।୭ (ସମିସ)

ବାମନଘାଟି ଉପଖଣ୍ଡ ଅନ୍ତର୍ଗତ ବିଜାତଳା ବ୍ଲକ ଚଢ଼େଇପାହାଡି ଗ୍ରାମପଞ୍ଚାୟତ ଦୁର୍ଗମ ଅଞ୍ଚଳଭାବେ ପରିଚିତ। ଗୋରୁମହିଷାଣି ଥାନା ଅଧୀନ ଏହି ଅଞ୍ଚଳରେ ଏକଦା ମାଓବାଦୀ ସକ୍ରିୟ ଥିଲେ। ଏବେ ବି ଏହି ଅଞ୍ଚଳ ବିକାଶଠୁ ବହୁ ଦୂରରେ ରହିଛି। ବଣପାହାଡ ଘେରା ଏହି ଅଞ୍ଚଳର ଅନେକ ଗାଁ, ସାହିକୁ ଏ ଯାଏଁ ଭଲ ରାସ୍ତା ନିର୍ମାଣ ହୋଇପାରିନାହିଁ। ଖରାଦିନେ ଏହି ଅଞ୍ଚଳରେ ପାନୀୟଜଳ ସମସ୍ୟା ଦେଖାଦେଇଥିଲା। ରାଜ୍ୟ ସରକାରଙ୍କ ତରଫରୁ ଏହି ଅଞ୍ଚଳର ବିକାଶ ପାଇଁ ଅନେକ ଯୋଜନା ହାତକୁ ନିଆଯାଇଛି। ଚଢ଼େଇପାହାଡି ପଞ୍ଚାୟତରେ ୨୨ଟି ରାଜସ୍ୱ ଗ୍ରାମଥିବା ବେଳେ ଏଠାରେ ବନପାଳ, ରାଜସ୍ୱ ନିରୀକ୍ଷକ, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ରହିଛି; କିନ୍ତୁ ଏହି ପଞ୍ଚାୟତରେ ଡିଜିଟାଲ ସେବା ଅଭାବ ରହିଥିବାରୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପଞ୍ଚାୟତବାସୀ ଯେପରି ମୌଳିକ ସୁବିଧା ପାଇପାରିବେ, ସେଥିପାଇଁ ସମିତି ସଭ୍ୟା କୁନି ସର୍ଦ୍ଦାର ଅଣ୍ଟା ଭିଡିଛନ୍ତି। ଏହି ଅଞ୍ଚଳର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ବହୁବାର ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଅବଗତ କରିଛନ୍ତି। ବର୍ତ୍ତମାନ ଡିଜିଟାଲ ସେବା ଯୁଗରେ ଅଞ୍ଚଳବାସୀ ଯେପରି ଡିଜିଟାଲ ସେବା ପାଇପାରିବେ ସେ ନେଇ କୁନି ସର୍ଦ୍ଦାର ଉଦ୍ୟମ ଆରମ୍ଭ କରିଥିଲେ। ସେ ଅଞ୍ଚଳବାସୀଙ୍କ ସହିତ ବହୁବାର ଜିଲ୍ଲାପାଳଙ୍କୁ ଦାବି କରିଆସୁଛନ୍ତି। ହେଲେ ଏବେ ସୁଦ୍ଧା ପଞ୍ଚାୟତବାସୀ ଡିଜିଟାଲ ସେବା ପାଇ ପାରୁନାହାନ୍ତି।



## ମହୁଲ ଫୁଲ ଗାଡ଼ି ଜବତ; ଜଣେ ଗିରଫ

ଠାକୁରମୁଣ୍ଡା, ୧୧।୭(ସମିସ): ଠାକୁରମୁଣ୍ଡା ଅବକାରୀ ଥାନା ଅନ୍ତର୍ଗତ ଭଲିଆଡାଳ ଗ୍ରାମ ପଞ୍ଚାୟତ ବାଗଦଫା ଛକ (ସିଆଯୋଡି) ସାହି ସମେଲ କିସ୍କୁ ଏକ ଗାଡିରେ ୭ କୁଇଣ୍ଟାଲରୁ ଅଧିକ ମହୁଲଫୁଲ ଚୋରାରେ ଚାଲାଣ କରୁଥିବାବେଳେ ଅବକାରୀ ବିଭାଗ ଚଢ଼ଉ କରିଥିଲା। ପରେ ଅବକାରୀ ବିଭାଗ ଗାଡି ସମେତ ମହୁଲ ଫୁଲ ଜବତ କରିଛି। ଏ ନେଇ ପୂର୍ବରୁ ଅବକାରୀ ବିଭାଗ ନିକଟରେ ସୂଚନା ମିଳିଥିଲା। ଅବକାରୀ ଥାନା ଓଆଇସି ଭାରତୀ ନାଏକଙ୍କ ନେତୃତ୍ୱରେ ଅବକାରୀ କର୍ମଚାରୀ ଚଢ଼ଉ କରିଥିଲେ। ଏ ନେଇ ଠାକୁରମୁଣ୍ଡା ଅବକାରୀ ପୁଲିସ ଏକ ମାମଲା ରୁଜୁକରି ଅଭିଯୁକ୍ତକୁ କୋର୍ଟଚାଲାଣ କରିଛି।

## ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ସ୍ମୃତିଚାରଣ ସଭା

ବଡ଼ସାହି/ମାଣତ୍ରି, ୧୧।୭(ସମିସ): ବଡ଼ସାହି ବ୍ଲକର ପୁରାତନ ତଥା ବୃହତ୍ ମୂଷାଗଡ଼ିଆର ବୃନ୍ଦାବନ ଚନ୍ଦ୍ର ମଧ ଇଂରାଜୀ ବିଦ୍ୟାଳୟ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଶ୍ୱନାଥ ଆଚାର୍ଯ୍ୟ (ଧୁନ୍ଦା ସାର)ଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଂଘ ପକ୍ଷରୁ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ବ୍ଲକ ସଂଘ ସଭାପତି ପ୍ରଶାନ୍ତ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଓ ବ୍ଲକ ସମ୍ପାଦକ ରତିକାନ୍ତ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଯତୀନ୍ଦ୍ର ମୋହନ ଶତପଥୀ, ବୈଦ୍ୟନାଥ ମିଶ୍ର, ରାଜେନ୍ଦ୍ର କୁମାର ଜେନା, ଭଗବାନ ବିଶ୍ୱାଳ, ଦେବରାଜ ନାୟକ, ହରିଶ ଚନ୍ଦ୍ର ନନ୍ଦ ଗୋସ୍ୱାମୀ, ବାସୁଦେବ ନାପିତ, ଅବନୀ କୁମାର ପତି, ଧିରେନ୍ଦ୍ର ନାଥ ଶତପଥୀ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଶେଷରେ ସମୀତ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

### ଠାକୁରମୁଣ୍ଡା-ରୁଷ୍ୱା ରାସ୍ତାରେ ଦ୍ୱିତୀୟ ପୋଲ ନିର୍ମାଣ ପ୍ରସଙ୍ଗ

# ମାମଲା ପ୍ରତ୍ୟାହାର ପରେ ବି ହେଉନି କାମ




ବଡସାହି, ୧୧।୭(ସମିସ): ବଡସାହି ବ୍ଲକରେ ଠାକୁରମୁଣ୍ଡା-ରୁଷ୍ୱା ଏମଡିଆର-୭୦ ରାସ୍ତାର ପ୍ରଶସ୍ତିକରଣ ଦୁଇବର୍ଷ ହେବ ମନ୍ଥର ଗତିରେ ଚାଲିଛି। ଫଳରେ ରାସ୍ତା ମନ୍ଥର ଗତି ଏବଂ ନିମ୍ନମାନର ନିର୍ମାଣ ଚାଲିଥିବାରୁ ଲୋକେ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ନିର୍ମାଣର ଅବଧି ୧ ବର୍ଷରୁ ଅଧିକ ସମୟ ପରେ ବି କାର୍ଯ୍ୟ ସରୁ ନ ଥିବାରୁ ଅସନ୍ତୋଷ ମୁଣ୍ଡ ଟେକିଛି। ଏହାବ୍ୟତୀତ ଏହି ରାସ୍ତା ଉପରେ ଧନାପାଳ ଛକ ନିକଟରେ ଗୋଟିଏ ପୋଲ ନିର୍ମାଣ ହୋଇଥିବା ବେଳେ କିଛି ଦୂରରେ ଅନ୍ୟ ଏକ ପୋଲ ପାଇଁ ଲୋକେ ଦାବି କରିଆସୁଥିଲେ। ପରେ ବିଭାଗୀୟ ଅଧିକାରୀ ସ୍ଥାନ ପରିଦର୍ଶନ କରି ସେଠାରେ ଅନ୍ୟ ଏକ ପୋଲ ଆବଶ୍ୟକତାକୁ ଉପଲବ୍ଧି କରି ଠିକାଦାରଙ୍କୁ କାର୍ଯ୍ୟ ଆରମ୍ଭ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ସମ୍ପୃକ୍ତ ଠିକାଦାର ରାସ୍ତାକାଟି ପୋଲ ନିର୍ମାଣ କରିବା ପାଇଁ କାମ ଆରମ୍ଭ କରିଥିଲେ। ମାତ୍ର ଅଞ୍ଚଳର ଶଶିଧର ମହାନ୍ତ ନାମକ ଜଣେ ବ୍ୟକ୍ତି ସେହି ସ୍ଥାନରେ ତାଙ୍କ ଜମି ନଷ୍ଟ ହୋଇଯିବା ଦର୍ଶାଇ ହାଇକୋର୍ଟର ଆଶ୍ରୟ ନେଇଥିଲେ। ସମାଜସେବୀ ତଥା କଂଗ୍ରେସର ବରିଷ୍ଠ ନେତା ପ୍ରକାଶ କର ମହାପାତ୍ରଙ୍କ ନେତୃତ୍ୱରେ ଧନାପାଳ, ଉତ୍ତରପାଳ ଓ କୁଡିମୁଣ୍ଡା ଗ୍ରାମବାସୀ ହାଇକୋର୍ଟରେ ଏହି ମାମଲାର କୌଣସି ସତ୍ୟତା ନାହିଁ ଦର୍ଶାଇ ଏହାର ପ୍ରତିବାଦ କରିଥିଲେ। ଫଳରେ କେତେକ ଶୁଣାଣି ପରେ ଶ୍ରୀ ମହାନ୍ତ କୌଣସି କାରଣ ପାଇଁ ଗତ ଜୁନ ୨୪ ତାରିଖରେ ତାଙ୍କ ମାମଲାକୁ ପ୍ରତ୍ୟାହାର କରି ନେଇଥିଲେ। ମାତ୍ର ମାମଲା ପ୍ରତ୍ୟାହାର କରିବାର ୧୫ଦିନରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ବି ରାସ୍ତା କାମ ତ୍ୱରାନ୍ୱିତ ହୋଇପାରୁନାହିଁ। ଫଳରେ ଅଧାକଟା ଯାଇଥିବା ରାସ୍ତା ସହିତ ସଂଲଗ୍ନ ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଯାଇଛି। ଏ ନେଇ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଗଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଆଗାମୀ ୧୨ ତାରିଖ ସୁଦ୍ଧା ଯଦି ଏହି ପୋଲ ନିର୍ମାଣ କାମ ଆରମ୍ଭ ନ ହୁଏ ତେବେ ଅଞ୍ଚଳବାସୀ ୧୩ ତାରିଖରେ ରାସ୍ତା ଅବରୋଧ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ, ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ, ବୈଶିଙ୍ଗା ଆଇଆଇସିଙ୍କୁ ମଧ୍ୟ ଅବଗତ କରାଯାଇଛି।

## ରେଳ ଷ୍ଟେସନରୁ ଅଚିହ୍ନା ଯୁବତୀ ଉଦ୍ଧାର

ବୈଶିଙ୍ଗା, ୧୧।୭(ସମିସ): ବୈଶିଙ୍ଗା ଥାନା ଅଧୀନ ଯୁଗପୁରା ରେଳ ଷ୍ଟେସନରେ ଗୁରୁବାର ପୂର୍ବାହ୍ନରେ ଏଣେତେଣେ ବୁଲୁଥିବା ଜଣେ ଅଚିହ୍ନା ଦିବ୍ୟାଙ୍ଗ ଯୁବତୀଙ୍କୁ ଉଦ୍ଧାର କରି ରେଳବାଇ ପୁଲିସ ସହାୟତାରେ ଥାନାରେ ଜିମାଦେଲେ ସ୍ଥାନୀୟ ସମାଜସେବୀ। ଯୁବତୀ ଜଣକ ଯୁଗପୁରା ରେଳ ଷ୍ଟେସନରେ ଏଣେତେଣେ ଘୁରିବୁଲୁଥିଲା। ସେ ଷ୍ଟେସନ ପ୍ରାଙ୍ଗଣରେ ବୁଲୁଥିବାର ଅନେକ ଲୋକ ଦେଖିଥିଲେ ବି କେହି କିଛି ପଚାରି ନଥିଲେ। ତେବେ ଦୀର୍ଘ ସମୟ ପରେ ସ୍ଥାନୀୟ ଷ୍ଟେସନ ସୁରକ୍ଷା ପରିଷଦର ସଦସ୍ୟ ତଥା ସମାଜସେବୀ ଅଶ୍ୱିନୀ ମହାରଣା, ବିଜୟ ରାଉତ, ଗିରିଶ ରାଉତ, ହରିହର ମହାପାତ୍ର, ଭୋଳାନାଥ ନାୟକ ପ୍ରମୁଖଙ୍କ ନଜରରେ ପଡ଼ିଥିଲା ଉକ୍ତ ଦିବ୍ୟାଙ୍ଗ ଯୁବତୀ। ସେମାନେ ଯୁବତୀଙ୍କୁ ପରିଚୟ ବିଷୟରେ ପଚାରିବାରୁ ସେ କିଛି କହିନପାରି କେବଳ ହାତରେ ଠାରି ଥିଲା। ସେଇଠୁଁ ଜଣାପଡ଼ିଥିଲା କି ଯେ ଯୁବତୀ ଦିବ୍ୟାଙ୍ଗ। ପରେ ବୈଶିଙ୍ଗା ଥାନା ଓ ରେଲୱେ ପୁଲିସକୁ ଖବର ଦେଇଥିଲେ। ରେଲୱେ ପୁଲିସ ଏଏସଆଇ ଜ୍ୟୋତି ପ୍ରକାଶ ଓ ବୈଶିଙ୍ଗା ଥାନାର ଏକ ଟିମ ଷ୍ଟେସନ ନିକଟରେ ପହଞ୍ଚି ଯୁବତୀକୁ ଉଦ୍ଧାର କରି ଥାନାକୁ ଆଣିଥିଲେ। ତେବେ ଯୁବତୀ ଜଣକ କିଛି କହିପାରୁ ନଥିବାରୁ ପୁଲିସ ଯୁବତୀର ସଠିକ ଠିକଣା ପାଉନଥିଲା। ତେବେ ଅଧିକ ଅନୁସନ୍ଧାନରୁ ଯୁବତୀର ଠାରକୁ ଅନୁଧ୍ୟାନ କରି ସେ ବାଙ୍ଗିରିପୋଷି ସୁପରଫାଷ୍ଟ ଟ୍ରେନରେ ଭୁଲରେ ଆସିଥିବାର ଅନୁମାନ କରିଥିବାବେଳେ ତାଙ୍କ ନାମ ଶ୍ରୀମତୀ ମାରାଣ୍ଡି ବୋଲି ଅନୁମାନ କରିଥିଲେ। ପରେ ପୁଲିସ ଯୁବତୀଙ୍କୁ ବାରିପଦା ସ୍ଥିତ ୱାନ ଷ୍ଟପ ସେଣ୍ଟର ହେପାଜତକୁ ପଠାଇ ଦେଇଥିଲେ।

## ଯାତ୍ରୀ ପ୍ରତୀକ୍ଷାଳୟ ମଦୁଆଙ୍କ ଆଡ୍ଡାସ୍ଥଳୀ



ରାଇରଙ୍ଗପୁର, ୧୧।୭(ସମିସ): ରାଇରଙ୍ଗପୁର କଲେଜ ଛକ ନିକଟରେ ଥିବା ଯାତ୍ରୀ ପ୍ରତୀକ୍ଷାଳୟଟି ଏବେ ମଦୁଆଙ୍କ ଆଡ୍ଡାସ୍ଥଳ ପାଲଟିଛି। ଏଭଳି ଚିତ୍ର ରାଇରଙ୍ଗପୁର ପୌରପରିଷଦ ଅନ୍ତର୍ଗତ କଲେଜ ଛକ ଫାଟକ ସମ୍ମୁଖରେ ଦେଖିବାକୁ ମିଳିଛି। ଅସାମାଜିକମାନେ ଯାତ୍ରୀ ପ୍ରତିକ୍ଷାଳୟରେ ମଦ ବୋତଲ ଏଣେତେଣେ ପକାଇଥିବାରୁ ଯାତ୍ରୀ ସେଠାକୁ ଯିବାକୁ ଉଚିତ ମଣୁନାହାନ୍ତି। ଟାଉନ ପୁଲିସ ଏଥିପ୍ରତି ଦୃଷ୍ଟି ଦେଉନାହିଁ।

## ରାଧାକୃଷ୍ଣ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠା ଦିବସ




ବଡସାହି, ୧୧।୭(ସମିସ): ବଡସାହି ବ୍ଲକ ସିଂହଟିଆସ୍ଥିତ ସରକାରୀ ରାଧାକୃଷ୍ଣ ଉଚ୍ଚ ବିଦ୍ୟାଳୟର ୬୧ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏଥିରେ ପ୍ରଧାନଶିକ୍ଷକ ହରିହର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ପୁରାତନ ଛାତ୍ର ସଂସଦ ଓ ଆଲୁମିନି କମିଟିର ସଭାପତି ମନୋରଞ୍ଜନ ବଳ, ସମ୍ପାଦକ ସୁବୋଧ କୁମାରଦଣ୍ଡପାଟ, ପରିଚାଳନାକମିଟିରସଦସ୍ୟସଦାଶିବମହାପତ୍ର, ଅବସରପ୍ରାପ୍ତକ୍ରୀଡା ଶିକ୍ଷକ କଳାକାର ଦଣ୍ଡପାଟ ଓ ନବକିଶୋର ସେନାପତି ପ୍ରମୁଖ ୬୧ବର୍ଷର ଇତିହାସକୁ ରୋମନ୍ଥନ କରିଥିଲେ। ଉତ୍ତମ ପରିବେଶ କିପରି ଛାତ୍ରଛାତ୍ରୀଙ୍କ ଜୀବନ ଗଠନରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ ସେ ନେଇ ବକ୍ତବ୍ୟ ରଖିଥିଲେ। ଶିକ୍ଷକ ନିଗମାନନ୍ଦ ମହାପାତ୍ର ଅତିଥି ପରିଚୟ ଓ ଶିକ୍ଷୟିତ୍ରୀ ମିନତୀ ଧଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଯକ୍ଷ୍ମା ରୋଗୀଙ୍କୁ ପୁଷ୍ଟିକର ଖାଦ୍ୟ ବଣ୍ଟନ

ରାଇରଙ୍ଗପୁର, ୧୧।୭(ସମିସ): ଶୁକ୍ରବାର କୁସୁମୀ ବ୍ଲକ ଅନ୍ତର୍ଗତ ବାଦାମପାହାଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କଳିଙ୍ଗ ନେଟୱର୍କ ଫର୍ ପିପୁଲ୍ ୟୁଥ୍ ଏଚ୍‌ଆଇଭି ଏଡ୍ସ ସେଚ୍ଛାସେବୀ ସଂଗଠନ ପକ୍ଷରୁ ପ୍ରଧାନମନ୍ତ୍ରୀ ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଦାମପାହାଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଚିକିତ୍ସା ଅଧିକାରୀ ଡାକ୍ତର ରିତେଶ ଚୈତନ୍ୟ, ବରିଷ୍ଠ ଯକ୍ଷ୍ମା ତଦାରଖକାରୀ ରୋହିତ ବାରିକ, ବିପିଏମ୍ ନିରାକାର ନାୟକ ଓ କଳିଙ୍ଗ ନେଟୱର୍କର କର୍ମଚାରୀ ନିଳୟ କୁମାର ମହାନ୍ତ ପ୍ରମୁଖ ବ୍ଲକର ୨୧ ଜଣ ଯକ୍ଷ୍ମା ରୋଗୀଙ୍କୁ ମାଗଣାରେ ପୁଷ୍ଟିକର ଖାଦ୍ୟ ପୁଡିଆ ବଣ୍ଟନ କରିଥିଲେ।

## ଜିଲ୍ଲା ପେସା ଗ୍ରାମସଭା ପକ୍ଷରୁ ଦାବିପତ୍ର



ରାଇରଙ୍ଗପୁର, ୧୧।୭(ସମିସ): ମୟୂରଭଞ୍ଜ ଜିଲ୍ଲା ପେସା ଗ୍ରାମ ସଭା କୋର୍ଡିନେସନ କମିଟି ପକ୍ଷରୁ କୁସୁମୀ ତହସିଲ କାର୍ଯ୍ୟାଳୟ ଠାରେ ପୁରୁଣିଆ ପେସା ଗ୍ରାମସଭା ଏବଂ ପେସାଦର ପେସା ଗ୍ରାମ ସଭା ତରଫରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଆଦିବାସୀ ଲୋକଙ୍କ ଜମି ରେକର୍ଡ କଲମ-୨ରେ ମହିଳା ସଦସ୍ୟଙ୍କ ନାମ ଅନ୍ତର୍ଭୁକ୍ତ କିମ୍ବା ରେକର୍ଡ ନ କରିବା ଯେଉଁ ଆଦିବାସୀ ମହିଳାଙ୍କ ପୂର୍ବରୁ ପୈତୃକ ସମ୍ପତ୍ତି (ଜମି ରେକର୍ଡ)ରେ ଅନ୍ତର୍ଭୁକ୍ତ କିମ୍ବା ନାମ ରେକର୍ଡ ହୋଇ ସାରିଛି। ସମ୍ପୃକ୍ତ ଜମି ରେକର୍ଡ କଲମ-୨ରୁ ମହିଳା ସଦସ୍ୟଙ୍କ ନାମ ବାଦ ଦେବା, ତୁରନ୍ତ ପେସା ନିୟମ ପ୍ରସ୍ତୁତ କରିବା ଏବଂ ଓଡ଼ିଶା ରାଜ୍ୟର ଅନୁସୂଚିତ ଅଞ୍ଚଳରେ ପେସା ଆଇନ ୧୯୯୬କୁ କଡାକଡି କାର୍ଯ୍ୟକାରୀ କରିବା ପାଇଁ ଦାବି କରାଯାଇଛି। ଜିଲ୍ଲା ପେସା ଗ୍ରାମ ସଭା ସଂଯୋଜକ କମିଟି ସଭାପତି ରବୀନ୍ଦ୍ର ନାଥ ନାୟକ, ସମ୍ପାଦକ ନିରଞ୍ଜନ ଟୁଡୁ ଏବଂ ପେଚାଦର ଗ୍ରାମ ପେସା ସଭାପତି କାଲେୟାନ ସୋରେ. ସମ୍ପାଦକ ଦାଖିନ ହାଁସଦା ଏବଂ ପେସାଦର ଗ୍ରାମର ରାମରାୟ ମୁର୍ମୁ, ଲକ୍ଷ୍ମଣ ମାର୍ଣ୍ଡି ଓ ପୁରୁନିଆ ଗ୍ରାମର ସିଙ୍ଗରାଇ ଟୁଡୁ, ସାମୁ ଟୁଡୁ, ରାଜମାଲ ମୁର୍ମୁ ସମେତ ସମସ୍ତ ପେସା ଗ୍ରାମ ସଭା ସଂଯୋଜକ କମିଟିର ସଦସ୍ୟ ଉପସ୍ଥିତ ଥିଲେ।

## ଏମ୍‌ପିସି ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ




ବାରିପଦା, ୧୧।୭(ସମିସ): ମୟୂରଭଞ୍ଜ ମାଟିର ଗୌରବମୟ ଶିକ୍ଷା ସୌଧ ଏମପିସି ମହାବିଦ୍ୟାଳୟର ୭୮ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷା ଡ. ଆଲବର୍ଟିନା ତିର୍କୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମହାରାଜା ପ୍ରବୀଣ କୁମାର ଭଞ୍ଜଦେଓ ନିଜ ବକ୍ତବ୍ୟରେ ପିଲାଦିନର ସ୍ମୃତି ଓ ଓଡ଼ିଶାର ବିକାଶ ସହ ମୟୂରଭଞ୍ଜର ଆଧୁନିକୀକରଣ ଓ ମହାରାଣୀ ତକତ କୁମାରୀଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ମହାରାଣୀ ରଶ୍ମୀ ରାଜ୍ୟଲକ୍ଷ୍ମୀ ପରିଚାଳନା କମିଟିର ସଭାପତି ମେଜର୍ ଡ. କଳ୍ପନା ଦାସ, ଆଲୁମିନି ସଂଘର ସଭାପତି ଡ. ବିଜୟ କୁମାର ଅଗ୍ରୱାଲ, ନିମନ୍ତ୍ରିତ ଅତିଥି ଭାବେ ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା, ପ୍ରାକ୍ତନ ଅଧ୍ୟକ୍ଷା ପ୍ର. ଝରଣା ବେହେରା, ପୂର୍ବତନ ବିଧାୟକ ଛତିଶଚନ୍ଦ୍ର ଧଳ, ହିମାବିନ୍ଦୁ ମାରି ଗାଣ୍ଟି, ଚିନ୍ମୟ ଦାସ ପଟ୍ଟନାୟକ ଓ ରାଜୀବ ପାତ୍ର ପ୍ରମୁଖ ମହାବିଦ୍ୟାଳୟର ଇତିହାସ ଓ ଶୈକ୍ଷିକ ଅଗ୍ରଗତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ଡ. ଦୟାନିଧି ପରିଡ଼ା ଅତିଥି ପରିଚୟ ଓ ଅଧ୍ୟାପିକା ଡ. ଶିଳ୍ପା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଡିଗ୍ରୀ କଲେଜରେ କ୍ୟାରିୟର କାଉନସେଲିଂ କର୍ମଶାଳା




କପ୍ତିପଦା, ୧୧।୭(ସମିସ): ନୂଆସାହି ଡିଗ୍ରୀ କଲେଜରେ ଛାତ୍ରଛାତ୍ରୀଙ୍କୁ ପ୍ରତିରକ୍ଷା ବିଭାଗର କିପରି ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିପାରିବେ ସେହି ଉଦ୍ଦେଶ୍ୟରେ କ୍ୟାରିୟର କାଉନସେଲିଂ ଅଧ୍ୟକ୍ଷା ଡ. ଲିପିକା ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବାରିପଦା ସ୍ଥିତ ଦକ୍ଷତା ବିକାଶ ତଥା ନିଯୁକ୍ତି କାର୍ଯ୍ୟାଳୟ ସହଭାଗିତାରେ ଭାରତୀୟ ବାୟୁ ସେନା ଅଗ୍ନିବୀର ଯୋଜନାରେ ନିଯୁକ୍ତି ନିମନ୍ତେ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୁକ୍ତି ଅଧିକାରୀ ଆଶିଷ କୁମାର ବସନ୍ତିଆ, ନବମ ଏୟାରମ୍ୟାନ ସିଲେକ୍ସନ ସେଣ୍ଟର୍ ଭୁବନେଶ୍ୱର ୱାରେଣ୍ଟ ଅଫିସର ଦୀପକ କୁମାର ଓ କର୍ପୋରାଲ ଅବିଶ ପ୍ରମୁଖ ବକ୍ତବ୍ୟ ରଖିଥିଲେ। କୋର୍ଡିନେଟର ଡ. ନିବାରଣ ଶତପଥୀ ଅତିଥି ପରିଚୟ ଓ ଅଧ୍ୟାପକ ଲମ୍ବୋଦର ବାରିକ ଧନ୍ୟବାଦ୍ ଅର୍ପଣ କରିଥିଲେ। ଶେଷରେ ଏକ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ଗୁରୁ ପୂର୍ଣ୍ଣିମାରେ ସଦଭାବନା ସମିତିର ସନ୍ଥ ଦିବସ

ବାରିପଦା, ୧୧।୭(ସମିସ): ଗୁରୁପୂର୍ଣ୍ଣିମା ଅବସରରେ ସଦ୍‌ଭାବନା ସମିତି ଆନୁକୂଲ୍ୟରେ ସ୍ଥାନୀୟ ଗୋପବନ୍ଧୁ ଭବନରେ ୫୫୩ତମ ସନ୍ଥ ଦିବସ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତିଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମିତି ସଦସ୍ୟ ପ୍ରାକ୍ତନ ଅଧ୍ୟକ୍ଷ ସନ୍ଦିପ କୁମାର ଚାନ୍ଦ ପୌରୋହିତ୍ୟ କରିଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ 'ଏବେ ଘରେ ଘରେ ରାମାୟଣ ଘରେ ଘରେ ମହାଭାରତ' ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ପ୍ରାରମ୍ଭରେ ବ୍ୟାସଦେବ ଓ ଚାଣକ୍ୟଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷାକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଯୋଗଦେଇ ବାର୍ଦ୍ଧକ୍ୟର ବାରାଣସୀ ମାନି ସରଳ ନିରଳସ ଜୀବନ ଧାରା ଘରକୁ ବୈକୁଣ୍ଠ ସମାନ କରିଥାଏ ବୋଲି ବକ୍ତବ୍ୟ ରଖିଥିଲେ। ଓଡ଼ିଶାରେ ମାନବ ଧର୍ମର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ଘରର ମୁରବୀ ଜଳରେ ପଦ୍ମପତ୍ର ସରି ବୈରାଗ୍ୟ ଭାବକୁ ଆପଣେଇ ଆକଟ ନ ରଖିଲେ ଘର ରାମାୟଣ ମହାଭାରତର ପୀଠ ପାଲଟିଯାଏ ବୋଲି ବକ୍ତବ୍ୟ ରଖିଥିଲେ। ଉଦ୍‌ଘାଟକ ଭାବେ ପୂର୍ବତନ ପିସିସିଏଫ ତଥା ଲୋକପାଳ ସଦସ୍ୟ ଦେବବ୍ରତ ସ୍ୱାଇଁ ଯୋଗଦେଇ ଘର ଏକ ବଞ୍ଚନା ଏବଂ ସଂସ୍କାର ନ ଥାଇ ଯେ କୌଣସି ଘର ଗୃହସ୍ଥାଶ୍ରମ ନୁହେଁ ବୋଲି ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥିଭାବେ ସାମ୍ବାଦିକ ଡ ବିଜୟ କୁମାର ଅଗରୱାଲା ଘରେ ପିତାମାତାଙ୍କ ମଧୁର ଆଦର ଆଶିଷର ଅଭାବ ହେଲେ ସେ ଘରେ ରାମାୟଣ ମହାଭାରତ ସ୍ୱାଭାବିକ୍ ବୋଲି ବାର୍ତ୍ତା ରଖିଥିଲେ। ପ୍ରଜାପିତା ବ୍ରହ୍ମକୁମାରୀ, ସତସଙ୍ଗ ବିହାର, ଠାକୁର ନିଗମାନନ୍ଦ, ଗାୟତ୍ରୀ ପରିବାର, ମୁନିସମାଜ, ସତ୍ୟସାଇ ସେବା ସଂସ୍ଥାନ, ବିବେକାନନ୍ଦ କେନ୍ଦ୍ର, ଖାଲସାପନ୍ଥ, ଇସ୍‌ଲାମ୍ ଶାଖା, ଈସାଇ ଶାଖାର ସଦସ୍ୟ ବର୍ଗ ମଧ୍ୟ ବକ୍ତବ୍ୟ ରଖିଥିଲେ। ସମିତିର ସମ୍ପାଦକ ମାନସ ରଞ୍ଜନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଜାତୀୟ କନିଷ୍ଠ ରଗବୀ ରୌପ୍ୟ ବିଜେତା ଦଳରେ ମୟୂରଭଞ୍ଜର ୨ ଖେଳାଳି




ବାରିପଦା, ୧୧।୭(ସମିସ): ଗତ ୮ରୁ ୯ ତାରିଖ ପର୍ଯ୍ୟନ୍ତ ଉତ୍ତରାଖଣ୍ଡର ଡେରାଡୁନଠାରେ ଶେଷ ହୋଇଥିବା ୭ମ ଜାତୀୟ କନିଷ୍ଠ ରଗବୀ ପ୍ରତିଯୋଗିତାରେ ଓଡ଼ିଶା ଦଳ ରୌପ୍ୟ ପଦକ ହାସଲ କରିଛି। ଏଥିରେ ମୟୂରଭଞ୍ଜ ଜିଲ୍ଲାର ଫ୍ୟୁଚର ଷ୍ଟାର୍ ସ୍ପୋର୍ଟସ ଏକାଡେମୀର ୨ଜଣ ବାଳିକା ସ୍ଥାନ ପାଇ ବିଜୟ ହେବାର ବିଶେଷ ଭୂମିକା ଗ୍ରହଣ କରିଥିଲେ। ସେମାନେ ହେଲେ; ସୁମିତ୍ରା ମୁର୍ମୁ ଓ ନମିତା ହେମ୍ବ୍ରମ। ତାଙ୍କର ଏହି ସଫଳତାର ଖବର ପାଇ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ ଦାସ, ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ଏକାଡେମୀର ନିର୍ଦ୍ଦେଶକ ଅମର କୁମାର ସେଠୀ, ଉପଦେଷ୍ଟା ସୋମନାଥ ସିଂହ, ମଙ୍ଗଲ ହାଁସଦା, କୋଚ ରୁପାଲୀ ସୋରେନ, ବାରିପଦା ଶାଖା ପରିଚାଳକ ରଣଜିତ ରାଉତ, ପ୍ରଶିକ୍ଷକ ଚନ୍ଦନ ସିଂ, ରାଜକିଶୋର ପାତ୍ର, ତରଣୀସେନ ନାୟକ, ପ୍ରତିଷ୍ଠାତା ଦିବ୍ୟରଞ୍ଜନ ଦାସଙ୍କ ସମେତ ବହୁ କ୍ରୀଡ଼ାବିତ ଅଭିନନ୍ଦନ ଜଣାଇବା ସହ ସଫଳତା କାମନା କରିଛନ୍ତି।

## ଅମଲା ସଂଘର କଳାବ୍ୟାଜ୍ ପିନ୍ଧି ପ୍ରତିବାଦ; ୧୪ରୁ ସମୂହ ଛୁଟି



ରାଇରଙ୍ଗପୁର, ୧୧।୭(ସମିସ): ବାମନଘାଟୀ ଉପଖଣ୍ଡର ରାଜସ୍ୱ ଅମଲା ସଂଘର ୧୦ ଦଫା ଦାବି ନେଇ ଜୁଲାଇ ୭ରୁ ୧୪ ପର୍ଯ୍ୟନ୍ତ ବିଭିନ୍ନ ଦାବି ନେଇ କଳାବ୍ୟାଜ ପିନ୍ଧି ପ୍ରତିବାଦ କରିଆସୁଛନ୍ତି। ସେମାନଙ୍କ ମୁଖ୍ୟ ଦାବି ହେଲା ରାଜସ୍ୱ କର୍ମଚାରୀଙ୍କ ପ୍ରାଥମିକ ଦରମା ଓଏସ ପି ୨୦୧୭ ଅନୁଯାୟୀ ଲେବଲ-୯କୁ ବୃଦ୍ଧି, ନୂତନ ପଦ ସୃଷ୍ଟି ଏବଂ ଖାଲାଥିବା ପଦରେ ନିଯୁକ୍ତି, କ୍ୟାଡ଼ର ପୁନର୍ଗଠନ, ସମସ୍ତ କର୍ମଚାରୀଙ୍କ ପାଇଁ ୨୦ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା, ୨୦୨୦ ଥଇଥାନ ସଂରକ୍ଷିତ ବନ୍ଦ କରି ୧୯୯୦ ଅନୁଯାୟୀ ଲାଗୁ କରିବା, ମୃତ କର୍ମଚାରୀଙ୍କୁ ଥଇଥାନ କରିବା, ଜିଲ୍ଲା କ୍ୟାଡର ରାଜସ୍ୱ କର୍ମଚାରୀଙ୍କୁ ଶତପ୍ରତିଶତ ପଦୋନ୍ନତି ନୂତନ ପେନସନ ସ୍ଥଗିତ କରି ପୁରୁଣା ପେନସନ ସଂରକ୍ଷିତ ଲାଗୁ କରିବା, ଜୁନିୟର ରେଭିନ୍ୟୁ ଆସିଷ୍ଟାଣ୍ଟରୁ ସିନିୟର୍ ରେଭିନ୍ୟୁ ଆସିଷ୍ଟାଣ୍ଟକୁ ପଦୋନ୍ନତି ପାଇଁ ସମୟ ଅବଧି ୪ ବର୍ଷ କରିବା ଆଦି ଦାବି ଅନ୍ତର୍ଭୁକ୍ତ। ସଂଘର ଦାବି ପୂରଣ ନିମନ୍ତେ ଯଦି ସରକାର କିଛି ପଦକ୍ଷେପ ନ ନିଅନ୍ତି ତାହାହେଲେ ଆଗାମୀ ୧୪ ତାରିଖରୁ ସମୂହ କାର୍ଯ୍ୟବନ୍ଦ ଆନ୍ଦୋଳନ ହେବ। ତେଣୁ ଜନସାଧାରଣଙ୍କ କିଛି ଅସୁବିଧା ହେଲେ ସରକାର ଦାୟୀ ରହିବେ। ଏହି ଆନ୍ଦୋଳନରେ ରାଇରଙ୍ଗପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅମଲା ସଂଘର କର୍ମଚାରୀ ପ୍ରତିବାଦ ଜଣାଇଥିଲେ। ଗୌରୀଶଙ୍କର ସାମନ୍ତରାୟ, ଚାମରୁ ବେଶ୍ରା, ଲକି ପାଣି, ପ୍ରିୟଙ୍କା ଗୁପ୍ତା, ଦେବଦତ୍ତ ମହାନ୍ତ ପ୍ରମୁଖ କର୍ମଚାରୀ ଆନ୍ଦୋଳନ ଜାରି ରଖିଛନ୍ତି।

## ବିଦ୍ୟୁତ୍ ଟ୍ରାନ୍ସଫର୍ମର ମୁକୁଳା



ରାଇରଙ୍ଗପୁର, ୧୧।୭(ସମିସ): ରାଇରଙ୍ଗପୁର ଆଟିଆଇ ଏବଂ ଅସନବଣୀ ଡିଡି ସିମେଣ୍ଟ ଇଟା ଫ୍ୟାକ୍ଟ୍ରି ପାଖରେ ଥିବା ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ମୁକୁଳା ଅବସ୍ଥାରେ ରହିଛି। ଟ୍ରାନ୍ସଫର୍ମରଟି ପାଣିରେ ବୁଡି ରହିଥିବାରୁ କେତେବେଳେ ଅଘଟଣ ଘଟିବ କହିହେବନାହିଁ। ଲଗାଣବର୍ଷା ପରେ ମୁକୁଳା କେବଲ ତାର ବୁଡିବା ରହିବା ଯୋଗୁଁ ଆଗାମୀ ଦିନରେ ଦୁର୍ଘଟଣା ଘଟି ବହୁମୂଲ୍ୟ ଜୀବନ ଯିବାର ସମ୍ଭାବନା ରହିଛି। ତେଣୁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

## ନୂତନ ସିଆର୍‌ସିସିଙ୍କ ଦାୟିତ୍ୱ ଗ୍ରହଣ

କୁଆମରା, ୧୧।୭(ସମିସ): ଗୋପବନ୍ଧୁ ନଗର ବ୍ଲକ ଶିକ୍ଷା ଅଧିକାରୀଙ୍କ ଅଧୀନରେ ୭ଟି କ୍ଲଷ୍ଟର ସିଆରସିସି ଆଜି ବ୍ଲକ ଶିକ୍ଷା ଅଧିକାରୀଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଥି ନିମନ୍ତେ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ ଶିକ୍ଷା ଅଧିକାରୀ ଡ. ଅଭିମନ୍ୟୁ ସେଠୀ, ବିଆରସିସି କୁଳମଣି ନାଏକ, ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ କର୍ତ୍ତବ୍ୟ ଓ ଦାୟିତ୍ୱ ବୋଧକତା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଉଭୟ ବିଦାୟୀ ଓ ନୂତନ ସିଆରସିସିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଅନ୍ଧାରରେ ବହଳଦା ରୋଡ଼ ଷ୍ଟେସନ




ବହଳଦା, ୧୧।୭(ସମିସ): ଝରାଡିହି ସ୍ଥିତ ବହଳଦା ରୋଡ ରେଳ ଷ୍ଟେସନ ପ୍ଲାଟଫର୍ମରେ ବିଜୁଳି ନ ଥିବାରୁ ଯାତ୍ରୀ ହନ୍ତସନ୍ତ ହେଉଛନ୍ତି। ସୂଚନା ଅନୁସାରେ ଏହି ଷ୍ଟେସନ ସର୍ବଦା ବ୍ୟସ୍ତବହୁଳ। ଏହି ରେଳପଥରେ ଦୈନିକ ଦୁଇଟି ଟ୍ରେନ୍ ଟାଟା ନଗରରୁ ବାଦାମପାହାଡକୁ ଚଳାଚଳ କରୁଥିବାବେଳେ ଅନ୍ୟ ଗୋଟିଏ ପାସେଞ୍ଜର ଟ୍ରେନ ଦୈନିକ ରାଉରକେଲା ଠାରୁ ବାଦାମପାଡକୁ ଗଡ଼ିଥାଏ। ସେହିପରି ସଂଧ୍ୟାରେ ଟାଟାନଗର ଷ୍ଟେସନରୁ ସଂଧ୍ୟା ୬ଟାରେ ଛାଡି ବହଳଦା ରୋଡରେ ୭ଟାରେ ପହଞ୍ଚିଥାଏ। ପୁଣି ବାଦାମପାହାଡରୁ ଫେରିବା ବେଳେ ରାତ୍ରି ୧୦ଟାରେ ବହଳଦାରୋଡ ଷ୍ଟେସନ ପହଞ୍ଚି ଟାଟାନଗରକୁ ଫେରିଥାଏ। ସେହିପରି ପଶ୍ଚିମବଙ୍ଗର ଶାଳିମାରଠାରୁ ବାଦାମପାହାଡ ଏବଂ ବାଦାମପାହାଡଠାରୁ ରାଉରକେଲାକୁ ସାପ୍ତାହିକ ଏକ୍ସପ୍ରେସ୍ ଟ୍ରେନ ମଧ୍ୟ ଚଳାଚଳ କରିଥାଏ। ହେଲେ ବ୍ୟସ୍ତ ବହୁଳ ବହଳଦା ରୋଡ ରେଳ ଷ୍ଟେସନରେ ଏକ ସପ୍ତାହ ହେଲା ବିଜୁଳି ଜଳୁ ନ ଥିବାରୁ ସଂଧ୍ୟା ହେଲା ମାତ୍ରେ ଘନ ଅନ୍ଧକାର ମଧ୍ୟରେ ରହିଥାଏ। ଫଳରେ ସଂଧ୍ୟା ଓ ରାତିରେ ଯାତ୍ରୀ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଷ୍ଟେସନ ମାଷ୍ଟରଙ୍କୁ ପଚାରି ବୁଝିବାରୁ ସମସ୍ୟା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ସୂଚିନା ଦିଆଯାଇଛି ଏବଂ ଶ୍ରୀଘ୍ର ମରାମତି ହେବ ବୋଲି କହିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ଅହିଂସା ଯଦି ଏକ ପରିଧି ହୁଏ, ଏହାର କେନ୍ଦ୍ରବିନ୍ଦୁ ହେଉଛି ପ୍ରେମ।
-ମାର୍ଟିନ ଲୁଥର କିଙ୍ଗ (ଜୁନିୟର)

## ମୁନୀର-ଜର୍ଦ୍ଦାରୀ ମନ୍ତ୍ରଣା

ପ୍ରତ୍ୟେକ ରାଷ୍ଟ୍ର ନିଜର ସୁରକ୍ଷା ସକାଶେ ସେନାବାହିନୀ ରଖିଛି, ହେଲେ ସେନା ବାହିନୀର ପ୍ରଭାବ ଓ ପତିଆରା ଜାହିର ପାଇଁ ଗୋଟିଏ ରାଷ୍ଟ୍ର ଅଛି, ତାହା ହେଉଛି ପାକିସ୍ତାନ। ପାକିସ୍ତାନ ସାମରିକ ମୁଖ୍ୟ କୌଣସି ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେଲେ, ନିର୍ବାଚିତ ସରକାରକୁ କ୍ଷମତାଚ୍ୟୁତ କରି ନିଜକୁ ଶାସନମୁଖ୍ୟ ଘୋଷଣା କରିଥା'ନ୍ତି। ସେଠାକାର ପରିସ୍ଥିତି ଏପରି ହୋଇଛି ଯେ ଅଧିକାଂଶ ନିର୍ବାଚିତ ସରକାର ୫ ବର୍ଷର ଶାସନ ମିଆଦ ପୂରଣ କରିବାକୁ ଅସମର୍ଥ ହୋଇଥା'ନ୍ତି। ଏହାର ମୁଖ୍ୟକାରଣ ହେଲା, ରାଷ୍ଟ୍ରର ସୁରକ୍ଷା ଓ ଆଇନ ଶୃଙ୍ଖଳା ରକ୍ଷା, ଅର୍ଥନୀତି ଓ ବିଦେଶନୀତିରେ ସାମରିକ ବାହିନୀର ପ୍ରମୁଖ ଭୂମିକା ରହୁଥିବାରୁ ଶାସନ ବ୍ୟବସ୍ଥାରେ ଅସ୍ଥିରତା ପରିଲକ୍ଷିତ ହେଉଛି। ନିର୍ବାଚିତ ଇମରାନ ଖାଁ ସରକାରକୁ କ୍ଷମତାଚ୍ୟୁତ କରି ନାମକୁମାତ୍ର ନିର୍ବାଚନ ମାଧ୍ୟମରେ ଶାହାବାଜ ସରିଫ୍‌ଙ୍କୁ ପ୍ରଧାନମନ୍ତ୍ରୀ ପଦରେ ଅବସ୍ଥାପିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ବର୍ତ୍ତମାନର ସାମରିକ ମୁଖ୍ୟ ଅସିମ ମୁନୀର। ତେଣୁ ପାକିସ୍ତାନର କ୍ଷମତାସୀନ ସରକାର ମୁନୀରଙ୍କ ଦୟା ଓ ଅନୁଗ୍ରହର ପାତ୍ର। ଯେଉଁଥିପାଇଁ 'ଅପରେସନ ସିନ୍ଦୂର'ରେ ବିପୁଳ କ୍ଷତି ଘଟିଥିଲେ ମଧ୍ୟ ଜେନେରାଲ୍ ମୁନୀରଙ୍କୁ ପାକିସ୍ତାନ ସରକାର ଫିଲ୍ଡ ମାର୍ଶାଲ୍ ମର୍ଯ୍ୟାଦା ପ୍ରଦାନ କରିଛି। ନିଜ ଦେଶ ଓ ଦେଶ ବାହାରେ ସଫଳତାର ବୟାନବାଜି କରିବାରେ ଏହି ସର୍ବୋଚ୍ଚ ସମ୍ମାନ ପ୍ରଦାନକୁ ଏକ ଅସ୍ତ୍ରରୂପେ ବ୍ୟବହାର କରାଯାଉଛି। ହେଲେ ମୁନୀରଙ୍କ ମହାତାକାଂକ୍ଷା ଏତିକିରେ ଶେଷ ହୋଇନାହିଁ। ସେ ଏବେ କ୍ଷମତାର ଶୀର୍ଷସ୍ଥାନ ହାସଲ ସକାଶେ ରାଷ୍ଟ୍ରପତି ଆସିଫ୍ ଜର୍ଦ୍ଦାରୀଙ୍କ ସହ ଗୋପନ ଆଲୋଚନା ଚଳାଇଛନ୍ତି।

କଥା ଏତେବାଟକୁ ଗଲେ ମଧ୍ୟ ପାକିସ୍ତାନ ସାମରିକ ବାହିନୀରେ ସବୁ ଠିକ୍‌ଠାକ୍ ଚାଲିନାହିଁ। ସାମରିକ ଷ୍ଟାଫ କମିଟିର ଯୁଗ୍ମ ମୁଖ୍ୟ ଜେନେରାଲ ସାହିଦ ମିର୍ଜାଙ୍କ ନେତୃତ୍ୱରେ ତିନିବାହିନୀର କିଛି ପ୍ରମୁଖ ଅଧିକାରୀ ଏକଜୁଟ ହୋଇଛନ୍ତି ମୁନୀରଙ୍କୁ କ୍ଷମତାରୁ ହଟାଇବା ସକାଶେ। ଏସବୁ ସତ୍ତ୍ୱେ ମୁନୀରଙ୍କ ପୃଷ୍ଠଭୂମି ତାଙ୍କୁ ସହାୟକ ହୋଇଛି। ସେ ମଦ୍ରାସାରେ ପାଠପଢ଼ି କ୍ଷମତାର ଏତେ ଉଚ୍ଚତର ସୋପାନକୁ ଉନ୍ନୀତ ହୋଇଥିବାରୁ ଇସଲାମ କଠୋରପନ୍ଥୀଙ୍କ ସହ ତାଙ୍କର ସୁସଂପର୍କ ରହିଛି। ସେହିଭଳି ଆଇଏସଆଇ ମଧ୍ୟ ତାଙ୍କ ନିୟନ୍ତ୍ରଣାଧୀନ। ତେଣୁ ମିର୍ଜାଙ୍କ ବିଦ୍ରୋହ କେତେଦୂର ସଫଳ ହେବ ସେନେଇ ସନ୍ଦେହ ରହିଛି। ଆୟୁବ୍ ଖାନ୍‌ଙ୍କ ପରେ ମୁନୀର ହେଉଛନ୍ତି ଦ୍ୱିତୀୟ ଫିଲ୍ଡ ମାର୍ଶାଲ, ଯାହାଙ୍କ ବିରୋଧରେ କିଛି ଆଇନଗତ କାର୍ଯ୍ୟାନୁଷ୍ଠାନ ହୋଇପାରିବନି। ଏହି ପଦମର୍ଯ୍ୟାଦାକୁ କାର୍ଯ୍ୟନିର୍ବାହୀ ଓ ଆଇନଗତ ଶୃଙ୍ଖଳା ପ୍ରୟୋଗରୁ ଅବ୍ୟାହତି ଦିଆଯାଇଛି। ଏଥିପୂର୍ବରୁ ୧୯୫୮, ୧୯୭୭ ଓ ୧୯୯୯ରେ ସାମରିକ ବିଦ୍ରୋହ ମାଧ୍ୟମରେ ଯଥାକ୍ରମେ ଆୟୁବ ଖାଁ, ଜିଆ-ଉଲ-ହକ ଓ ପରଭେଜ୍ ମୁଶାରଫ୍ ଶାସନ ମୁଖ୍ୟ ହୋଇଥିଲେ। ଏବେ ଏମାନଙ୍କ ସହ ଜେନେରାଲ ଅସୀମ ମୁନୀରଙ୍କ ନାମ ଯୋଡ଼ି ହୋଇଯିବା କିଛି ବିଚିତ୍ର ନୁହେଁ।

ପାକିସ୍ତାନ ସଂପ୍ରତି ଆର୍ଥିକ ଦୃଷ୍ଟିରୁ ଗୁରୁତର ପରିସ୍ଥିତି ଦେଇ ଗତି କରୁଥିବା ବେଳେ 'ଅପରେସନ ସିନ୍ଦୂର' ପରେ ନିଜର ସାମରିକ ସାମର୍ଥ୍ୟ ବୃଦ୍ଧି ସକାଶେ ବିପୁଳ ବ୍ୟୟବରାଦ କରିବାର ଯେଉଁ ବାଧ୍ୟବାଧକତା ସୃଷ୍ଟି ହୋଇଛି ସେଥିରେ ବେସାମରିକ କ୍ଷମତା କେନ୍ଦ୍ର ଅପେକ୍ଷା ମୁନୀରଙ୍କ ପ୍ରାଧାନ୍ୟ ବୃଦ୍ଧି ପାଇଛି। ବିଶେଷକରି ଆମେରିକା, ଚୀନ, ସାଉଦୀ ଆରବ ଓ ତୁର୍କୀ ସହ କୂଟନୈତିକ ସଂପର୍କକୁ ସୁଦୃଢ଼ କରିବାରେ ସେ ହିଁ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି। ପାକିସ୍ତାନ ରାଜନୀତିରେ ଶରିଫ୍ ଓ ଭୁଟ୍ଟୋ. ପରିବାରର ପ୍ରାଧାନ୍ୟ ଦୃଷ୍ଟିରୁ ମୁନୀରଙ୍କ ଏହି ଗୋଟି ଚାଳନାରେ ପିଏମଏଲଏନର ପ୍ରମୁଖ ନେତା କେବଳ ଅସନ୍ତୋଷ ପ୍ରକାଶ କରିନାହାନ୍ତି ଆବଶ୍ୟକ ପଡ଼ିଲେ ମିର୍ଜାଙ୍କ ନେତୃତ୍ୱରେ ପରିଚାଳିତ ସାମରିକ ଗୋଷ୍ଠୀ ସହ ହାତ ମିଳାଇବାରେ ସମ୍ଭାବନା ଅଛି। ଏସବୁ ସତ୍ତ୍ୱେ ଦେଶରେ ପ୍ରାଧାନ୍ୟ ଜାହିର କରି ଆସିଥିବା ମୁସଲିମ କଟ୍ଟରପନ୍ଥୀ ଓ ଆଇଏସ୍‌ଆଇ ସହାୟତାରେ ମୁନୀର ଆଗାମୀ ଦିନରେ କ୍ଷମତା ଦଖଲ କରିନେବାର ସମ୍ଭାବନା ଅଧିକ ବୋଲି ପର୍ଯ୍ୟବେକ୍ଷକ ମହଲ ମନେ କରନ୍ତି।

ରାଷ୍ଟ୍ରପତି ଆସିଫ ଅଲ୍ଲି ଜର୍ଦ୍ଦାରୀ ନିଜର ଅସୁସ୍ଥତା ମଧ୍ୟରେ ବିଲ୍‌ୱାଲ୍ ଭୁଟ୍ଟୋଙ୍କୁ କ୍ଷମତା ହସ୍ତାନ୍ତର କରିବାକୁ ଚାହାନ୍ତି। ପାର୍ଲାମେଣ୍ଟରେ ଦଳର ସ୍ଥିତି ଯାହା ସେଥିରେ ବିଲ୍‌ୱାଲ୍‌ଙ୍କୁ ରାଜନୈତିକ ଥଇଥାନ ସମ୍ଭବ ନୁହେଁ। ଏ କ୍ଷେତ୍ରରେ ମୁନୀରଙ୍କ ମହାତାକାଂକ୍ଷା ପୂରଣ ଉଦ୍ୟମକୁ ସେ ସର୍ତ୍ତ ସମ୍ବଳିତ ସମର୍ଥନ ଦେବା ପାଇଁ ରାଜି ହୋଇଥିବାର ଜଣାପଡ଼ିଛି। ଅସୁସ୍ଥତା ଦର୍ଶାଇ ସେ ରାଷ୍ଟ୍ରପତି ପଦରୁ ଇସ୍ତଫା ଦେଇ ମୁନୀରଙ୍କ ସକାଶେ ପଥ ପରିଷ୍କାର କରିବାକୁ ରାଜି ଅଛନ୍ତି। ତେବେ ଶରିଫଙ୍କ ସ୍ଥାନରେ ବିଲ୍‌ୱାଲ୍‌ଙ୍କୁ ପ୍ରଧାନମନ୍ତ୍ରୀ କରାଯିବା ଜରୁରୀ। କିନ୍ତୁ ଏକଥା ମନେ ରଖିବାକୁ ହେବ ଯେ ଦେଶରେ ସାଂସଦୀୟ ବ୍ୟବସ୍ଥା ବଦଳରେ ରାଷ୍ଟ୍ରପତି ପ୍ରଧାନ ଶାସନ ଯଦି ପ୍ରଭାବିତ ହୁଏ ତେବେ ଉଭୟ ଶରିଫ୍ ଓ ଭୁଟ୍ଟୋ ପରିବାର ରାଜନୈତିକ ପ୍ରାସଙ୍ଗିକତା ହରାଇବା ଏକ ପ୍ରକାର ଥୟ। ତେଣୁ ଜର୍ଦ୍ଦାରୀଙ୍କ ସର୍ତ୍ତ ଆଗକୁ ଏକ ଅର୍ଥହୀନ ପ୍ରୟାସରେ ପରିଣତ ହେବା କିଛି ବିଚିତ୍ର ନୁହେଁ।

ଜେନେରାଲ ଜିଆ ଉଲ୍ ହକ୍‌ଙ୍କ ଐତିହାସିକ ସାମରିକ ବିଦ୍ରୋହ ୧୯୭୭ରେ ସଂଘଟିତ ହୋଇଥିଲା। ତାହାର ୪୭ ବର୍ଷ ପୂର୍ତ୍ତି ଅବସରରେ ଜର୍ଦ୍ଦାରୀ କ୍ଷମତାଚ୍ୟୁତ ହେବା କିଛି ବିଚିତ୍ର ନୁହେଁ। ସଂପ୍ରତି ଉପୁଜିଥିବା ପରିସ୍ଥିତି ଜିଆଙ୍କ କ୍ଷମତା ଦଖଲର. ଇତିହାସକୁ ଉଖୁରାଇ ଦେଇଛି। ପାକିସ୍ତାନ ରାଜନୀତିର ପ୍ରମୁଖ ଅଙ୍ଗ ହେଲା ଭାରତ ବିରୋଧୀ କାର୍ଯ୍ୟାନୁଷ୍ଠାନ। ପାକିସ୍ତାନୀଙ୍କ ମନରେ ଉଗ୍ର ଜାତୀୟତାବାଦୀ ଭାବାବେଗ ସୃଷ୍ଟି କରି ଅଖଣ୍ଡ କ୍ଷମତାର ଅଧିକାରୀ ହୋଇଥା'ନ୍ତି ସାମରିକ ମୁଖ୍ୟମାନେ। ୧୯୬୫ରେ ଜେନେରାଲ ଆୟୁବ ଖାଁ ଓ ୧୯୯୯ରେ ପରଭେଜ ମୁଶାରଫ୍ ଭାରତ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ରାଷ୍ଟ୍ରନାୟକ ହୋଇଥିଲେ। ତାହାର ପୁନରାବୃତ୍ତି ଘଟିବାକୁ ଯାଉଛି ଅସିମ ମୁନୀରଙ୍କ କ୍ଷେତ୍ରରେ। ପହଲଗାମ୍‌ରେ ଆତଙ୍କବାଦୀ କାର୍ଯ୍ୟକଳାପ ସକାଶେ ସେ ପ୍ରବର୍ତ୍ତାଇବା ସହ ଆଇଏସଆଇ ସହ ମିଶି ଯୋଜନା ପ୍ରସ୍ତୁତ କରିଥିଲେ। ଯାହା ଫଳରେ ୨୬ ନିରୀହ ପର୍ଯ୍ୟଟକ ପ୍ରାଣ ହରାଇଥିଲେ। 'ଅପରେସନ ସିନ୍ଦୂର' ମାଧ୍ୟମରେ ଭାରତ ୯ଟି ଆତଙ୍କବାଦୀ କେନ୍ଦ୍ରକୁ ଧ୍ୱଂସ କରି ସରକାର ଯେଭଳି ବିପୁଳ ଜନସମର୍ଥନ ହାସଲ କରିଛନ୍ତି ସେହିଭଳି କ୍ଷୁବ୍ଧ ଆତଙ୍କବାଦୀ ସଂଗଠନକୁ ସାଂଗରେ ନେଇ ମୁନୀର ଭାରତ ବିରୋଧୀ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ତେଣୁ ଯେକୌଣସି ସମୟରେ ସେ କ୍ଷମତା କେନ୍ଦ୍ର ହେବା କିଛି ବିଚିତ୍ର ନୁହେଁ।

## ଓଡ଼ିଶାରେ ଝୋଟଚାଷର ପୁନରୁଦ୍ଧାର ସମ୍ଭବ କି?

**ବିଦ୍ୟାଧର ମହାରଣା**

ଏକ ପ୍ରମୁଖ ଅର୍ଥକରୀ ଫସଲ ହିସାବରେ ଓଡ଼ିଶାରେ ଏକଦା ପ୍ରସିଦ୍ଧି ଲାଭ କରିଥିବା ଝୋଟ ଫସଲ ଆଜି ନତଜାନୁ ଅବସ୍ଥାରେ ଅଛି। 'ସୁବର୍ଣ୍ଣ ତନ୍ତୁ' ଭାବରେ ବିଦିତ ଝୋଟ ବା ନଳିତା ଦୁଇ ପ୍ରକାରର। ମଧୁର ନଳିତା ଡିପ ଜମିରେ ଓ ପିତା ନଳିତା ଖାଲ ଜମିରେ ଚାଷ ହୁଏ। ଖରିଫ ଧାନ ପୂର୍ବରୁ ଝୋଟ ଚାଷ ହେଉଥିବାରୁ ଏହାର ପତ୍ର କିଆରୀରେ ପଚି ସଢ଼ି ଧାନ ଫସଲକୁ ଖାଦ୍ୟସାର ଯୋଗାଏ, ଯାହା ଫଳରେ ଧାନଅମଳ ବୃଦ୍ଧି ପାଏ। ସ୍ଥାନୀୟ ଅର୍ଥନୀତିକୁ ଓ କର୍ମନିଯୁକ୍ତିକୁ ଏହି ଚାଷ ପ୍ରଭାବିତ କରେ।

ନଳିତା ତନ୍ତୁରୁ ପ୍ରସ୍ତୁତ ବସ୍ତା ଇତ୍ୟାଦି ଜୈବିକ ପ୍ରଣାଳୀରେ ଅପଘଟନ ହେଉଥିବାରୁ ଏହା ପରିବେଶ ପ୍ରତି ନିରାପଦ। ଏହାର ତନ୍ତୁରେ ସେଲ୍ୟୁଲେଜ ଅଧିକ ଥିବାରୁ ପାରମ୍ପରିକ ଟେକ୍ସଟାଇଲଠାରୁ ଅଧିକ ମୂଲ୍ୟଯୁକ୍ତ ଉତ୍ପାଦ ପ୍ରସ୍ତୁତି ପାଇଁ ଏହାକୁ ବ୍ୟବହାର କରାଯାଏ। ଝୋଟ ତନ୍ତୁରୁ ବଜାରମୁଣି, ବସ୍ତା, ଦଉଡ଼ି, ସାଜସଜ୍ଜା ଉପକରଣ ଇତ୍ୟାଦି ପ୍ରକୃତି-ଅନୁକୂଳ ଦ୍ରବ୍ୟ ପ୍ରସ୍ତୁତ କରାଯାଏ। ଏଥିରୁ ମଧ୍ୟ ଗାଡ଼ିମୋଟର ପ୍ୟାନେଲ, ଘର ଆସବାବ, ଜିଓ-ପଲିମର, ଜୈବିକ ଇନ୍ସୁଲିନ୍ ପ୍ୟାନେଲ, ତନ୍ତୁ ବଳବତ୍ତର ପଲିମର, ଅଣୁସ୍ଫଟିକ ସେଲ୍ୟୁଲେଜ, ନାନୋ ସେଲ୍ୟୁଲେଜ ପ୍ରସ୍ତୁତି ପାଇଁ ଉପଯୋଗୀ। ଝୋଟ ତନ୍ତୁକୁ ମିଶାଇ କପା, ସିଲ୍କ, ସିନ୍ଥେଟିକ ବସ୍ତ୍ର, ଫେସନ ବସ୍ତ୍ର ଇତ୍ୟାଦି ପ୍ରସ୍ତୁତ କରାଯାଏ। ଅଣ ପାରମ୍ପରିକ ଟେକ୍ସଟାଇଲ ହିସାବରେ କାର୍ପେଟ, ଚଟାଣ ମଶିଣା ଓ କାନ୍ଥଝୁଲା ବସ୍ତ୍ର ମଧ୍ୟ ଝୋଟ ତନ୍ତୁ ବ୍ୟବହାର କରି ତିଆରି କରାଯାଏ। ବିଭିନ୍ନ ହସ୍ତଶିଳ୍ପ ଓ କୃଷି କ୍ଷେତ୍ରରେ ଛାଦନ ବା ମଲଚିଂଗ ପାଇଁ ଝୋଟ ତନ୍ତୁ ବ୍ୟବହାର ହେଲାଣି। ଝୋଟ କାଠିରୁ ମଣ୍ଡ ପ୍ରସ୍ତୁତ କରାଯାଇ କାଗଜ, ପାର୍ଟିକିଲ ବୋର୍ଡ, ଚାରକୋଲ୍ ଓ ହସ୍ତଶିଳ୍ପ ନିର୍ମାଣ କରାଯାଏ। ସୁତରାଂ ଝୋଟ ତନ୍ତୁରୁ ବହୁବିଧ ସମାଗ୍ରୀ ପ୍ରସ୍ତୁତି ସୁଯୋଗ ରହିଛି ଏବଂ ଏଗୁଡ଼ିକ ପରିବେଶ ପାଇଁ କୌଣସି ବିପଦ ସୃଷ୍ଟି କରେ ନାହିଁ।

ଓଡ଼ିଶାରେ ମୁଖ୍ୟତଃ ବାଲେଶ୍ୱର, କେନ୍ଦ୍ରାପଡ଼ା, କେନ୍ଦୁଝର, କଟକ ଓ ଯାଜପୁର ଜିଲ୍ଲାରେ ବହୁବର୍ଷ ଧରି ବ୍ୟାପକ ଭାବରେ ଏହି ଫସଲଟି ଚାଷ ହେଉଥିଲା। ୧୯୭୦-୭୧ ମସିହାରେ ୪୩୭୫୦ ହେକ୍ଟର ଜମିରେ ଝୋଟ ଚାଷ ହେଉଥିଲା ବେଳେ ୧୯୮୩-୮୪ ମସିହାରେ ସର୍ବାଧିକ ୫୫୦୦୦ ହେକ୍ଟର ଜମିରେ ଝୋଟଚାଷ ହୋଇ ପ୍ରାୟ ୪୧୧୯୬୦ ବେଲ୍ (୧ବେଲ୍= ୧୮୦ କିଲୋଗ୍ରାମ) ତନ୍ତୁ ଅମଳ ହୋଇଥିଲା। ଏହା ପରଠାରୁ ଝୋଟ ଚାଷ ୨୦୨୩-୨୪ରେ ୫୧୧୦ ହେକ୍ଟରରେ ସୀମିତ ହୋଇ ମାତ୍ର ୬୯୬୦୦ ବେଲ୍ ଅମଳ ହୋଇଛି। ସବୁଠାରୁ ଅଧିକ ୧୩୦୦ ହେକ୍ଟର ଝୋଟ ଚାଷ କେନ୍ଦୁଝର ଜିଲ୍ଲାରେ ହେଉଛି।

ପ୍ଲାଷ୍ଟିକ ବ୍ୟାଗ୍ ବାହାରିବା ପରେ ଝୋଟ ବ୍ୟାଗର ଚାହିଦା ହ୍ରାସ ପାଇଲା ଏବଂ ଝୋଟ ଅନ୍ୟାନ୍ୟ ଟେକ୍ସଟାଇଲ ସହିତ ପ୍ରତିଯୋଗିତା କରି ପାରିଲା ନାହିଁ। ଅସ୍ଥିର ବଜାର ସହିତ ପୁରାତନ ଚାଷପଦ୍ଧତି, ଆଧୁନିକ ବୈଷୟିକ କୌଶଳ ଅଭାବ, ବର୍ଷାଦିନେ ବନ୍ୟା, ଅମଳ ପରବର୍ତ୍ତୀ ଭିତ୍ତିଭୂମି ଅଭାବ ଓ ଜଳବାୟୁ ପରିବର୍ତ୍ତନ ଆଦି କାରଣ ଯୋଗୁଁ ଅମଳ ହ୍ରାସ ଝୋଟଚାଷ ପାଇଁ ଚାଷୀମାନଙ୍କୁ ନିରୁତ୍ସାହିତ କଲା। ଓଡ଼ିଶାରେ ଧାନମଣ୍ଡଳଠାରେ ୧୯୭୯ ରେ 'କୋଣାର୍କ ଝୋଟ କଳ' ନାମରେ ଏକମାତ୍ର କାରଖାନା ଇଡିକଲ ଦ୍ୱାରା ସ୍ଥାପିତ ହୋଇଥିଲା, ଯାହାକି ୨୦୧୨ ଠାରୁ ତାଲା ପଡ଼ିଛି। ଭାରତୀୟ ଝୋଟ ନିଗମ ଦ୍ୱାରା ଭଦ୍ରଖ ଆର୍. ଏଲ୍.ଡି ଅଧୀନରେ ଭଦ୍ରକ, କେନ୍ଦୁପାଟଣା, ଧାନମଣ୍ଡଳ, ସାଇଲଙ୍ଗା, ଦାନପୁର ଓ ମାର୍ଶାଘାଇଠାରେ ଝୋଟ ସଂଗ୍ରହ କେନ୍ଦ୍ର ସ୍ଥାପିତ ହୋଇଛି। କିନ୍ତୁ ଝୋଟଚାଷ ଜମିର ପରିମାଣ କମିଥିବାରୁ ଏଗୁଡ଼ିକ ମଧ୍ୟ ବିଶେଷ କାର୍ଯ୍ୟକ୍ଷମ ହେଉନାହିଁ। ପଶ୍ଚିମବଙ୍ଗରେ ଅଧିକ ଝୋଟଚାଷ ସହିତ ୧୦୪ ଚଟକଳ ରହିଛି, ଯାହା ଫଳରେ ଝୋଟଚାଷର ଉନ୍ନତି ହେଉଛି। ଦେଶର ପ୍ରାୟ ୭୫% ଝୋଟ ଅମଳ ପଶ୍ଚିମବଙ୍ଗ କରିଥାଏ।

ନଳିତା ଅମଳ ପରେ ଏହାକୁ ଚହଲା ପାଣିରେ କଷାଇବା ପରେ ପରିଷ୍କାର ପାଣିରେ ଏଥିରୁ ତନ୍ତୁ ବାହାର କରାଯାଏ ଏବଂ ଶୁଖାଇବା ପରେ ଗଣ୍ଠିଲି ବନ୍ଧାଯାଏ। ଝୋଟ ତନ୍ତୁର ଶକ୍ତି, ଚେର ପରିମାଣ, ରଙ୍ଗ, ସାନ୍ଦ୍ରତା ଅନୁସାରେ ଏହାକୁ ଧଳା ଓ ତୋଷା ହିସାବରେ ଚିହ୍ନଟ କରାଯାଏ। ଧଳା ଝୋଟ ଓ ତୋଷାକୁ ପାଞ୍ଚ ଶ୍ରେଣୀରେ ଗୁଣାତ୍ମକ ମାନ ଅନୁସାରେ ବିଭକ୍ତ କରାଯାଏ, ଯାହାକି ଆଗରୁ ଆଠ ପ୍ରକାର ଥିଲା। ସେହି ଅନୁସାରେ ସରକାର ସର୍ବନିମ୍ନ ସହାୟକ ମୂଲ୍ୟ ସ୍ଥିର କରନ୍ତି ଏବଂ ଭାରତୀୟ ଝୋଟ ନିଗମ ଏହାକୁ କ୍ରୟ କରେ। ଚଳିତ ବର୍ଷ ଟି. ଡି-୩ କିସମ ଝୋଟର ମୂଲ୍ୟ କୁଇଣ୍ଟାଲ ପ୍ରତି ୫୬୫୦ ଟଙ୍କା ରଖାଯାଇଛି। କିନ୍ତୁ ବଜାରରେ କୁଇଣ୍ଟାଲ ପ୍ରତି ସର୍ବନିମ୍ନ ୫୫୦୦ ଓ ସର୍ବାଧିକ ୬୮୦୦ ଟଙ୍କାରେ ବିକ୍ରୟ ହେଉଛି। ଝୋଟ ଶ୍ରେଣୀକରଣ ହାତରେ ପରୀକ୍ଷା କରି କିମ୍ବା ଡିଜିଟାଲ ଭାବରେ କରାଯାଏ। କିନ୍ତୁ ଏଥିରେ ଚାଷୀ ବହୁ ସମୟରେ ଠକାମିରେ ପଡ଼ନ୍ତି। ଝୋଟ ଚାଷରେ ଏକର ପ୍ରତି ଖର୍ଚ୍ଚ ପ୍ରାୟ ୩୫୦୦୦ ଟଙ୍କା ହେଲା ବେଳକୁ ମୋଟ ଆୟ ପ୍ରାୟ ୫୫୦୦୦ ଟଙ୍କା। ସୁତରାଂ ଏକର ପ୍ରତି ଲାଭ ପ୍ରାୟ ୨୦୦୦୦ଟଙ୍କା। ଏହା ସମ୍ଭବ ହୋଇଛି ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ଯୋଗୁଁ। ଚାଷୀ ଅଧିକ ଉନ୍ନତ ଚାଷ କରି ଅମଳ ବୃଦ୍ଧି କରିପାରିଲେ ଓ ତନ୍ତୁର ଗୁଣାତ୍ମକ ମାନ ବୃଦ୍ଧି କରିପାରିଲେ ଅଧିକ ଲଭବାନ ହୋଇପାରିବେ।

ଏଣୁ ଝୋଟ ତନ୍ତୁର ମାନ ବୃଦ୍ଧି କରିବାକୁ ଉନ୍ନତ ପ୍ରଣାଳୀରେ ଝୋଟ କଷାଇବା ଓ କାଉଁରିଆରୁ ତନ୍ତୁ ଅଲଗା କରିବା ଉପରେ ଅଧିକ ଗବେଷଣା ଆବଶ୍ୟକ। ଏତଦ୍‌ବ୍ୟତୀତ ତନ୍ତୁର ସୂକ୍ଷ୍ମତା ଓ ଶକ୍ତି ବୃଦ୍ଧି ପାଇଁ ଯାନ୍ତ୍ରିକ ଓ ରାସାୟନିକ ଉପଚାର ଉପରେ ଗବେଷଣା ମଧ୍ୟ ଆବଶ୍ୟକ। ରାସାୟନିକ ଉପଚାର ଦ୍ୱାରା ପଲିମର ସହିତ ସମକକ୍ଷ ହେବା ପାଇଁ ଏବଂ ଏହାକୁ ଜଳ ବିରୋଧୀ ଓ ବୀଜାଣୁ ରୋଧୀ କରିବା ପାଇଁ ରାସାୟନିକ ଉପଚାର ଆବଶ୍ୟକ। ଝୋଟକୁ କାଉଁରିଆ, ନଡ଼ିଆ କତା ଇତ୍ୟାଦି ପ୍ରାକୃତିକ ତନ୍ତୁ ସହିତ ମିଶ୍ରଣ କରାଯାଇପାରେ। ଏପରିକି କୃତ୍ରିମ ତନ୍ତୁ ସହିତ ମିଶ୍ରଣ କରାଯାଇପାରେ। ପରିବେଶ ସୁରକ୍ଷା ପାଇଁ ସମ୍ପୂର୍ଣ୍ଣ ଭାବରେ ମାଟିରେ ମିଶାଯାଉଥିବା ତନ୍ତୁ ନିର୍ମିତ ବୟନ ବସ୍ତୁ, ବସ୍ତା ଇତ୍ୟାଦିକୁ ବ୍ୟବହାର ପାଇଁ ଝୋଟକୁ ହାଲୁକା ଓ ଅଧିକ ଟାଣ କରିବା ଆବଶ୍ୟକ। ଏହି ତନ୍ତୁକୁ ଅଧିକ ସୁପରିବାହୀ କରିବା ସହିତ ବୀଜାଣୁ ଓ ଅଗ୍ନି ନିରୋଧକ କରିବା ପାଇଁ ନାନୋ ଟେକ୍ନୋଲୋଜିର ପ୍ରୟୋଗ କରାଯାଇପାରିବ।

ଝୋଟ ଚାଷର ବିକାଶ ପାଇଁ ବହୁ ଗବେଷଣା ଚାଲୁ ରହିଛି। ଆଧୁନିକ ବୈଷୟିକ ଜ୍ଞାନର ବ୍ୟବହାର, ଅଧିକ ଅମଳକ୍ଷମ ବିହନ, ସଠିକ ଜଳସେଚନ, ସାର ପ୍ରୟୋଗ, ରୋଗ ପୋକ ନିୟନ୍ତ୍ରଣ, ଭିତ୍ତିଭୂମି ବିକାଶ, ଉନ୍ନତ ନଳିତା କଷା ପାଇଁ ଫଙ୍ଗାଲ କଲଚର ବ୍ୟବହାର ଓ ଉନ୍ନତ ବିପଣନ ବ୍ୟବସ୍ଥା, ଅଧିକ ଝୋଟ ସଂଗ୍ରହ କେନ୍ଦ୍ର ସ୍ଥାପନ, ଚାଷୀ ସହିତ କ୍ରୟସଂସ୍ଥା ଓ ରପ୍ତାନିକାରୀଙ୍କ ସିଧାସଳଖ ସଂଯୋଗ, ସରକାରଙ୍କ ଦ୍ୱାରା ଝୋଟଚାଷ ପାଇଁ ଇନପୁଟ ସହାୟତା, ଗବେଷଣା ଓ ଉନ୍ନୟନ, କୃଷକ ପ୍ରଶିକ୍ଷଣ ଏବଂ ଝୋଟ ଆଧାରିତ ନୂତନ ଶିଳ୍ପ ସମାଗ୍ରୀ ପ୍ରସ୍ତୁତି ପାଇଁ ପ୍ରୋତ୍ସାହନ ଦିଆଗଲେ ଝୋଟ ଚାଷର ପୁନରୁଦ୍ଧାର ସମ୍ଭବ। କ୍ଷୁଦ୍ର ଶିଳ୍ପକେନ୍ଦ୍ରଗୁଡ଼ିକରେ ନୂତନ ଝୋଟ ବ୍ୟାଗ୍, ଗୃହ ସାଜସଜ୍ଜା ବସ୍ତୁ ଏବଂ ଫେସନ୍ ସମାଗ୍ରୀ ପ୍ରସ୍ତୁତି କରାଗଲେ ଝୋଟ ଚାହିଦା ବୃଦ୍ଧି ପାଇବ। ଫଳରେ ଝୋଟଚାଷ ପାଇଁ ଚାଷୀ ଅଧିକ ଉତ୍ସାହିତ ହେବେ। ଝୋଟ ତନ୍ତୁକୁ ଆହୁରି ଉନ୍ନତ କରିବା ପାଇଁ ଅଧିକ ଗବେଷଣାର ଆବଶ୍ୟକତା ରହିଛି।

ପ୍ରକ୍ରିୟାକରଣ କ୍ଷେତ୍ରରେ ନବୋନ୍ମେଷ, ସଙ୍କରୀକରଣ ଏବଂ ରାସାୟନିକ ଉପଚାର କରିପାରିଲେ ଏହାର ବହୁବିଧ ବ୍ୟବହାର ବୃଦ୍ଧି ପାଇବ। ଚାଷୀମାନେ ମଧ୍ୟ ନିଜର ଉତ୍ପାଦ ପାଇଁ ଅଧିକ ଲାଭଯୁକ୍ତ ମୂଲ୍ୟ ପାଇପାରିବେ। ସର୍ବୋପରି ଝୋଟ ତନ୍ତୁ ମଣିଷକୃତ କୃତ୍ରିମତନ୍ତୁ ପ୍ରତିବଦଳରେ ଜୈବ ଅପଘଟନୀୟ ବସ୍ତା, ପ୍ୟାକେଜ ପଦାର୍ଥ, ଫେସନ ସମାଗ୍ରୀ, ଇଲକ୍ଟ୍ରୋନିକ ପଦାର୍ଥ, ଚିକିତ୍ସା ସହାୟକ ପଦାର୍ଥ, ଜିଓଟେକ୍ସଟାଇଲ ଦ୍ରବ୍ୟ ପ୍ରସ୍ତୁତ କରିବାରେ ବିନିଯୋଗ ହୋଇପାରିବ। ଏହି ବସ୍ତୁଗୁଡ଼ିକ ପରିବେଶ ସୁରକ୍ଷା ଦୃଷ୍ଟିରୁ ନିରାପଦ ଥିବାରୁ ଏହାର ବଜାର କ୍ରମଶଃ ବୃଦ୍ଧି ପାଉଛି। ଚାଷୀମାନେ ଏହି ସୁଯୋଗ ହାତଛଡ଼ା ନକରି ଝୋଟ ଉତ୍ପାଦନ ବୃଦ୍ଧି ସହିତ ଏହାର ଗୁଣାତ୍ମକ ମାନ ବୃଦ୍ଧି କରିବା ଆବଶ୍ୟକ। ଏପରି ଉଦ୍ୟମ ନିଶ୍ଚିତ ଭାବରେ ପାରମ୍ପରିକ ଅଞ୍ଚଳରେ ଝୋଟ ଚାଷର ପୁନରୁଦ୍ଧାର କରିବାରେ ସାହାଯ୍ୟ କରିବ।

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

## ଓଡ଼ିଆ ଭକ୍ତିସଂଗୀତରେ ସ୍ୱାଭିମାନର ସ୍ୱର

**ବିପିନ ମହାପାତ୍ର**

ପ୍ରାଚୀନ ଓଡ଼ିଆ କାବ୍ୟକବିତା ଅବଧାରିତ ଶ୍ରୀଜଗନ୍ନାଥ ସଂସ୍କୃତି ଓ ଶ୍ରୀକୃଷ୍ଣ ଚେତନା ତୁଳନାରେ ଭକ୍ତି ସଂଗୀତ ସଂଖ୍ୟା କିଛି କମ୍ ନୁହେଁ। ବିଶେଷତଃ ପ୍ରମୁଖ ବୈଷ୍ଣବ କବି ସ୍ୱ ସ୍ୱ ସୃଜନୀ ଶକ୍ତି ଓ ଭକ୍ତିଭାବର ପରାକାଷ୍ଠା ପୂର୍ବକ ଲେଖିଯାଇଛନ୍ତି ସଂଖ୍ୟାଧିକ ଭକ୍ତିସଂଗୀତ। ତନ୍ମଧ୍ୟରୁ ଅଧିକାଂଶ ବିଭିନ୍ନ ରାଗ-ରାଗିଣୀ ଯୁକ୍ତ ହେଇ ଗାୟନ ଉପଯୋଗୀ ହେଇପାରିଛି। ଆଜି ମଧ୍ୟ ତାହା କଣ୍ଠଶିଳ୍ପୀମାନଙ୍କ କଣ୍ଠରେ ପରିବେଷିତ ହେଲା ବେଳେ ହୃଦୟରେ ଜାଗ୍ରତ ହେଉଛି ଭକ୍ତିଭାବଧାରା ଏବଂ ଆପେଆପେ ଆଖିରୁ ଝରି ପଡୁଛି ଟୋପା ଟୋପା ଆନନ୍ଦାଶ୍ରୁ। ଏଥିରୁ ସ୍ପଷ୍ଟ ବାରିହୁଏ ଯେ, ସଂପୃକ୍ତ ଗୀତିକାରମାନଙ୍କ ସାହିତ୍ୟ ଓ ସଂଗୀତ ସାଧନା ଥିଲା ଉତ୍ସର୍ଗୀକୃତ ଏବଂ ସେମାନେ ଥିଲେ ଜଣେ ଜଣେ ପରମ ଭକ୍ତ ଓ ଗାୟକ। ନିଜ ନିଜ ରଚନାବଳୀର ଗାୟନ ଶୈଳୀକୁ ପ୍ରାଧାନ୍ୟ ଦେଇ ସୁଲଳିତ କଣ୍ଠରେ ସେଗୁଡ଼ିକୁ ଗାନକରି ଉତ୍କଳୀୟ ଧାର୍ମିକ ଚେତନାକୁ ପରିବ୍ୟାପ୍ତ କରୁଥିଲେ ଏବଂ ସମାଜକୁ ପ୍ରଦାନ କରୁଥିଲେ ମହିମାନ୍ୱିତ ସନ୍ଦେଶ। ତା'ଛଡ଼ା ସେମାନେ ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଥିବା ନିବିଡ଼ ସମ୍ପର୍କର ଅନୁଭବ କରି କଠିନ ପରୀକ୍ଷାର ସମ୍ମୁଖୀନ ହେଇଥିଲେ। ପରମାତ୍ମାର ସତ୍ତା ଅନୁସନ୍ଧାନ କରୁଥିଲେ ବର୍ଷ ବର୍ଷ, ଯୁଗଯୁଗ ଧରି। ପାର୍ଥିବ ସୁଖ ଥିଲା ସେମାନଙ୍କ ପକ୍ଷେ ଅଳିକ ଓ ଅବାସ୍ତବ। ନିଷ୍କାମ ଭକ୍ତିର ନିଗୂଢ଼ ରହସ୍ୟକୁ ଉନ୍ମୋଚନ କରିବା ନିମନ୍ତେ ପ୍ରାଣପାତ୍ ସାଧନାକୁ ଧ୍ୟେୟ ମଣୁଥିଲେ। ସେମାନଙ୍କ ସ୍ୱଙ୍ଗସମ୍ପୂର୍ଣ୍ଣ ସମର୍ପିତ ମନୋଭାବର ଆଦର୍ଶ ଥିଲା ବୋଧହୁଏ ପ୍ରମୁଖ ପ୍ରିୟ ଭକ୍ତ ଉଦ୍ଧବ, ବିଦୂର ଓ ସୁଦାମାଙ୍କ କର୍ମ, ଧର୍ମ ଓ ଭକ୍ତିର ମାହାତ୍ମ୍ୟ।

ଅନୁରୂପ ପରବର୍ତ୍ତୀ କାଳରେ ସର୍ବଧର୍ମ ସମନ୍ୱୟର ପ୍ରତୀକ ଶ୍ରୀଜଗନ୍ନାଥଙ୍କ ଅନୁକମ୍ପାରୁ ସେଇ ଆଦର୍ଶରେ ଅନୁପ୍ରାଣିତ ହେଇଥିବା ଜଗନ୍ନାଥ ଦାସ, ବଳରାମ ଦାସ, ବିଶର ମହାନ୍ତି, ବନ୍ଧୁ ମହାନ୍ତି, ଗୀତା ପଣ୍ଡା, ଦାସିଆ ବାଉରୀ, ଭକ୍ତ ସାଲବେଗ ପ୍ରମୁଖ ଓ ଆହୁରି କେତେଜଣଙ୍କୁ ଶ୍ରୀଚରଣରେ ସ୍ଥାନ ଦେଇ ସେଇ ଭକ୍ତର ଭଗବାନ ହିଁ ସେମାନଙ୍କୁ ପରିଚିତ କରିଥିଲେ। ତାର ସ୍ୱର୍ଣ୍ଣିମ ପୃଷ୍ଠାରୁ ବାଦ୍ ପଡ଼ି ନାହାନ୍ତି ଭକ୍ତ ହରି ଦାସ'ଓ କବୀରଙ୍କ ଭକ୍ତି ଓ କୃତି।

ଗବେଷକମାନଙ୍କ ମତରେ ଭକ୍ତି ସଂଗୀତର ସଂଜ୍ଞା ଓ ସ୍ୱଭାବ ବହନ କରିଥାଏ ଏକାଧିକ ଆଧ୍ୟାତ୍ମିକ ଉପାଦାନ। ତନ୍ମଧ୍ୟରୁ ସମର୍ପଣ, ନିବେଦନ, ମନନ, ଜଣାଣ ଓ ଭଜନ ଓ ସଂକୀର୍ତ୍ତନ ପ୍ରଭୃତି ଯଦି କରୁଣ, ଶାନ୍ତ, ଦାସ୍ୟ ରସାଶ୍ରିତ ହେଇଥାଏ, ତେବେ ତାହା ଜନମାନସକୁ ପ୍ରଭାବିତ କରେ। ପୁଣି ନାସ୍ତିକତାକୁ ସମୂଳେ ଉତ୍ପାଟନ କରି ଚାରିତ୍ରିକ ସ୍ଖଳନରେ ସୁଧାର ଆଣିପାରେ ଏବଂ ସଂସ୍କାରର ପଥ ପ୍ରଦର୍ଶକ ସାଜି ସାମାଜିକ ବ୍ୟାଧିର ନିରାକରଣ କରିପାରେ।

ସ୍ୱତଃ ପ୍ରବୃତ୍ତ ଭାବେ ନିଜର ଅଭିବ୍ୟକ୍ତି ସଂଗୀତରେ ରୂପାୟିତ କରିବା ବେଳେ ଭଗବାନଙ୍କ କାଣିଚାଏ ନିର୍ଦ୍ଦେଶ ବିନା ଭକ୍ତି ରସାପ୍ଲୁତ, ଉତ୍କୃଷ୍ଟ ଜଣାଣ, ଭଜନ ସୃଷ୍ଟି ହେବା ଅସମ୍ଭବ। ହୁଏତ ପ୍ରମୁଖ ଭକ୍ତ ଓ ସ୍ରଷ୍ଟା ଜୀବନବ୍ୟାପୀ ତାଙ୍କ ଚରଣାଶ୍ରିତ ହୋଇ ସାତ୍ତ୍ୱିକ ଅବବୋଧର ଅଭାବନୀୟତାକୁ ହୃଦୟଙ୍ଗମ କରି ନିଜର ଅସହାୟତା ଅଭିମାନ ବିନିମୟରେ ଆବେଗମୟ ଓ ଅଶ୍ରୁସିକ୍ତ କରିଛନ୍ତି ସ୍ୱ ସ୍ୱ ରଚନାବଳୀ। ଯାହାକୁ ସାଧାରଣରେ ଗାଳି, ପରାହ ବୋଲି କୁହାଯାଉଛି। କିନ୍ତୁ ସେଇ ଶାଣିତ ଭାବାବେଶକୁ ବି ଗ୍ରହଣ କରିଛନ୍ତି ମହାନ୍, ଅଦ୍ୱିତୀୟ କଳାକାର ଓ ସଂଗୀତଜ୍ଞ ଶ୍ରୀଜଗନ୍ନାଥ। ଫଳରେ ସେଗୁଡ଼ିକ ହିଁ ଏଯାବତ୍ ପ୍ରଭାବଶାଳୀ ଭକ୍ତି ସଂଗୀତ ବୋଲି ଗୃହୀତ ହେଇଆସଛି।

ଉଦାହରଣସ୍ୱରୂପ 'ବାଧିଲା ଜାଣି କ୍ଷମା କର ନୋହିଲେ ରମା-ରମଣ ଦଣ୍ଡେ ଦିଅ ଟାଳି / ତୁମ୍ଭଙ୍କୁ ଜଗନ୍ନାଥ ଆଜ ମୋ ମନୋରଥ ଭରତି କରିଦେବି ଗାଳି ହେ କୃପାନିଧି / କରୁଣାସିନ୍ଧୁ ବୋଲି କରି କହନ୍ତି ବୁଧେ ଡରିମରି। କାଳସର୍ପ ଆପଣ କବଳ କର ପ୍ରାଣ-ପବନମାନଙ୍କୁ ସବୁରି ହେ କୃପାନିଧି! (ସର୍ପ ଜଣାଣ - କବିସୂର୍ଯ୍ୟ ବଳଦେବ ରଥ)।' 'କିମ୍ପା ନିରପେକ୍ଷ କରୁଅଛ ମୋତେ କେଉଁ ଦୋଷ ମନେଧରି / ନିଷ୍ଠୁର ତୋ ହିୟା ନ ବସେ ତୋ ଦୟା ଭକ୍ତ ପ୍ରାଣଖିଆ ହରି / ଦେଉଅଛି ଯାହା ନ ଜାଣୁକି ତାହା ଅନ୍ତର୍ଯାମୀ ନାମ ବହି / ମତେ କୋପ କରି କି ଯଶ ଅର୍ଜିବୁ ଭକତ ଜୀବନ ଖାଇ...। (ସ୍ତୁତି ଚିନ୍ତାମଣି-ଭୀମଭୋଇ)।' 'ସବୁଥିରୁ ବଞ୍ଚିତ କରି କେଉଁ ଯଶବାନା ଉଡ଼ାଇବ ହେ / ଯାହା ଦେଇଥିଲ ସବୁତ ନେଲଣି ଆଉ ଏବେ କିସ ଛଡ଼ାଇବ ହେ! / ହାତଠାରି ଲୋଭ ଦେଖାଇ ଡାକ ନାଟ ଦେଖିବା ପାଇଁ / ସିହାଣ କରୁଛ ଆହୁରି ଥରେ କି ନାକଘଷି କାନ ମୋଡ଼ାଇବ ହେ! (ସବୁଥିରୁ ବଞ୍ଚିତ କରି- ଲକ୍ଷ୍ମୀକାନ୍ତ ମହାପାତ୍ର)।' 'ମୋର ଅନ୍ତର ମନ୍ଦିରେ ରହି କୁହୁକରେ ଦେଉଛ ଭୁଲାଇ / ରହି ନିକଟରେ ଖୋଜାଉଛ ଦୂରେ ଜୀବ ମରେ ଧାଇଁ ଧାଇଁ / ତୁମ୍ଭେ ଭକତି ପାଶେ ବନ୍ଧା ସେଥିପାଇଁ କର କେତେ ଧନ୍ଦା / ଅନ୍ଧାରେ ଏବେ କନ୍ଦାଅନା ମୋତେ ପାଶେ ନିଅ ଆଲୋକ ଦେଇ...(ବୈକୁଣ୍ଠନାଥ ବ୍ରହ୍ମଚାରୀ)।' 'ଟୋପାଏ ଲୁହରେ ଭସାଇ ଦେବି ତୋ ଦେଉଳ, କଣେ କୈବଲ୍ୟ ଖାଇସାରି ଦେବି ଷାଠିଏ ପଉଠି ଚାଉଳ। ତେଣୁ ଜଗନ୍ନାଥ - ଜଗନ୍ନାଥ ଶୁଣ ସଅଳ.. (ଅକ୍ଷୟ ମହାନ୍ତି)।' 'କାହ୍ନୁରେ! ତୋତେ ଜୁହାର କରିବି ନାହିଁ, ତୋତେ ଗୁହାରି କରିବି ନାହିଁ / ହାତେ ମୋର ବେଣୁ ଦେଇ ସବୁ ସୁଖ ଥିଲା ଯହିଁ, କହ କାହିଁ ନେଲୁ ତୁ ଛଡ଼ାଇ (ସଚ୍ଚି ମହାନ୍ତି)।'

ପରମ କାରୁଣିକ ସେଇ ବିଶ୍ୱନିୟନ୍ତା ଜଗନ୍ନାଥଙ୍କ ମହିମାମୟ ଅଧ୍ୟାୟକୁ ବିଶ୍ୱ ଦରବାରରେ ପହଞ୍ଚାଇବା ସକାଶେ ଏମିତି ଅନେକ ଓଡ଼ିଆ ଭକ୍ତି ସଂଗୀତର ସୃଷ୍ଟି-ସମ୍ପଦ କାଳଜୟୀ। କିନ୍ତୁ ବ୍ୟାବସାୟିକ ସଫଳତା ପ୍ରତି ଦୃଷ୍ଟି ଦେଇ ତା'ର ଭାବଧାରା ଯଦି ପରିବର୍ତ୍ତିତ ହେଇଯାଏ, ତେବେ ତାହା ଉତ୍କଳୀୟ ଧର୍ମ ଓ ସଂସ୍କୃତିର ପରିପନ୍ଥୀ ହେବା ନିଶ୍ଚିତ।

ବ୍ରହ୍ମପୁର, ମୋ: ୯୮୫୩୭୫୧୩୨୨

## ତିବ୍ବତରେ ବୌଦ୍ଧଧର୍ମ

**ପ୍ରବୀର କୁମାର ପଟ୍ଟନାୟକ**

(ପୂର୍ବପ୍ରକାଶିତ ଉତ୍ତାରୁ)

ରାଜତନ୍ତ୍ର (ଖ୍ରୀ ୬୦୦-୭୮୦) ବୌଦ୍ଧ କାଳ: ସ୍ରନ୍-ସାନ୍-ଗାମ୍ପୋ ତେର ବର୍ଷ ବୟସରେ ଖ୍ରୀ ୬୨୯ରେ ସିଂହାସନ ଆରୋହଣ କଲେ। ସେ ପାହାଡ଼ ଉପରେ ନଅ-ତାଲା ବିଶିଷ୍ଟ ଏକ ରାଜପ୍ରାସାଦ ନିର୍ମାଣ କରିଥିଲେ, ଯାହାର ଧ୍ୱଂସାବଶେଷ ଉପରେ ବର୍ତ୍ତମାନର ପୋଟାଲା ରାଜପ୍ରସାଦ ଲାସାରେ ନିର୍ମିତ ହୋଇଛି। ସେତେବେଳେ ତିବ୍ବତରେ କୌଣସି ଲିପି ବା ଲିଖିତ ଭାଷା ନ ଥିଲା। କିନ୍ତୁ ରାଜା ସଂସ୍କୃତ ଭାଷା ସହ ପାଲ୍‌ପା(ନେୱାରୀ) ଓ ଚୀନା ଭାଷାରେ ଦଖଲ ହାସଲ କରିପାରିଥିଲେ। ରାଜା ସ୍ରନ ତିବ୍ବତର ସବୁ ରାଜାଙ୍କଠାରୁ ଅଧିକ ଦକ୍ଷ ଓ ଶକ୍ତିଶାଳୀ ମଧ୍ୟ ଥିଲେ। ତାଙ୍କ ଶାସନକାଳରେ ତିବ୍ବତ ଅଗ୍ରଣୀ ସାମରିକ ଦକ୍ଷତାସମ୍ପନ୍ନ ଦେଶରେ ପରିଣତ ହୋଇଥିଲା। ଅନ୍ୟ ଶତ୍ରୁମାନଙ୍କ ସହ ସ୍ରନ ଚୀନ ରାଜାଙ୍କୁ ମଧ୍ୟ ପରାଜିତ କରିଥିଲେ। ତାଙ୍କ ପ୍ରଭାବରେ ତତ୍କାଳୀନ ଚୀନ ରାଜା ତାଇ-ସୁଙ୍ଗ ଓ ନେପାଳ ରାଜା ଅଂଶୁବର୍ମନ ସ୍ରନଙ୍କ ସହ ସୁସମ୍ପର୍କ ସ୍ଥାପନ



### ଦ୍ୱିତୀୟ-ବୁଦ୍ଧ କଥା

ପାଇଁ ନିଜ ନିଜର କନ୍ୟାଙ୍କୁ ସ୍ରନଙ୍କୁ ବିବାହ ଦେଇଥିଲେ। ଚୀନ ରାଜକନ୍ୟାଙ୍କ ନାମ ଥିଲା ୱେନ୍-ଚେଙ୍ଗ୍ ଏବଂ ନେପାଳୀ ରାଜକନ୍ୟାଙ୍କ ନାମ ଥିଲା ଭୃକୁଟୀ। ଏହି ଦୁଇ ରାଜକନ୍ୟା ବୌଦ୍ଧ ଧର୍ମର ଅତ୍ୟନ୍ତ ଭାବୋଦୀପ୍ତ ଅନୁଗାମୀ ଥିଲେ। ଏପର୍ଯ୍ୟନ୍ତ ଏହି ଦୁଇଜଣଙ୍କୁ ତିବ୍ବତରେ ଯଥାକ୍ରମେ ଧବଳତାରା ଓ ସବୁଜତାରା ବୌଦ୍ଧଦେବୀଙ୍କର ପ୍ରକଟିତ ରୂପ ଭାବେ ସମ୍ମାନ ପ୍ରଦର୍ଶନ ସହ ପୂଜା କରାଯାଉଛି। ଏହି ନେପାଳୀ ରାଣୀ ବିବାହ ସମୟରେ ତାଙ୍କ ସାଙ୍ଗରେ ବୌଦ୍ଧ ଦେବାଦେବୀଙ୍କ ମୂର୍ତ୍ତି- ଅକ୍ଷୋଭାବଜ୍ର, ମୈତ୍ରେୟ ଓ ତାରାଙ୍କର ଚନ୍ଦନ କାଠରେ ତିଆରି ପ୍ରତିମା ଆଣିଥିଲେ। ସେହିଭଳି ଚୀନ ରାଜାଙ୍କ କନ୍ୟା ତାଙ୍କ ସହ ଭଗବାନ ବୁଦ୍ଧଙ୍କ ମୂର୍ତ୍ତିଟିଏ ନେଇ ଆସିଥିଲେ। ବୁଦ୍ଧଙ୍କ ମୂର୍ତ୍ତିକୁ ଫୁଲ୍-ସାଙ୍ଗ ମନ୍ଦିର ଓ ଅକ୍ଷୋଭାଙ୍କ ମୂର୍ତ୍ତିକୁ ରା-ମୋ-ଚେ ମନ୍ଦିରରେ ସ୍ଥାପନ କରାଯାଇଥିଲେ। ଉଭୟ ରାଣୀ ଏହି ମନ୍ଦିର ଦୁଇଟିକୁ ନିର୍ମାଣ କରାଇଥିଲେ। ତିବ୍ବତର ଲୋକମାନେ ସେ ଦୁହିଁଙ୍କୁ ନାରୀ ବୋଧିସତ୍ତ୍ୱ ଭାବେ ସମ୍ମାନ ଦେଉଥିଲେ। ଏହି ଦୁଇ ବୌଦ୍ଧରାଣୀଙ୍କ ପ୍ରଭାବରୁ ହିଁ ରାଜା ସ୍ରନ୍ ବୌଦ୍ଧ ଧର୍ମର ଜଣେ ଦୃଢ଼ ଅନୁଗାମୀ ହୋଇପାରିଥିଲେ। 'ଗ୍ରୀନ ତାରା' ବା 'ସବୁଜ ତାରା' ଏବେ ମଧ୍ୟ ନେପାଳରେ ଉଭୟ ହିନ୍ଦୁ ଓ ବୌଦ୍ଧ ସମାଜ ଦ୍ୱାରା ମାନ୍ୟ।

ରାଜା ସ୍ରନ ହୃଦୟଙ୍ଗମ କଲେ ଯେ ତିବ୍ବତରେ ଜନସାଧାରଣଙ୍କ ଆବଶ୍ୟକତା ସହ ଧାର୍ମିକ କାର୍ଯ୍ୟର ପ୍ରଚାର ପ୍ରସାର ଏବଂ ଶାସନ ତାନ୍ତ୍ରିକ ସୁବିଧା ନିମନ୍ତେ ଲିଖିତ ଭାଷା ଅପରିହାର୍ଯ୍ୟ। ଏଣୁ ତିବ୍ବତୀୟ ଉଚ୍ଚାରଣକୁ ସୁହାଇବା ପରି ଗୋଟିଏ ଭାଷା ଏବଂ ତାହା ପାଇଁ ଲିପି ପ୍ରସ୍ତୁତି ନିମିତ୍ତ ରାଜା ଥୋନ୍-ମି-ସମ୍ଭୋଟାଙ୍କ ନେତୃତ୍ୱରେ ଗୋଟିଏ ସତରଜଣିଆ ପ୍ରତିନିଧିଦଳ ଭାରତକୁ ପଠାଇଲେ। ଏହି ଦଳ ଭାରତରେ ବନାରସ, ନାଳନ୍ଦା ଓ କାଶ୍ମୀର ପ୍ରଭୃତି ସ୍ଥାନ ଭ୍ରମଣ କରିଥିଲେ କାର୍ଯ୍ୟ ସାଧନ ନିମନ୍ତେ। ଭାଷା ଓ ଲିପି ପ୍ରସ୍ତୁତି ସହ ଭାରତରେ ସଂସ୍କୃତ ଭାଷାର ଅଧ୍ୟୟନ ସହ ସେହି ମାଧ୍ୟମରେ ବିଭିନ୍ନ ଶାସ୍ତ୍ର ଓ ବିଶେଷଭାବେ ବୌଦ୍ଧ ଶାସ୍ତ୍ରମାନ ସଂଗ୍ରହ ନିମନ୍ତେ ମଧ୍ୟ ରାଜାଙ୍କ ପରାମର୍ଶ ରହିଥିଲା। (କ୍ରମଶଃ)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଅବଶିଷ୍ଟାଂଶ

### ବୁଢ଼ା ହେଉଛି...

ଧ୍ୟାନ ନ ଦେଲେ ପରିସ୍ଥିତି ବିଷମୟ ହେବ ବୋଲି କୁହାଯାଉଛି। ରିପୋର୍ଟରେ କୁହାଯାଇଛି ଯେ ଦେଶରେ ଜନ୍ମହାର ହ୍ରାସ ଭବିଷ୍ୟତରେ କର୍ମଜୀବୀ ଜନସଂଖ୍ୟା ହ୍ରାସ କରିବ ଓ ନିର୍ଭରଶୀଳ ଜନସଂଖ୍ୟା ବୃଦ୍ଧି ପାଇବ। ଉତ୍ପାଦନ ଏବଂ ମୋଟ ଘରୋଇ ଉତ୍ପାଦନ (ଜିଡିପି) ଅଭିବୃଦ୍ଧି ଉପରେ ଏହାର ସିଧାସଳଖ ପ୍ରଭାବ ପଡ଼ିବ। ସେହିପରି ନୀତି ଆୟୋଗର ରିପୋର୍ଟ ଅନୁସାରେ ଭାରତର ୭୫% ବୟସ୍କ କୌଣସି ନା କୌଣସି ରୋଗରେ ପୀଡିତ। ୭୦% ସେମାନଙ୍କର ମୌଳିକ ଆବଶ୍ୟକତା ପାଇଁ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ। ଏପରି ପରିସ୍ଥିତିରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ଉପରେ ଭାରି ବୋଝ ପଡ଼ିବ। ବର୍ତ୍ତମାନ, ଭାରତରେ କେବଳ ୧୮% ବୟସ୍କ ଲୋକଙ୍କ ପାଖରେ ସ୍ୱାସ୍ଥ୍ୟ ବୀମା ରହିଛି। ୭୮% ବୟସ୍କ କୌଣସି ପେନସନ୍ ପାଉନାହାଁନ୍ତି। ଯଦି ସରକାର ଭବିଷ୍ୟତରେ ପେନସନ୍ ଏବଂ ସାମାଜିକ କଲ୍ୟାଣ ଯୋଜନା ବୃଦ୍ଧି କରନ୍ତି, ତେବେ ଆର୍ଥିକ ନିଅଣ୍ଟର ଆଶଙ୍କା ବୃଦ୍ଧି ପାଇବ। ତେଣୁ ଆଗାମୀ ଦିନରେ ଦେଶ ଧନୀ ହେବା ପୂର୍ବରୁ ବୁଢ଼ା ହୋଇଯିବ।

### ଗରିବଙ୍କୁ ଲୁଟି...

ଅଛି, ତାହା ସ୍କାମିଂ ହୋଇଯାଇଛି। ଓଡ଼ିଶାରେ ମଧ୍ୟ ଏହା ସମ୍ଭବ ହୋଇପାରିବ। ଓଡ଼ିଶା ଲୋକ ଯେଉଁଦିନ ଏ ବିଷୟରେ ବୁଝିଯିବେ, ସେଦିନ ରାଜ୍ୟରେ କଂଗ୍ରେସ ସରକାର ହେବ ବୋଲି ରାହୁଲ କହିଛନ୍ତି। ଏହି ଅବସରରେ ରାହୁଲ ଗାନ୍ଧୀ ଡ୍ରାଇଭର ମହାସଂଘକୁ ମଧ୍ୟ ଧନ୍ୟବାଦ ଦେଇଛନ୍ତି। ସରକାରଙ୍କ ଷଡଯନ୍ତ୍ରକୁ ପଣ୍ଡ କରି ଡ୍ରାଇଭର ସଂଘ କଂଗ୍ରେସ ସଭାପାଇଁ ସହଯୋଗ କରିଛି; ତେଣୁ ସେମାନଙ୍କୁ ଧନ୍ୟବାଦ ଦେବା ସହ ରାହୁଲ ସେମାନଙ୍କ ଦାବିକୁ ସମର୍ଥନ କରିଛନ୍ତି।

ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼୍‌ଗେ ମଧ୍ୟ ଏହି ଅବସରରେ ରାଜ୍ୟ ଓ କେନ୍ଦ୍ର ବିଜେପିକୁ ନିଶାଣ କରିଛନ୍ତି। ସେ କହିଛନ୍ତି ଯେ କଂଗ୍ରେସ ସରକାର ସମୟରେ ହୋଇଥିବା ବିକାଶ କାମକୁ କେନ୍ଦ୍ର ବିଜେପି ସରକାର ବିକ୍ରି କରୁଛି । ଦେଶରେ ମୋଟ ୧୬୦ଟି କେନ୍ଦ୍ରୀୟ ସଂସ୍ଥା କଂଗ୍ରେସ ନିର୍ମାଣ କରିଛି, ସେଥିମଧ୍ୟରୁ ୨୩ଟିକୁ ମୋଦୀ ସରକାର ବିକ୍ରି କରିସାରିଛନ୍ତି। ତେଣୁ ଏହା ବିରୋଧରେ ଲଢ଼େଇ ପାଇଁ ସେ ଆହ୍ୱାନ ଦେଇଛନ୍ତି । ଅନ୍ୟପକ୍ଷରେ ଗଞ୍ଜାମରେ ଦୁଇଜଣ ଦଳିତଙ୍କୁ ନର୍ଦ୍ଦମା ପାଣି ପିଆଇବା ସହ ବିଏମ୍‌ସି ଅତିରିକ୍ତ କମିସନରଙ୍କ ମାଡ଼ ପ୍ରସଙ୍ଗ ଉଠାଇ ରାଜ୍ୟ ସରକାରଙ୍କ କଟୁ ସମାଲୋଚନା କରିଛନ୍ତି। ବିଜେପିର ଗୁଣ୍ଡାମାନେ ବାଲିଠାରୁ ଆରମ୍ଭ କରି ଖଣି ଓ ସବୁଠି କମିଶନ ଆଦାୟ କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି । ସମାବେଶରେ ପିସିସି ସଭାପତି ଭକ୍ତଚରଣ ଦାସଙ୍କ ସହ ଦଳର ବରିଷ୍ଠ ନେତା, ବିଧାୟକ, ସାଂସଦ ଉପସ୍ଥିତ ଥିଲେ।

ପୂର୍ବାହ୍ନରେ ରାହୁଲ୍ ଏକ ସ୍ୱତନ୍ତ୍ର ବିମାନ ଯୋଗେଁ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରରେ ପହଞ୍ଚି ଥିଲେ ଓ ଦଳୀୟ କର୍ମୀଙ୍କ ଏକ ଶୋଭାଯାତ୍ରାରେ ବରମୁଣ୍ଡା ପଡ଼ିଆସ୍ଥିତ ସଭାସ୍ଥଳକୁ ଆସିଥିଲେ।

### ଡାକ୍ତରଙ୍କୁ ପୁଲିସର...

ଡାକ୍ତରଙ୍କୁ ପୁଲିସ ଛାଡ଼ିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ନିରବ ଥିବାବେଳେ 'ଓମସା' ଏହି ପ୍ରସଙ୍ଗକୁ ନେଇ ସ୍ୱାସ୍ଥ୍ୟ ସଚିବ, ଗୃହ ସଚିବ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟିଛି। ରାଜ୍ୟରେ ଡାକ୍ତର ସୁରକ୍ଷିତ ନୁହନ୍ତି; ଏଭଳି ସ୍ଥିତିରେ ଯନ୍ତ୍ରଣା ମଧ୍ୟରେ ଯୁବ ଡାକ୍ତର କାର୍ଯ୍ୟ କରିବାକୁ ଭୟ କରୁଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀ ଏବଂ ପୁଲିସ ଡିଜି ଏଥିରେ ହସ୍ତକ୍ଷେପ କରିବାକୁ ଓମସା ଦାବି କରିଛି। ଏହା ସହ ତୁରନ୍ତ ସରକାର ପଦକ୍ଷେପ ଗ୍ରହଣ ନ କଲେ ଡ଼ାକ୍ତରମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛି।

ଓମ୍‌ସାର ଏହି ଅଭିଯୋଗ ପରେ ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି ହୋଇଛି। ପ୍ରଶାସନର ଅଙ୍ଗ ହୋଇ ପୁଲିସର ଗୁଣ୍ଡା ଆଚରଣ ଓ ଜଣେ ଡ଼ାକ୍ତରଙ୍କୁ ମାଡ଼ ଘଟଣା ରାଜ୍ୟବାସୀଙ୍କ ମନରେ କ୍ଷୋଭ ସୃଷ୍ଟି କରିଛି। ପ୍ରଶାସନରେ ବିଶୃଙ୍ଖଳା ପାଇଁ ବାରମ୍ବାର ଏପରି ଘଟଣା ଘଟୁଛି। ନିକଟରେ ଓଏଏସ ଅଧିକାରୀଙ୍କ ସମୂହ ଛୁଟିରେ ଯିବା କାରଣରୁ ରାଜ୍ୟବ୍ୟାପୀ ପ୍ରଶାସନ ଏକପ୍ରକାର ଠପ୍ ହୋଇ ଯାଇଥିଲା। ଏବେ ଡ୍ରାଇଭର ସଂଘର ଆନ୍ଦୋଳନ କାରଣରୁ ରାଜ୍ୟବ୍ୟାପୀ ସାଧାରଣ ଲୋକେ ନାହିଁ ନଥିବା ହଇରାଣର ସମ୍ମୁଖୀନ ହେଉଛନ୍ତି। ସରକାର ନିରବଦ୍ରଷ୍ଟା ସାଜିବା ସହ ଏହାର ନିରାକରଣ କରୁନାହାନ୍ତି। ଏପରିସ୍ଥଳେ ଯଦି ଡାକ୍ତରମାନେ ଆନ୍ଦୋଳନକୁ ଯାଆନ୍ତି, ତାହେଲେ ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ଭାବେ ଭୁଷୁଡ଼ି ପଡ଼ିବ। ତେଣୁ ରାଜ୍ୟ ସରକାର ତୁରନ୍ତ ଘଟଣାରେ ହସ୍ତକ୍ଷେପ କରି ଦାୟୀ ପୁଲିସ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ସାଧାରଣରେ ଦାବି ହୋଇଛି।

### ବେଲୁଚିସ୍ତାନରେ ବସ୍...

ବୋଲି ଝୋବ୍‌ର ଆସିଷ୍ଟାଣ୍ଟ କମିଶନରର ନବୀନ ଆଲମ କହିଛନ୍ତି। ମୃତଦେହଗୁଡ଼ିକୁ ବରଖାନ ଜିଲ୍ଲାର ରେଖନୀ ହସ୍ପିଟାଲକୁ ପଠାଯାଇଛି। ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ସେ ସ୍ପଷ୍ଟ କରିଛନ୍ତି। ବେଲୁଚିସ୍ତାନ ସରକାର ଏହାକୁ ଭାରତ ସମର୍ôଥତ ଆକ୍ରମଣ ବୋଲି ଅବିହିତ କରିଛି। ପୂର୍ବରୁ ବେଲୁଚିସ୍ତାନର ସବୁ ବିଦ୍ରୋହୀ ସଂଗଠନଗୁଡ଼ିକୁ ପାକ୍ ସରକାର 'ଫିତନା ଅଲ ହିନ୍ଦୁସ୍ତାନ'ର ନାମ ଦେଇଛି। ଏଗୁଡିକ ମଧ୍ୟରୁ ବେଲୁଚିସ୍ତାନ ଲିବେରସନ ଆର୍ମି (ବିଏଲ୍ଏ) ହେଉଛି ସବୁଠାରୁ ବଡ଼ ସଂଗଠନ। ଗତ ମେ ମାସରେ ପାକିସ୍ତାନରେ ମୋଟ୍ ଉପରେ ୮୫ଟି ଆତଙ୍କବାଦୀ ଆକ୍ରମଣ ହୋଇଛି। ଏଥିମଧ୍ୟରୁ କେବଳ ବେଲୁଚିସ୍ତାନରେ ୩୫ଟି ଆକ୍ରମଣ ହୋଇଛି ଓ ଏଥିରେ ୫୧ ଜଣ ମୃତ୍ୟୁବରଣ କରିଥିବା ବେଳେ ୧୦୦ରୁ ଉର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି ବୋଲି ପାକିସ୍ତାନ ସରକାରଙ୍କ ତରଫରୁ କୁହାଯାଇଛି। ପୂର୍ବରୁ ଜାନୁଆରୀରେ ବେଲୁଚିସ୍ତାନର ତୁରବତ ସହରରେ ବିଏଲ୍ଏ ଏକ ବସ୍‌ରେ ବିସ୍ଫୋରଣ ଘଟାଇଥିଲେ ଓ ଏଥିରେ ୬ ଲୋକ ପ୍ରାଣ ହରାଇଥିଲେ।

### ସଂଘ ଏକଘରକିଆ...

ଛାଡ଼ ଆନ୍ଦୋଳନ ଯୋଗୁଁ ସାରା ରାଜ୍ୟରେ ଗମନାଗମନ ଓ ପରିବହନ ସେବା ବନ୍ଦ ରହିଛି। ରାଜ୍ୟର ସମସ୍ତ ପ୍ରମୁଖ ବସଷ୍ଟାଣ୍ଡରେ ବସ ସବୁ ଅଟକି ରହିଛି। କେବଳ ସରକାରୀ ବସ୍ ଚାଲିଥିବାରୁ ସେଥିରେ ଖଚାଖଚ ଭିଡ଼ ଦେଖିବାକୁ ମିଳିଛି। ଯାତ୍ରୀମାନେ ବହୁ ସମୟ ଅପେକ୍ଷା କରିବା ପରେ ସରକାରୀ ବସ୍‌ରେ ଯିବା ଆସିବା କରୁଛନ୍ତି। ସେହିପରି ଡ୍ରାଇଭରଙ୍କ ଆନ୍ଦୋଳନ ଯେତେ ଲମ୍ବୁଛି, ପେଟ୍ରୋଲ ଟାଙ୍କିରୁ ତେଲ ସରି ସରି ଆସୁଛି। ରାଜ୍ୟରେ ପ୍ରତିଦିନ ପ୍ରାୟ ୩୬ ଲକ୍ଷ ଲିଟର ପେଟ୍ରୋଲ ଓ ୮୫ ଲକ୍ଷ ଲିଟର ଡିଜେଲ ଦରକାର। ଏଥିପାଇଁ ଡିପୋରୁ ପ୍ରତିଦିନ ୬୦୦ ଟ୍ୟାଙ୍କର ତେଲ ବିଭିନ୍ନ ପେଟ୍ରୋଲ ପମ୍ପକୁ ଆସିଥାଏ। ସାଧାରଣତଃ ରାଜ୍ୟର ପେଟ୍ରୋଲ ପମ୍ପଗୁଡ଼ିକରେ ୪ ଦିନର ଷ୍ଟକ୍ ରହିଥାଏ। ଏବେ ସୁଦ୍ଧା ପ୍ରାୟ ୪୦୦ ଟ୍ୟାଙ୍କର ଆସୁଥିବା ସୂଚନା ରହିଛି। ଆନ୍ଦୋଳନ ଜାରି ରହିଲେ ସମସ୍ୟା ଆହୁରି ବଢ଼ିଯିବ ବୋଲି ଆଶଙ୍କା କରାଯାଉଛି। ସେପଟେ ପର୍ଯ୍ୟାପ୍ତ ପରିମାଣର ପେଟ୍ରୋଲ ଡିଜେଲ ଏବଂ ଆବଶ୍ୟକ ସାମଗ୍ରୀ ମହଜୁଦ ଅଛି ବୋଲି କହିବା ସହ ଲୋକଙ୍କୁ ବ୍ୟସ୍ତ କି ଭୟଭୀତ ନହେବାକୁ ଯୋଗାଣ ମନ୍ତ୍ରୀ କହିଛନ୍ତି।

### ସରକାରଙ୍କ 'ଆୟୁଷ୍ମାନ'...

ସଫା ସଫା ଶୁଣାଇ ଦେଇଛନ୍ତି। ଯାହାକୁ ନେଇ ଅକଳରେ ପଡ଼ିଛନ୍ତି ରାଜ୍ୟ ସରକାର। ଏ ସମ୍ପର୍କରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ ମଧ୍ୟ କୌଣସି ସ୍ପଷ୍ଟ ଉତ୍ତର ଦେଇପାରୁନାହାନ୍ତି। ସାରା ଦେଶରେ ଆୟୁଷ୍ମାନ ଭାରତର ଗୋଟିଏ ପ୍ୟାକେଜ୍ ଲାଗୁ କରାଯାଇଛି। ବିଏସ୍‌କେୱାଇ ପ୍ୟାକେଜ୍ ଓ ସାମ୍ପ୍ରତିକ ବଜାର ଚିକିତ୍ସା ମୂଲ୍ୟ ତୁଳନାରେ ଆୟୁଷ୍ମାନ ଭାରତର ଚିକିତ୍ସା ପ୍ୟାକେଜ୍ ବହୁତ କମ୍ ରହିଛି। ବିଏସ୍‌କେୱାଇରେ ସରକାର ଦେଉଥିବା ଚିକିତ୍ସା ପ୍ୟାକେଜ୍‌କୁ ନେଇ ଘରୋଇ ଡାକ୍ତରଖାନା କେବେ ଅଭିଯୋଗ ଆଣି ନ ଥିଲେ। ବଜାର ମୂଲ୍ୟ ବୃଦ୍ଧି ହେତୁ ପ୍ୟାକେଜ୍ ଗୁଡିକରେ ଅନ୍ୟୂନ ୨୦ ପ୍ରତିଶତ ବୃଦ୍ଧି କରାଯାଉ ବୋଲି ସ୍ୱାସ୍ଥ୍ୟ ବିଭାଗ ପାଖରେ ଦାବି କରୁଥିଲେ; କିନ୍ତୁ ଆୟୁଷ୍ମାନ ଭାରତରେ ଶତାଧିକ ରୋଗକୁ ଚିକିତ୍ସା ତାଲିକାରୁ ବାଦ୍ ଦିଆଯାଇ ଥିବା ବେଳେ ପ୍ୟାକେଜ୍ ୫୦ ପ୍ରତିଶତକୁ ଖସି ଆସିଛି।

କିଛି ରୋଗର ପ୍ୟାକେଜ୍ ୭୦ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ପାଇଛି। ସିଟି ସ୍କାନ, ଏମ୍‌ଆରଆଇ, ପିଏଫ୍‌ଟି, ଏନ୍‌ସିଭି, ଇଏମ୍‌ଜି ଭଳି ବ୍ୟୟବହୁଳ ନିଦାନ ବ୍ୟବସ୍ଥା ଚିକିତ୍ସା ପ୍ୟାକେଜରେ ନାହିଁ। ହୃଦରୋଗୀଙ୍କ ଜୀବନ ରକ୍ଷା ପାଇଁ ପ୍ରତିରୋପଣ ହେଉଥିବା ପେସ୍ ମେକର୍ ଦାମ୍ ଦେଢ଼ ଲକ୍ଷ ଟଙ୍କା। ମାତ୍ର ଆୟୁଷ୍ମାନରେ ମାତ୍ର ୭୫ ହଜାର ଟଙ୍କା ଦିଆଯାଉଛି। ସେହିପରି କାର୍ଡିଓଟୋକୋଗ୍ରାଫୀ (ସିଟିଜି), ମେରୁଦଣ୍ଡ ଚିକିତ୍ସା, ମସ୍ତିଷ୍କ ରୋଗ, କିଡ୍‌ନୀ ରୋଗ, ସ୍ନାୟୁ ରୋଗ, ବିଭିନ୍ନ ପ୍ରକାର ଅସ୍ତ୍ରୋପଚାର ଭଳି ଗୁରୁତର ମାମଲାରେ ଚିକିତ୍ସା ଖର୍ଚ୍ଚ ବହୁତ କମ୍ ରହିଛି। ଗୋଟିଏପଟେ ଆୟୁଷ୍ମାନ ପ୍ୟାକେଜ୍ ବୃଦ୍ଧି କରାଯାଇ ପାରୁନି। ଅନ୍ୟପକ୍ଷରେ ରୋଗୀଙ୍କ ପାଇଁ ଆବଶ୍ୟକ ଅତିରିକ୍ତ ଖର୍ଚ୍ଚକୁ ରାଜ୍ୟ ସରକାର ବହନ କରିବାକୁ ଚାହୁନାହାନ୍ତି। ଏଥିରେ କେବଳ ସାଧାରଣ ଗରିବ ରୋଗୀ ଦହଗଞ୍ଜ ହେଉଛି। ଗତ କିଛି ବର୍ଷ ହେଲା ରାଜ୍ୟବାସୀ ମାଗଣା ସ୍ୱାସ୍ଥ୍ୟ ସେବା ପାଇଁ ବେଶ ଉପକୃତ ହେଉଥିବାବେଳେ ଏବେ ଚିକିତ୍ସା ପାଇଁ ସେମାନଙ୍କୁ ଜମି ଘର ବିକିବାକୁ ପଡୁଛି।

### ଷଣ୍ଢ ଆକ୍ରମଣରେ...

କରିଥିଲା। ଜୀବନ କଳରେ ସେ ଘରେ ପଶି ଯାଇଥିଲେ। ପରେ ସେହି ଗ୍ରାମର ଦୀପକ ପାଢୀ, ପ୍ରମୋଦ ପାଢୀ ଷଣ୍ଢ ଆକ୍ରମଣରେ ଆହତ ହୋଇଛନ୍ତି। ଷଣ୍ଢ ଭୟରେ ସକାଳେ ସକାଳେ ଗାଁର ତାଟି କବାଟ ପଡିଯାଇଥିଲା। ଷଣ୍ଢଟି ଏକ ବାଇକ୍‌କୁ ମଧ୍ୟ ଚୁରମାର କରିଦେଇଛି। ଶେଷରେ ଷଣ୍ଢ ଏକ ଜାଲରେ ପଡିଯାଇଥିଲା। ପରେ ଷଣ୍ଢର ମୃତ୍ୟୁ ଘଟିଛି। ଷଣ୍ଢକୁ କୁକୁର କାମୁଡି ଥାଇପାରେ ବୋଲି ପ୍ରାଣୀ ଚିକିତ୍ସକ ଅନୁମାନ କରୁଛନ୍ତି।

## ହଇଜାରେ ପୁଣି ଜଣେ ଶିଶୁ ମୃତ

ଦିଗପହଣ୍ଡି,୧୧।୭ (ସମିସ): ଦିଗପହଣ୍ଡି ବ୍ଲକ ସହଦେବ ଟିକରପଡ଼ା ପଞ୍ଚାୟତ ଦୁର୍ଗମ ଉସ୍ତପଲ୍ଲୀ ଗ୍ରାମରେ ବ୍ୟାପିଥିବା ହଇଜାରେ ପୁଣି ଜଣେ ଶିଶୁ ଶୁକ୍ରବାର ମୃତ୍ୟୁବରଣ କରିଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଗୁରୁବାର ସେ ବ୍ରହ୍ମପୁର ବଡ଼ ମେଡିକାଲରୁ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ। ମୃତକ ଜଣକ ହେଲେ ଉସ୍ତପଲ୍ଲୀ ଗ୍ରାମର ରଘୁନାଥ ଶବରଙ୍କ ଦେଢ ବର୍ଷର ପୁଅ ବାବୁଲି ଶବର। ଶିଶୁଙ୍କ ମୃତ୍ୟୁ ପରେ ଉସ୍ତପଲି ହଇଜା ମୃତ୍ୟୁ ସଂଖ୍ୟା ୩ ରେ ପହଞ୍ଚିଛି। ପୂର୍ବରୁ ଗ୍ରାମର ଦାସ ଶବର ଓ ପ୍ରକାଶ ରଇତଙ୍କ ମୃତ୍ୟୁ ହୋଇଥିଲା। ତେବେ ପ୍ରଶାସନ ପକ୍ଷରୁ ହଇଜା ମୃତ୍ୟୁକୁ ଅସ୍ୱୀକାର କରାଯାଇ ଅପମିଶ୍ରିତ ଖାଦ୍ୟ ଭକ୍ଷଣ ଯୋଗୁ ପେଟ ଯନ୍ତ୍ରଣାରେ ସେମାନଙ୍କ ମୃତ୍ୟୁ ହୋଇଥିବା ସଫେଇ ଦିଆଯାଇଥିଲା। ଏପରିକି ଶିଶୁଟିର ମୃତ୍ୟୁର କାରଣ ମଧ୍ୟ ହଇଜା ନୁହେଁ ବରଂ ବଡ଼ମୁଣ୍ଡ ଜନିତ ସଂକ୍ରମଣ ବୋଲି ବମକୋଇ ସିଏଚ୍‌ସି ସୁପରିଣ୍ଟେଣ୍ଡେଣ୍ଟ ଡା. ସୁଚିସ୍ମିତା ଚୌଧୁରୀ କହିଛନ୍ତି। ତେବେ ବର୍ତ୍ତମାନ ସୁଦ୍ଧା ଗ୍ରାମର ଗଣେଶ ଶବର (୨୨) ଏବଂ ସୁବାସୀ ଶବର (୨୦) ବ୍ରହ୍ମପୁର ଏମ୍‌କେସିଜିରେ ଚିକିତ୍ସାଧୀନ ଅଛନ୍ତି।

ଅପରପକ୍ଷରେ ପ୍ରଶାସନର କୌଣସି ପ୍ରକାର ବିଫଳତାକୁ ପ୍ରଘଟ ନକରିବାକୁ ଗ୍ରାମରେ ତାଗିଦ କରାଯିବା ସହ ପ୍ରଘଟକାରୀଙ୍କୁ ବିଭିନ୍ନ ଯୋଜନାରୁ ବାଦ ଦିଆଯିବା ଏବଂ ସାମାଜିକ ବାସନ୍ଦ ଭୟ ଦେଖାଯାଉଥିବା ଜଣେ ବାସିନ୍ଦା ତାଙ୍କର ନାମ ଗୋପନ ରଖିବା ସର୍ତ୍ତରେ ପ୍ରକାଶ କରିଛନ୍ତି। ଏଭଳି ସଙ୍ଗୀନ ଅଭିଯୋଗର ତୁରନ୍ତ ତଦନ୍ତ କରାଯିବାର ଆବଶ୍ୟକତା ମଧ୍ୟ ରହିଛି। ଦିଗପହଣ୍ଡି ବ୍ଲକର ପୂର୍ବତନ ଅଧ୍ୟକ୍ଷ ବିପିନ ଚନ୍ଦ୍ର ପ୍ରଧାନ ଏବଂ ବ୍ରହ୍ମପୁର ଏମ.ପି ପ୍ରତିନିଧି କେ. ହରିବନ୍ଧୁ ରେଡ୍ଡୀ ଉସ୍ତପଲି ଗ୍ରାମକୁ ଗସ୍ତକରି ମୃତକଙ୍କ ପରିବାରକୁ ଭେଟିବା ସହ ଗ୍ରାମର ବିଭିନ୍ନ ସମସ୍ୟା ନେଇ ଲୋକଙ୍କ ସହ ଆଲୋଚନା କରିଛନ୍ତି। ଗ୍ରାମକୁ ଉନ୍ନତ ମାନର ରାସ୍ତା ନିର୍ମାଣ ପାଇଁ ସାଂସଦଙ୍କ ହାତ ପାଣ୍ଠିରୁ ୮ ଲକ୍ଷ ଟଙ୍କା ଯୋଗାଇ ଦିଆଯିବ ବୋଲି ପ୍ରତିନିଧି ଶ୍ରୀ ରେଡ୍ଡୀ କହିଛନ୍ତି।


**AFFIDAVIT**

I, Sapan Kumar Mohanty, aged about 61 years, S/o- Atul Mohanty, resident of At- Chhotakhanpur, Po- Badhapal, Ps- Baliapal, Dist- Balasore, Odisha, Pin- 756026 declare by this affidavit No. 1342, dtd. 10/07/2025, that now onwards I shall be known as **SAPAN MOHANTY** for all future purposes.

**AFFIDAVIT**

I, Shaik Abdus Salam, aged about 67 years, S/o- Shaik Karimulla, resident of At- Mojib Nagar, PO- Guji Darada, PS- Bhadrak Rural, Dist- Bhadrak, PIN- 756128, Odisha declared by this affidavit No. 1144, dtd- 11/07/2025 that now onwards I shall be known as **SK ABDUS SALAM** for all future purposes.

CAD-1081

**NOTICE INVITING TENDER**

**Office of Chief CSO/ CSO-cum-District Managers Odisha State Civil Supplies Corporation Ltd.**

**District BARGARH**

**Tender No. for Level-II Transport Contractor for the Block/ULB & Level-I TC for biennial 2025-27:**

1. Attabira Block/NAC-2895/09.07.2025
2. Bheden Block-2900/09.07.2025
3. Ambabhona Block-2894/09.07.2025
4. Bargarh Block-2896/09.07.2025
5. Barpali Block/NAC-2898/09.07.2025
6. Bhatli Block-2899/09.07.2025
7. Bijepur Block/NAC-2901/09.07.2025
8. Bargarh Municipality-2897/09.07.2025
9. Gaisilet Block-2902/09.07.2025
10. Jharbandh Block -2903/09.07.2025
11. Rajborasambar Block & Padampur-NAC -2905/09.07.2025
12. Sohela Block-2906/09.07.2025
13. Paikmal Block -2904/09.07.2025
14. Level-I TC-2893/09.07.2025

District Manager, Odisha State Civil Supplies Corporation Ltd., Bargarh invites tender in Double Cover System through **ONLINE MODE ONLY on e-procurement portal** www.tendersodisha.gov.in for the works below.

| | | |
|---|---|---|
| 1 | Name of the Work | Selection and Appointment of **Level-II** Transport Contractors for selection and appointment of Level-II contractor for transportation of Custom Milled Rice (CMR) from Rice Receiving Centre (RRC) to Retail Centre (FPS) and **Level-I** for transportation of Wheat from FCI to RRC-cum-DSCs in Bargarh District for biennial 2025-27. |
| 2 | Availability of tender documents in the portal | **From Dt. 11.07.2025** |
| 3 | Last date & time for receipt of complete Tender Documents in the portal | **Dt.31.07.2025 Up to 3:00 PM** |
| 4 | Date & time for opening of Technical Bid | **Dt.01.08.2025 at 10:00 AM for Level-II Transport Contractors. Dt.01.08.2025 at 11:30 AM for Level-I Transport Contractor.** |
| 5 | Name & address of the Officer Inviting Tender | **District Manager, OSCSC Ltd., Bargarh** |

Tender Documents & other details can be seen from the e-procurement portal www.oscsc.in, www.foododisha.in, www.tendersodisha.gov.in and www.bargarh.nic.in. Amendments /corrigendum/cancellation/re-tenders etc. if any shall be published only in above websites.

OIPR-07036/11/0008/2526

Chief CSO-cum-District Manager
OSCSC Ltd., Bargarh


## ହୀରାକୁଦ ଜଳ ଭଣ୍ଡାର

## ୨ ଗେଟ୍ ବନ୍ଦ, ୧୪ ଗେଟ୍ ଦେଇ ଜଳ ନିଷ୍କାସନ

ସମ୍ବଲପୁର,୧୧।୭ (ସମିସ): ଉପର ମୁଣ୍ଡରେ ବର୍ଷା କମିବା ଫଳରେ ହୀରାକୁଦ ଜଳଭଣ୍ଡାରକୁ ବନ୍ୟା ଜଳ ପ୍ରବେଶ କମିଛି। ଯାହାକୁ ନଜରରେ ରଖି ହୀରାକୁଦ କର୍ତ୍ତୃପକ୍ଷ ଶୁକ୍ରବାର ସନ୍ଧ୍ୟାରେ ୨ଟି ଗେଟକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସନ୍ଧ୍ୟା ସୁଦ୍ଧା ମିଳିଥିବା ରିପୋର୍ଟ ଅନୁସାରେ ବର୍ତ୍ତମାନ ୧୬ଟି ଗେଟ୍ ଦେଇ ଜଳ ନିଷ୍କାସିତ ହେଉଛି। ଜଳଭଣ୍ଡାରରୁ ବାମ ପଟର ୧୧ଟି ଓ ଡାହାଣ ପଟର ୫ଟି ଖୋଲା ରହିଛି। ଜଳପତ୍ତନ ୬୦୫.୧୯ ଫୁଟ୍ ଥିବା ବେଳେ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୩ ଲକ୍ଷ ୧୧ ହଜାର ୭୫୯ କ୍ୟୁସେକ୍ ଜଳ ପ୍ରବେଶ କରୁଛି। ମୋଟ୍ ୧୬ଟି ସୁଇସ୍ ଗେଟ୍ ଦେଇ ୨ ଲକ୍ଷ ୬୭ ହଜାର ୫୨୫ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସନ୍ଧ୍ୟା ୬.୫୦ ଓ ୭ଟା ୨୦ରେ ଦୁଇଟି ଗେଟ ବନ୍ଦ କରାଯାଇଛି। ବର୍ତ୍ତମାନ ବାମର ୧୦ଟି ଓ ଡାହାଣ ପଟର ୦୪ ଟି ମୋଟ ୧୪ ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେବା ନେଇ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।


**Government of Odisha**
**Office of the Superintending Engineer**
**Rural Works Division-I, Nabarangpur**
e-mail-eerwngp@redittmail.com.

O-398

Letter No. 3987 — Date 07.07.2025

**e-Procurement Notice**

Name of the work :- Building Works
Total No of works :- 02 (Two) No's.
Approx. Estimated Cost :- Rs.1.69 lakhs to 12.84Lakhs
Class of Contractor :- "C" & "D" Class Contractor
Period of completion :- 02 (Two) & 04 (Four) Calender Month

| Procurement officer | Bid Identification No: | No of works | Availability of tender online for bidding | | Date & Time of Opening of Tender | |
|---|---|---|---|---|---|---|
| | | | From | To | Technical | Financial |
| 1 | 2 | 3 | | 4 | 6 | |
| Rural Works Division-I, Nabarangpur | EERWNGP– Online-03/2025-26 | 02 (Two) No's. | 16.07.2025 at 10.00 AM | 23.07.2025 up to 03.00 PM | 24.07.2025 at 11.00 AM | |

For Details can be seen from the Government website www.tendersorissa.gov.in

OIPR-25092/11/0018/2526

Superintending Engineer
Rural Works Division-I, Nabarangpur

**ସର୍ବସାଧାରଣ ସୂଚନା**

ଆଲିସବ୍ଲୁ ଫାଇନାନ୍ସିଆଲ୍ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍

ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନଏସଇ) ର ସଦସ୍ୟ ଟିଏମ କୋଡ୍: 90112, ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ଲିମିଟେଡ୍ (ବିଏସଇ) ଟିଏମ କୋଡ୍: 6670, ମଲ୍ଟି କମୋଡିଟି ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ ଲିମିଟେଡ୍ (ଏମସିଏକ୍ସ) ଟିଏମ କୋଡ୍: 56710, ସେବି ରେଜିଷ୍ଟ୍ରେସନ୍ ନମ୍ବର: INZ000156038 ସହିତ।

ଏତଦ୍ୱାରା ସୂଚୀତ କରାଯାଉଛି ଯେ ଆମେ ଆମର ନିମ୍ନଲିଖିତ ପ୍ରାଧିକୃତ ବ୍ୟକ୍ତି (ଏପି) ଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଆରମ୍ଭ କରିଛୁ।

| ପ୍ରାଧୀକୃତ ବ୍ୟକ୍ତିଙ୍କ ନାମ | ଏପିଙ୍କ ଟ୍ରେଡ୍ ନାମ | ପ୍ୟାନ୍ ନମ୍ବର | ଏପି ର ଠିକଣା | ଏପି ପଞ୍ଜୀକରଣ ନଂ. |
|---|---|---|---|---|
| କୋଲୁକୁଲୁ ରୁ ସ୍ୱର୍ଣ୍ଣଲଥା | କୋଲୁକୁଲୁ ରୁ ସ୍ୱର୍ଣ୍ଣଲଥା | RFLPS1449A | ହାଉସ୍ ନଂ. 85, ରାଜୁଲା ବିଧି ବଡ଼ ହନୁମାନ ପ୍ରତିମୂର୍ତ୍ତି, ଭିଟିସି ରାଜସୀତାପୁର, ପୋଷ୍ଟ ଆର ସୀତାପୁର, ପାରଳାଖେମୁଣ୍ଡି, ଗଜପତି, ଓଡ଼ିଶା-761211 ମୋବାଇଲ୍ ନମ୍ବର: 9390839191 ଇମେଲ୍: a1.harshavarma@gmail.com | ଏନଏସଇ ଏଫଓ ପଞ୍ଜୀକରଣ ନଂ.: AP2988011541 |

ଦୟାକରି ଧ୍ୟାନ ଦିଅନ୍ତୁ ଯେ ଉପରୋକ୍ତ ପ୍ରାଧିକୃତ ବ୍ୟକ୍ତି (ଏପି) ଏହା ଲକ୍ଷ୍ୟ କରିଛନ୍ତି ଯେ ଏପି ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ (ସେବି) ଠାରୁ ଆବଶ୍ୟକୀୟ ପଞ୍ଜିକରଣ ନ ନେଇ ଗ୍ରାହକମାନଙ୍କୁ ପରାମର୍ଶଦାତା କଲ୍ ଏବଂ ନିବେଶ ଟିପ୍ସ ପ୍ରଦାନ ଭଳି ପ୍ରଲୋଭିତ କାର୍ଯ୍ୟକଳାପରେ ଜଡିତ। ଏହା ନିୟାମକ ମାନଦଣ୍ଡ ଏବଂ ଆମର କମ୍ପାନୀ ନୀତିର ଉଲ୍ଲଂଘନ। ଫଳସ୍ୱରୂପ, ଆମେ ଉକ୍ତ ଏପିଙ୍କ ସହିତ ଆମର ସମ୍ପର୍କ ସମାପ୍ତ କରିଛୁ। ବର୍ତ୍ତମାନଠାରୁ ଉପରୋକ୍ତ ଏପିଙ୍କ ସହିତ କାର୍ଯ୍ୟ କରୁଥିବା ଯେକୌଣସି ବ୍ୟକ୍ତି ନିଜ ବିପଦରେ ଏହା କରିବେ।

ତାଙ୍କ ସହିତ କୌଣସି ପ୍ରକାରର କାରବାର ପାଇଁ ଆଲିସବ୍ଲୁ ଫାଇନାନ୍ସିଆଲ୍ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ ଦାୟୀ ରହିବ ନାହିଁ।

କୌଣସି ପ୍ରଶ୍ନର ଉତ୍ତର ପାଇଁ, ନିବେଶକମାନଙ୍କୁ ଏହି ନୋଟିସ୍ ତାରିଖରୁ 07 ଦିନ ମଧ୍ୟରେ ଆଲିସବ୍ଲୁ ଫାଇନାନ୍ସିଆଲ୍ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ କୁ ଇମେଲ ଆଇଡି: grievances@aliceblueindia.com ରେ ଜଣାଇବାକୁ ଅନୁରୋଧ କରାଯାଉଛି।

ଆଲିସବ୍ଲୁ ଫାଇନାନ୍ସିଆଲ୍ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ଙ୍କ ପାଇଁ
ଆର ସରଭାନନ୍
– ଅନୁପାଳନ ଅଧିକାରୀ

ସ୍ଥାନ: ବାଙ୍ଗାଲୋର
ତାରିଖ: 12-07-2025

**ୟୁକୋ ବ୍ୟାଙ୍କ** — ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯

**ସୁନା ନିଲାମ ବିଜ୍ଞପ୍ତି**

ନିମ୍ନଲିଖିତ ବ୍ୟକ୍ତିମାନେ **ୟୁକୋ ବ୍ୟାଙ୍କର ସମ୍ପୃକ୍ତ ଶାଖା**ରେ ସୁନା ଅଳଙ୍କାର ବନ୍ଧକ ରଖି ଋଣ ନେଇଛନ୍ତି ଏବଂ ଆମର ଡିମାଣ୍ଡ ନୋଟିସ୍ ଜାରି ସତ୍ତ୍ୱେ ଋଣ ରାଶି ପରିଶୋଧ କରିନାହାଁନ୍ତି। ତେଣୁ ଏହି ନୋଟିସ୍ ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଯଦି ସେମାନେ **ତା.୨୫.୦୭.୨୦୨୫ରିଖ** ସୁଦ୍ଧା ସେମାନଙ୍କର ମୂଳଧନ, ସୁଧ ଓ ଅନ୍ୟାନ୍ୟ ଦେୟ ପୈଠ ନ କରନ୍ତି, ତେବେ ବନ୍ଧକ ଥିବା ଅଳଙ୍କାରଗୁଡିକ **ତା.୨୮.୦୭.୨୦୨୫ରିଖ ମଧ୍ୟାହ୍ନ ୧୨.୦୦ ଘଟିକା** ସମୟରେ **ସମ୍ପୃକ୍ତ ଶାଖା** ପରିସରରେ ସର୍ବସାଧାରଣରେ ନିଲାମ କରାଯିବ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମ ପ୍ରକ୍ରିୟାକୁ ଅନ୍ୟ କୌଣସି ସୁବିଧାଜନକ ତାରିଖକୁ ରଦ୍ଦ/ସ୍ଥଗିତ ରଖିବାର ଅଧିକାର ସଂରକ୍ଷିତ ରଖିଅଛି ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | ବକେୟା ପରିମାଣ | ଓଜନ (ଗ୍ରାମ୍‌ରେ) |
|---|---|---|---|
| | **ରସୁଲଗଡ ଶାଖା, ପ୍ଲଟ୍ ନଂ.: ୩୧୮/୧୨୯୪, ଜିଜିପି କଲୋନୀ, ୟୁନିଟ୍-୩୭, ରସୁଲଗଡ, ଭୁବନେଶ୍ୱର, ଶାଖା ପ୍ରବନ୍ଧକଙ୍କ ନାମ: ଶ୍ରୀ ମାନସ ପତି, ମୋ.: ୯୦୪୦୬୧୪୯୮୦** | | |
| ୧. | **ନର୍ମଦା ପରିଡା,** ସା: ପ୍ଲଟ୍ ନଂ.: ७५७, ଜିଜିପି କଲୋନୀ, ପୋଷ୍ଟ ଅଫିସ୍ ନିକଟ, ରସୁଲଗଡ, ଭୁବନେଶ୍ୱର-୭୫୧୦୨୫ / **୩୨୬୦୦୬୧୦୦୨୭୩୪୯** | ଟ.୧,୦୧,୦୦୦/- + ସୁଧ ଏବଂ ଦେୟ | ୩୩.୭୨ |
| | **ଚନ୍ଦ୍ରଶେଖରପୁର ଶାଖା, ପ୍ଲଟ୍ ନଂ.: ୨୬୨, ଡିଷ୍ଟ୍ରିକ୍ଟ ସେଣ୍ଟର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଶାଖା ପ୍ରବନ୍ଧକଙ୍କ ନାମ: ଶ୍ରୀ ସନ୍ତୋଷ ସାହାଣୀ, ମୋ.: ୯୬୯୨୭୭୪୮୩** | | |
| ୧. | **ସଂଘମିତ୍ରା ଦାସ,** ସା: ଏଚ୍‌ଆଇଜି-୧/୧୨, ବିଡିଏ କଲୋନୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୭୫୧୦୧୬ / **୨୫୪୩୦୬୧୦୦୧୯୪୨୯** | ଟ.୧,୬୭,୦୦୦/- + ସୁଧ ଏବଂ ଦେୟ | ୪୭.୪୦ |
| ୨. | **ସେକ୍ ଅକିଲ୍ ଫାଜା କାଦିର,** ପିତା: ସେକ୍ ଲୋକମନ କାଦିର, କ୍ୱାର୍ଟର ନଂ.: ୨ଆର୍-୨/୧, ୟୁନିଟ୍-୨, ଆଇ.ଜି.ପାର୍କ ନିକଟ, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯ / **୨୫୪୩୦୬୧୦୦୨୨୩୯୯** | ଟ.୩୮,୨୮୩/- + ସୁଧ ଏବଂ ଦେୟ | ୧୨.୪୦ |
| ୩. | **ପ୍ରଦୀପ କୁମାର ମିଶ୍ର,** ସା: ପ୍ଲଟ୍ ନଂ.: ୩୨୧/୨୫୭୧/୨୫୮୬, ଏନ୍‌ଏଚ୍-୫ ନିକଟ, ପାତ୍ରପଡା, ଖଣ୍ଡଗିରି, ଭୁବନେଶ୍ୱର / **୨୫୪୩୦୬୧୦୦୨୪୪୩୦** | ଟ.୧,୦୮,୦୩୪/- + ସୁଧ ଏବଂ ଦେୟ | ୨୭.୨୦ |
| | **ଦଳାଇସାହି ଶାଖା, ସା: ଦଳାଇସାହି, ପୋ: ମାଣିକ ଗୋଡା, ଭାୟା: ବୋଲଗଡ, ଖୋର୍ଦ୍ଧା - ୭୫୨୦୬୬, ଶାଖା ପ୍ରବନ୍ଧକଙ୍କ ନାମ: ଶ୍ରୀ ବିଶ୍ୱଜିତ୍ ସାହାଣୀ, ମୋ.: ୯୦୪୦୭୦୧୧୭୭** | | |
| ୧. | **ଦିପକ କୁମାର ମହାରଣା,** ସା: ହାଟ ସାହି, ପୋ: ମାଣିକ ଗୋଡା, ଖୋର୍ଦ୍ଧା-୭୫୨୦୬୬ / **୩୨୭୬୦୬୧୦୦୧୯୨୩୮** | ଟ.୨,୦୫,୦୦୦/- + ସୁଧ ଏବଂ ଦେୟ | ୭୦.୪୦ |
| ୨. | **ଅଶୋକ କୁମାର ବେହେରା,** ସା: କୁମୁଟି ସାହି, ପୋ: ମାଣିକ ଗୋଡା, ଖୋର୍ଦ୍ଧା-୭୫୨୦୬୬ / **୩୨୭୬୦୬୧୦୦୧୭୨୭୨** | ଟ.୧,୭୩,୦୦୦/- + ସୁଧ ଏବଂ ଦେୟ | ୬୪.୩୦ |
| | **ଡେଲାଙ୍ଗ ଶାଖା, ସା/ପୋ: ଡେଲାଙ୍ଗ, ଜିଲ୍ଲା: ପୁରୀ, ଶାଖା ପ୍ରବନ୍ଧକଙ୍କ ନାମ: ଶ୍ରୀ ପୀତବାସ ସାମନ୍ତରାୟ, ମୋ.: ୯୬୯୨୭୮୪୨୬୦** | | |
| ୧. | **ପୂର୍ଣ୍ଣ ଚନ୍ଦ୍ର ପଲାଇ,** ପିତା: ସୁଦର୍ଶନ ପଲାଇ, ସା: ଜଗଦଳପୁର, ପୋ/ଥାନା: ଡେଲାଙ୍ଗ, ଜିଲ୍ଲା: ପୁରୀ / **୦୮୪୩୦୬୧୦୦୩୫୬୭୨** | ଟ.୬୬,୫୭୪/- + ସୁଧ ଏବଂ ଦେୟ | ୧୫.୪୦ |
| | **ଏମ୍‌ସ ସିଜୁଆ ଶାଖା, ଏନ୍‌ଏଚ୍-୫, ସା/ପୋ: ପାତ୍ରପଡା, ଖୋର୍ଦ୍ଧା, ଓଡିଶା, ଶାଖା ପ୍ରବନ୍ଧକଙ୍କ ନାମ: ଶ୍ରୀମତୀ ଦେବସ୍ମିତା ବେହେରା, ମୋ.: ୭୭୩୫୧୪୦୬୫୦** | | |
| ୧. | **ପ୍ରଦୀପ କୁମାର ମିଶ୍ର,** ସା: ପ୍ଲଟ୍ ନଂ.: ୩୨୧/୨୫୭୧/୨୫୮୬, ଏନ୍‌ଏଚ୍-୫ ନିକଟ, ପାତ୍ରପଡା, ଖଣ୍ଡଗିରି, ଭୁବନେଶ୍ୱର / **୩୧୮୪୦୬୧୦୦୨୯୨୧୩** | ଟ.୨,୬୬,୭୩୧/- + ସୁଧ ଏବଂ ଦେୟ | ୬୬.୬୦ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରନ୍ତି:**

୧. ବ୍ୟାଙ୍କ ଅଳଙ୍କାର/କଏନ୍‌ରେ ସୁନାର ଭାଗ, ଓଜନ କିମ୍ବା ଶୁଦ୍ଧତାର ଗ୍ୟାରେଣ୍ଟି ଦିଏ ନାହିଁ ।
୨. ଇଚ୍ଛୁକ ନିଲାମଧାରୀମାନେ ବ୍ୟାଙ୍କର କୌଣସି କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ଅଳଙ୍କାରଗୁଡିକର ଯାଞ୍ଚ କରିପାରିବେ ।
**୩. ଇଚ୍ଛୁକ ନିଲାମଧାରୀମାନଙ୍କୁ ପ୍ରତ୍ୟେକ ଆକାଉଣ୍ଟର ସଂରକ୍ଷିତ ମୂଲ୍ୟ ନିମନ୍ତେ ସମ୍ପୃକ୍ତ ଶାଖା ମୁଖ୍ୟଙ୍କ ସହିତ ଯୋଗାଯୋଗ କରିବାକୁ ପଡିବ।**
୪. ଇଚ୍ଛୁକ କ୍ରେତା ସଂରକ୍ଷିତ ରାଶି(ବକେୟା ରାଶି ଅନୁଯାୟୀ ଆକଳନ କରାଯିବ)ର ୨୫% ଅମାନତ ରାଶି ରୂପେ ଜମା କରିବେ।
୫. ସର୍ବୋଚ୍ଚ ନିଲାମଧାରୀ ଅବଶିଷ୍ଟ ନିଲାମ ରାଶି **୨୪ ଘଣ୍ଟା** ମଧ୍ୟରେ କିମ୍ବା ବ୍ୟାଙ୍କର ପରବର୍ତ୍ତୀ କାର୍ଯ୍ୟଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ପୈଠ କରିବା ପରେ ଅଳଙ୍କାରଗୁଡିକ ପ୍ରଦାନ କରାଯିବ ।
୬. ଯଦି ସଫଳ ନିଲାମଧାରୀ ରାଶି ପୈଠ କରିବାରେ ବିଫଳ ହୁଅନ୍ତି ନିଲାମଧାରୀଙ୍କ ଅମାନତ ଅର୍ଥ ବାଜ୍ୟାପ୍ତି ହେବ ଏବଂ ନିଲାମ ତାରିଖଠାରୁ **୩୦** ଦିନ ମଧ୍ୟରେ ଅଳଙ୍କାର ପୁନଃ ବିକ୍ରୟ କରାଯିବ।
୭. ନିଲାମ ସମାପ୍ତ ହେଲାପରେ ଅସଫଳ ନିଲାମଧାରୀ ସଙ୍ଗେ ସଙ୍ଗେ ଅମାନତ ରାଶି ଫେରସ୍ତ ପାଇପାରିବେ ।
୮. କୌଣସି କାରଣ ନଦର୍ଶାଇ ଯେକୌଣସି ସମୟରେ ନିଲାମକୁ ବନ୍ଦ କରିବାର ଆଇନଗତ ଅଧିକାର ବ୍ୟାଙ୍କର ରହିଛି, ଏହି ପରିପ୍ରେକ୍ଷୀରେ ଅମାନତ ରାଶି ଜମା କରିଥିବା ବ୍ୟକ୍ତିଙ୍କୁ ଅମାନତ ରାଶି ଫେରସ୍ତ କରାଯିବ ।

ବି.ଦ୍ର: ସବିଶେଷ ବିବରଣୀ ନିମନ୍ତେ ଆଞ୍ଚଳିକ କାର୍ଯ୍ୟାଳୟ କୋ-ଅର୍ଡିନେଟର, ମୋ: ୭୮୭୩୦୧୬୮୨୧ଙ୍କ ସହ ଯୋଗାଯୋଗ କରନ୍ତୁ।

ସ୍ଥାନ: ଭୁବନେଶ୍ୱର
ତାରିଖ: ୧୧.୦୭.୨୦୨୫

କ୍ଷମତାପ୍ରାପ୍ତ ଅଧିକାରୀ
ୟୁକୋ ବ୍ୟାଙ୍କ

**AFFIDAVIT**

I, Srikant Mallick, aged about 51 years, S/o- Maheswar Mallick, resident of At- Plot No. 125/3030, Ekamra Vihar, Ebranga, PO- Old Town, PS- Air Field, Bhubaneswar, Dist- Khordha, PIN- 751002, Odisha declared by this affidavit No. 1145, dtd- 11/07/2025 that now onwards I shall be known as **SRIKANTA MALLICK** for all future purposes.

**AFFIDAVIT**

By virtue of an affidavit sworn before the court of Executive Magistrate, Danagadi dtd. 26.06.2025, I, Srikrishna Jena, At- Godigotha, Po.: Ollala, Ps- Jajpur Road, Jajpur, Odisha have changed my name from Krishna Jena to Srikrishna Jena. I shall be known as **Srikrishna Jena** for all the purposes.

**AFFIDAVIT**

I, Abani Kumar Misra, S/o- Raghunath Misra resident of At- Flat No - E71, Cosmopolish, Dumuduma,PS: Khandagiri, Bhubaneswar,Dist- Khordha, Pin- 751019, Odisha declare by this affidavit No Vol-II, SL No - 571, dtd. 10.07.2025 that now onwards my daughter **AADHITRRI** shall be known as **AADHITRRI MISHRA** for all future purposes.

**Sd- Abani Kumar Misra**

**AFFIDAVIT**

I, Abani Raghunath Mishra, S/o- Raghunath Misra resident of At- Flat No - E71, Cosmopolish, Dumuduma,PS: Khandagiri, Bhubaneswar, Dist- Khordha, Pin- 751019, Odisha declare by this affidavit No Vol-II, SL No - 572, dtd. 10.07.2025 that now onwards I shall be known as **ABANI KUMAR MISRA** for all future purposes.

**Sd- Abani Kumar Misra**

**AFFIDAVIT**

By virtue of an affidavit No.1858, dtd.11.07.2025 before the Executive Magistrate, Phulbani, I, Abhiram Digal, S/o Keti Digal, At-Malla, PO: Sadinga, PS: Phiringia, Dist: Kandhamal, Odisha-762011 have changed my name from Abraham Digal to Abhiram Digal. Henceforth, I shall be known as **Abhiram Digal** for all purposes.

**Sd/-Abhiram Digal**

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, dated 11.07.2025, I, NIRMALA MOHANTY, W/o. Purna Chandra Mohanty, Permanent resident At-Daruthenga, PS- Chandaka, Dist-Khurda, Pin- 754005, Odisha, declare that I have changed my name from NIRMALA DEI to NIRMALA MOHANTY. Henceforth, I shall be known as **NIRMALA MOHANTY** for all purposes.

**NIRMALA MOHANTY**

**AFFIDAVIT**

I, Sonia Abani Mishra, W/o- Abani Kumar Misra resident of At- Flat No - E71, Cosmopolish, Dumuduma,PS: Khandagiri, Bhubaneswar, Dist- Khordha, Pin- 751019, Odisha declare by this affidavit No Vol-II, SL No - 573, dtd. 10.07.2025 that now onwards I shall be known as **SONIA MISHRA** for all future purposes.

**Sd- Sonia Mishra**

**AFFIDAVIT**

I, C.C. Muhanty, aged about 90 years, S/o- Late Banchhanidhi Mohanty, resident of Vill/PO- Kandasar, PS- Nalconagar, Dist- Angul, PIN- 759145, Odisha declared by this affidavit No. 601, dtd- 11/07/2025 that now onwards I shall be known as **CHAITANYA CHARAN MOHANTY** for all future purposes.

**AFFIDAVIT**

I, Om Prakash Mundra, aged about 79 years, S/o- Late Chhaganmal Mundra, resident of Aditi Chanda Royal, Flat No. 301 & 302, Plot No. 1266/2308, Govind Prasad, Rasulgarh, Bhubaneswar, PIN-751010, Odisha declared by this affidavit No. 95/2025, dtd- 07/05/2025 that now onwards I shall be known as **OM PRAKASH MAHESHWARI** for all future purposes.

# ପୁଲିସ କବ୍‌ଜାରେ ୩ ଆନ୍ତଃରାଜ୍ୟ ଲୁଟେରା

ବଡ଼ବିଲ/ଯୋଡ଼ା, ୧୧।୭ (ସମିସ)

କେନ୍ଦୁଝରଜିଲ୍ଲା ବଡ଼ବିଲପୁଲିସ୩ଆନ୍ତଃରାଜ୍ୟଲୁଟେରା ସମେତ ୫ ଜଣଙ୍କୁ ଗିରଫ କରିଛି। ଯୋଡ଼ା, ବଡ଼ବିଲ ଓ ଚମ୍ପୁଆ ଥାନାଞ୍ଚଳରେ ସକାଳ ବେଳା ଓ ସନ୍ଧ୍ୟା ସମୟରେ ବୟସ୍କ ମହିଳାଙ୍କଠାରୁ ସୁନା, ରୁପା ଅଳଙ୍କାର ଲୁଟ ଆଦି ଅନେକ ମାମଲା ଦୃଷ୍ଟିରୁ କେନ୍ଦୁଝର ଏସ୍‌ପି ନୀତିନ କୁଶଲକାରଙ୍କ ନିର୍ଦ୍ଦେଶକ୍ରମେ ବଡ଼ବିଲ ଥାନାଧିକାରୀ ଅଶୋକ ନାୟକଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟିମ ଚଢ଼ଉ କରି ଏହି ସଫଳତା ପାଇଛନ୍ତି। ପୁଲିସର ଦୁଇଟି ଟିମ ଝାଡ଼ଖଣ୍ଡସ୍ଥିତ ପୂର୍ବ ସିଂହଭୂମ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଚଢ଼ଉ କରି ୩ ଜଣ ଅନ୍ତଃରାଜ୍ୟ ଲୁଟେରାଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ଚୋରା ସାମଗ୍ରୀ କିଣୁଥିବା ୨ ଜଣ ଅଳଙ୍କାର ଦୋକାନୀକୁ ମଧ୍ୟ ଗିରଫ କରିଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ଝାଡ଼ଖଣ୍ଡ ରାଜ୍ୟ ପୂର୍ବ ସିଂହଭୁମ ଜିଲ୍ଲା ମଝିଗାଁ ଥାନାଞ୍ଚଳର ରାଜେନ୍ଦ୍ର ପିଙ୍ଗୁଆ(୩୨), ଦୀପକ ଗୋପ (୩୦) ଓ ଜଗନ୍ନାଥପୁର ଥାନାଞ୍ଚଳର ସରୋଜ କେଶରୀ(୩୨)। ରାଜେନ୍ଦ୍ର ନାମରେ ଯୋଡ଼ା, ବଡ଼ବିଲ, ଚମ୍ପୁଆ ଓ ଝାଡ଼ଖଣ୍ଡ ପ୍ରଦେଶ ହାଟଗମାରିହା ଥାନାରେ ୧୦ଟି ମାମଲା, ସରୋଜ ନାମରେ ଯୋଡ଼ା ଓ ବଡ଼ବିଲ ଥାନାରେ ୮ଟି ମାମଲା ଓ ଦୀପକ ନାମରେ ଯୋଡ଼ା, ବଡ଼ବିଲ ଓ ଚମ୍ପୁଆ ଥାନାରେ ଗୋଟିଏ ଲେଖାଏ ମାମଲା ରହିଛି। ଏମାନଙ୍କ ଠାରୁ ଚୋରାରେ ଅଳଙ୍କାର କିଣୁଥିବା ଅଭିଯୁକ୍ତମାନେ ହେଲେ ଝାଡ଼ଖଣ୍ଡ ରାଜ୍ୟ ପଶ୍ଚିମ ସିଂହଭୂମି ବାଗବେଡା ଥାନାଞ୍ଚଳର ଶିବପ୍ରକାଶ ପ୍ରସାଦ ଓ ରାଜେନ୍ଦ୍ର ପ୍ରସାଦ। ଏମାନଙ୍କଠାରୁ ୩ କି.ଗ୍ରା ୬୮୧ ଗ୍ରାମ ଓଜନର ରୁପା ଗହଣା, ୨୯ ଗ୍ରାମ ୨୭ ମିଲିଗ୍ରାମ ଓଜନର ସୁନା ଗହଣା ଓ ଏକ ଚୋରା ବାଇକ (ଜେଏଚ ୦୫. ବି ଏନ୍ ୯୨୬୬)କୁ ଜବତ କରାଯାଇଥିବା ବଡ଼ବିଲ ଏସଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ ସୂଚନା ଦେଇଛନ୍ତି।



**ଲକ୍ଷାଧିକ ଟଙ୍କାର ଗହଣା ଓ ବାଇକ୍ ଜବତ, ୫ ଗିରଫ**

## ଓଷ୍ଟା ବାଂଶପାଳ ବ୍ଲକସ୍ତରୀୟ ସମ୍ବର୍ଦ୍ଧନା ଉତ୍ସବ



କେନ୍ଦୁଝର, ୧୧।୭ (ସମିସ): ନବନିର୍ବାଚିତ ଜିଲ୍ଲା ଓଷ୍ଟା ସଭାପତି ମନ୍ମଥନାଥ ମହାନ୍ତ ଓ ଉପସଭାପତି ବୈକୁଣ୍ଠନାଥ ମହାନ୍ତଙ୍କୁ ବାଂଶପାଳ ବ୍ଲକ ଓଷ୍ଟା ତରଫରୁ ବରଗୋଡା ଗୁପ୍ତେଶ୍ୱର ହାଇସ୍କୁଲ୍‌ରେ ସମ୍ବର୍ଦ୍ଧିତ କରାଯାଇଛି। ବିଶ୍ୱନାଥ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଲମ୍ବୋଦର ମହାନ୍ତ, ଅଁରା ହାଇସ୍କୁଲ୍‌ର ବିଜ୍ଞାନ ଶିକ୍ଷକ ତାରିଣୀ ପ୍ରସାଦ ନନ୍ଦ, ଯାତ୍ରା ସରକାରୀ ହାଇସ୍କୁଲ୍‌ର ପ୍ରଧାନଶିକ୍ଷକ ସାଇସଂକଳ୍ପ ସେଠୀ, ମା' ପାଟେଶ୍ୱରଉଚ୍ଚବିଦ୍ୟାଳୟଟଣରତପନ ସାହୁ ଯୋଗ ଦେଇଥିଲେ। ରଞ୍ଜନ ସାମଲ, ରବିନ୍ଦ୍ର ମହାନ୍ତ, ରମେଶଚନ୍ଦ୍ର ମହାନ୍ତ, ଭୀମସେନ ବେହେରା, ନିନା ସୌଭାଗ୍ୟଲକ୍ଷ୍ମୀ ମହାନ୍ତ, ଦୟାନିଧି ରାଉଳ ପ୍ରମୁଖ ଶିକ୍ଷକ ସହଯୋଗ କରିଥିଲେ। ହିନ୍ଦୀ ଶିକ୍ଷକ ରବିନ୍ଦ୍ର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ବୁଥ୍‌ସ୍ତରୀୟ ଅଧିକାରୀଙ୍କ ତାଲିମ ଶିବିର



ଆନନ୍ଦପୁର, ୧୧।୭ (ସମିସ): ଘସିପୁରା ବ୍ଲକ ସମ୍ମିଳନୀ କକ୍ଷରେ ଗତ ୮ ତାରିଖରୁ ବୁଥ୍‌ସ୍ତରୀୟ ଅଧିକାରୀଙ୍କ ନିମିତ୍ତ ତିନିଦିନିଆ ତାଲିମ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି। ଘସିପୁରା ବ୍ଲକର ବୁଥ୍‌ସ୍ତରୀୟ ଅଧିକାରୀ ଓ ସମସ୍ତ ସୁପରଭାଇଜର ଅଂଶଗ୍ରହଣ କରିଥିଲେ। ଜାନୁଆରୀ ୧, ଏପ୍ରିଲ ୧, ଜୁଲାଇ ୧ ଓ ଅକ୍ଟୋବର ୧ କୁ ଯୋଗ୍ୟତା ତାରିଖ ରୂପେ ଧରାଯାଇ ସାବାଳକ ଭୋଟରମାନଙ୍କୁ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରିବା, ମୃତ, ଅନୁପସ୍ଥିତ ଓ ସ୍ଥାନାନ୍ତରିତ ଭୋଟରଙ୍କୁ ବାଦ୍ ଦେବା ଏବଂ ଭୋଟରଙ୍କ ତଥ୍ୟ ଆଦି ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା। ଉପଜିଲ୍ଲାପାଳ ଆନନ୍ଦପୁର ନୀଳମାଧବ ସୁନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ସଞ୍ଜୟ କୁମାର ସାମନ୍ତରାୟ, ବିଡିଓ ବିନିତା ବିଜୟିନୀ ଆନନ୍ଦପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ବରିଷ୍ଠ ରାଜସ୍ୱ ସହାୟକ ଶୁଭେନ୍ଦୁ ସାହୁ ଏବଂ ଗୌରାଙ୍ଗ ଜେନା ପ୍ରଶିକ୍ଷଣ ଦେଇଥିଲେ। ଜିପିଡିଓ ଜିତେନ୍ଦ୍ର ସେଠୀ, ପେସା ସଂଯୋଜକ ରଶ୍ମିରଞ୍ଜନ ପତି ଓ ଓସ୍ୱାନ ସଂଯୋଜକ ତାପସ ବାରିକ ପରିଚାଳନା କରିଥିଲେ।



ବେଲବାହାଳି: ଗୁରୁପୂର୍ଣ୍ଣିମା ଉପଲକ୍ଷେ ଜଗନ୍ନାଥ ଧାମ ପୁରୀରେ ଦୟାଳ ବାବା ଭଜନ ଆରାଧାନା ପକ୍ଷରୁ ଭଜନ ପରିବେଷଣ

## ସ୍କୁଲ ଘର ଉଦ୍‌ଘାଟନକୁ ନେଇ ତେଜିଲା ବିବାଦ




ହାଟଡ଼ିହୀ, ୧୧।୭ (ସମିସ): ହାଟଡ଼ିହୀ ଶିକ୍ଷାମଣ୍ଡଳ ଅଧୀନ ୪୪ ଲକ୍ଷ ଟଙ୍କା ବ୍ୟୟରେ ସରକାରୀ ଅନୁଦାନରେ ନିର୍ମିତ ଏକ ଶ୍ରେଣୀଗୃହ ଉଦଘାଟନକୁ ନେଇ ବିବାଦ ଆରମ୍ଭ ହୋଇଛି। ବ୍ଲକ ପକ୍ଷରୁ ଏହି ଘର ନିର୍ମାଣ କରାଯାଉଥିବା ବେଳେ ବିଡିଓ ଏବଂ ବ୍ଲକ ଶିକ୍ଷାଧିକାରୀଙ୍କ ଅଗୋଚରରେ ଏହି ଶ୍ରେଣୀଗୃହ କିପରି ଉଦଘାଟନ ହେଲା ତାକୁ ନେଇ ଉଠିଛି ପ୍ରଶ୍ନବାଚୀ। ସୂଚନାରୁ ଜଣାଯାଇଛି ଯେ ନସିରିପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବ୍ଲକ ପକ୍ଷରୁ ଶ୍ରେଣୀଗୃହ ନିର୍ମାଣ ଲାଗି ଅନୁଦାନ ଯୋଗାଇ ଦିଆଯାଇଥିଲା। ଏବେ ବି ମଧ୍ୟ ଏହି ପ୍ରକଳ୍ପର କାମ ସମ୍ପୂର୍ଣ୍ଣ ହୋଇନାହିଁ। ଗତ ରବିବାର ବିଦ୍ୟାଳୟର ପ୍ରଧାନଶିକ୍ଷକ କୌଣସି ସରକାରୀ ଅଧିକାରୀଙ୍କୁ ନଜଣାଇ କିଛି ଶିକ୍ଷକ ନେତାଙ୍କୁ ଧରି ବିଦ୍ୟାଳୟର ନୂତନ ଶ୍ରେଣୀଗୃହକୁ ଉଦଘାଟନ କରାଇଛନ୍ତି। ଏଥିରେ ଜଣେ ଅବସରପ୍ରାପ୍ତ ଶିକ୍ଷାଧିକାରୀ ମୁଖ୍ୟଅତିଥି ହୋଇଥିବା ବେଳେ ଜଣେ ଅବସରପ୍ରାପ୍ତ ଶିକ୍ଷକ ଯେ କି ନିଜକୁ ଜିଲ୍ଲାସ୍ତରୀୟ ସଂଘ ନେତା ଭାବେ କହି ବୁଲୁଛନ୍ତି ସେ ମୁଖ୍ୟବକ୍ତା ହୋଇଥିଲେ। ବିଡ଼ିଓ, ବ୍ଲକ ଶିକ୍ଷାଧିକାରୀ, ବ୍ଲକ ସହ ଶିକ୍ଷାଧିକାରୀ, ସ୍ଥାନୀୟ ସରପଞ୍ଚ କେହିବି ଏ ବାବଦରେ ଜାଣି ନଥିବା କହିଛନ୍ତି। ପ୍ରଧାନଶିକ୍ଷକଙ୍କ ଏପରି ମନମୁଖୀ କାର୍ଯ୍ୟକୁ ନେଇ ସମଗ୍ର ଅଞ୍ଚଳରେ ଚର୍ଚ୍ଚା ହେଉଛି। ଏହା ଏକ ଅଗଣତାନ୍ତ୍ରିକ ଓ ଖରାପ ପରମ୍ପରା ସୃଷ୍ଟି କରିଛି ବୋଲି କୁହାଯାଉଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ କୁହନ୍ତି ଯେ ପୁରୁଣା ଘରଟି ଭାଙ୍ଗି ବିପଦସଙ୍କୁଳ ହୋଇଥିବାରୁ ସେ ଏପରି ପଦକ୍ଷେପ ନେଲେ। ମାତ୍ର ଠିକାଦାର ଘର ହସ୍ତାନ୍ତର କରି ନଥିବା ବେଳେ ପଦାଧିକାରୀଙ୍କ ସମ୍ମତି ନନେଇ ଅବସରପ୍ରାପ୍ତ ଶିକ୍ଷାଧିକାରୀଙ୍କୁ ଡାକି ଉଦଘାଟନ କରିବା କେତେଦୂର ଯଥାର୍ଥ ସେନେଇ ବ୍ଲକ ଶିକ୍ଷାଧିକାରୀ ପ୍ରଶ୍ନ ଉଠାଇଛନ୍ତି। ସେ ଏନେଇ କାରଣ ଦର୍ଶାଅ ନୋଟିସ କରିବେ ବୋଲି କହିଛନ୍ତି।

## ବିଭିନ୍ନ ସ୍ଥାନରେ ବନ ମହୋତ୍ସବ



ଆନନ୍ଦପୁର, ୧୧।୭ (ସମିସ): ଆନନ୍ଦପୁରର ଶାଳପଡ଼ାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ୭୬ତମ ବନମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ସୌମ୍ୟରଞ୍ଜନ ବେହେରାଙ୍କ ତତ୍ତ୍ୱାବଧାନରେ ମୁଖ୍ୟଅତିଥି ଭାବେ ସହ ବନ ସଂରକ୍ଷକ ଅଶୋକ କୁମାର ବିଶ୍ୱାଳ ଓ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ଅଗ୍ନିଶମ ଅଧିକାରୀ ରାଧୁଚରଣ ମଲ୍ଲିକ ଯୋଗ ଦେଇଥିଲେ। ଜୀବନ ଓ ଜୀବିକା ପାଇଁ ବୃକ୍ଷର ଅବଦାନ ଅତୁଳନୀୟ ଓ ଜଙ୍ଗଲ ସଂପଦର ସୁରକ୍ଷା, ଅଭିବୃଦ୍ଧି ବର୍ତ୍ତମାନ ପାଇଁ ଅପରିହାର୍ଯ୍ୟ ବୋଲି ମତ ରଖିଥିଲେ। ଏହାପରେ ଅଧ୍ୟକ୍ଷଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ଚାରା ରୋପଣ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ଏବଂ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

ବଡ଼ବିଲ: କେନ୍ଦୁଝର ଜିଲ୍ଲା ବଡ଼ବିଲଠାରେ ଥିବା ରୋଟାରୀ କ୍ଲବ ପକ୍ଷରୁ ଗୁରୁବାରଠାରୁ ବୃକ୍ଷ ରୋପଣ ସପ୍ତାହର ଶୁଭାରମ୍ଭ ପରିପ୍ରେକ୍ଷୀରେ ଚାରା ରୋପଣ କରାଯାଇଛି। ବଡ଼ବିଲ ପୌରାଞ୍ଚଳ ଅନ୍ତର୍ଗତ ୪ ନମ୍ବର ୱାର୍ଡ ସେଡିଂ ବସ୍ତି ପ୍ରାଥମିକ ବିଦ୍ୟାଳୟ ପରିସରରେ ୧୨୫ରୁ ଅଧିକ ଫଳ ଚାରା ରୋପଣ କରାଯାଇଥିଲା। ବଡ଼ବିଲ ରେଞ୍ଜର ସଂଜୀବ ରାଉତ, ବଡ଼ବିଲ ରୋଟାରୀ କ୍ଲବର ସଭାପତି ସୁନୀଲ ଝା, ସମ୍ପାଦକ ହରିହର ମିଶ୍ର, ଅଶୋକ ଠକ୍କର, ମଜିନଦର ସିଂ, ସମେତ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ଆଗାମୀ ଏକ ସପ୍ତାହ ପର୍ଯ୍ୟନ୍ତ ବଡ଼ବିଲ ରୋଟାରୀ କ୍ଲବ ପକ୍ଷରୁ ବଡ଼ବିଲ ଅଞ୍ଚଳର ବିଭିନ୍ନ ସ୍ଥାନରେ ଚାରା ରୋପଣ କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି କ୍ଲବର ସଭାପତି ସୁନୀଲ ଝା ସୂଚନା ଦେଇଛନ୍ତି।

## ବାରିଗାଁରେ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା ସଭା



ବେଲବାହାଳି, ୧୧।୭ (ସମିସ): ଆନନ୍ଦପୁର ବ୍ଲକ ବାଇଲୋ ପଞ୍ଚାୟତ ବାରିଗାଁ ସରକାରୀ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ନିରଞ୍ଜନ ପଣ୍ଡାଙ୍କୁ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, ବିଦ୍ୟାଳୟ କମିଟି ପକ୍ଷରୁ ସମ୍ବର୍ଦ୍ଧନା ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ପ୍ରେମଲତା ପେରେଇ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଗୋଷ୍ଠୀ ଶିକ୍ଷାଧିକାରୀ ହରିହର ଦଳେଇ, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଗୋଷ୍ଠୀ ଶିକ୍ଷାଧିକାରୀ ଶରତଚନ୍ଦ୍ର ରାଉତ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ହେମେନ୍ଦ୍ରନାଥ ମହାନ୍ତି, ଜିଲ୍ଲା ଏୟୁପିଟିଏଫ ସଭାପତି ଅତୁଲ୍ୟ କୁମାର ବଳ, ପ୍ରାକ୍ତନ ଗୋଷ୍ଠୀ ଶିକ୍ଷାଧିକାରୀ ଅଭିମନ୍ୟୁ ସାହୁ, ସିଆରସିସି ଶଶିକାନ୍ତ ମହାନ୍ତି, ବାଇଲୋ ପଞ୍ଚାୟତ ସରପଞ୍ଚ କଳ୍ପନା ଜେନା, ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ ବ୍ଲକ ସଭାପତି ଚିତ୍ତରଞ୍ଜନ ଘଡ଼େଇ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମଂଜୁଲତା ପୁଷ୍ଟି ବିଦାୟୀ ଶିକ୍ଷକଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ଶିକ୍ଷକ ବ୍ରହ୍ମାନନ୍ଦ ଜେନା, ଯୁଧିଷ୍ଠିର ଯେନା, ବାଳକୃଷ୍ଣ ପଣ୍ଡା ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ଦେବୀ, ପ୍ରଭାତୀ ରଥ, ସାଗରିକା ପହି, ରୀନା ବେହେରା, ଦିପ୍ତୀମୟୀ କୁଅଁର ପରିଚାଳନା କରିଥିଲେ। ଏନେଇ ସହକାରୀ ଶିକ୍ଷକ ବିଦାୟ ଦିଆଯାଉଥିବାରୁ ଛାତ୍ରଛାତ୍ରୀମାନେ ଭାବ ବିହ୍ୱଳ ହୋଇ ପଡ଼ିଥିଲେ।

## ପୁଲିସକୁ ଆକ୍ରମଣ ଘଟଣାରେ ଅଭିଯୁକ୍ତର ଟେର୍ ପାଉନି ପୁଲିସ

ରାମଚନ୍ଦ୍ରପୁର, ୧୧।୭ (ସମିସ): ରାମଚନ୍ଦ୍ରପୁର ଥାନା ୨୦ ନମ୍ବର ଜାତୀୟ ରାଜପଥ ସୁଆଁପଦା ଛକରେ ଏକମାସ ପୂର୍ବରୁ ଏକ ଗାଡ଼ି ଦୁର୍ଘଟଣା ହୋଇଥିଲା। ସେଠାରେ ସ୍ଥିତି ଅନୁଧ୍ୟାନ କରିବାକୁ ଯାଇଥିବା ରାମଚନ୍ଦ୍ରପୁର ଥାନାର ପୁଲିସ ଏସଆଇ ସୁଶାନ୍ତ ମହାକୁଡ ଏବଂ ଶାନ୍ତନୁ ଜେନାଙ୍କ ସହ ସ୍ଥାନୀୟ ଖଲଣା ଗ୍ରାମର କିଛି ଯୁବକଙ୍କ ହାତାହାତିକୁ ନେଇ ରୁଜୁ ହୋଇଥିବା ମାମଲାର ତଦନ୍ତ ଶିଥିଳ ପଡ଼ିଛି। ଏହି ଘଟଣାରେ ଅଭିଯୁକ୍ତର ଟେର ପାଉନି ପୁଲିସ। ନିଜ ସୁରକ୍ଷା କରିପାରୁ ନଥିବା ପୁଲିସ ଜନସାଧାରଣଙ୍କୁ କିପରି ସୁରକ୍ଷା ଦେବ, ତାହା ସାଧାରଣରେ ଚର୍ଚ୍ଚା ହେଉଛି। କେବେ ଗିରଫ ହେବେ ଅଭିଯୁକ୍ତ ତାହା ଦେଖିବାକୁ ବାକି ରହିଛି।

## ସାପ କାମୁଡ଼ାରେ ଯୁବକ ମୃତ



ହାଟଡ଼ିହୀ, ୧୧।୭ (ସମିସ): ନନ୍ଦିପଦା ଥାନା ଅଧୀନ ଗୋପ(ଡ଼ିଗିସାହି) ଗ୍ରାମର ରଞ୍ଜନ କୁମାର ବେହେରା(୪୫)ଙ୍କ ମୃତ୍ୟୁ ଘଟିଛି। ଗତକାଲି ସେ ଖାଇପିଇ ଶୋଇବା ପରେ ତାଙ୍କୁ କୌଣସି ବିଷଧର ସାପ ଦଂଶନ କରିଥିଲା। ପରିବାର ଲୋକଙ୍କ ସହ ପାଖ ପଡ଼ୋଶୀ ଗୌରାଙ୍ଗ ରଣା, ମିହିର ବେହେରାଙ୍କ ସହାୟତାରେ ତାଙ୍କୁ ଆନନ୍ଦପୁର ଉପଖଣ୍ଡ ମେଡିକାଲକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରଞ୍ଜନଙ୍କ ମୃତ୍ୟୁ ଘଟିଛି। ହାଟଡ଼ିହୀ ସରପଞ୍ଚ ଚିନ୍ମୟ ନାୟକ, ସମିତିସଭ୍ୟ କୈଳାସ ରାଉତ ପରିବାର ଲୋକଙ୍କୁ କିପରି ଆର୍ଥିକ ସହାୟତା ମିଳିପାରିବ ସେନେଇ ଚେଷ୍ଟା କରିବେ ବୋଲି କହିଛନ୍ତି।

## ଗୁରୁ ପୂର୍ଣ୍ଣମୀରେ ଅଖଣ୍ଡ ଯପ ଏବଂ ଦୀପ ମହାଯଜ୍ଞ

ରାମଚନ୍ଦ୍ରପୁର, ୧୧।୭ (ସମିସ): ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ପକ୍ଷରୁ ଗୁରୁପୂର୍ଣ୍ଣମୀ ଅବସରରେ ବିଭିନ୍ନ ଶକ୍ତିପୀଠ, ପ୍ରଜ୍ଞାପୀଠ, ମହିଳା ମଣ୍ଡଳ ଏବଂ ସ୍ୱାଧ୍ୟାୟ କେନ୍ଦ୍ରରେ ଅଖଣ୍ଡ ଯପ ସହ ସଂଧ୍ୟାରେ ଦୀପଯଜ୍ଞର ଆୟୋଜନ କରାଯାଇଛି। ଘସିପୁରା ବ୍ଲକ ଅଲତିର ପୁରାତନ ରାଧାକୃଷ୍ଣ ମନ୍ଦିରରେ ଏକ ସତସଂଗ ସହ ଦୀପ ଯଜ୍ଞର ଆୟୋଜନ କରାଯାଇଥିଲା। ଅନୁରୂପ ଭାବେ ସାଇଁକୁଳ, ଶୈଳଙ୍ଗ, ବାହ୍ମଣୀପାଳ, ତରିମୂଳ ଏବଂ ଘସିପୁରା ଶାଖା ପକ୍ଷରୁ ମଧ୍ୟ ଅଖଣ୍ଡ ଯପର ଆୟୋଜନ କରାଯାଇଥିଲା। ଜିଲ୍ଲା ସଂଯୋଜକ ରମେଶଚନ୍ଦ୍ର ମିଶ୍ର ଏବଂ ବ୍ଲକ ସଂଯୋଜକ ପ୍ରମୋଦ ବରାଳଙ୍କ ମାର୍ଗଦର୍ଶନରେ ଶତାଧିକ ପ୍ରଜ୍ଞା ପରିଜନ ଏହି ମହାନ କାର୍ଯ୍ୟରେ ସାମିଲ ହୋଇଥିଲେ। ୨୦୨୬ରେ ଅଖଣ୍ଡ ଜ୍ୟୋତିର ଶତବାର୍ଷିକୀ ପୂର୍ବରୁ ଯଜ୍ଞ ସଂସ୍କାର ସହ ପରିବେଶ ସୁରକ୍ଷା ପାଇଁ କାର୍ଯ୍ୟକ୍ରମ ଜାରି ରଖିବାକୁ ସଂକଳ୍ପବଦ୍ଧ ହୋଇଥିଲେ। ଶ୍ରଦ୍ଧାଳୁ ବିଷ୍ଣୁନାରାୟଣ ସାମଲ, କାର୍ତ୍ତିକପ୍ରସାଦ ଶତପଥି, ବିଚିତ୍ରାନନ୍ଦ ବିଶ୍ୱାଳ, ଜଗବନ୍ଧୁ ମହାରଣା, ନରେନ୍ଦ୍ର ନାଏକ, ଦିଲ୍ଲୀପ ସାହୁ, ରବିନ୍ଦ୍ର ନାୟକ, ବାସନ୍ତୀ ଓଝା, ପ୍ରଭାସମଞ୍ଜରୀ ପୁହାଣ, ଆରତୀ ଦାସ, ଶକୁନ୍ତଳା ମଲ୍ଲିକ, ମିନାରାଣୀ ବରାଳ ସମେତ ଅନେକ ପ୍ରଜ୍ଞାପରିଜନ ସାମିଲ ହୋଇଥିଲେ।

## ସରସ୍ୱତୀ ଶିଶୁମନ୍ଦିରରେ ଗୁରୁ ପୂର୍ଣ୍ଣିମା



ଆନନ୍ଦପୁର, ୧୧।୭ (ସମିସ): ଆନନ୍ଦପୁର ସରସ୍ୱତୀ ଶିଶୁ ମନ୍ଦିର ପକ୍ଷରୁ ଗୁରୁପୂର୍ଣ୍ଣମା ଅବସରରେ ରାଜ୍ୟ ଗୋସମ୍ବର୍ଦ୍ଧନା ଏବଂ ଅନୁସନ୍ଧାନ ସଂସ୍ଥାନ ସହସଞ୍ଚାଳକ ନିତ୍ୟାନନ୍ଦ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଗୁରୁପୂର୍ଣ୍ଣିମା ମହତ୍ୱ ଓ ଗୁରୁ ଶିଷ୍ୟ ପରମ୍ପରା ସମ୍ପର୍କରେ ନିଜର ମତ ରଖୁଥିଲେ। ପରିଚାଳନା ସମିତି ସମ୍ପାଦକ ଗୋବିନ୍ଦଚନ୍ଦ୍ର ତ୍ରିପାଠୀ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ହରେକୃଷ୍ଣ ପତି ଅତିଥି ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଚାର୍ଯ୍ୟ ପଙ୍କଜ ମହାନ୍ତି ଦାୟିତ୍ୱ ନିର୍ବାହ କରିଥିବାବେଳେ ଅନ୍ୟତମ ଆଚାର୍ଯ୍ୟ ହେମନ୍ତ ସାହୁ ଧ୍ୱଜ ଆରୋହଣ କରିବା ସହିତ ସଂଘ ପ୍ରାର୍ଥନା ଗାନ କରିଥିଲେ। ଆଚାର୍ଯ୍ୟା ଅହଲ୍ୟା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କୋଷାଧ୍ୟକ୍ଷ ଦିଲ୍ଲୀପ ପାତ୍ରଙ୍କ ସମେତ ସମସ୍ତ ଗୁରୁଜୀ, ଗୁରୁମା ଏବଂ କର୍ମଚାରୀ ସହଯୋଗ କରିଥିଲେ।

## ଭୁଶୁଡ଼ିଲା ରୋଷେଇଗୃହ; ମଧ୍ୟାହ୍ନ ଭୋଜନରେ ସମସ୍ୟା



କେନ୍ଦୁଝର, ୧୧।୭ (ସମିସ): ଲଗାଣ ବର୍ଷାରେ କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ କଣ୍ଡରାପୋଶି ପଞ୍ଚାୟତ ସିଲିସୁଆଁ ଗାଁ ବିଦ୍ୟାଳୟର ରୋଷେଇ ଗୃହ କାନ୍ଥ ଭୁଶୁଡି ପଡିଛି। ଫଳରେ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ଦେବାବେଳେ ସମସ୍ୟା ହୋଇଛି। ଏହି ବିଦ୍ୟାଳୟଟି ୧୯୯୭ରେ ସ୍ଥାପିତ ହୋଇଛି। ବିଦ୍ୟାଳୟର ରୋଷେଇ ଘରର ମରାମତି ଅଭାବରୁ ଜରାଜୀର୍ଣ୍ଣ ହୋଇ ପଡିଥିଲା। ଏବାବଦରେ ସ୍ଥାନୀୟ ଲୋକେ ଶିକ୍ଷା ପ୍ରଶାସକଙ୍କୁ ଲୋକେ ଅନେକବାର ଜଣାଇଛନ୍ତି; କିନ୍ତୁ କାହାରି ନିଘା ନାହିଁ। ଫଳରେ ଲଗାଣ ବର୍ଷାରେ ପଶ୍ଚିମ କାନ୍ଥଟି ସମ୍ପୂର୍ଣ୍ଣ ଭୁଶୁଡି ଯାଇଛି। ଏଠାରେ ୨୩୦ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଏହି ସମସ୍ୟା ସମ୍ପର୍କରେ ଅଭିଯୋଗ କରିଆସୁଥିଲେ ହେଁ କୌଣସି ସୁଫଳ ମିଳୁ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ନୂତନ ମଧ୍ୟାହ୍ନ ଭୋଜନ ଗୃହ ନିର୍ମାଣ ସମେତ ବିଦ୍ୟାଳୟର ଆବଶ୍ୟକ ମୌଳିକ ସମସ୍ୟା ଦୂର କରିବାକୁ ଦାବି ହୋଇଛି।

## ଡ୍ରାଇଭର ଆନ୍ଦୋଳନ; ବିଧାୟକଙ୍କ ଆଲୋଚନା





ଆନନ୍ଦପୁର/ବେଲବାହାଳି/ରାମଚନ୍ଦ୍ରପୁର, ୧୧।୭ (ସମିସ): ଆନନ୍ଦପୁର ବ୍ଲକ ବାରିଗାଁ ପେଟ୍ରୋଲ ପମ୍ପ ନିକଟରେ ଚାଲିଥିବା ଡ୍ରାଇଭର ସଙ୍ଘର ଧାରଣାସ୍ଥଳକୁ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ଯୁବନେତା ଦେବପ୍ରିୟ ପାତ୍ର, ବିଧାୟକ ପ୍ରତିନିଧି ମାନସ ବାରିକ, ସମାଜସେବୀ ସୁବାସ ଜେନା, ରମେଶ ସାହୁ ପ୍ରମୁଖ ଆଲୋଚନା କରିଥିଲେ। ଡ୍ରାଇଭର ମାନଙ୍କୁ ଭେଟିବା ସହ ତୁରନ୍ତ ରାଜ୍ୟ ସରକାର ସେମାନଙ୍କ ଦାବିଗୁଡ଼ିକୁ ମାନିବା ପାଇଁ ବିଧାୟକ ଶ୍ରୀ ସେଠୀ କହିଛନ୍ତି। ଆନନ୍ଦପୁର ବ୍ଲକ ଡ୍ରାଇଭର ସଙ୍ଘ ସଭାପତି ସତ୍ୟାନନ୍ଦ ସାହୁଙ୍କ ନେତୃତ୍ୱରେ ସମସ୍ତ ଡ୍ରାଇଭ ରାଜରାସ୍ତାରେ ଧାରଣା ଦେଇଛନ୍ତି। ଯେ ପର୍ଯ୍ୟନ୍ତ ଦାବିଗୁଡିକ ପୂରଣ ନହେବ ସେ ପର୍ଯ୍ୟନ୍ତ ଧାରଣାରେ ବସି ରହିବେ ବୋଲି ଆନନ୍ଦପୁର ଡ୍ରାଇଭର ମହାସଂଘର ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତ, ଉପସଭାପତି ଶ୍ରୀକାନ୍ତ ବାରିକ୍, ସହସମ୍ପାଦକ ଅଶୋକ ବାରିକ, କୋଷାଧ୍ୟକ୍ଷ ରଞ୍ଜନ ସାହୁ, ଉପଦେଷ୍ଟା ଶ୍ରୀନୀବାସ ପାଲ ପ୍ରମୁଖ ପ୍ରକାଶ କରିଛନ୍ତି। ସେହିପରି ଘସିପୁର ବିଧାୟକ ବଦ୍ରିନାରାୟଣ ପାତ୍ର ସୁଆପଦା ନିକଟ ୨୦ ନଂ ଜାତୀୟ ରାଜପଥର ଧାରଣାସ୍ଥଳକୁ ଆସି ଡ୍ରାଇଭରମାନଙ୍କ ସହ ଆଲୋଚନା କରିଥିଲେ।

### ଟୁଙ୍କୁଣା ନଦୀବନ୍ଧ ରାସ୍ତା କାର୍ଯ୍ୟ ନିମ୍ନମାନର

## ଜଳସମ୍ପଦ ବିଭାଗରେ ଗ୍ରାମବାସୀ ଫେରାଦ

ଆନନ୍ଦପୁର, ୧୧।୭ (ସମିସ)





ଟୁଙ୍କୁଣା ନଦୀବନ୍ଧ ରାସ୍ତା ନିର୍ମାଣ ଅତ୍ୟନ୍ତ ନିମ୍ନମାନର ହେଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପୂର୍ବରୁ ରାସ୍ତାରେ ଥିବା ଖାଲଖମା ମରାମତି କରା ନଯାଇ ରାସ୍ତା ନିର୍ମାଣ କରାଯାଉଛି। ବହୁ ପରିମାଣର ଡଷ୍ଟ ବ୍ୟବହାର କରାଯାଇଥିବାରୁ ଏହାର ସ୍ଥାୟିତ୍ୱ ନେଇ ଆଶଙ୍କା ପ୍ରକାଶ ପାଇଛି। ଟୁଙ୍କୁଣାଠାରୁ ପଞ୍ଚୁପଲ୍ଲୀ ପର୍ଯ୍ୟନ୍ତ ନିର୍ମାଣ ହେଉଥିବା ନଦୀବନ୍ଧ ରାସ୍ତାରେ ନିର୍ମାଣ କାର୍ଯ୍ୟକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଆଜି କେତେକ ଗ୍ରାମବାସୀ ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ ସହିତ ସାକ୍ଷାତ ଆଲୋଚନା କରିବା ସହ ଏକ ଲିଖିତ ଅଭିଯୋଗ କରିଛନ୍ତି। ଗତ ସପ୍ତାହ ଲଘୁଚାପ ବର୍ଷାରେ ତରବରିଆ ମରାମତି କାମକୁ ନେଇ ପ୍ରଶ୍ନ ଉଠିଛି। ଆନନ୍ଦପୁର ଜଳସମ୍ପଦ ବିଭାଗ ପକ୍ଷରୁ ଟୁଙ୍କୁଣା-ପଞ୍ଚୁପଲ୍ଲୀ ରାସ୍ତାପାଇଁ ପ୍ରତିବର୍ଷ ଅର୍ଥ ବ୍ୟୟ ବରାଦ କରାଯାଉଛି। ହେଲେ ଠିକାଦାରଙ୍କ ପକ୍ଷରୁ ଡବ୍ଲୁଏମ୍‌ଏମ୍ ନାମରେ ମାଟିମିଶା ଡଷ୍ଟ ପକାଯାଉଛି। ଏହିରାସ୍ତା ଖୁବ କମ ଦିନରେ ନଷ୍ଟ ହୋଇଯାଉଛି। ବାଇଲୋ, ପଞ୍ଚୁପଲ୍ଲୀ, ବେଲବାହାଳି ପଞ୍ଚାୟତର ଜନସାଧାରଣଙ୍କ ଦୈନନ୍ଦିନ ଯାତାୟାତରେ ଅସୁବିଧା ହେଉଥିବା ଅଭିଯୋଗ କରାଯାଇଛି।

## ଅସହାୟଙ୍କ ଅଭିଯୋଗକୁ ପୁଲିସର ଅଣଦେଖା

**କରଞ୍ଜିଆ, ୧୧।୭(ସମିସ):** କରଞ୍ଜିଆ ସହରର ୱାଡର୍ ନଂ. ୧୫ର ବଣସାହିର ପରିବାରଠାରୁ ନିର୍ଯାତିତ ହୋଇ ଅସହାୟ ଅବସ୍ଥାରେ ରହିଥିବା ଜଣେ ବ୍ୟକ୍ତିଙ୍କ ଅଭିଯୋଗକୁ ପୁଲିସ ଗ୍ରହଣ ନ କରିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ସ୍ତ୍ରୀ ଓ ପରିବାରଠାରୁ ନିର୍ଯାତନା ପାଇ ଶେଷରେ ଅସହାୟ ଭାବରେ ରହୁଥିବା ବିକାଶ କୁମାର ଅଗ୍ରୱାଲ ଏବେ ରାଜରାସ୍ତାରେ। ଶ୍ରୀ ଅଗ୍ରୱାଲ ଅଭିଯୋଗ କରିବାକୁ ଥାନାକୁ ଯାଇ ନିରାଶ ହେବା ପରେ ଏବେ ସେ ଗଣମାଧ୍ୟମର ସହାୟତା ଲୋଡିଛନ୍ତି। ଘଟଣାରୁ ପ୍ରକାଶ ଯେ, ବିକାଶ କୁମାର ଅଗ୍ରୱାଲ କିଛି ବର୍ଷ ଆଗରୁ ସହରରେ ଜଣେ ପ୍ରତିଷ୍ଠିତ ବ୍ୟକ୍ତି ଥିଲେ। ତାଙ୍କର ଏକ ରାଇସ ମିଲ, ଚୁଡା କଲ, ଟ୍ରକ ବଡି ତିଆରି କରିବାର ଗ୍ୟାରେଜ, ଗାଡି ବଙ୍ଗଳା ଆଦି ଥିଲା। ସେ ନିଜ ପରିବାରଠାରୁ ଦୂରେଇ ଦୀର୍ଘଦିନ ଧରି ଭଲ ପାଇ ଆସୁଥିବା ଯୁବତୀକୁ ବିବାହ କରିଥିଲେ। ଏବେ ତାଙ୍କର ୭ ବର୍ଷ ର ପୁଅ ଅଛି। ତେବେ ସବୁଦିନ ପରି ଭାଗ୍ୟ ତାଙ୍କ ସହିତ ରହିଲା ନାହିଁ। ଫଳରେ ସେ ତାଙ୍କ ମୁଖ୍ୟ ବେପାରରୁ ଦୂରେଇ ରହିବାକୁ ବାଧ୍ୟ ହେଲେ। ଏଭଳି ସମୟରେ ତାଙ୍କ ସ୍ତ୍ରୀ ତାଙ୍କଠାରୁ ଦୂରେଇଗଲେ। ସ୍ତ୍ରୀଙ୍କ ପରିବାର ଲୋକ ମଧ୍ୟ ତାଙ୍କୁ ସାହାଯ୍ୟ କଲେ ନାହିଁ। ସ୍ତ୍ରୀ ଓ ତାଙ୍କ ପୈତୃକ ସମ୍ପତ୍ତିକୁ ନେଇ ଆଉ ଥରେ ବ୍ୟବସାୟ ଆରମ୍ଭ କରିବାକୁ ଚାହିଁଥିଲେ; କିନ୍ତୁ ଫଳ ହେଲା ଓଲଟା। ସ୍ତ୍ରୀ ମଧ୍ୟ ଏଥିରେ ସହଯୋଗ କଲେ ନାହିଁ। କୌଣସିମତେ କଲେଜ ରାସ୍ତା ରେ ଏକ ଦୋକାନ ଖୋଲି ନୂତନ ବ୍ୟବସାୟ ଆରମ୍ଭ କଲେ। ଏଥିରେ ମଧ୍ୟ କିଛିମାସ ପରେ ସ୍ତ୍ରୀ ଓ ତାଙ୍କ ପରିବାସର ବିରୋଧ କଲେ। ପରବର୍ତ୍ତୀ ଅବସ୍ଥାରେ ତାଙ୍କୁ ନିଯ୍ୟାତନା ଦେବା ଆରମ୍ଭ କଲେ। ପାରିବାରିକ ହିଂସାର ସେ ସମ୍ମୁଖୀନ ହେଲେ। ଦିନକୁ ଦିନ ତାଙ୍କୁ ନିର୍ଯାତନା ଦେଇ ତାଙ୍କ ବ୍ୟବସାୟକୁ ଛଡାଇ ନିଆଗଲା। ବାରମ୍ବାର ତାଙ୍କ ବିରୋଧରେ ମିଥ୍ୟା ଅଭିଯୋଗ ସବୁ କରାଗଲା। ଶେଷରେ ସେ ନ୍ୟାୟ ପାଇଁ ଥାନାର ଆଶ୍ରୟ ନେଇଥିଲେ। ଥାନାରେ ମଧ୍ୟ ତାଙ୍କୁ ନ୍ୟାୟ ମିଳିଲା ନାହିଁ। ବିକାଶ ଏବେ ମାନସିକସ୍ତରରେ ଭାଙ୍ଗି ପଡିଛନ୍ତି। ରାଜରାସ୍ତାରେ ଘୁରିବୁଲୁଛନ୍ତି। ଜଣେ ସ୍ୱାଭିମାନୀ ବ୍ୟକ୍ତି ହୋଇଥିବାରୁ ସେ କାହାରି ଠାରୁ ସାହାଯ୍ୟ ନେବା ପାଇଁ କୁଣ୍ଠାବୋଧ କରୁଛନ୍ତି। ଶେଷରେ ସେ ଗଣମାଧ୍ୟମର ସାହାଯ୍ୟ ଲୋଡିଛନ୍ତି।

## ରୋଟାରୀ କ୍ଲବ୍ ପକ୍ଷରୁ ବିଶ୍ୱ ଜନସଂଖ୍ୟା ଦିବସ




**ଯୋଡ଼ା ୧୧।୭ (ସମିସ):** ଜୁଲାଇ ୧୧ ବିଶ୍ୱ ଜନସଂଖ୍ୟା ଦିବସ ଉପଲକ୍ଷେ ଯୋଡ଼ାସ୍ଥିତ ଲାଓ ପ୍ୟାଲେସ୍ ହୋଟେଲ ସଭା କକ୍ଷରେ ଯୋଡ଼ା ରୋଟାରୀ କ୍ଲବ ତରଫରୁ ଏକ ସଭା ଆୟୋଜନ କରାଯାଇଛି। ଜନସଂଖ୍ୟା ବୃଦ୍ଧିକୁ ରୋକିବାକୁ ହେଲେ ସାକ୍ଷରତାକୁ ଗୁରୁତ୍ୱ ଦେଇ ରୋଜଗାରକୁ ଦୃଷ୍ଟିରେ ରଖି ନିଜ ପରିବାର ସଂଖ୍ୟାକୁ ସୀମିତ ରଖି ପୁଅ ଓ ଝିଅ ମାନଙ୍କର ଶିକ୍ଷା, ସ୍ୱାସ୍ଥ୍ୟର ମାନ ଉନ୍ନତ କରି ଆଗକୁ ବଢିବା ପାଇଁ ରୋଟାରୀ ସଦସ୍ୟମାନେ ନିଜ ନିଜ ବକ୍ତବ୍ୟରେ କହିଥିଲେ। ଏହି ସଭାରେ ଆଖପାଖ ଅଞ୍ଚଳର ବାସିନ୍ଦା ଉପସ୍ଥିତ ଥିଲେ। କ୍ଲବ ସଭାପତି ଜିତେନ୍ଦ୍ର ବୈଦ୍ୟ, ବିକାଶ ମହାନ୍ତି, ସୁନୀଲ ବାଶୋଟିଆ, ଶ୍ୱେତପର୍ଣ୍ଣ ତ୍ରିପାଠୀ ଏବଂ ସାରଦା ପ୍ରସାଦ ଆଚାର୍ଯ୍ୟ ଏହିକୁ ସଭା ପରିଚାଳନା କରିଥିଲେ।

## ଆଶ୍ରମ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ




**କୁଳିଅଣା,୧୧।୭(ସମିସ):** କୁଳିଅଣା ବ୍ଲକ ଅନ୍ତର୍ଗତ କାଳାଝିନେଇ ଗ୍ରାମ ଅନନ୍ତ ଯୋଗେଶ୍ୱର ଆଶ୍ରମ ପରିସରରେ ପବିତ୍ର ଗୁରୁ ପୂର୍ଣ୍ଣିମା ଉପଲକ୍ଷେ ନାରାୟଣ ସେବା ଟ୍ରଷ୍ଟ ଓ ସେଭ ଆର୍ଥ ମିଶନ ଆନୁକୂଲ୍ୟରେ ଚାରାଗଛ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିସହିତ ଆଶ୍ରମ ପରିସରରେ ବାବା ପୂର୍ଣ୍ଣଚନ୍ଦ୍ର ଦାସଙ୍କ ଦିଗଦର୍ଶନରେ ଗୁରୁ ପୂଜନ, ନାମ ସଂକୀର୍ତ୍ତନ ଓ ଅନ୍ନ ପ୍ରସାଦ ବଣ୍ଟନ ମଧ୍ୟ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ନାରାୟଣ ସେବା ଟ୍ରଷ୍ଟର ପ୍ରତିଷ୍ଠାତା ଡଃ ନିରୋଜ କୁମାର ପୋଥାଳ, ବିଶିଷ୍ଟ ସାମ୍ବାଦିକ ସଞ୍ଜୟ ଚୌଧୁରୀ, ସେଭ ଆର୍ଥ ମିଶନର ଜିଲ୍ଲା ସଭାପତି ତାପସ କୁମାର ବେହେରାଙ୍କ ସମେତ ରେଣୁବାଳା ଚୌଧୁରୀ, କୃଷ୍ଣଚନ୍ଦ୍ର ଦାସ, ବିଶ୍ୱଜିତ ମହାନ୍ତି, ବିପୁନ ବିନ୍ଧାଣି, ବିବସ୍ୱାନ ତ୍ରିପାଠୀ, ଦିବାକର ତ୍ରିପାଠୀ, ହିମାଂଶୁ ସାହୁ, ଜୟରାମ ମହାନ୍ତ, ଜଗତ ଜୀବନ ମାଇତି, ଅଜମ୍ବର ପୃଷ୍ଟି, ଦିବ୍ୟାଂଶୁ ପୃଷ୍ଟି, ପ୍ରଦୀପ କୁମାର ଭଞ୍ଜଦେଓ, ପ୍ରଫୁଲ୍ଲ ବୈଶାଖି ଓ ଅରୁଣ କୁମାର ନାଏକ ଏବଂ ସ୍ଥାନୀୟ ଗ୍ରାମବାସୀ ଉପସ୍ଥିତ ଥିଲେ।

### ଶିକ୍ଷା, ସଂସ୍କୃତି, ମାନବତା ଉପରେ ଆକ୍ରମଣକୁ ନିନ୍ଦା

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଏଆଇଡିଏସ୍‌ଓର ବିକ୍ଷୋଭ

ବାରିପଦା, ୧୧।୭(ସମିସ)




ଏଆଇଡିଏସଓ ପକ୍ଷରୁ ୧୩ ଦଫା ଦାବି ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଶିକ୍ଷା, ସଂସ୍କୃତି, ମାନବତା ଉପରେ ଆକ୍ରମଣ ଦିନକୁ ଦିନ ବହୁଗୁଣିତ ହେବାରେ ଲାଗିଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ଜାତୀୟ ଶିକ୍ଷାନୀତି-୨୦୨୦ କାର୍ଯ୍ୟକାରୀ ହେବା ପରଠାରୁ ବିଶେଷ କରି ସରକାରୀ ଶିକ୍ଷା ଓ ତା'ର ମୂଳନିର୍ଯ୍ୟାସ ପାଠ୍ୟକ୍ରମ ଉପରେ ବହୁବିଧ ଆକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ଜାତୀୟ ଶିକ୍ଷାନୀତି-୨୦୨୦ ଜରିଆରେ ରାଜ୍ୟ ସରକାର ଶିକ୍ଷାର ଘରୋଇକରଣ, ବ୍ୟବସାୟୀକରଣ, ସାମ୍ପ୍ରଦାୟିକରଣ, ଧନ୍ଦାଭିମୁଖୀକରଣ, କେନ୍ଦ୍ରୀକରଣକୁ ତ୍ୱରାନ୍ୱିତ କରିବାକୁ ତତ୍ପର ରହିଛନ୍ତି। ଏହାର ପ୍ରତିବାଦରେ ବିକ୍ଷୋଭ କରାଯାଇଛି। ଦାବି ଅନୁଯାୟୀ, ବନ୍ଦ ହୋଇଥିବା ସମସ୍ତ ସରକାରୀ ପ୍ରାଥମିକ ସ୍କୁଲ ଖୋଲିବା, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ସ୍ଥାୟୀ କୁଳପତି ନିଯୁକ୍ତି ଓ ଅନ୍ୟ ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଶିକ୍ଷକ, ଅଧ୍ୟାପକ ଏବଂ ଶିକ୍ଷା କର୍ମଚାରୀ ପଦବୀ ସ୍ଥାୟୀ ଭିତ୍ତିରେ ପୂରଣ, ପ୍ରତ୍ୟକ୍ଷ ଛାତ୍ର ସଂସଦ ନିର୍ବାଚନ ଆରମ୍ଭ, ଛାତ୍ରଛାତ୍ରୀଙ୍କୁ ସମସ୍ତ ବସରେ ମାଗଣଶ ପାସ ଯୋଗାଇବା, ୟୁଜିସି ଚିଠା ନିୟାମକ-୨୦୨୫ ତୁରନ୍ତ ବାତିଲ, ଶିକ୍ଷା ଧ୍ୱଂସକାରୀ ଜାତୀୟ ଶିକ୍ଷା ନୀତି-୨୦୨୦ ତୁରନ୍ତ ବାତିଲ, ପ୍ରଥମ ଶ୍ରେଣୀରୁ ପାସ- ଫେଲ ବ୍ୟବସ୍ଥା ପୁନଃ ପ୍ରଚଳନ, ଶିକ୍ଷାର ଘରୋଇକରଣ ଏବଂ ବ୍ୟବସାୟୀକରଣ, ଫିସ ବୃଦ୍ଧି ବନ୍ଦ, ଛାତ୍ରଛାତ୍ରୀମାନଙ୍କ ନିରାପତ୍ତାକୁ ସୁନିଶ୍ଚିତ କରିବା, ଅଶ୍ଳୀଳତା, ଅପସଂସ୍କୃତି ଓ ମଦ ମାଦକ ଦ୍ରବ୍ୟର ପ୍ରଚାର ପ୍ରସାର ବନ୍ଦ, ଚାରିବର୍ଷୀୟା ଡିଗ୍ରୀ କୋର୍ସ ଓ ସେମିଷ୍ଟର ସିଷ୍ଟମ ବାତିଲ କରିବା, ବାରିପଦାର ପ୍ରମୁଖ ସ୍ଥାନରେ ଉତ୍କଳମଣି ଗୋପବନ୍ଧୁ ଦାସ ଓ ବିପ୍ଳବୀ ସହିଦ ବାଘାଯତୀନଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ, କପ୍ତିପଦା ଶରତ କଲେଜକୁ ଡିଗ୍ରୀ କଲେଜ କରିବା ଆଦି ଦାବି ରହିଛି। ବିକ୍ଷୋଭରେ ଏଆଇଡିଏସଓ ରାଜ୍ୟ ସଭାପତି ସୋମନାଥ ବେହେରା, ଜିଲ୍ଲା କମିଟି ସମ୍ପାଦକ ଫୁଲଚାନ୍ଦ ଲୋହାର, ଜିଲ୍ଲା ଅଫିସ ସମ୍ପାଦକ ଯତୀନ ବାନରା, ଜିଲ୍ଲା କମିଟି ମେମ୍ବର ସିଂରାୟ ଦେୱାଗାମ୍, ବୁଦୁନି ବାନରା, ମାନସିଂ ହୋ, ମାଣିକ ମୁଣ୍ଡା, ବାପୁନ୍ ବାନରା, ମାଧବ ହୋ, ବିଜ ହେମ୍ବ୍ରମ୍, ମାଇନ ହେମ୍ବ୍ରମ୍, ଜୟରାମ ହୋ ପ୍ରମୁଖ ସାମିଲ ହୋଇଥିଲେ।



ଅନିର୍ଦ୍ଦିଷ୍ଟ କାଳ ଧର୍ମଘଟର ଚତୁର୍ଥ ଦିନରେ କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ମେଡିକାଲ ଛକରେ ଡ୍ରାଇଭର ସଂଘ ସଦସ୍ୟମାନେ ଧାରଣାରତ

## ସାଇଁକୁଳରେ ଚାଷୀ ସମାବେଶ

**ରାମଚନ୍ଦ୍ରପୁର, ୧୧।୭(ସମିସ):** ଆଞ୍ଚଳିକ ଉନ୍ନୟନ ପରିଷଦ ସାଇଁକୁଳର ସଭାପତି ବ୍ରହ୍ମାନନ୍ଦ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ସ୍ଥାନୀୟ ଦୁର୍ଗା ପଡ଼ିଆଠାରେ ଏକ ଚାଷୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ପ୍ରସ୍ତାବିତ ରେଙ୍ଗାଲି ଶାଖା କେନାଲ ଦ୍ୱାରା ଘସିପୁରା ଅଞ୍ଚଳର ଚାଷୀଙ୍କୁ ଜଳସେଚନ ସୁବିଧା ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ପୂର୍ବରୁ ଅବଗତ କରାଯାଇଥିବାବେଳେ ସୁଦ୍ଧା ସେଥିପ୍ରତି ଚାଷୀ ସଜାଗ ଥିବା ଅନନ୍ତ ସ୍ୱାଇଁ, ସଂପାଦକ କାଳନ୍ଦୀ ଖୁଣ୍ଟିଆ ପ୍ରକାଶ କରିଛନ୍ତି। ଏହି ସମାବେଶରେ ବିଭିନ୍ନ ପଞ୍ଚାୟତରୁ ଶତାଧିକ ଚାଷୀ ଯୋଗଦାନ କରିଥିଲେ।

## ଉପଖଣ୍ଡସ୍ତରୀୟ ବଜ୍ରପାତ ସଚେତନତା ଅଭିଯାନ



**ବଡ଼ସାହି,୧୧।୭(ସମିସ):** ମୟୂରଭଞ୍ଜ ଜିଲ୍ଲାରେ ବଜ୍ରପାତ ଜନିତ କ୍ଷୟକ୍ଷତି ଓ ଧନଜୀବନ ନଷ୍ଟକୁ ଦୃଷ୍ଟିରେ ରଖି ବଡ଼ସାହି କଲେଜର ଏନଏସଏସ ଓ ଜାତୀୟ ସେବା ବ୍ୟୁରୋ, ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟର ସହଯୋଗରେ ଉପଖଣ୍ଡସ୍ତରୀୟ ବଜ୍ରପାତ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ବଡ଼ସାହି ପଂଚାୟତ ସମିତି ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଫକୀର ଚରଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ପ୍ରଶିକ୍ଷକ ଭାବେ ଫକୀର ମୋହନ ବିଶ୍ୱିଦ୍ୟାଳୟର ପ୍ରଫେସର ମନୋରଂଜନ ମିଶ୍ର, ସମ୍ମାନିତ ଅତିଥି ଭାବେ ଏନଏସଏସ ବ୍ୟୁରୋ ବସନ୍ତ ମହାନ୍ତ, ପୁରୁଣା ବାରିପଦା ସ୍ଥିତ ଆଞ୍ଚଳିକ ଡ଼ିଗ୍ରୀ ମହାବିଦ୍ୟାଳୟ କାର୍ଯ୍ୟକ୍ରମ ଅଧିକାରୀ ଓ କୁଆମରା ଡ଼ିଗ୍ରୀ କଲେଜର କାର୍ଯ୍ୟକ୍ରମ ଅଧିକାରୀ ଗୋପୀନାଥ ପଣ୍ଡା, ପ୍ରାଣୀବିଜ୍ଞାନର ମୁଖ୍ୟ ପ୍ରଫେସର ଜୀବନ କୁମାର ପଣ୍ଡିତ, ଇତିହାସ ବିଭାଗର ଅଧ୍ୟାପକ ଶ୍ରବଣ କୁମାର ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଡ ରିତୁଲତା ବିଶ୍ୱାଳ ଅତିଥି ପରିଚୟ ଦେଇଥିଲେ। ପ୍ରଶିକ୍ଷକ ମନୋରଂଜନ ମିଶ୍ର ବଜ୍ରପାତ ସମ୍ବନ୍ଧୀୟ ସଚେତନତା ଓ ବଜ୍ରପାତ ପୂର୍ବର ଲକ୍ଷଣ ବିଷୟରେ ଅଙ୍ଗନୱାଡ଼ି କର୍ମୀ, ସାମାଜିକ କର୍ମୀ, ଛାତ୍ରଛାତ୍ରୀଙ୍କୁ ବିସ୍ତୃତ ଭାବରେ ଭିଡିଓ ଚିତ୍ର ମାଧ୍ୟମରେ ପ୍ରଶିକ୍ଷଣ ଦେଇଥିଲେ। ବିକଶିତ ଦାମିନୀ, ମେଘଦୂତ, ରେନ୍ ଆଲାର୍ମ, ଉମଙ୍ଗ ଆଦି ମୋବାଇଲ ଆପ ବ୍ୟବହାର କରି କିଭଳି ବଜ୍ରପାତର ପୂର୍ବାନୁମାନ କରାଯାଇ ପାରିବ ସେ ନେଇ ବୁଝାଇଥିଲେ। ଏଥିରେ ତାଳପଦା ପଂଚାୟତ ସରପଞ୍ଚ ଓ ସାମାଜିକ କର୍ମୀ, ବଡ଼ସାହି କଲେଜ, ପୁରୁଣା ବାରିପଦା କଲେଜ, କୁଆମରା କଲେଜ, ବେତନଟୀ କଲେଜର ସ୍ୱେଚ୍ଛାସେବୀ, ଛାତ୍ରଛାତ୍ରୀ, ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ, ସାମାଜିକ କର୍ମୀ, ସମାଜସେବୀ, ବଡ଼ସାହି କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଅଣଶିକ୍ଷକ କର୍ମଚାରୀ ଯୋଗଦେଇଥିଲେ। ଅର୍ଥନୀତି ବିଭାଗର ମୁଖ୍ୟ ଅଧ୍ୟାପକ ଗୁଲୁ ସରେନ୍, ଅତିଥି ଅଧ୍ୟାପକ ରୁଦ୍ର ନାରାୟଣ ସିଂ, ଅଧ୍ୟାପିକା କ୍ରୀଷ୍ଣା ବେହେରା, ସ୍ୱେଚ୍ଛାସେବୀ ସ୍ୱସ୍ତିସୁନ୍ଦର ଦାସ, ଲୋକନାଥ ମହାପାତ୍ର, ରବୀନ୍ଦ୍ର ସିଂ, ସୌମିକ ଭୂୟାଁ, କର୍ମୁ ମହାନ୍ତ, ସହଯୋଗ କରିଥିଲେ। ଶେଷରେ ଅଧ୍ୟାପକ ଶ୍ରବଣ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଏମପିସି ହାଇସ୍କୁଲରେ ଖାଦ୍ୟ ଓ ସ୍ୱାସ୍ଥ୍ୟ ସଂକ୍ରାନ୍ତ ଭ୍ରାମ୍ୟମାଣ ପ୍ରଦର୍ଶନୀ



**ବେତନଟୀ, ୧୧।୭(ସମିସ):** କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଅଧୀନ ରାଷ୍ଟ୍ରୀୟ ବିଜ୍ଞାନ ସଂଗ୍ରହାଳୟ ପରିଷଦ ଦ୍ୱାରା ପରିଚାଳିତ ଢେଙ୍କାନାଳ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଖାଦ୍ୟ ଓ ସ୍ୱାସ୍ଥ୍ୟ ସମ୍ପର୍କିତ ଏକ ଭ୍ରାମ୍ୟମାଣ ପ୍ରଦର୍ଶନୀ ଗୁରୁବାର ବେତନଟୀ ଏମପିସି ହାଇସ୍କୁଲରେ ଅନୁଷ୍ଠିତ ହୋଇଛି। ଛାତ୍ରଛାତ୍ରୀଙ୍କୁ ସନ୍ତୁଳିତ ଆହାର ଓ ସ୍ୱାସ୍ଥ୍ୟବାନ ଜୀବନଶୈଳୀ ସମ୍ପର୍କରେ ଶିକ୍ଷା ପ୍ରଦାନ କରିବା ଏହି ପ୍ରଦର୍ଶନୀର ମୁଖ୍ୟ ଉଦ୍ଦେଶ୍ୟ। ଏହି ପ୍ରଦର୍ଶନୀ ମାଧ୍ୟମରେ ଛାତ୍ରଛାତ୍ରୀ ଠିକ ଖାଦ୍ୟାଭ୍ୟାସ ଓ ପୁଷ୍ଟିକର ଆହାରର ଗୁରୁତ୍ୱ ସମ୍ପର୍କରେ ବିସ୍ତୃତ ଭାବେ ଜାଣିପାରିଛନ୍ତି। ଏହା ସେମାନଙ୍କୁ ସୁସ୍ଥ ଜୀବନଯାପନ ପାଇଁ ଆହାର ଶୃଙ୍ଖଳାରେ କିଭଳି ସନ୍ତୁଳିତ ଖାଦ୍ୟ ଅନ୍ତର୍ଭୁକ୍ତ କରାଯାଇପାରିବ ସେ ନେଇ ମଧ୍ୟ ଶିକ୍ଷା ଦିଆଯାଉଛି। ଏହି କାର୍ଯ୍ୟକ୍ରମ ମୟୂରଭଞ୍ଜ ଜିଲ୍ଲାର ୪୮ ଟି ହାଇସ୍କୁଲରେ ଆୟୋଜନ କରାଯିବାକୁ ଯୋଜନା ରହିଛି। ତିନି ଦିନ ଧରି ଚାଲିବାକୁ ଥିବା ଏହି ପ୍ରଦର୍ଶନୀରେ ବେତନଟୀ ଏବଂ ଆଖପାଖ ଅଞ୍ଚଳର ବିଭିନ୍ନ ହାଇସ୍କୁଲରୁ ଛାତ୍ରଛାତ୍ରୀଙ୍କୁ ଆମନ୍ତ୍ରଣ କରାଯାଇଛି। ପ୍ରଥମ ଦିନରେ ବଡଛୁରୁଣୀସ୍ଥିତ ପଦ୍ମ ଲୋଚନ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ତପସ୍ୱିନୀ ବେହେରାଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀ ପ୍ରଦର୍ଶନୀ ପରିଦର୍ଶନ କରିଥିଲେ। ଆଗାମୀ ଦୁଇ ଦିନ ମଧ୍ୟରେ ଅନ୍ୟାନ୍ୟ ଆଖପାଖ ସ୍କୁଲରୁ ମଧ୍ୟ ଛାତ୍ରଛାତ୍ରୀ ଏହି ପ୍ରଦର୍ଶନୀ ଦେଖିବାକୁ ଆସିବେ। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଏମପିସି ହାଇସ୍କୁଲର ୨୦ ଜଣ ଛାତ୍ରଛାତ୍ରୀଙ୍କୁ ସ୍ୱେଚ୍ଛାସେବୀ ଭାବେ ନିୟୋଜିତ କରାଯାଇଛି। ଏହି ସ୍ୱେଚ୍ଛାସେବୀ ତାଲିମପ୍ରାପ୍ତ ହୋଇ ପରିଦର୍ଶକ ଛାତ୍ରଛାତ୍ରୀଙ୍କୁ ପ୍ରଦର୍ଶନୀରେ ଥିବା ବିଭିନ୍ନ ସ୍ୱାସ୍ଥ୍ୟ ଓ ଖାଦ୍ୟ ସମ୍ପର୍କିତ ବିଷୟବସ୍ତୁ ବିଷୟରେ ବିସ୍ତୃତ ଭାବେ ବୁଝାଇବା ଦାୟିତ୍ୱ ନେଇଛନ୍ତି। ଏହି କାର୍ଯ୍ୟକ୍ରମର ପରିଚାଳନା ଏମପିସି ହାଇସ୍କୁଲର ପ୍ରଧାନ ଶିକ୍ଷକ ଅର୍ଜୁନ ସିଂଙ୍କ ତତ୍ତ୍ୱାବଧାନରେ ସମ୍ପାଦିତ ହେଉଛି।

## ଟାଟା ମେମୋରିଆଲ କ୍ୟାନ୍ସର ସେଣ୍ଟର୍ ପକ୍ଷରୁ ସ୍କ୍ରିନ୍ କ୍ୟାମ୍ପ



**ରାଇରଙ୍ଗପୁର, ୧୧।୭(ସମିସ):** କେନ୍ଦ୍ର ପରମାଣୁ ବିଭାଗ ଅଧୀନ ଟାଟା ମେମରିଆଲ କ୍ୟାନ୍ସର ସେଣ୍ଟର୍ (ଟିଏମସି) ପକ୍ଷରୁ ମୟୂରଭଞ୍ଜ ଜିଲ୍ଲା କୁସୁମୀ ବ୍ଲକ ଅନ୍ତର୍ଗତ ଡୋଭା ପିଏଚସିରେ ମୁଖ, ସ୍ତନ୍ୟ, ଗର୍ଭାଶୟ ମୁଖ କର୍କଟ ନିମନ୍ତେ ପ୍ରାରମ୍ଭିକ ଚିହ୍ନଟ (ଇଡିପି) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚିହ୍ନଟ କାର୍ଯ୍ୟକ୍ରମରେ ଟି.ଏମ.ସି, ଇ.ଡି.ପି ମେଡ଼ିକାଲ ଅଫିସର୍ ଡ଼ ଶୁଭମ ଶ୍ରୀତମ ସାମନ୍ତରାୟ ଏବଂ ଡ଼ ପଲ୍ଲବୀ ପାତ୍ର, ଷ୍ଟାଫ୍‌ନର୍ସ ବନ୍ଦିତା ସାହୁ, ଦେବସ୍ମିତା ବେହେରା, ସ୍ୱାସ୍ଥ୍ୟ କର୍ମୀ ଅସୀମା ମହାନ୍ତି, ରିସର୍ଚ୍ଚ ଆସିଷ୍ଟାଣ୍ଟ ଜିତେନ୍ଦ୍ର ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ମେଡ଼ିକାଲ ଅଫିସର୍ ଡ଼ ଶୁଭମ ଶ୍ରୀତମ ସାମନ୍ତରାୟ ମୁଖ ପରୀକ୍ଷଣ କରୁଥିବାବେଳେ ମେଡ଼ିକାଲ ଅଫିସର୍ ଡ଼ ପଲ୍ଲବୀ ପାତ୍ର ସ୍ତନ୍ୟ, ଗର୍ଭାଶୟ ମୁଖ ପରୀକ୍ଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୋଟ ୫୮ ଜଣଙ୍କ ପରୀକ୍ଷା କରାଯାଇଥିଲା। କାର୍ଯ୍ୟକ୍ରମରେ ବାଦାମପାହାଡ ଗୋଷ୍ଠୀ ଚିକିତ୍ସା କେନ୍ଦ୍ରର ବିପିଏମ ନିରାକାର ନାୟକ, ଡୋଭା ପି.ଏଚ.ସି ଚିକିତ୍ସା ଅଧିକାରୀ ଡ଼ ପରେଶ ଚନ୍ଦ୍ର କିସ୍କୁ, ସ୍ୱାସ୍ଥ୍ୟ ପର୍ଯ୍ୟବେକ୍ଷକ ଗୋପିନାଥ ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ।

## ରୁଚିକର ହେଉନି ମାଣ୍ଡିଆ ଛତୁଆ

# ପ୍ରସ୍ତୁତକାରୀ ସଂସ୍ଥାର ମନମାନି

ଆନନ୍ଦପୁର,୧୧।୭ (ସମିସ)




ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ଅଞ୍ଚଳରେ ଦିଆଯାଉଥିବା ସରକାରଙ୍କ ମାଣ୍ଡିଆ ଛତୁଆ ଅତ୍ୟନ୍ତ ଅରୁଚିକର ହେଉଥିବା ଅଭିଯୋଗ ହୋଇଛି। ମାନ ପରୀକ୍ଷା ପାଇଁ ଗୋଟିଏ ପ୍ରକାର ପଠା ଯାଉଥିବା ବେଳେ ଯୋଗାଣ ହେଉଛି ଗୋଟିଏ ପ୍ରକାର। ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଏନେଇ ପ୍ରଶ୍ନ ଉଠାଉ ନଥିବା ପଛରେ ପ୍ରସ୍ତୁତକାରୀ ସଂସ୍ଥା ସହିତ ସାଲିସ ହୋଇଥିବା ଅଭିଯୋଗ ହୋଇଛି।

ଏନେଇ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଆଦିବାସୀ ଇଲାକାରେ ମାଣ୍ଡିଆ ଛତୁଆ ନିୟମିତ ମାସକୁ ମାସ ଦିଆଯାଉ ନଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। କେନ୍ଦୁଝର ଜିଲ୍ଲାପାଳ ଏହାର ବିଧବଦ୍ଧ ତଦନ୍ତ କରାଇ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

ସୂଚନାଯୋଗ୍ୟ, ସମନ୍ୱିତ ଶିଶୁ ବିକାଶ ବିଭାଗ ପକ୍ଷରୁ ହଦଗଡ଼ କେ ବାଲିପାଳ ଧନୁର୍ଜୟପୁର ବଙ୍ଗୋର ଘସିପୁରା ବ୍ଲକର ଶାମୁକାନେଣ୍ଡି ରାଧିକଦେଇପୁର ଖଲିଆମେଣ୍ଟା ଭଣ୍ଡାରିଡିହା ଆନନ୍ଦପୁର ବ୍ଲକର କୋଳିମାଟି, ଧକୋଠା, ମନୋହରପୁର, ପଣସଡିହା, ଗୟଳମୁଣ୍ଡା, ବୁଢ଼ୀକୁଦ ଆଦି ଅନେକ ପଞ୍ଚାୟତରେ ନିୟମିତ ଭାବେ ବର୍ଦ୍ଧିତ ମାଣ୍ଡିଆ ଛତୁଆ ମିଳୁ ନଥିବାରୁ ଶିଶୁମାନେ ଅପୁଷ୍ଟିର ଶିକାର ହେଉଥିବା ଅଭିଯୋଗ ହେଉଛି। ଅଙ୍ଗନବାଡ଼ି କେନ୍ଦ୍ରକୁ ନିୟମିତ ଠିକ୍ ସମୟରେ ଛତୁଆ ଦିଆଯାଉନାହିଁ। ଏହି ମାଣ୍ଡିଆ ଛତୁଆ ଯୋଗାଇବା ପାଇଁ ପ୍ରତିବର୍ଷ ଟେଣ୍ଡର ଆହ୍ୱାନ କରାଯାଇ ଉପଯୁକ୍ତ ସଂସ୍ଥାକୁ ଦାୟିତ୍ୱ ଦିଆଯିବାର ବ୍ୟବସ୍ଥା ଥିଲେ ମଧ୍ୟ ନିର୍ଦ୍ଦିଷ୍ଟ ସଂସ୍ଥା ଏହି ଛତୁଆ ଯୋଗାଣ ହାତେଇ ନେଇ ନିଜ ମନମାନି ଚଳାଇଥିବା ଅଭିଯୋଗ ହୋଇଛି। ସେନେଇ ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି। ଟେଣ୍ଡର ନିୟମ ଅନୁଯାୟୀ କରା ନଯାଇ ଗୋଟିଏ ସଂସ୍ଥାକୁ କାଗଜପତ୍ର କରାଯାଇ ଦିଆଯାଉଥିବା ଅଭିଯୋଗ କରିଛନ୍ତି।

## ପାଞ୍ଚପୀଢ଼ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାରାରୋପଣ

**କରଞ୍ଜିଆ, ୧୧।୭(ସମିସ):** ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ସହର ସ୍ଥିତ ପାଞ୍ଚପୀଢ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷ ଦିଲ୍ଲୀପ କୁମାର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ୭୬ତମ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପାଞ୍ଚପୀଢ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂତନ ଭାବେ ଯୋଗଦେଇଥିବା ରାଜନୀତି ବିଜ୍ଞାନର ଅଧ୍ୟାପକ ଉଇଲିୟମ କେରକେଟା, ଗୃହ ବିଜ୍ଞାନ ବିଭାଗର ସ୍ମୃତିମୟୀ ସ୍ୱାଇଁ, ଓଡିଆ ବିଭାଗର ତନିସା ନାଏକ, ଇତିହାସ ବିଭାଗର ଯମୁନା ହେମ୍ବ୍ରମ ପ୍ରମୁଖ ବିଭିନ୍ନ ଚାରାରୋପଣ କରିଥିଲେ। କାର୍ଯ୍ୟକ୍ରମରେ ଯୁବ ରେଡକ୍ରସ ପରାମର୍ଶଦାତା ଓଡ଼ିଆ ଅଧ୍ୟାପକ ମାନସ ରଞ୍ଜନ ବେହେରାଙ୍କ ସହଯୋଗରେ ଅଞ୍ଜନା ନାଏକ, ଜ୍ଞାନେଶ୍ୱରୀ ମୁଖାର୍ଜୀ, ସସ୍ମିତା ହେମ୍ବ୍ରମ, ଈଶା ପାତ୍ର, ପଦ୍ମାବତୀ ହାଁସଦା ଅଂଶଗ୍ରହଣ କରିଥିଲେ।



**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୫.୦୫ ● ପାଉଣ୍ଡ ୧୧୬.୩୨
- ୟୁରୋ ୧୦୦.୪୯ ● ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୦,୨୧୦ (ନୂଆଦିଲ୍ଲୀ)
- ରୁପା : ୧,୦୯,୯୦୦ (କେଜି)



**ଷ୍ଟକ୍ ମାର୍କେଟ୍**


ବଜାର କାରବାର (ପଏଣ୍ଟରେ)
- ସେନ୍ସେକ୍ସ ୮୨,୫୦୦.୦୦
- ନିଫ୍ଟି ୨୫,୧୪୯.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

# କମିବ ୨୦୦ ମହଙ୍ଗା ଔଷଧର ମୂଲ୍ୟ

- ସୀମା ଶୁଳ୍କରେ ଛାଡ ପାଇଁ ସୁପାରିସ
- ଶସ୍ତା ହେବ କର୍କଟ ରୋଗର ଔଷଧ



ନୂଆଦିଲ୍ଲୀ,୧୧।୭ (ଏଜେନ୍ସି)

ଏଚ୍‌ଆଇଭି ଏବଂ କର୍କଟ ରୋଗରେ ପୀଡିତ ରୋଗୀଙ୍କୁ କିଛି ଆଶ୍ୱସ୍ତି ମିଳିପାରେ। ଏକ ସରକାରୀ କମିଟି ପ୍ରାୟ ୨୦୦ ଅତ୍ୟାବଶ୍ୟକ ଔଷଧ ଉପରେ ସୀମା ଶୁଳ୍କରେ ଛାଡ଼ କରିବାକୁ ସୁପାରିସ କରିଛି। କିଛି କର୍କଟ ଔଷଧ ଉପରେ ଆମଦାନୀ ଶୁଳ୍କକୁ ସମ୍ପୂର୍ଣ୍ଣ ରୂପେ ଉଚ୍ଛେଦ କରିବାକୁ କୁହାଯାଇଥିବା ଏକ ରିପୋର୍ଟରେ ଏହି ଦାବି କରାଯାଇଛି। କମିଟି ପେମ୍ବ୍ରୋଲିଜୁମାବ୍ (କୀଟ୍ରୁଡା), ଓସିମର୍ଟିନିବ୍ (ଟାଗ୍ରିସୋ) ଏବଂ ଟ୍ରାଷ୍ଟୁଜୁମାବ୍ ଡେରକ୍ସଟେକାନ୍ (ଏନହେର୍ଟୁ) କୁ ସୀମା ଶୁଳ୍କରୁ ସମ୍ପୂର୍ଣ୍ଣ ମୁକ୍ତ କରିବାକୁ ସୁପାରିସ କରିଛି। ଏହି ଔଷଧଗୁଡ଼ିକ କର୍କଟ ରୋଗ ଚିକିତ୍ସାରେ ବ୍ୟବହୃତ ହୁଏ। ଏହାର ଗୋଟିଏ ଡୋଜ୍‌ରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାଏ। ଏହି କାରଣରୁ ଅଧିକାଂଶ ଲୋକ ସେଗୁଡ଼ିକୁ କିଣିପାରନ୍ତି ନାହିଁ।

ମହଙ୍ଗା ଔଷଧ ଉପରେ ଆଶ୍ୱସ୍ତି ପ୍ରଦାନ କରିବା ପାଇଁ ଭାରତର ଡ୍ରଗ୍ କଣ୍ଟ୍ରୋଲର ଜେନେରାଲ୍ (ଡିସିଜିଆଇ) ୨୦୨୪ ଅଗଷ୍ଟରେ ଏକ କମିଟି ଗଠନ କରିଥିଲେ। କର୍କଟ ବ୍ୟତୀତ, କମିଟି ପ୍ରତିରୋପଣ ଔଷଧ, ଗୁରୁତ୍ୱପୂର୍ଣ୍ଣ ଯତ୍ନ ଔଷଧ ଏବଂ ଉନ୍ନତ ଡାଇଗ୍ନୋଷ୍ଟିକ୍ କିଟ୍ ଉପରେ ମଧ୍ୟ ଛାଡ଼ ସୁପାରିସ କରିଛି। ସାଧାରଣତଃ ଏହି କିଟ୍‌ଗୁଡିକ ଆମଦାନୀ କରାଯାଏ କିମ୍ବା ଭାରତରେ ଉପଲବ୍ଧ ନୁହେଁ।

ଏହି ତାଲିକାରେ କର୍କଟ ରୋଗ ଏବଂ ସିକଲ୍ ସେଲ୍ ଆନିମିଆ ଚିକିତ୍ସାରେ ବ୍ୟବହୃତ ହାଇଡ୍ରୋକ୍ସିୟୁରିଆ ମଧ୍ୟ ଅନ୍ତର୍ଭୁକ୍ତ। ଏହାସହିତ, ଏନୋକ୍ସାପାରିନ୍ ନାମରେ ବିକ୍ରି ହେଉଥିବା କମ୍ ଆଣବିକ ଓଜନ ହେପାରିନ୍ ମଧ୍ୟ କଷ୍ଟମ୍ ଶୁଳ୍କରୁ ମୁକ୍ତ କରାଯାଇଛି। ଏହା ରକ୍ତ ଜମାଟ ବାନ୍ଧିବା ଏବଂ ଗଭୀର ଶିରା ଥ୍ରୋମ୍ବୋସିସ୍ ରୋକିବା ପାଇଁ ବ୍ୟବହୃତ ହୁଏ। ତାଲିକାରେ ୫% ସୀମା ଶୁଳ୍କ ସହିତ ୭୪ଟି ଔଷଧ ରହିଛି। ଯେତେବେଳେ କି ସମ୍ପୂର୍ଣ୍ଣ ସୀମା ଶୁଳ୍କ ଛାଡ଼ ତାଲିକାରେ ୬୯ଟି ଔଷଧ ରହିଛି। ବିରଳ ରୋଗର ଚିକିତ୍ସାରେ ବ୍ୟବହୃତ ୫୬ ଟି ଔଷଧକୁ ସୀମା ଶୁଳ୍କରୁ ମୁକ୍ତ କରିବାକୁ ମଧ୍ୟ କୁହାଯାଇଛି। କମିଟି ସ୍ପାଇନାଲ୍ ମାସ୍କୁଲାର୍ ଆଟ୍ରୋଫି, ସିଷ୍ଟିକ୍ ଫାଇବ୍ରୋସିସ୍, ଗାଉଚର ରୋଗ, ଫାବ୍ରି ରୋଗ, ଲାଇସୋସୋମାଲ୍ ଷ୍ଟୋରେଜ୍ ଡିଜଅର୍ଡର ଏବଂ ବଂଶାନୁକ୍ରମିକ ଏନଜାଇମ୍ ଅଭାବ ଭଳି ରୋଗର ଚିକିତ୍ସାରେ ବ୍ୟବହୃତ ଔଷଧ ଉପରୁ ସୀମା ଶୁଳ୍କ ହଟାଇବା ପାଇଁ ସୁପାରିସ କରିଛି। ଏହି ଔଷଧଗୁଡ଼ିକ ମଧ୍ୟରୁ କିଛି ବିଶ୍ୱର ସବୁଠାରୁ ମହଙ୍ଗା ଔଷଧ ମଧ୍ୟରେ ଅନ୍ତର୍ଭୁକ୍ତ। ଏଥିମଧ୍ୟରୁ ଗୋଟିଏ କୋର୍ସର ମୂଲ୍ୟ କୋଟି କୋଟି ଟଙ୍କା।

ଏହି ତାଲିକାରେ ଜୋଲଗେନ୍ସମା, ସ୍ପିନରାଜା, ଏଭ୍ରିସଡି, ସେରେଜାଇମ୍ ଏବଂ ତଖଜାଇରୋ ଭଳି ଔଷଧ ମଧ୍ୟ ଅନ୍ତର୍ଭୁକ୍ତ। ଏହି ସମସ୍ତ ଔଷଧ ବହୁତ ମହଙ୍ଗା ଏବଂ ଅଧିକାଂଶ ଭାରତୀୟ ରୋଗୀଙ୍କ ପାଇଁ ସେଗୁଡ଼ିକୁ କିଣିବା ଅସମ୍ଭବ। ଜୋଲଗେନ୍ସମାକୁ ବିଶ୍ୱର ସବୁଠାରୁ ମହଙ୍ଗା ଔଷଧ ବୋଲି ବିବେଚନା କରାଯାଏ, ଯାହାର ଗୋଟିଏ ଡୋଜର ମୂଲ୍ୟ ୧୭ କୋଟି ଟଙ୍କା। କମିଟି ଏହି ଔଷଧଗୁଡ଼ିକର ମୂଲ୍ୟ ସମୀକ୍ଷା କରିବା ଏବଂ ରାଜସ୍ୱ ବିଭାଗକୁ ସୁପାରିଶ କରିବା ପାଇଁ ଡିଜିଏଚ୍‌ଏସ୍ ଅଧୀନରେ ଏକ ସ୍ଥାୟୀ ଆନ୍ତଃବିଭାଗୀୟ କମିଟି ଗଠନ କରିବାକୁ ମଧ୍ୟ ସୁପାରିସ କରିଛି।

## ଜାପାନ୍ ବିଶ୍ୱର ଦ୍ରୁତତମ ଇଣ୍ଟରନେଟ୍ ହାସଲକାରୀ

ନୂଆଦିଲ୍ଲୀ,୧୧।୭ (ଏଜେନ୍ସି): ଜାପାନ ଏବେ ବିଶ୍ୱର ଦ୍ରୁତତମ ଇଣ୍ଟରନେଟ୍ ବ୍ୟବସ୍ଥା ଥିବା ରାଷ୍ଟ୍ର ପାଲଟିଛି। ସେଠାରେ ଗବେଷକମାନେ ପ୍ରତି ସେକେଣ୍ଡରେ ୧.୦୨ ପେଟା ବାଇଟ୍ (ପିବି) ଇଣ୍ଟରନେଟ ସ୍ପିଡ୍ ହାସଲ କରିଛନ୍ତି। ଏହାର ଅର୍ଥ ଏହି ଇଣ୍ଟରନେଟ୍ ସ୍ପିଡରେ ଆଖି ପିଛୁଳାକେ ସମ୍ପୂର୍ଣ୍ଣ ନେଟଫ୍ଲିକ୍ସ ଲାଇବ୍ରେରୀ ଡାଉନଲୋଡ୍ କରିହେବ। ଏହା ସହ ଜାପାନ ଏହାର ଭିତ୍ତିଭୂମି ବିକାଶରେ ଆଉ ଦୁଇ ପାଦ ଆଗକୁ ବଢ଼ିଛି। ଦେଶର ୱେବ୍ ବ୍ରାଉଜିଂ ଏବଂ ଡାଉନଲୋଡିଂ ଗତି ଭାରତର ହାରାହାରି ଇଣ୍ଟରନେଟ୍ ଗତି ୬୩.୫୫ ଏମ୍‌ବିପିଏସ୍ ତୁଳନାରେ ୧୬ ନିୟୁତ ଗୁଣ ଏବଂ ଆମେରିକାର ହାରାହାରି ଇଣ୍ଟରନେଟ୍ ତୁଳନାରେ ୩.୫ ନିୟୁତ ଗୁଣ ଦ୍ରୁତତର। ଜାପାନାର ଜାତୀୟ ସୂଚନା ଏବଂ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ (ଏନ୍‌ଆଇସିଟି) ର ଏକ ରିପୋର୍ଟରୁ ଏହା ଜଣାପଡ଼ିଛି। ଜାପାନର ନୂତନ ଇଣ୍ଟରନେଟ୍ ସ୍ପିଡ୍ ସହିତ, ଜଣେ ବ୍ୟକ୍ତି କେବଳ ଗୋଟିଏ ସେକେଣ୍ଡରେ ସମ୍ପୂର୍ଣ୍ଣ ଇଂରାଜୀ ୱିକିପିଡିଆକୁ ୧୦ ହଜାର ଥର ଡାଉନଲୋଡ୍ କରିପାରିବ। ଇଂରାଜୀ ୱିକିପିଡିଆ ପ୍ରାୟ ୧୦୦ ଜିବି ସ୍ଥାନ ନେଉଥିବା କୁହାଯାଏ। ଜାପାନର ନୂଆ ବ୍ୟବସ୍ଥାରେ ଗୋଟିଏ ସେକେଣ୍ଡ ମଧ୍ୟରେ ୮କେ ଭିଡିଓ ମଧ୍ୟ ଡାଉନଲୋଡ୍ କରିପାରିବେ। ଜାପାନର ଇଞ୍ଜିନିୟରମାନେ ଏହି ଗତି ହାସଲ କରି ଏକ ଚମତ୍କାର ରେକର୍ଡ ସୃଷ୍ଟି କରିଛନ୍ତି। ହେଲେ ଏହାର ବ୍ୟବହାରିକ ପ୍ରୟୋଗ ଏ ପର୍ଯ୍ୟନ୍ତ ଜଣାପଡ଼ିନାହିଁ। ଏକ ଆକଳନ ଅନୁଯାୟୀ, ୧.୦୨ ପେଟା ବାଇଟ୍ ସହିତ ୮କେ ଭିଡିଓ ଥିବା ୧୦ ନିୟୁତ ଚ୍ୟାନେଲକୁ ଏକକାଳୀନ ଦେଖାଯାଇପାରିବ। ମୁଭି ଲାଇବ୍ରେରୀ ଭଳି ବଡ଼ ଫାଇଲ୍ ଡାଉନଲୋଡ୍ କରିବାକୁ କେବଳ କିଛି ସେକେଣ୍ଡ ସମୟ ଲାଗିବ। ଏହାସହିତ, ୮କେ କିମ୍ବା ୧୬କେ ସମେତ ଉଚ୍ଚ-ରିଜୋଲ୍ୟୁସନ୍ ଭିଡିଓ ଷ୍ଟ୍ରିମିଂ କୌଣସି ବଫରିଂ କିମ୍ବା ବିଳମ୍ବ ବିନା କରିହେବ।

## ତନିଷ୍କ ପକ୍ଷରୁ ଫେଷ୍ଟିଭାଲ୍ ଅଫ୍ ଡାଏମଣ୍ଡ-୨୦୨୫

ଭୁବନେଶ୍ୱର,୧୧।୭ (ସମିସ)

ଗହଣା ବ୍ରାଣ୍ଡ ତନିଷ୍କ ଆଣିଛି ୨୦୨୫ ସଂସ୍କରଣ 'ଫେଷ୍ଟିଭାଲ୍ ଅଫ୍ ଡାଏମଣ୍ଡ- ସାର୍କେଲ ୟୋର୍ ୱେ'। ଆଧୁନିକ ମହିଳା ଏବଂ ସେମାନଙ୍କ ବିଭିନ୍ନ ଉଜ୍ଜ୍ୱଳ ଅଭିବ୍ୟକ୍ତି ପାଇଁ ଏହା ଏକ ସମ୍ମାନ। ଏହି ଅବସରରେ ମାତ୍ର ୧୫,୦୦୦ ଟଙ୍କାରୁ ଆରମ୍ଭ କରି ହୀରା ଗହଣାର ବ୍ୟାପକ ସମ୍ଭାର ଉପଲବ୍ଧ। ଏହି କ୍ୟାମ୍ପେନ ଫ୍ୟାଶନ୍ ନେତୃତ୍ୱ ନେଉଛି। ଆଧୁନିକରେ ହୀରାକୁ କିଭଳି ଷ୍ଟାଇଲ୍ କରାଯାଏ ତଥା ସାଇତି ରଖାଯାଏ ତାହାକୁ ଏହା ପରିଭାଷିତ କରୁଛି। ମହିଳାଙ୍କ ଚମକ ବ୍ୟକ୍ତିଗତ, ଉକ୍ତ ବିଶ୍ୱାସ ଆଧାରରେ ଏ କ୍ୟାମ୍ପେନ୍ ନୂତନ ପିଢ଼ି ହୀରା ପିନ୍ଧାଳୀଙ୍କ ଉପରେ ଧ୍ୟାନକେନ୍ଦ୍ରିତ କରୁଛି। ସେମାନଙ୍କ ଉତ୍ସାହ, ଆତ୍ମନିର୍ଭରଶୀଳତା ଏବଂ ନିରପେକ୍ଷତା ଉପରେ ଏହା ଆଲୋକ ପ୍ରଦାନ କରୁଛି। ଏହି ସେଲିବ୍ରେଶନ୍‌କୁ ଅଧିକ ଉତ୍ସବମୁଖର କରିବା ପାଇଁ ତନିଷ୍କ ହୀରା ଗହଣାର ଏମ୍‌ଆର୍‌ପି ଉପରେ ୨୦% ପର୍ଯ୍ୟନ୍ତ ରିଆତି ପ୍ରଦାନ କରୁଛି, ଯାହାକି ୨୦୨୫ ଅଗଷ୍ଟ ୨୫ ପର୍ଯ୍ୟନ୍ତ ଉପଲବ୍ଧ। ଏହି ଅଫର୍ କେବଳ ଷ୍ଟୋନ୍ କିମ୍ବା କ୍ୟାରେଟ୍ ମୂଲ୍ୟ ଉପରେ ଉପଲବ୍ଧ ନୁହେଁ। ଏହା ସମ୍ପୂର୍ଣ୍ଣ ଗହଣା ପିସ୍ ଉପରେ ଉପଲବ୍ଧ। ନିଜ ପାଇଁ ତଥା ନିଜ ପ୍ରିୟଜନଙ୍କ ପାଇଁ ହୀରାରେ ନିବେଶ କରିବା ଲାଗି ଏହା ପ୍ରକୃତ ଅବସର। ଅଭିଯାନର କେନ୍ଦ୍ରବିନ୍ଦୁ ହେଉଛି 'ଫେଷ୍ଟିଭାଲ ଅଫ୍ ଡାଏମଣ୍ଡ'। ଏହା ଏକ ବିବିଧତା, ବହୁବିଧତା, ଷ୍ଟାଇଲ୍ ଏବଂ ପ୍ରତ୍ୟେକ ମହିଳାଙ୍କ ପାଇଁ ସମ୍ପୂର୍ଣ୍ଣ ପ୍ରାକୃତିକ ହୀରା ଆବିଷ୍କାର କରିବାର ସମୟ। ମୁଦି, କାନଫୁଲ, ନେକ୍‌ସ, ବ୍ରେସ୍‌ଟ୍ ଏବଂ ଅନ୍ୟାନ୍ୟ ବର୍ଗରେ ୧୦,୦୦୦ରୁ ଊର୍ଦ୍ଧ୍ୱ ଷ୍ଟାଇଲ୍ ସହିତ ଏହି ଉତ୍ସବ ଅବସରରେ ପ୍ରତ୍ୟେକଙ୍କ ପାଇଁ କିଛି ନା କିଛି ରହିଛି। ସର୍ବନିମ୍ନ ଏଗ୍ରିଡେ ପିସ୍‌ଠାରୁ ଆରମ୍ଭ କରି ଚମତ୍କାର ଷ୍ଟେଟ୍‌ମେଣ୍ଟ ଗହଣା ପର୍ଯ୍ୟନ୍ତ ବିକଳ୍ପ ଉପଲବ୍ଧ। କାଳଜୟୀ ଚମକଦାର ହୀରା ଗହଣା କିଣିବା ପାଇଁ ଏହା ଉପଯୁକ୍ତ ସମୟ ବୋଲି ତନିଷ୍କ ପକ୍ଷରୁ କୁହାଯାଇଛି। ଏହି ଅଭିଯାନରେ ଉଦୀୟମାନ ଆଇକନ୍ ଅଲାୟା ଫର୍ଣ୍ଣିଚରୱାଲା ଏବଂ ତେଜୁ ଅଶ୍ୱିନୀ ମିଳିତ ଭାବେ ଷ୍ଟାର୍ ପାୱାର୍ ପ୍ରଦାନ କରୁଛନ୍ତି। ସେମାନେ ବହୁବିଧତା, ବ୍ୟକ୍ତିତ୍ୱ ଏବଂ ଉତ୍ସବର ଭାବନାକୁ ଜୀବନ ପ୍ରଦାନ କରୁଛନ୍ତି, ଯାହା ଏ ସଂସ୍କରଣକୁ ପରିଭାଷିତ କରୁଛି।



# ୨୪ ଘଣ୍ଟା ନୁହେଁ, ୨ ଘଣ୍ଟା ଆଡମିଟ୍ ହେଲେ ବି ମିଳିବ ବୀମା କଭରେଜ

**ବଦଳିଲା ସ୍ୱାସ୍ଥ୍ୟ ବୀମା ନିୟମ**

**ମୋତିଆବିନ୍ଦୁ, କେମୋଥେରାପି, ଏନଜିଓଗ୍ରାଫି ମାତ୍ର କିଛି ଘଣ୍ଟାରେ ହୋଇଯାଉଛି**

ନୂଆଦିଲ୍ଲୀ,୧୧।୭ (ଏଜେନ୍ସି)

ସ୍ୱାସ୍ଥ୍ୟ ବୀମା କ୍ଲେମ୍‌କୁ ନେଇ ଏକ ଆଶ୍ୱସ୍ତିଭରା ଖବର ଆସିଛି। ଏବେ ସ୍ୱାସ୍ଥ୍ୟ ବୀମା ପାଇବା ପାଇଁ ଆଉ ଆପଣଙ୍କୁ ହସ୍ପିଟାଲରେ ପୁରା ୨୪ ଘଣ୍ଟା ବିତାଇବାକୁ ପଡିବନି। ଏବେ ଅନେକ ସ୍ୱାସ୍ଥ୍ୟ ବୀମା କମ୍ପାନୀ ମାତ୍ର ୨ ଘଣ୍ଟା ଆଡମିସନରେ ବି ମେଡିକ୍ଲେମ ଦେଲେଣି। ଏହି ପରିବର୍ତ୍ତନ ଏଥି ପାଇଁ ହୋଇଛି ଯେ ଚିକିତ୍ସା ଦ୍ରୁତ ଓ ଆଧୁନିକ ହୋଇଯାଇଛି। ମୋତିଆବିନ୍ଦୁ, କେମୋଥେରାପି ଓ ଏନଜିଓଗ୍ରାଫି ଚିକିତ୍ସା ମାତ୍ର କିଛି ଘଣ୍ଟାରେ ହୋଇଯାଉଛି।

ଏବେ ଏପରି ଚିକିତ୍ସାକୁ ଡେ-କେୟାର ପ୍ରୋସିଜିୟର କୁହାଯାଉଛି। ଯେପରି ମୋତିଆବିନ୍ଦୁ ଅପରେସନ, ଡାୟଲିସିସ୍, କେମୋଥେରାପି ଆଦି ଲାଗି ମଧ୍ୟ ମେଡିକ୍ଲେମ ମିଳି ପାରିବ। ପୂର୍ବରୁ ଏହି ସବୁ ମାମଲାରେ ଏଥି ପାଇଁ କ୍ଲେମ ମିଳୁନଥିଲା ଯେହେତୁ ରୋଗୀ ହସ୍ପିଟାଲରେ ୨୪ ଘଣ୍ଟା ବିତାଉ ନଥିଲେ। ଏବେ କମ ସମୟରେ ଚିକିତ୍ସା କରାଇବା ପାଇଁ ପକେଟରୁ ପଇସା ଟେ ବି ଖର୍ଚ୍ଚ କରିବାକୁ ପଡିବନି। ଏହା ଦ୍ୱାରା ଲୋକେ ସଠିକ ସମୟରେ ନିଜର ଚିକିତ୍ସା କରାଇ ପାରିବେ ଓ ଆର୍ଥିକ ବୋଝରୁ ମଧ୍ୟ ବର୍ତ୍ତି ପାରିବେ। ବୀମା କମ୍ପାନୀ ଏବେ ଚିକିତ୍ସାର ଅତ୍ୟାଧୁନିକ ଟେକନିକ୍ କୁ ବୁଝିଲେଣି ଓ ନିଜ ପଲିସିକୁ ସେହି ଅନୁସାରେ ଅପଡେଟ କରୁଛନ୍ତି। ଏହାର ଅର୍ଥ ଏବେ ବୀମା କଭର ଅଧିକ ସ୍ମାର୍ଟ, ଦ୍ରୁତ ଓ ଆବଶ୍ୟକତା ଅନୁସାରେ ହୋଇଯାଇଛି। ମୋଟ ଉପରେ କହିବାକୁ ଗଲେ ଏହି ପରିବର୍ତ୍ତନ ଗ୍ରାହକଙ୍କ ନିମନ୍ତେ ଆଶ୍ୱସ୍ତିଭରା ଓ ହେଲଥ୍ ଇନସ୍ୟୁରାନ୍ସ କୁ ପୂର୍ବାପେକ୍ଷା ଅଧିକ ସୁବିଧାଜନକ କରିଛି।




**■ ଚୀନକୁ ଚେକ୍**

## ରେଆର ଆର୍ଥ ମ୍ୟାଗ୍ନେଟ୍ ଉତ୍ପାଦନ ଯୋଜନା ଘୋଷଣା

**ବ୍ୟୟ ହେବ ୧୩୪୫ କୋଟି**



ନୂଆଦିଲ୍ଲୀ,୧୧।୭ (ଏଜେନ୍ସି): ଚୀନ୍ ବିରଳ ଖଣିଜ ପଦାର୍ଥ ରପ୍ତାନୀରେ କଟକଣା ଲଗାଇବା ପରେ ଭାରତ ଏ ଦିଗରେ ସ୍ୱାବଲମ୍ବୀ ହେବାକୁ ଉଦ୍ୟମ ଆରମ୍ଭ କରିଦେଇଛି। ଭାରତ ଏହି ରେଆର ଆର୍ଥ ମ୍ୟାଗ୍ନେଟ୍‌ର ଘରୋଇ ଉତ୍ପାଦନ କରିବାକୁ ଯୋଜନା ଘୋଷଣା କରିଛି। ରିପୋର୍ଟ ଅନୁସାରେ, ଶୁକ୍ରବାର କେନ୍ଦ୍ର ଭାରୀ ଶିଳ୍ପ ମନ୍ତ୍ରୀ ଏଚ୍ ଡି କୁମାରସ୍ୱାମୀ କହିଛନ୍ତି ଯେ ରେଆର ଆର୍ଥ ମ୍ୟାଗ୍ନେଟ୍ ପାଇଁ ଘରୋଇ ଉତ୍ପାଦନ କ୍ଷମତା ପ୍ରତିଷ୍ଠା କରିବା ପାଇଁ କେନ୍ଦ୍ର ସରକାର ୧,୩୪୫ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି।

ଚୀନ ଭାରତକୁ ୭ ବିରଳ ଖଣିଜ ପଦାର୍ଥ ଏବଂ ବିରଳ ଚୁମ୍ବକ ରପ୍ତାନୀରେ କଟକଣା ଲଗାଇବା ପରେ ଭାରତ ଏହି ନିଷ୍ପତ୍ତି ନେଇଛି। ତେବେ କଟକଣାରେ ଚୀନ କିଛି ନୂଆ ନିୟମ ଯୋଡ଼ିଛି। ଯେଉଁଥିରେ ସାମଗ୍ରୀଗୁଡ଼ିକ ପ୍ରତିରକ୍ଷା ଉଦ୍ଦେଶ୍ୟରେ ବ୍ୟବହୃତ ହେଉ ନାହିଁ କିମ୍ବା ଆମେରିକାକୁ ପୁନଃ ରପ୍ତାନୀ କରାଯିବ ନାହିଁ ବୋଲି ସୁନିଶ୍ଚିତ କରିବାକୁ ପଡ଼ିବ ଭଳି ସର୍ତ୍ତ ରହିଛି। ତେଣୁ ଭାରତ ଆଉ ଚୀନ ଉପରେ ନିର୍ଭର କରିବାକୁ ଚାହୁଁ ନାହିଁ। ଏ ନେଇ କେନ୍ଦ୍ର ଭାରୀ ଶିଳ୍ପ ମନ୍ତ୍ରଣାଳୟ ସଚିବ, କାମରାନ ରିଜଭି କହିଛନ୍ତି ଯେ ରେଆର ଆର୍ଥ ମ୍ୟାଗ୍ନେଟ୍ ପ୍ରକ୍ରିୟାକରଣ ପାଇଁ ଚିଠା ଯୋଜନାକୁ ଆନ୍ତଃ-ମନ୍ତ୍ରାଳୟ ସମୀକ୍ଷା ପାଇଁ ପଠାଯାଇଛି। ଏଥିରେ ନୂଆ ନୀତି କାର୍ଯ୍ୟକାରୀ କରିବାରେ ସହଜ ହେବ। ଗତ ଆର୍ଥିକ ବର୍ଷରେ ଭାରତ ଚୀନ୍‌ରୁ ୫୪୦ ଟନ୍ ରେଆର ଆର୍ଥ ମ୍ୟାଗ୍ନେଟ୍ ଆମଦାନୀ କରିଥିଲା। କିନ୍ତୁ ଏବେ କଠୋର ନିୟମ ହେବା ପରେ ଏ କ୍ଷେତ୍ରରେ ଦେଶ ସଂଘର୍ଷ କରୁଛି। ଚୀନ ସାରା ବିଶ୍ୱକୁ ୯୦ ପ୍ରତିଶତ ରେଆର ଆର୍ଥ ମ୍ୟାଗ୍ନେଟ୍ ରପ୍ତାନୀ କରୁଛି। ଏହି ମ୍ୟାଗ୍ନେଟ୍‌ଗୁଡ଼ିକ ଇଲେକ୍ଟ୍ରିକ ମୋଟର, ବ୍ରେକିଂ ସିଷ୍ଟମ, ସ୍ମାର୍ଟଫୋନ ଏବଂ ମିସାଇଲ ଗାଇଡାନ୍ସ ଟେକ୍ନୋଲୋଜୀ ସମେତ ବିଭିନ୍ନ କ୍ଷେତ୍ରର ପ୍ରୟୋଗ ହେଉଛି।

ଆମେରିକାର ଭୂତତ୍ତ୍ୱ ସର୍ଭେ ଅନୁସାରେ ଚୀନ୍ ପାଖରେ ବିଶ୍ୱର ସର୍ବବୃହତ ବିରଳ ଖଣିଜ ପଦାର୍ଥର ଭଣ୍ଡାର ରହିଛି। ଯାହାର ପରିମାଣ ପ୍ରାୟ ୪୪ ନିୟୁତ ଟନ୍। ଏ କ୍ଷେତ୍ରରେ ଭାରତ ବିଶ୍ୱରେ ୬.୯ ନିୟୁତ ଟନ୍ ଗଚ୍ଛିତ ଖଣିଜ ସହ ତୃତୀୟ ସ୍ଥାନରେ ରହିଛି। ହେଲେ ଏଗୁଡ଼ିକର ଉତ୍ତୋଳନ ହୋଇପାରୁ ନ ଥିବାରୁ ଭାରତକୁ ଚୀନ ଉପରେ ନିର୍ଭର କରିବାକୁ ପଡ଼ିଛି। ରୟଟର୍ସର ରିପୋର୍ଟ ଅନୁସାରେ, କିଛି ଭାରତୀୟ କମ୍ପାନୀ ଚୁମ୍ବକ ଉତ୍ପାଦନରେ ଆଗ୍ରହ ପ୍ରକାଶ କରିଛନ୍ତି। ଅପରପକ୍ଷେ ଅଟୋମୋଟିଭ୍ ନିର୍ମାତା ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଏବଂ କମ୍ପୋନେଣ୍ଟ ନିର୍ମାତା ୟୁନୋ ମିଣ୍ଡା ସ୍ଥାନୀୟ ଚୁମ୍ବକ ଉତ୍ପାଦନ ପାଇଁ ପ୍ଲାଣ୍ଟ ପ୍ରତିଷ୍ଠା କରିବାରେ ବିଶେଷ ଆଗ୍ରହ ଦେଖାଇଥିବା ଖବର ସାମ୍ନାରୁ ଆସିଛି।

# ପଲିସୀବଜାର 'ଜିତୋ ଅପ୍‌ନା ଘର'ର ୫ମ ସଂସ୍କରଣ

ନୂଆଦିଲ୍ଲୀ,୧୧।୭

କର୍ମଚାରୀ କୈନ୍ଦ୍ରିକ ସଂଗଠନ ହେବା ନିମନ୍ତେ ନିଜର ପ୍ରତିବଦ୍ଧତାକୁ ପୁନଃଦୃଢ଼ୀଭୂତ କରି ପଲିସୀବଜାର ଏହାର ସର୍ବୋତ୍ତମ ପ୍ରଦର୍ଶନକାରୀ କର୍ମଚାରୀଙ୍କର ବାସଗୃହ ମାଲିକାନା ସ୍ୱପ୍ନ ସାକାର କରିବା ଉପରେ ଦୃଷ୍ଟିନିବଦ୍ଧ କରୁଥିବା ଏହିଧରଣର ଏକ ଅନନ୍ୟ ପ୍ରୟାସ 'ଜିତୋଅପ୍‌ନାଘର'ର ୫ମ ସଂସ୍କରଣ ସଫଳତାର ସହିତ ସମ୍ପୂର୍ଣ୍ଣ କରିଛି। ପଲିସୀବଜାର ତାହାର ବିକ୍ରିରେ ନିରନ୍ତର ସଫଳତା ଜାରି ରଖି ଏବଂ ସମୁଦାୟ ସଂଗଠନ ମଧ୍ୟରେ ଉତ୍କର୍ଷକୁ ସ୍ୱୀକୃତି ଜଣାଇବାର ପ୍ରତିବଦ୍ଧତା ସହିତ ପ୍ରଥମ ଥର ପାଇଁ ସେବାଗୁଡିକ କ୍ଷେତ୍ରକୁ ('ଜିତୋଅପ୍‌ନାଘର') ଜେଏଜି ୫.୦ ଅବସରରେ ଜେଏଜି ସୁବିଧା ସମ୍ପ୍ରସାରିତ କରିଥିଲା। ପଲିସୀବଜାର ଆଜି ସୁଦ୍ଧା ଜେଏଜି ମାଧ୍ୟମରେ କର୍ମଚାରୀଙ୍କୁ ୩୯ଟି ବାସଗୃହ, ୨୪ କାର୍ ଏବଂ ନଗଦ ଅର୍ଥ ପ୍ରୋତ୍ସାହନ ଆଦି ମୋଟ ୪୦ କୋଟି ଟଙ୍କାର ଫାଇଦା ପ୍ରଦାନ କରିଛି। କେବଳ ଜେଏଜିର ୫ମ ସଂସ୍କରଣରେ ୧୦ଜଣ ଆଡଭାଇଜରଙ୍କୁ ବାସଗୃହ ଏବଂ ୮ ଜଣ ଆଡଭାଇଜନରଙ୍କୁ କାର୍ ପୁରସ୍କାର ଆକାରରେ ପ୍ରଦାନ କରାଯାଇଥିଲା।

**ଆମେରିକାରେ ରାଜୁତି କରୁଛନ୍ତି ୧୨ ମୂଳ ଭାରତୀୟ ଅରବପତି**

# ନାଡେଲା, ପିଚାଇ ନୁହେଁ; ଜୟ ଚୌଧୁରୀ ସବୁଠୁ ଧନୀ

ୱାଶିଂଟନ୍, ୧୧।୭ (ଏଜେନ୍ସି)

ଆମେରିକାରେ ଦ୍ୱିତୀୟ ସର୍ବବୃହତ ଏସୀୟ ସମ୍ପ୍ରଦାୟ ହେଉଛନ୍ତି ଭାରତୀୟ। ଆମେରିକାର ଜନଗଣନା ବ୍ୟୁରୋର ତଥ୍ୟ ଏବଂ ପ୍ୟୁ ରିସର୍ଚ୍ଚ ସେଣ୍ଟର ଦ୍ୱାରା ଆମେରିକୀୟ ସମ୍ପ୍ରଦାୟ ସର୍ଭେର ବିଶ୍ଳେଷଣ ଅନୁଯାୟୀ, ପ୍ରାୟ ୫.୨ ନିୟୁତ ଭାରତୀୟ ଆମେରିକାରେ ବସବାସ କରନ୍ତି। ଆମେରିକାର ଏସୀୟ ଜନସଂଖ୍ୟାର ପ୍ରାୟ ୨୧% ହେଉଛନ୍ତି ଭାରତୀୟ-ଆମେରିକୀୟ। ଆମେରିକାରେ ଭାରତୀୟ-ଆମେରିକୀୟ ବ୍ୟବସାୟୀମାନେ ବିଭିନ୍ନ କ୍ଷେତ୍ରରେ ଅପାର ସଫଳତା ହାସଲ କରିଛନ୍ତି। ଏକ ଆକଳନ ଅନୁଯାୟୀ, ୨୦୨୫ ଶେଷ ସୁଦ୍ଧା ଫୋର୍ବସ୍ ୪୦୦ ତାଲିକାରେ ଅତି କମ୍‌ରେ ୧୨ ଜଣ ଭାରତୀୟ ବଂଶୋଦ୍ଭବ ବ୍ୟକ୍ତିଙ୍କୁ ସାମିଲ କରାଯିବ, ଯାହା କର୍ପୋରେଟ୍ ଜଗତ ଉପରେ ସେମାନଙ୍କର ବିପୁଳ ପ୍ରଭାବକୁ ପ୍ରତିଫଳିତ କରେ। ତେବେ ଏହି ୧୨ ମୂଳ ଭାରତୀୟ ଅରବପତି ଆମେରିକାରେ ବର୍ତ୍ତମାନ ରାଜୁତି କରୁଛନ୍ତି। ତେବେ ସତ୍ୟ ନାଡେଲା କିମ୍ବା ସୁନ୍ଦର ପିଚାଇ ନୁହେଁ ଜୟ ଚୌଧୁରୀ ହେଉଛନ୍ତି ଆମେରିକାରେ ସବୁଠୁ ଧନୀ ମୂଳ ଭାରତୀୟ।

ଜୟ ଚୌଧୁରୀ ଆମେରିକାର ଶୀର୍ଷ ଭାରତୀୟ ବଂଶୋଦ୍ଭବ କୋଟିପତି। ତାଙ୍କର ମୋଟ ସମ୍ପତ୍ତି ମୂଲ୍ୟ ୧୭.୯ ବିଲିୟନ ଡଲାର। ଧନୀ ଆମେରିକୀୟଙ୍କ ତାଲିକାରେ ୫୨ ତମ ସ୍ଥାନରେ ଥିବା ଜୟ ଚୌଧୁରୀ ହେଉଛନ୍ତି ସାଇବର ସୁରକ୍ଷା ଫାର୍ମ ସ୍କେଲରର ପ୍ରତିଷ୍ଠାତା ଏବଂ ସିଇଓ। ସେ ତାଲିକାରେ ସବୁଠାରୁ ଧନୀ ଭାରତୀୟ-ଆମେରିକୀୟ। ଏହା ବ୍ୟତୀତ ସୁନ୍ଦର ପିଚାଇ, ସତ୍ୟ ନାଡେଲା ଏବଂ ନିକେଶ ଆରୋରା ମଧ୍ୟ ଏହି ତାଲିକାରେ ସାମିଲ ଅଛନ୍ତି। ଆମେରିକାରେ ବିଦେଶରେ ଜନ୍ମିତ କୋଟିପତିଙ୍କ ସଂଖ୍ୟା ରେକର୍ଡ ୧୨୫ ରହିଛି। ଫୋର୍ବସ୍‌ର କୋଟିପତି ତାଲିକା ଅନୁଯାୟୀ, ଏହି କୋଟିପତିଙ୍କ ମଧ୍ୟରୁ ଅତି କମରେ ୧୨ ଜଣ ଭାରତରେ ଜନ୍ମଗ୍ରହଣ କରିଛନ୍ତି। ଏହି ୧୨୫ କୋଟିପତି ୪୩ଟି ଭିନ୍ନ ଭିନ୍ନ ଦେଶରୁ ଆସିଛନ୍ତି, କିନ୍ତୁ ସେମାନେ ଅଧିକାଂଶ ଆମେରିକୀୟ ମାଟିରେ ନିଜର ସମ୍ପତ୍ତି ଅର୍ଜନ କରିଛନ୍ତି। ଖୋସଲା ଭେଞ୍ଚର୍ସର ମୁଖ୍ୟ ଏବଂ ସନ୍ ମାଇକ୍ରୋସିଷ୍ଟମ୍ସର ସହ-ପ୍ରତିଷ୍ଠାତା ବିନୋଦ ଖୋସଲାଙ୍କ ସମ୍ପତ୍ତି ମୂଲ୍ୟ ୯.୨ ବିଲିୟନ୍ ଡଲାର। ଏହା ବ୍ୟତୀତ, ଏହି ତାଲିକାରେ ଥିବା ଅନ୍ୟମାନେ ହେଉଛନ୍ତି, ରୋମେଶ ଟି ୱାଧୱାନୀ ,ରାଜୀବ ଜୈନ, କବିତାର୍କ ରାମ ଶ୍ରୀରାମ, ରାଜ ସର୍ଦ୍ଦାନା, ଡେଭିଡ୍ ପଲ୍, ନିକେଶ ଆରୋରା , ସୁନ୍ଦର ପିଚାଇ, ସତ୍ୟ ନାଡେଲା ଏବଂ ନୀର୍‌ଜା ସେଠୀ। ତେବେ ବିଶ୍ୱର ଦୁଇ ସର୍ବାଧିକ ଚର୍ଚ୍ଚିତ ପ୍ରଯୁକ୍ତିବିଦ୍ୟା ମହାରଥୀ ଆଲଫାବେଟ୍ ସିଇଓ ସୁନ୍ଦର ପିଚାଇ ଏବଂ ମାଇକ୍ରୋସଫ୍ଟ ସିଇଓ ସତ୍ୟ ନାଡେଲା ଚଳିତବର୍ଷ ୧.୧ ବିଲିୟନ ଡଲାର ସମ୍ପତ୍ତି ସହିତ ଉକ୍ତ ତାଲିକାରେ ସ୍ଥାନ ପାଇଛନ୍ତି। ପୂର୍ବତନ ସଫ୍ଟବ୍ୟାଙ୍କ କାର୍ଯ୍ୟନିର୍ବାହୀ ଏବଂ ପାଲୋ ଅଲ୍ଟୋ ନେଟୱାର୍କସର ବର୍ତ୍ତମାନର ସିଇଓ ନିକେଶ ଆରୋରା ମଧ୍ୟ ୧.୪ ବିଲିୟନ ଡଲାର ସମ୍ପତ୍ତି ସହିତ ଏହି ତାଲିକାରେ ନୂତନ ନାମ।

**ଆମେରିକାରେ ଭାରତ ଜନ୍ମିତ ବିଲିୟନେୟାର**

| ନାମ | ସମ୍ପତ୍ତି (ବିଲିୟନ ଡଲାରରେ) |
|---|---|
| ଜୟ ଚୌଧୁରୀ | ୧୭.୯ |
| ବିନୋଦ ଖୋସ୍‌ଲା | ୯.୨ |
| ରାକେଶ ଗାଙ୍ଗୱାଲ | ୬.୬ |
| ରୋମେଶ ଟି ୱାଧୱାନୀ | ୫.୦ |
| ରାଜୀବ ଜୈନ | ୪.୮ |
| କବିତାର୍କ ରାମ ଶ୍ରୀରାମ | ୩.୦ |
| ରାଜ ସର୍ଦ୍ଦାନା | ୨.୦ |
| ଡେଭିଡ୍ ପଲ୍ | ୧.୫ |
| ନିକେଶ ଆରୋରା | ୧.୪ |
| ସୁନ୍ଦର ପିଚାଇ | ୧.୧ |
| ସତ୍ୟ ନାଡେଲା | ୧.୧ |
| ନୀରଜା ସେଠୀ | ୧.୦ |



## ଆଜିର ରାଶିଫଳ

**ମେଷ:** ଅଚାନକ ଖୁସି ଖବର ପାଇ ପାରନ୍ତି। ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। କର୍ମଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଆୟ ଓ ବ୍ୟୟ ସମାନ ରହିବ। କ୍ରୋଧ ଉପରେ ନିୟନ୍ତ୍ରଣ ରଖିବା ଭଲ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ଭାଇ ଭଉଣୀଙ୍କ ସହଯୋଗ ମିଳିବ। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନୂଆ ବ୍ୟବସାୟ ଆରମ୍ଭ କରିବେ। ଆଇଟି କର୍ମଚାରୀଙ୍କ ପଦୋନ୍ନତି ହୋଇପାରେ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିପାରନ୍ତି। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ବହୁତ ଭଲ। ନିବେଶରୁ ଲାଭ ପାଇବେ। ମହିଳାମାନେ ଘରକାମରେ ବ୍ୟସ୍ତ ରହିପାରନ୍ତି।

**କର୍କଟ:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ। ଅଯଥା ଖର୍ଚ୍ଚ ବଢ଼ିବ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ଅଫିସ୍ କାମ ପାଇଁ ଦୂରସ୍ଥାନ ଯାତ୍ରା କରିପାରନ୍ତି।

**କନ୍ୟା:** ଆର୍ଥିକ ସମସ୍ୟା ଦେଖା ଦେବ। ଚକ୍ଷୁ ଜନିତ ସମସ୍ୟା ଦେଖାଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ହୋଇପାରେ। ଯାନବାହନ କ୍ରୟ କରିପାରନ୍ତି।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ଅଯଥା ବିବାଦରେ ଛନ୍ଦି ହୋଇପାରନ୍ତି। ରାଜନେତାଙ୍କ ପାଇଁ ଦିନଟି ଭଲ।

**ବିଛା:** ମତଭେଦ ସୃଷ୍ଟି ହେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନରେ ତିକ୍ତତା ଆସିପାରେ। ପରିବାର ଲୋକଙ୍କ ସହ ସମୟ ଅତିବାହିତ ହେବ।

**ଧନୁ:** ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଆୟ ଓ ବ୍ୟୟ ସମାନ ରହିବ।

**ମକର:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଦାନଧର୍ମ କରିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ। ଯାନବାହନ ଚଳାଚଳ ସମୟରେ ସତର୍କତା ଅବଲମ୍ବନ କରନ୍ତୁ।

**କୁମ୍ଭ:** ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ। ମହିଳାମାନେ ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତା ପ୍ରକାଶ କରିବେ।

**ମୀନ:** ମନୋରଞ୍ଜନରେ ସମୟ ଅତିବାହିତ ହେବ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ଅସହାୟଙ୍କୁ ସାହାଯ୍ୟ କରିବେ। ଦୀର୍ଘ ଦିନର ଆଶା ପୂରଣ ହେବ। ପୈତୃକ ସମ୍ପତ୍ତିକୁ ନେଇ ଭାଇ ଭାଇ ମଧ୍ୟରେ କଳହ ସୃଷ୍ଟି ହୋଇପାରେ।

## ଆଜିର ଇତିହାସ

- ୧୯୧୨- 'କ୍ୱିନ୍ ଏଲିଜାବେଥ୍' ଆମେରିକାରେ ପ୍ରଦର୍ଶନ କରାଯାଉଥିବା ପ୍ରଥମ ବିଦେଶୀ ଫିଲ୍ମ ହେଲା।
- ୧୯୬୦- ଭାଗଲପୁର ଓ ରାଞ୍ଚି ବିଶ୍ୱବିଦ୍ୟାଳୟର ସ୍ଥାପନା।
- ୧୯୭୦: ଅଳକାନନ୍ଦା ନଦୀରେ ଭୀଷଣ ବନ୍ୟା ଯୋଗୁଁ ପାଖାପାଖି ୬୦୦ ଲୋକଙ୍କର ପ୍ରାଣହାନି।
- ୨୦୦୧- ଅଗରତାଲା ଓ ଢାକା ମଧ୍ୟରେ ମୈତ୍ରୀ ବସ୍ ସେବା ଆରମ୍ଭ ହେଲା।



## ବିଶ୍ୱ ପେପର୍ ବ୍ୟାଗ୍ ଦିବସ

ପ୍ଲାଷ୍ଟିକ୍ ବା ପଲିଥିନ୍ ବ୍ୟାଗ୍ ଏବେ ସାରା ବିଶ୍ୱ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ପଲିଥିନ୍ ପରିବେଶ ପାଇଁ କ୍ଷତିକାରକ ହୋଇଥାଏ। ଏହାସହ ଏହା ମଣିଷ ଓ ଜୀବଜନ୍ତୁଙ୍କ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ବେଶ୍ ବିପଜ୍ଜନକ ହୋଇଥାଏ। ପ୍ଲାଷ୍ଟିକ୍ ବ୍ୟାଗ୍ ବଦଳରେ କାଗଜ ବା ପେପର୍ ବ୍ୟାଗ୍ ଉପଯୋଗ କରିବା ଦିଗରେ ଲୋକଙ୍କୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବର୍ଷ ଜୁଲାଇ ୧୨ ତାରିଖକୁ 'ବିଶ୍ୱ ପେପର୍ ବ୍ୟାଗ୍ ଦିବସ' ଭାବେ ପାଳନ କରାଯାଉଛି। ଏହିଦିନ ପ୍ଲାଷ୍ଟିକ୍‌ର ଦୁଷ୍ପରିଣାମ ବାବଦରେ ବି ଲୋକଙ୍କୁ ସଚେତନ କରାଯାଏ। ଯଦିଓ ପ୍ଲାଷ୍ଟିକ୍ ବ୍ୟବହାର ଉପରେ କଟକଣା ଲାଗିଛି, ତଥାପି ଲୋକେ ସିଙ୍ଗଲ୍ ୟୁଜଡ୍ ପ୍ଲାଷ୍ଟିକ୍‌କୁ ବ୍ୟବହାର କରୁଛନ୍ତି। ପ୍ଲାଷ୍ଟିକ୍ ମାଟିରେ ସହଜରେ ବିଘଟନ ହେଉ ନ ଥିବା ବେଳେ କାଗଜ ବ୍ୟାଗ୍ ପରିବେଶ ପାଇଁ ଅନୁକୂଳ। ତା'ସହ ପ୍ଲାଷ୍ଟିକ୍ ବ୍ୟବହାର କମ୍ କରିବା ଦିଗରେ ପେପର୍ ବ୍ୟାଗ୍ ସାହାଯ୍ୟ କରିଥାଏ। ୧୮୫୨ରେ ଆମେରିକୀୟ ଆବିଷ୍କାରକ ଫ୍ରାସିସ୍ ୱଲେ ପ୍ରଥମଥର ପାଇଁ ପେପର୍ ବ୍ୟାଗ୍ ମେସିନ୍ ତିଆରି କରିଥିଲେ। ଏହାପରେ ୧୮୭୧ରେ ମାର୍ଗାରେଟ୍ ଏଲୋଏସ୍ ନାଇଟ୍ ଫ୍ଲାଟ୍ ବଟମ ପେପର୍ ବ୍ୟାଗ୍ ତିଆରି କରିବା ପାଇଁ ଆଉ ଏକ ମେସିନ୍ ବିକଶିତ କଲେ। ଯାହାକି 'ମଦର୍ ଅଫ୍ ଦ ଗ୍ରସରି ବ୍ୟାଗ୍' ଭାବେ ପ୍ରସିଦ୍ଧି ଲାଭ କଲା। ୧୯୧୨ ମସିହାରେ, ୱାଲ୍‌ଟର ଡୁବେନର୍ ଏକ ହ୍ୟାଣ୍ଡେଲ୍ ସହିତ କାଗଜ ବ୍ୟାଗ୍ ଡିଜାଇନ୍ କରିଥିଲେ। ସେହିଭଳି ୧୯୭୦ ଦଶକରେ ପ୍ଲାଷ୍ଟିକ୍ ବ୍ୟାଗ୍, କାଗଜ ବ୍ୟାଗ୍‌ର ଏକ ଶସ୍ତା ବିକଳ୍ପ ଭାବରେ ଉଭା ହେଲା। ହେଲେ ପ୍ଲାଷ୍ଟିକ୍ ବ୍ୟାଗ୍‌ଗୁଡ଼ିକ ନବୀକରଣ ଯୋଗ୍ୟ ନୁହେଁ କି ପୁନଃ ବ୍ୟବହାର ଯୋଗ୍ୟ ନୁହେଁ। ପ୍ଲାଷ୍ଟିକ୍ ସାମଗ୍ରୀଗୁଡିକ କ୍ଷୟ ହେବାକୁ ପ୍ରାୟ ହଜାରେ ବର୍ଷ ଲାଗେ, ତେଣୁ ସେଗୁଡିକ ପରିବେଶ ପାଇଁ କ୍ଷତିକାରକ। ବିଶ୍ୱ କାଗଜ ବ୍ୟାଗ୍ ଦିବସ ଇକୋ-ଫ୍ରେଣ୍ଡଲି ବା ପରିବେଶ ସହାୟକ, ନବୀକରଣ ଯୋଗ୍ୟ, ପୁନଃ ବ୍ୟବହାର ଯୋଗ୍ୟ କାଗଜ ବ୍ୟାଗ୍ ବ୍ୟବହାରକୁ ପ୍ରୋତ୍ସାହିତ କରେ। ଏହି ଦିନ କାଗଜ ବ୍ୟାଗ୍ ବ୍ୟବହାର କରି ପ୍ଲାଷ୍ଟିକ୍ ମୁକ୍ତ ପରିବେଶ ସୃଷ୍ଟି କରିବା ପାଇଁ ଲୋକଙ୍କୁ ସଚେତନ କରାଯାଏ।

## ମଲାଲା ଦିବସ




୨୦୧୪ ମସିହାରୁ ପ୍ରତିବର୍ଷ ଜୁଲାଇ ୧୨ ତାରିଖକୁ 'ମଲାଲା ଦିବସ' ଭାବେ ପାଳନ କରାଯାଉଛି। ଏହି ଦିବସ ପାକିସ୍ତାନୀ ଶିଶୁ ମାନବାଧିକାର କର୍ମୀ ମଲାଲା ୟୁସୁଫଜାଇଙ୍କ ପାଇଁ ଉତ୍ସର୍ଗୀକୃତ। ୨୦୧୩ ଜୁଲାଇ ୧୨ରେ ଜାତିସଂଘ ମୁଖ୍ୟାଳୟରେ ୧୬ ବର୍ଷ ବୟସରେ ଶିକ୍ଷା ଉପରେ ସାରଗର୍ଭକ ଭାଷଣ ଦେଇ ସାରା ବିଶ୍ୱର ଚର୍ଚ୍ଚିତ ଚେହେରା ପାଲଟି ଯାଇଥିଲେ ମଲାଲା। ଲିଙ୍ଗଗତ ସମାନତା ଉପରେ ମଧ୍ୟ ସେ ଏଥିରେ ପ୍ରଶ୍ନ ଉଠାଇଥିଲେ। ମଲାଲାଙ୍କ ଭାଷଣରେ ଜାତିସଂଘର ସମସ୍ତ ସଦସ୍ୟ ଛିଡ଼ା ହୋଇ କରତାଳି ମାଧ୍ୟମରେ ପ୍ରଶଂସା କରିବା ସହ ସମ୍ମାନ ଜଣାଇଥିଲେ। ତାଙ୍କ ସମ୍ମାନରେ ଉକ୍ତ ଦିନକୁ ସଙ୍ଗେ ସଙ୍ଗେ ଜାତିସଙ୍ଘ ମଲାଲା ଦିବସ ରୂପେ ଘୋଷଣା କରିଥିଲା। ମଲାଲା କୁହନ୍ତି, ଏହି ଦିବସ କେବଳ ତାଙ୍କର ନୁହେଁ, ବରଂ ପ୍ରତିଟି ମହିଳା, ପୁରୁଷ, ଯୁବକ ଯୁବତୀଙ୍କର, ଯେଉଁମାନେ ନିଜ ଅଧିକାର ଲାଗି ସ୍ୱରୋତ୍ତୋଳନ କରିଛନ୍ତି। ସେହିପରି ଏହି ଦିନ ସମଗ୍ର ବିଶ୍ୱର ମହିଳା ଓ ଶିଶୁଙ୍କ ଅଧିକାରକୁ ସମ୍ମାନ ଦିଆଯାଏ। ଶିକ୍ଷାର ପ୍ରଚାର-ପ୍ରସାର ତଥା ଏ ବାବଦରେ ବିଶ୍ୱସ୍ତରରେ ସଚେତନତା ସୃଷ୍ଟି 'ମଲାଲା ଦିବସ' ପାଳନର ଅନ୍ୟତମ ଉଦ୍ଦେଶ୍ୟ। ୧୯୯୭ ଜୁଲାଇ ୧୨ରେ ପାକିସ୍ତାନ ମିଙ୍ଗୋରାରେ ଜନ୍ମଗ୍ରହଣ କରିଥିଲେ ମଲାଲା। ୨୦୦୮ ରୁ ମଲାଲା ନାରୀ ଶିକ୍ଷା ଅଭିଯାନ ସହ ସଂପୃକ୍ତ ଥିଲେ। ୨୦୧୨ରେ ତାଲିବାନୀମାନେ ଜୀବନରୁ ମାରିଦେବା ପାଇଁ ତାଙ୍କ ଉପରେ ଗୁଳି ଚଳାଇଥିଲେ। ତେବେ, ଠିକ୍ ସମୟରେ ଚିକିତ୍ସା ଦ୍ୱାରା ତାଙ୍କର ଜୀବନ ରକ୍ଷା କରାଯାଇ ପାରିଥିଲା। ଇଂଲଣ୍ଡରେ ଚିକିତ୍ସିତ ହୋଇ ସେ ସୁସ୍ଥ ହୋଇଥିଲେ। ସେତେବେଳେ ସାରା ବିଶ୍ୱ ତାଙ୍କ ଉପରେ ହୋଇଥିବା ଆକ୍ରମଣକୁ ନିନ୍ଦା କରିଥିଲା। ଆଉ ଏହି ଘଟଣା ପରେ ସେ ହେଇ ଯାଇଥିଲେ ଅନ୍ତର୍ଜାତୀୟ ବ୍ୟକ୍ତିତ୍ୱ। ଏହି ଘଟଣାରେ ସେ ଭୟଭୀତ ନ ହୋଇ କିମ୍ବା ହାର୍ ନ ମାନି 'ମଲାଲା ଫଣ୍ଡ' ମାଧ୍ୟମରେ ନାରୀ ଶିକ୍ଷା ଦିଗରେ କାମ ଜାରି ରଖିଲେ। ନାରୀ ଶିକ୍ଷାର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମଲାଲାଙ୍କୁ ୧୪ ବର୍ଷ ବୟସରେ ପାକିସ୍ତାନ ସରକାରଙ୍କ ପକ୍ଷରୁ ଯୁବ ଶାନ୍ତି ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ୨୦୧୪ରେ ମାତ୍ର ୧୭ ବର୍ଷ ବୟସରେ ସେ ପାଇଥିଲେ 'ନୋବେଲ୍ ଶାନ୍ତି ପୁରସ୍କାର'। ଏହି ପୁରସ୍କାର ଲାଭ କରିବାରେ ସେ ବିଶ୍ୱରେ ଅଦ୍ୟାବଧି ସର୍ବ-କନିଷ୍ଠ।



ସାଉଥ୍ ଇଣ୍ଡଷ୍ଟ୍ରୀର ଲୋକପ୍ରିୟ ଅଭିନେତା ବିଜୟ ଦେବରକୋଣ୍ଡା ପୁଣିଥରେ ତାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚାରେ ଅଛନ୍ତି। ଅନେକ ଦିନରୁ ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କ ସହ ତାଙ୍କ ପ୍ରେମ ସମ୍ପର୍କକୁ ନେଇ ଚର୍ଚ୍ଚା ହେଉଥିଲା। କିନ୍ତୁ ଏନେଇ ବିଜୟ କି ରଶ୍ମିକା ବିଧିବଦ୍ଧ ଭାବେ କିଛି କହି ନ ଥିଲେ। ନିକଟରେ ବିଜୟ ଗଣମାଧ୍ୟମକୁ ଦେଇଥିବା ଏକ ସାକ୍ଷତକାରରେ ବିଜୟ ତାଙ୍କ ପ୍ରେମ ସମ୍ପର୍କକୁ ନେଇ ମୁହଁ ଖୋଲିଛନ୍ତି। ବିଜୟ ଏହି ସାକ୍ଷାତକାରରେ ସେ ସିଙ୍ଗଲ ନାହାନ୍ତି ବୋଲି କହିଥିଲେ। ଯେତେବେଳେ ବିଜୟଙ୍କୁ ସେ ଏବେ ବି ସିଙ୍ଗଲ ଅଛନ୍ତି କି ବୋଲି ପ୍ରଶ୍ନ କରାଯାଇଥିଲା। ଏହାର ଉତ୍ତରରେ ସେ କହିଥିଲେ- 'ମୋତେ ଏବେ ୩୫ ବର୍ଷ। ମୁଁ ଏବେ ସିଙ୍ଗିଲ ନାହିଁ।' ସେ ଆହୁରି ମଧ୍ୟ କହିଥିଲେ- 'ଯେତେବେଳେ ଆପଣ ଜଣଙ୍କୁ ପ୍ରେମ କରୁଛନ୍ତି, ତାଙ୍କୁ ଗଣମାଧ୍ୟମରୁ ନିଶ୍ଚୟ ଦୂରେଇ ରଖିବାକୁ ଚାହିଁବେ। ମୁଁ ଚାହୁଁଛି ମୋର ସେହି ଦିଗଟି ସୁରକ୍ଷିତ ରହୁ ଓ ଅନାଧିକାର ଚର୍ଚ୍ଚାର ପ୍ରସଙ୍ଗ ନ ହେଉ।' ଯଦିଓ ଏହି ସମୟରେ ବିଜୟ ରଶ୍ମିକାଙ୍କ ନାଁ ନେଇ ନଥିଲେ। କିନ୍ତୁ ସେ ପ୍ରେମ ସମ୍ପର୍କରେ ଥିବା ଓ ସେହି ସମ୍ପର୍କକୁ ନେଇ ବେଶ୍ ସିରିୟସ୍ ଥିବା ଏଥିରୁ ଏକପ୍ରକାର ସ୍ପଷ୍ଟ ହୋଇଛି। ତେବେ ବିଜୟ ଓ ରଶ୍ମିକାଙ୍କ ଅନ୍ ସ୍କ୍ରିନ୍ ଯୋଡ଼ିକୁ ଦର୍ଶକେ ବେଶ୍ ପସନ୍ଦ କରନ୍ତି। ଏହି ଯୋଡ଼ିକୁ ଦର୍ଶକେ ଅଫ୍‌ସ୍କ୍ରିନ୍‌ରେ ମଧ୍ୟ ପସନ୍ଦ କରୁଛନ୍ତି। ତେବେ ଏହି ଯୋଡ଼ି କେବେ ବିଧିବଦ୍ଧ ଭାବେ ସେମାନଙ୍କ ପ୍ରେମ ସମ୍ପର୍କରେ ଥିବା କଥାକୁ ସ୍ୱୀକାର କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

# ସୁମନ

## ପତ୍ରିକା ପରିଚୟ



### ମୋ ଆଶା

ସଂପାଦକ: ସୁମନ୍ତ ମହାରଣା
ଲିଟିଲ୍ ଷ୍ଟାର୍ ଗ୍ରୁପ୍
ପାଟପୁର, ନିମାପଡ଼ା, ପୁରୀ
ମୂଲ୍ୟ: ୨୦ ଟଙ୍କା

ତ୍ରୟମାସିକ ଶିଶୁକିଶୋର ପତ୍ରିକା 'ମୋ ଆଶା'ର ଜୁଲାଇ-ସେପ୍ଟେମ୍ବର-୨୦୨୫ ବର୍ଷା ସଂଖ୍ୟା ଆମର ହସ୍ତଗତ ହୋଇଛି। ସୁମନ୍ତ ମହାରଣାଙ୍କ ସଂପାଦନାରେ ପ୍ରକାଶିତ 'ମୋ ଆଶା'ର ଅନ୍ୟ ସଂଖ୍ୟା ପରି ଏହି ସଂଖ୍ୟାଟି ମଧ୍ୟ ବେଶ୍ ଆକର୍ଷଣୀୟ ହୋଇଛି। କବିତା ବିଭାଗରେ ଅରୁଣ ଚନ୍ଦ୍ର ମହାନ୍ତିଙ୍କ 'ରଘୁ ଯାଉଥିଲା ଯାତକୁ', ରାମଚନ୍ଦ୍ର ପ୍ରଧାନଙ୍କ 'କାମ କରିଯିବା ମିଶି', ଡକ୍ଟର ସୁଷମା ମିଶ୍ରଙ୍କ 'ସାଧବ ବହୂ', ଡ. ସନ୍ତୋଷ କୁମାର ପଣ୍ଡାଙ୍କ 'ଦାରୁ ଦେବତା', କୁଞ୍ଜ ବିହାରୀ ସାହୁଙ୍କ 'ଜହ୍ନରାଇଜ ବୁଲା' ଓ ଇଂ ପ୍ରମୋଦ କୁମାର ନନ୍ଦଙ୍କ 'ସଂରକ୍ଷିତ ମସ୍ତିଷ୍କରେ' ଆଦି ବେଶ୍ ମନଛୁଆଁ ହୋଇଛି। ସେହିଭଳି କାଳିକିଙ୍କରଙ୍କ 'ଦେବଦେବୀ', ସମ୍ବେଦନା ମିଶ୍ରଙ୍କ 'ରାଜା ଓ ସ୍ୱର୍ଣ୍ଣମୁଦ୍ରା', ସୁଶାନ୍ତ କୁମାର ସେନାପତି 'ଯଦୁମଣି ବାଛିଲେ ରାଜାଙ୍କ ଦୋଷ', ଡ. ରବି ନାରାୟଣ ସାହୁଙ୍କ 'ଦୁଇ ସାଙ୍ଗ', ନଗେନ୍ଦ୍ର ନାଥ ପଟ୍ଟନାୟକଙ୍କ 'କଥାକୁହା କ୍ୟାଲେଣ୍ଡର', ସମୀର ଗାଙ୍ଗୁଲିଙ୍କ ହିନ୍ଦୀ ଗଳ୍ପର ଓଡ଼ିଆ ଅନୁବାଦ 'ସିଂହଟିଏ ଲୋଡ଼ା', ବସନ୍ତ ସ୍ୱାଇଁଙ୍କ 'ପ୍ରାଚୀନ ଗଣିତଜ୍ଞ ବ୍ରହ୍ମଗୁପ୍ତ', ଇଂ ମାୟାଧର ସ୍ୱାଇଁଙ୍କ 'ନିଜ ଶରୀର ଉପରେ ବିପଜ୍ଜନକ ପରୀକ୍ଷା' ଆଦି ଗପଗୁଡ଼ିକ ବେଶ୍ ଶିକ୍ଷଣୀୟ ହୋଇଛି। ସେହିଭଳି ଆଧ୍ୟାତ୍ମିକଭିତ୍ତିକ ଗପ ପ୍ରିୟଦର୍ଶିନୀ ମହାନ୍ତିଙ୍କ 'କାଞ୍ଚି ଅଭିଯାନ', ପୂଜାରାଣୀ ପାଣିଙ୍କ 'ଭକ୍ତ ଝୋଲିଆ କବୀର', ସାଇ ସମୀକ୍ଷା ସ୍ୱାଇଁଙ୍କ 'ଆସ ଅଳାର ଖାଅ ଖୀରି' ଆଦି ବେଶ୍ ମନଛୁଆଁ ହୋଇଛି। ଯାତ୍ରା ଜଗତର ଆଗଧାଡ଼ିର କଳାକାର ରତି ଓ ମିଟୁନାଙ୍କ ପିଲାବେଳର କଥା ମଧ୍ୟ ବେଶ୍ ମନଲୋଭା ହୋଇଛି। ସେହିଭଳି ଆମ ପ୍ରତିଭା, କୁନି ମଡେଲ୍, ଆମ ହାତ ଅଙ୍କା ଛବି, ଚିତ୍ର ଦୁଇଟିରେ ଫରକ ବାଛ ଆଦି ନିୟମିତ ବିଭାଗ ଖୁବ୍ ସୁନ୍ଦର ଓ ଆକର୍ଷଣୀୟ ହୋଇଛି। 'ମୋ ଆଶା'ର ଏହି ସଂଖ୍ୟାଟି ପାଠକ ମହଲରେ ଆଦୃତି ଲାଭ କରିବ ବୋଲି ଆଶା କରାଯାଏ।

## ଜୀବ ଜଗତର ସାଥୀ



ନିରାକାର ଚଇନି

ଡହ ଡହ ଖରା ଗଲାଣି କେବେଠୁ
ଦିନ ତା' ଯାଇଛି ସରି
ଟପ ଟପ ହୋଇ ମେଘ ରାଇଜରୁ
ବରଷା ପଡ଼ିଲା ଝରି।
ନଦୀ ନାଳ ଆଉ ପୋଖରୀ ଗାଡ଼ିଆ
ଜଳରେ ଉଠିଲେ ପୂରି
ସାରୁ ବୁଦା ମୂଳେ ବେଙ୍ଗ ବେଙ୍ଗୁଲିଏ
ବଜେଇଲେ ଭେରି ତୂରୀ।
ଶାଗୁଆ ରଙ୍ଗରେ ସଜେଇ ନିଜକୁ
ପଡ଼ିଆ ଦିଶିଲା ଶୋଭା
ନାଲି ଗୁଲୁ ଗୁଲୁ ସାଧବ ବୋହୂର
ଚାଲି କେଡ଼େ ମନଲୋଭା।
ଗାଆଁ ଦାଣ୍ଡେ ଅତି ବେଗରେ ଛୁଟିଲା
ବରଷା ପାଣିର ସୁଅ
କାଗଜର ଡଙ୍ଗା ଭସେଇ ଦେଲେ ତ
କୁନି କୁନି ପୁଅ ଝିଅ।
ମନ ମତାଣିଆ ଗୀତ ଗାଇ ଗାଇ
ବେଉଷଣ କଲା ଚାଷୀ
କ୍ଷେତରେ ଫଳେଇ ସୁନାର ଫସଲ
ଭୋକ ଦାଉ ଦେବ ନାଶି।
ବରଷା କାଳଟି ଅଟଇ ସତରେ
ଜୀବ ଜଗତର ସାଥୀ
ଟିକେ ସାବଧାନ ହୋଇଲେ ବିତିବ
ସୁଖେ ଆମ ଦିନ ରାତି। ■

ସୁବୁଦ୍ଧିସାହି, ତେଲକୋଇ
ମୋ-୮୨୪୯୩୮୭୯୭୩

## ପୁପୁନ୍‌ର ରଙ୍ଗୀନ ଛତା



ସୁବ୍ରତ ଦାସ

ସେଦିନ ସନ୍ଧ୍ୟାରେ ସିପୁନ୍‌ର ଜନ୍ମଦିନ ପାଳନ ହେଉଥାଏ। ସିପୁନ୍‌ର ସବୁ ସାଙ୍ଗମାନେ ଖୁବ୍ ମଜା କରୁଥାନ୍ତି। କିଏ ବେଲୁନ୍ ଫୁଙ୍କୁ ଥାଏ ତ କିଏ ଗୀତର ତାଳରେ ନାଚୁଥାଏ। ସବୁ ସାଙ୍ଗମାନଙ୍କ ମଧ୍ୟରେ ସିପୁନ୍‌ର ସବୁଠାରୁ ଭଲ ସାଙ୍ଗ ହେଉଛି ପୁପୁନ୍। ସିପୁନ୍, ପୁପୁନ୍‌କୁ ନ ଦେଖି ଖୁବ୍ ବ୍ୟସ୍ତ ହୋଇପଡ଼ିଲା। ସେ ସଙ୍ଗେସଙ୍ଗେ ମା'ଙ୍କୁ କହିଲା, ପୁପୁନ୍ କାହିଁକି ଆସିନାହିଁ? ମା' କହିଲେ ମୁଁ ଜାଣି ନାହିଁ। ମନ ଭଲ ନ ଲାଗିବାରୁ ସିପୁନ୍ ଓ ତାର ମା' ପୁପୁନ୍ ଘରକୁ ଗଲେ। ହେଲେ ପୁପୁନ୍‌ର ଶରୀର ଅସୁସ୍ଥ ଦେଖି ଆଶ୍ଚର୍ଯ୍ୟ ହେଲେ। ପୁପୁନ୍ ଚୁପ୍‌ଚାପ୍ ଘୋଡ଼େଇ ହୋଇ ଘରେ ଶୋଇଥାଏ। ପୁପୁନ୍‌ର ମା' ମନ ଦୁଃଖରେ ତା'ର ମୁଣ୍ଡ ପାଖରେ ବସି ଓଦା ପଟି ଦେଉଥାନ୍ତି। ସିପୁନ୍ ପଚାରିଲା, ପୁପୁନ୍‌ର କ'ଣ ହୋଇଛି? ମା କହିଲେ, ସନ୍ଧ୍ୟାରେ ତାକୁ ଜ୍ୱର ଆସିଲା। ଦେହ ହାତ ଖଇ ଫୁଟିଲା ପରି ତାତିଛି। ପୁପୁନ୍‌ର ବାପାଙ୍କୁ ଫୋନ୍ କରିଛି ଡାକ୍ତରଙ୍କୁ ସାଙ୍ଗରେ ନେଇ ଆସିବେ। ସକାଳେ ସ୍କୁଲ୍ ଯାଇଥିଲା। ହେଲେ ସ୍କୁଲ୍‌ରୁ ଫେରି କେଉଁଆଡ଼େ ନ ଯାଇ ଚୁପଚାପ୍ ଘରେ ଶୋଇଛି। ପଚାରିବାରୁ ଦେହ ଭଲ ଲାଗୁନି କହୁଛି। ହେଲେ ଦେହରେ ତାତି ଅସମ୍ଭାଳ। କିଛି ସମୟ ପରେ ଡାକ୍ତରଙ୍କୁ ନେଇ ପୁପୁନ୍‌ର ବାପା ଘରେ ପହଞ୍ଚିଲେ। ଡାକ୍ତର ସଙ୍ଗେସଙ୍ଗେ ଥର୍ମୋମିଟର ପାଟିରେ ଦେଇ ଦେଖିଲେ ଜ୍ୱର ବଢ଼ି ଯାଇଛି। ପରୀକ୍ଷା କରି ଜାଣିଲେ ଥଣ୍ଡା ସହ ଜ୍ୱର ହୋଇଛି। ବର୍ଷାରେ ଭିଜିବା, ଓଦା ହେବା, ଖାଇବା ପିଇବା ଠିକ୍ ସମୟରେ ନ କରିବା ପାଇଁ ଶରୀର ସଂକ୍ରମିତ ହେବା ସହ ଜ୍ୱର ହୋଇଛି। ତେଣୁ ପୁପୁନ୍‌କୁ ଡାକ୍ତର ପରାମର୍ଶ ଦେଲେ, ତୁମେ ଦେହର ଯତ୍ନ ନିଅ। ନହେଲେ ପାଠ ପଢ଼ିବ କେମିତି! ଏମିତି ଚଗଲାମି କଲେ ଶରୀର କେତେ ଯନ୍ତ୍ରଣା ପାଉଛି, ଜାଣିଛ! ଏହାଦ୍ୱାରା ତମର ପାଠପଢ଼ା କ୍ଷତି ହେବ। ଆମ ଶରୀର ସବୁଠୁ ମୂଲ୍ୟବାନ। ବଡ଼ ଲୋକଙ୍କର ଉପଦେଶ ନ ମାନିଲେ ଏମିତି ଅସମୟରେ ପିଲାମାନେ ହଇରାଣ ହୁଅନ୍ତି। ଫଳରେ ପିତାମାତାମାନେ ଦୁଃଖ ପାଇଥାନ୍ତି। ଏହି ସମୟରେ ପାଖରେ ଛିଡ଼ା ହୋଇ ସିପୁନ୍‌ର ମା' ଡାକ୍ତରଙ୍କ କଥାରେ ସହମତି ଜଣାଇ କହିଲେ, ଠିକ୍ କଥା ପିଲାମାନେ ଏକ ଜିଦିଆ ଆଉ ଅଝଟ ହୋଇ ଏମିତି ନିଜ ଶରୀରକୁ ପୀଡ଼ା ଦେଉଛନ୍ତି। ଆଜି ସିପୁନ୍‌ର ଜନ୍ମଦିନରେ ପୁପୁନ୍ ଉପସ୍ଥିତ ରହି ପାରିଲା ନାହିଁ। ସବୁଦିନ ବର୍ଷାରେ ଭିଜିବା ପାଇଁ ପୁପୁନ୍‌କୁ ବହୁତ ଖୁସି ଲାଗେ। ସିପୁନ୍ ଛତା ନେଇ ସ୍କୁଲକୁ ଯାଏ, ମାତ୍ର ପୁପୁନ୍ କଥା ନ ମାନି ଛତା ନ ନେଇ ସ୍କୁଲ ଯାଏ। ବର୍ଷାରେ ଭିଜି ଓଦା ସରସର ହୋଇ ଘରକୁ ସନ୍ଧ୍ୟାରେ ଫେରେ। ପଚାରିଲେ କହେ, ମୋର ଛତା ନାହିଁ। କିଛି ସମୟ ପରେ ଔଷଧ ଖାଇବା ପରେ ପୁପୁନ୍‌କୁ ଟିକେ ଭଲ ଲାଗିଲା। ସେ ବିଛଣାରୁ ଉଠି ମା'ଙ୍କୁ ପଚାରିଲା, ସିପୁନ୍‌ର ଜନ୍ମଦିନ ଥିଲା। ମୁଁ ଯାଇ ପାରିଲି ନାହିଁ। ମା' ବୁଝାଇ ଦେଲେ ହଁ, ସିପୁନ୍ ଓ ତାର ମା' ଆସିଥିଲେ। ତୁ ଶୋଇଥିଲୁ, ହେଲେ ମନ ଦୁଃଖ କର ନାହିଁ। ତୁ ଭଲ ହୋଇଗଲେ ଆମ ଘରେ ଆଉ ଥରେ ଜନ୍ମଦିନ ପାଳନ କରିବା। ସେଦିନ ରାତିସାରା ପୁପୁନ୍ ଶୋଇ ପାରିଲା ନାହିଁ। ମନ ଭିତରେ ତା'ର ସବୁ ଦୁଷ୍ଟାମି ଆସୁଥାଏ। ସାଙ୍ଗମାନଙ୍କ ସହ ମିଶି ପାଣି ଖାଲରେ ପଶି କାଦୁଆ ହେବା, ଛତା ନ ନେଇ ଓଦା ହୋଇ ସ୍କୁଲ ଯିବା, ଆହୁରି କେତେ କଥା। ଏମିତି ଭାବୁ ଭାବୁ ସେ ଶୋଇ ପଡ଼ିଥାଏ। ସକାଳ ହେଲା, ଶରୀର ଦୁର୍ବଳ ଲାଗୁଥାଏ। ଆଉ ସେଦିନ ବି ସେ ସ୍କୁଲ ଗଲା ନାହିଁ। ଲଗାତାର ତିନିଦିନ ଯାଏ ସେ ସ୍କୁଲ ଯାଇ ପାରିଲା ନାହିଁ। ଘରେ ଶୋଇ ଶୋଇ ଚିଡ଼ା ଲାଗୁଥାଏ। କିଛି ଦିନ ପରେ ଦେହ ଟିକେ ଭଲ ଲାଗିବାରୁ ପୁପୁନ୍ ବାହାରିଲା ସ୍କୁଲ ଯିବା ପାଇଁ। କିନ୍ତୁ ବର୍ଷା ପାଗ ଦେଖି କୁଣ୍ଠା ହେଉଥାଏ। ମା' ତା ମୁଣ୍ଡରେ ହାତ ମାରି କହିଲେ, ଦେଖିଲୁ ବାବା ବାପା ତୋ ପାଇଁ କ'ଣ ଆଣିଛନ୍ତି। ପୁପୁନ୍ ଆଶ୍ଚର୍ଯ୍ୟ ହେଲା, ମା' ତା' ହାତକୁ ଗୋଟିଏ ସୁନ୍ଦର ଫୁଲ ପକା ରଙ୍ଗୀନ ଛତା ଟଏ ବଢାଇ ଦେଲେ। ରଙ୍ଗୀନ ଫୁଲ ପକା ଛତା ଦେଖି ପୁପୁନ୍ ଭାରି ଖୁସି ହୋଇଗଲା। ମା' କହିଲେ, ଏହି ଛତା ଆମକୁ ଖରା ଆଉ ବର୍ଷାରୁ ରକ୍ଷା କରିଥାଏ। ଅଧିକାଂଶ ସାଙ୍ଗ ପିଲା ରଙ୍ଗୀନ ଛତା ନେଇ ଆସୁଥିବାର ସେ ଦେଖିଛି। ଆଜି ତାର ମଧ୍ୟ ରଙ୍ଗୀନ ଛତା ଦେଖି ପୁପୁନ୍ ଖୁସି ହୋଇଗଲା। ଆଉ ଆଗଭଳି ସେ ଦୁଷ୍ଟାମୀ କରିବ ନାହିଁ ବୋଲି ମନେ ମନେ ସ୍ଥିର କଲା। ଭାରି ମନ ଖୁସିରେ ରଙ୍ଗୀନ ଛତା ଧରି ସ୍କୁଲ ବାହାରି ଗଲା। ■



ରାଜେନ୍ଦ୍ରପୁର, ଭଦ୍ରକ
ମୋ- ୯୪୩୭୭୩୧୯୦୩

## ପାଟି ସିଲେଟ

ମାଟିରେ ତିଆରି ସିଲଟ ମୁହିଁ
କାଲି ଥିଲି ପ୍ରିୟ ସବୁରି ପାଇଁ।
ଲେଖୁଥିଲେ ସର୍ବେ ଖଡ଼ିକୁ ଧରି
ବ୍ରହ୍ମା ବିଷ୍ଣୁ ମହେଶ୍ୱରଙ୍କୁ ସ୍ମରି।
ଗୁରୁ ଲେଖୁଥିଲେ ସ୍ୱର ବ୍ୟଞ୍ଜନ
ମଡ଼ାଇଲେ ଚାଟ ଦେଇ ଧିଆନ।
ଗୁରୁ ଶିଖାଇଲେ ସଂଶ୍ଳେଷଣ
ପଣିକିଆ ସାଥେ ବିଶ୍ଳେଷଣ।
ମିଶାଣ ଫେଡ଼ାଣ ଗୁଣନ ହରଣ
କଷୁଥିଲେ ଚାଟ ଦେଇ ଧିଆନ।
ଆଉ ନାହିଁ ସେହି ବେଳ ମୋହର
କାଗଜକୁ ସର୍ବେ କଲେ ଆଦର।
କିଏ ବା ବୁଝିବ ମୋର ମନକୁ
ବିଦାୟ ନେଉଛି କାଳ କାଳକୁ। ■

ଇନ୍ଦିପୁର, ଚନ୍ଦନ ମଣ୍ଡପ ସାହି,
ଢେଙ୍କାନାଳ
ମୋ- ୯୭୭୭୦୯୦୦୫୬



ପ୍ରଶାନ୍ତ କୁମାର ସାହୁ

## ଆମ ଅଙ୍କା ଛବି






ଅଂଶୁମାନ ସାହୁ
ଅଷ୍ଟମ ଶ୍ରେଣୀ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ
ଅଙ୍କରାନ୍ତିପୁର
ଓଡ଼ାପଡ଼ା
ଢେଙ୍କାନାଳ






କ୍ରିଷ୍ଟାଲ ପଣ୍ଡା
ଦ୍ୱିତୀୟ ଶ୍ରେଣୀ
ବ୍ରିଜୱେଲ ଗ୍ଲୋବାଲ ସ୍କୁଲ
ସରକଣା
ଖୋର୍ଦ୍ଧା





ରାଜନନ୍ଦିନୀ ସିଂ
ଅଷ୍ଟମ ଶ୍ରେଣୀ
ଶ୍ରୀଦାମ ଚନ୍ଦ୍ରପୁର ମଧ୍ୟ ଇଂରାଜୀ ବିଦ୍ୟାଳୟ
ଉଦଳା, ମୟୂରଭଞ୍ଜ





ସ୍ୱଙ୍ଗ ସ୍ନିଗ୍ଧା ମହାନ୍ତି
ଚତୁର୍ଥ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ନିମାପଡ଼ା

## କପିଳଙ୍କ ରେକର୍ଡ ଭାଙ୍ଗିଲେ ବୁମ୍‌ରା

ଲର୍ଡ୍ସ, ୧୧।୭ (ଏଜେନ୍ସି): ଏଠାରେ ଚାଲିଥିବା ତୃତୀୟ ଟେଷ୍ଟରେ ଭାରତ ଯଶପ୍ରୀତ୍ ବୁମ୍‌ରା ପ୍ରତିପକ୍ଷ ଇଂଲଣ୍ଡ ପ୍ରଥମ ଇନିଂସରେ ୫ ୱିକେଟ ସଫଳତା ପାଇଛନ୍ତି। ଏହା ଫଳରେ ବିଦେଶରେ ସେ ୧୩ଥର ଲାଗି ଗୋଟିଏ ଟେଷ୍ଟ ଇନିଂସରେ ୫ କିମ୍ବା ତା'ଠାରୁ ଅଧିକ ୱିକେଟ ନେବାରେ କପିଳ ଦେବଙ୍କ ରେକର୍ଡକୁ ଅତିକ୍ରମ କରିଛନ୍ତି। ବିଦେଶ ମାଟିରେ କପିଳ ୬୬ଟି ଇନିଂସରେ ୧୨ଥର ୫ ୱିକେଟ ସଫଳତା ପାଇଥିଲେ। ବୁମ୍‌ରା ମାତ୍ର ୩୫ଟି ଟେଷ୍ଟ ଖେଳି ଏହି ସଫଳତା ପାଇଛନ୍ତି।

**୫ମରେ ରୁଟ୍** : ଅନ୍ୟପକ୍ଷରେ ଇଂଲଣ୍ଡର ବରିଷ୍ଠ ବ୍ୟାଟର ଜୋ ରୁଟ୍ ଏହି ମ୍ୟାଚ୍‌ରେ ୧୦୪ ରନ୍ କରିଛନ୍ତି। ଏହା ତାଙ୍କ ଟେଷ୍ଟ ଜୀବନର ୩୭ତମ ଶତକ। ସର୍ବାଧିକ ଟେଷ୍ଟ ଶତକ ହାସଲ ତାଲିକାରେ ରୁଟ୍ ୫ମ ସ୍ଥାନକୁ ଉଠିଛନ୍ତି। ୧୫୬ତମ ଟେଷ୍ଟରେ ରୁଟଙ୍କୁ ଏହି ସଫଳତା ମିଳିଛି। ଟେଷ୍ଟ କ୍ରିକେଟରେ ସର୍ବାଧିକ ଶତକ ଭାରତର ସଚିନ ତେନ୍ଦୁଲକରଙ୍କ ନାମରେ ରହିଛି। ସେ ୨୦୦ ଟେଷ୍ଟରେ ୫୧ ଶତକ ହାସଲ କରିଥିଲେ। ତାଙ୍କ ପଛକୁ ଦକ୍ଷିଣ ଆଫ୍ରିକାର ଜ୍ୟାକ୍ କାଲିସ୍ ୧୬୬ ଟେଷ୍ଟରୁ ୪୫ଟି, ଅଷ୍ଟ୍ରେଲିଆର ରିକି ପଣ୍ଟିଂ ୧୬୮ ଟେଷ୍ଟରେ ୪୧ ଓ ଶ୍ରୀଲଙ୍କାର କୁମାର ସାଙ୍ଗକାରା ୧୩୪ ଟେଷ୍ଟରେ ୩୮ଟି ଶତକ ହାସଲ କରି ରୁଟ୍‌ଙ୍କ ଉପରେ ରହିଛନ୍ତି।

## ଦ୍ୱିତୀୟ ଦିନ ଖେଳିଲେନି ପନ୍ତ୍

ପ୍ରଥମ ଦିନ ବୁମ୍‌ରାଙ୍କ ବଲ ଅଟକାଇବାକୁ ଯାଇ ଆହତ ହୋଇଥିବା ଭାରତର ୱିକେଟ ରକ୍ଷକ ଋଷଭ ପନ୍ତ୍ ଦ୍ୱିତୀୟ ଦିନ ମଧ୍ୟ ଖେଳିବାକୁ ଆସି ନ ଥିଲେ। ଆଜି ସେ ପଡ଼ିଆକୁ ଆସି ଗୋଟିଏ ହାତରେ ବ୍ୟାଟିଂ ଅଭ୍ୟାସ କରିଥିଲେ। କିନ୍ତୁ ଆଦୌ



ସହଜ ଅନୁଭବ କରି ନ ଥିଲେ। ଯାହା ଫଳରେ ସେ ଖେଳିବାକୁ ଆସି ନ ଥିଲେ। ଗତକାଲି ତାଙ୍କୁ ବାରମ୍ବାର ଚିକିତ୍ସା କରିବା ସତ୍ତ୍ୱେ ତାଙ୍କ ଆଘାତ କମି ନ ଥିଲା। ଫଳରେ ସେ କ୍ରମାଗତ ଦ୍ୱିତୀୟ ଦିନ ଖେଳିବାକୁ ଆସି ନ ଥିଲେ। ଚଳିତ ଟେଷ୍ଟ ସିରିଜ୍‌ରେ ପନ୍ତ୍‌ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଛି। ଏହି ଟେଷ୍ଟରେ ସେ ୨ଟି ଶତକ ଓ ଗୋଟିଏ ଅର୍ଦ୍ଧଶତକ ହାସଲ କରିସାରିଛନ୍ତି। ଯାହା ଫଳରେ ଭାରତୀୟ ଟିମ୍ ତାଙ୍କ ବଦଳ ଖେଳାଳି ନ ନେଇ ତାଙ୍କ ଫିଟ୍‌ନେସ ଉପରେ ଭରସା ରଖିଛି।

### ଲର୍ଡ୍ସରେ ରୁଟ୍‌ଙ୍କ ଶତକ, ବୁମ୍‌ରାଙ୍କୁ ୫ ୱିକେଟ ସଫଳତା

# ଭାରତ ବିପକ୍ଷରେ ଇଂଲଣ୍ଡ ୩୮୭ରେ ସୀମିତ

ଲର୍ଡ୍ସ, ୧୧।୭ (ଏଜେନ୍ସି)

ଯଶପ୍ରୀତ୍ ବୁମ୍‌ରାଙ୍କ ଘାତକ ବୋଲିଂ ବଳରେ ଏଠାରେ ଚାଲିଥିବା ଭାରତ ବିପକ୍ଷ ତୃତୀୟ ଟେଷ୍ଟରେ ଘରୋଇ ଇଂଲଣ୍ଡର ପ୍ରଥମ ଇନିଂସ ୩୮୭ ରନ୍‌ରେ ସୀମିତ ରହିଛି। ଇଂଲଣ୍ଡ ପକ୍ଷରୁ ଏହି ଟେଷ୍ଟରେ ଜୋ ରୁଟ ଶତକ ସହ ୧୦୪ ରନ୍ କରିଥିଲେ। କିନ୍ତୁ ଜେମି ସ୍ମିଥ୍ (୫୧) ଓ ବ୍ରାଇଡନ କାର୍ସ (୫୬)ଙ୍କ ଅର୍ଦ୍ଧଶତକ ବଳରେ ଇଂଲଣ୍ଡ ସମ୍ମାନଜନକ ସ୍କୋର କରିଥିଲା। ମ୍ୟାଚ୍‌ର ପ୍ରଥମ ଦିନ ଗୋଟିଏ ୱିକେଟ ନେବା ସହ ପ୍ରଭାବବିହୀନ ସାବ୍ୟସ୍ତ ହୋଇଥିବା ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ଦ୍ୱିତୀୟ ଦିନରେ ଚମତ୍କାର ବୋଲିଂ କରି ଆଉ ୪ଟି ୱିକେଟ ପାଇଥିଲେ। ଏହା ଫଳରେ ସେ ମ୍ୟାଚ୍‌ରେ ୭୪ ରନ୍ ଦେଇ ମୋଟ ୫ ୱିକେଟ ସଫଳତା ପାଇଥିଲେ। ଜବାବରେ ଭାରତ ପ୍ରଥମ ଇନିଂସରେ ୨୬ ଓଭର ଖେଳି ୨ ୱିକେଟ ବିନିମୟରେ ୯୦ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ଲୋକେଶ ରାହୁଲ ୩୪ ଓ ଶୁବମନ ଗିଲ୍ ୩ ରନ୍‌ରେ ବ୍ୟାଟିଂ କରୁଥିଲେ। ପ୍ରଥମ ଓଭରରେ ଜୋଫ୍ରା ଆର୍ଚରଙ୍କୁ ୧୩ ରନ୍ ଉଠାଇବା ପରେ ଯଶସ୍ୱୀ ଜୟସ୍ୱାଲ ଆଉଟ ହୋଇଥିଲେ। ଦୀର୍ଘ ୪ ବର୍ଷ ପରେ ଅନ୍ତର୍ଜାତୀୟ କ୍ରିକେଟକୁ ଫେରିଥିବା ଆର୍ଚର ପ୍ରଥମ ଓଭରରେ ହିଁ ୱିକେଟ ଖାତା ଖୋଲିଥିଲେ। କରୁନ ନାୟାର ୪୦ ରନ୍ କରିବା ପରେ ଆଉଟ ହୋଇଛନ୍ତି। ଏହା ପରେ ଭାରତୀୟ ବ୍ୟାଟର ଅନେକ ଉତ୍କର୍ଷପୂର୍ଣ୍ଣ ସଟ୍ ଖେଳିଥିଲେ ମଧ୍ୟ ଇଂଲଣ୍ଡ ତାହାର ସଦ୍‌ବ୍ୟବହାର କରିପାରି ନ ଥିଲା। ଭାରତର ୱିକେଟ ରକ୍ଷକ ଋଷଭ ପନ୍ତ୍ ମଧ୍ୟ ଦ୍ୱିତୀୟ ଦିନ ଖେଳି ନ ଥିଲେ।





### ■ ସମ୍ମାନ ରଖିଲେ ସ୍ମିଥ୍ ଓ କାର୍ସ

ଏହି ମ୍ୟାଚ୍‌ର ପ୍ରଥମ ଦିନରେ ଜୋ ରୁଟ୍, ଓଲି ପୋପ୍ (୪୪) ଓ ବେନ୍ ଷ୍ଟୋକ୍ସ ଲଢୁଆ ଖେଳିଥିଲେ। କିନ୍ତୁ ୯୯ ରନ୍‌ରେ ଅପରାଜିତ ଥିବା ରୁଟ ନିଜ ଟେଷ୍ଟ ଜୀବନର ୩୭ତମ ଶତକ ହାସଲ କରିବା ପରେ ୧୦୪ ରନ୍‌ରେ ଆଉଟ ହୋଇଥିଲେ। ସେହିପରି ୩୯ ରନ୍‌ରେ ଅପରାଜିତ ଅଧିନାୟକଙ୍କ ବ୍ୟାଟରୁ ମୋଟରେ ୪୪ ରନ୍ ମିଳିଥିଲା। ଏହା ସାଙ୍ଗକୁ କ୍ରିସ ଓକ୍ସ ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଥିଲେ। ଏ ସମସ୍ତ ଖେଳାଳିଙ୍କୁ ଆଉଟ କରି ବୁମ୍‌ରା କିଛି ସମୟ ଆତଙ୍କ ଖେଳାଇଦେଇଥିଲେ। ଘରୋଇ ଦଳ ୧୧ ରନ୍ ବ୍ୟବଧାନରେ ୩ଟି ୱିକେଟ ହରାଇ ବିପଦରେ ପଡ଼ିଥିଲା। ଦଳ ଗତକାଲି ୪ ୱିକେଟରେ ୨୫୧ ରନ୍ କରିଥିଲାବେଳେ ଦ୍ୱିତୀୟ ଦିନ ସକାଳେ ନୂଆ ବଲ୍‌ରେ ବୁମ୍‌ରାଙ୍କ ବୋଲିଂ ଘାତକ ସାବ୍ୟସ୍ତ ହୋଇଥିଲା। ଯାହା ଫଳରେ ଇଂଲଣ୍ଡ ୨୭୧ ରନ୍‌ରେ ୭ମ ୱିକେଟ ହରାଇ ବିପଦରେ ପଡ଼ିଥିଲା। ଏହି ସମୟରେ ଚଳିତ ସିରିଜ୍‌ରେ ଦମ୍‌ଦାର ପ୍ରଦର୍ଶନ କରୁଥିବା ଜେମି ସ୍ମିଥ ଓ ବ୍ରାଇଡନ କାର୍ସ ଚମତ୍କାର ବ୍ୟାଟ୍ ଚାଳନା କରି ଦ୍ରୁତଗତିରେ ରନ୍ ସଂଗ୍ରହ କରିଥିଲ। ସ୍ମିଥ୍ ୫୬ ବଲ୍‌ରେ ୬ ଚୌକା ସହ ୫୧ ଓ କାର୍ସ ୮୩ ବଲ୍‌ରେ ୬ ଚୌକା ଓ ୧ଛକା ସହ ୫୬ ରନ୍‌ରେ ଆଉଟ ହୋଇଥିଲେ। ସେମାନେ ମିଳିତଭାବେ ୧୧୪ ବଲ୍‌ର ସାମନା କରି ୮୪ ରନ୍ କରିଥିଲେ। ଏହି ପାର୍ଟନରସିପ୍ ଇଂଲଣ୍ଡର ସମ୍ମାନ ରକ୍ଷା କରିବାରେ ସହାୟ ହୋଇଥିଲା।

ଭାରତ ପକ୍ଷରୁ ବୁମ୍‌ରା ଆଜି ଘାତକ ବୋଲିଂ କରିଥିଲେ। ତାଙ୍କୁ ସର୍ବାଧିକ ୫ଟି ୱିକେଟ ମିଳିଥିଲା। ଏହା ଫଳରେ ଟେଷ୍ଟ କ୍ରିକେଟରେ ଗୋଟିଏ ଇନିଂସରେ ୫ କିମ୍ବା ତା'ଠାରୁ ଅଧିକ ୱିକେଟ ନେବାରେ ସେ ୧୫ଥର ସଫଳ ହୋଇଛନ୍ତି। ଏହା ମଧ୍ୟରୁ ବିଦେଶରେ ୧୩ଥର ୫ ୱିକେଟ ସଫଳତା ପାଇଛନ୍ତି। ମହମ୍ମଦ ସିରାଜ ଓ ନୀତୀଶ କୁମାର ରେଡ୍ଡି ୨ଜଣ ଲେଖାଏଁ ଖେଳାଳିଙ୍କୁ ପାଭିଲିୟନ ପଠାଇବାରେ ସମର୍ଥ ହୋଇଥିଲେ। ରବୀନ୍ଦ୍ର ଜାଡେଜାଙ୍କୁ ଗୋଟିଏ ୱିକେଟ ମିଳିଥିଲାବେଳେ ଦ୍ୱିତୀୟ ଟେଷ୍ଟରେ ୧୦ଟି ୱିକେଟ ନେଇଥିବା ଆକାଶ ଦୀପ୍‌ଙ୍କୁ ଇଂଲଣ୍ଡ ପ୍ରଥମ ଇନିଂରେ ଗୋଟିଏ ହେଲେ ୱିକେଟ ମିଳି ନ ଥିଲା।

**ସଂକ୍ଷିପ୍ତ ସ୍କୋର**

**ଇଂଲଣ୍ଡ ପ୍ରଥମ ଇନିଂସ: ୩୮୭/୧୦, ୧୧୨.୩ ଓଭର**

(ରୁଟ୍- ୧୦୪, କାର୍ସ-୫୮, ସ୍ମିଥ-୫୧, କାର୍ସ-୫୭, ଷ୍ଟୋକ୍ସ- ୪୪, ପୋପ୍-୪୪, ବୁମ୍‌ରା-୫/୭୪, ଜାଡେଜା-୬୨, ରେଡ୍ଡୀ-୨/୮୫)।

**ଭାରତ ପ୍ରଥମ ଇନିଂସ: ୯୦/୨, ୨୬ ଓଭର**


(ଲୋକେଶ ରାହୁଲ-ବ୍ୟାଟିଂ-୩୪, କରୁନ ନାୟାର-୪୦, ଯଶସ୍ୱୀ ଜୟସ୍ୱାଲ-୧୩, ଜୋଫ୍ରା ଆର୍ଚର-୧/୧୭, ବେନ୍ ଷ୍ଟୋକ୍ସ-୧/୧୬)।

## ନାଭାଲ ଟାଟା ଗ୍ରାସରୁଟ୍ ହକି ଲିଗ୍ ଫାଇନାଲ ଆଜି

ଭୁବନେଶ୍ୱର, ୧୧।୭ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମଠାରେ ଚାଲିଥିବା ଓଡ଼ିଶା ନାଭାଲ ଟାଟା ଗ୍ରାସରୁଟ୍ ହକି ଲିଗ୍ ଚାମ୍ପିଅନସିପ୍ ୫ମ ସଂସ୍କରଣର ଫାଇନାଲ ମୁକାବିଲା ଶନିବାର ଅନୁଷ୍ଠିତ ହେବ। ବାଳକ ବିଭାଗରେ ନୂଆଗାଁ ଓ କଉରାମୁଣ୍ଡା ଏଚ୍‌ଟିସି ଟାଇଟଲ୍ ପାଇଁ ଲଢ଼େଇ କରିବେ। ସେହିଭଳି ବାଳିକାରେ ଲାଠିକଟା ଓ ଗୁରୁଣ୍ଡିଆ ଏଚ୍‌ଟିସି ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯିବ। ଶୁକ୍ରବାର ଅନୁଷ୍ଠିତ ବାଳକ ସେମିଫାଇନାଲରେ ନୂଆଗାଁ ସୁଟ୍‌ଆଉଟ୍‌ରେ ୪-୧ (୩-୩) ଗୋଲ୍‌ରେ ରାଜଗାଙ୍ଗପୁର ଏଚ୍‌ଟିସିକୁ ପରାସ୍ତ କରିଥିଲା। ସେହିଭଳି ଅନ୍ୟ ଏକ ସେମିରେ କଉରାମୁଣ୍ଡା ୨-୧ ଗୋଲ୍‌ରେ ସଉନାମରା ଏଚ୍‌ଟିସିକୁ ହରାଇଥିଲା। ଅପରପକ୍ଷରେ ବାଳିକା ସେମିଫାଇନାଲରେ ଲାଠିକଟା ୩-୦ ଗୋଲ୍‌ରେ ବଡ଼ଗାଁ ଏଚ୍‌ଟିସିକୁ ଏବଂ ଗୁରୁଣ୍ଡିଆ ୪-୧ ଗୋଲ୍‌ରେ ବମ୍ରା ଏଚ୍‌ଟିସିକୁ ପରାସ୍ତ କରି ଫାଇନାଲରେ ପହଞ୍ଚିଛନ୍ତି। ଏହି ପ୍ରତିଯୋଗିତାରେ ରାଜ୍ୟରେ ଥିବା ୩୩ ହକି ଟ୍ରେନିଂ ସେଣ୍ଟର (ଏଚ୍‌ଟିସି)ର ଶ୍ରେଷ୍ଠ-୮ଟି ବାଳକ ଓ ବାଳିକା ଦଳ ଅଂଶଗ୍ରହଣ କରିଛନ୍ତି।

## ଶତକ ସତ୍ତ୍ୱେ 'ଲର୍ଡ୍ସ ଅନର ବୋର୍ଡ'ରେ ନାହାନ୍ତି ସଚିନ

ଲଣ୍ଡନ, ୧୧।୭ (ଏଜେନ୍ସି): ଭ୍ରମଣକାରୀ ଭାରତ ଓ ଇଂଲଣ୍ଡ ମଧ୍ୟରେ ଚଳିତ ଟେଷ୍ଟ ସିରିଜର ୩ୟ ମ୍ୟାଚ୍ ଆରମ୍ଭ ହେବା ପୂର୍ବରୁ ବ୍ୟାଟିଂ କିମ୍ବଦନ୍ତୀ ସଚିନ ତେନ୍ଦୁଲକରଙ୍କୁ ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ସମ୍ମାନିତ କରାଯାଇଥିଲା। ଲର୍ଡ୍ସ ଗ୍ରାଉଣ୍ଡ ଭିତରରେ ଥିବା ମେରିଲବୋନ୍ କ୍ରିକେଟ୍ କ୍ଲବ (ଏମ୍‌ସିସି) ସଂଗ୍ରହାଳୟରେ ସଚିନ ପେଣ୍ଟିଂ ହୋଇଥିବା ନିଜର ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଥିଲେ। ସେହିଭଳି ପାରମ୍ପରିକ ଭାବେ ଘଣ୍ଟି ବଜାଇ ସଚିନ ଲର୍ଡ୍ସ ଟେଷ୍ଟକୁ ଆନୁଷ୍ଠାନିକ ଭାବେ ଆରମ୍ଭ କରିଥିଲେ। ତେବେ ଦୀର୍ଘ ଅଢ଼େଇ ଦଶନ୍ଧିର କ୍ୟାରିୟରରେ ସଚିନ ୧୦୦ ଅନ୍ତର୍ଜାତୀୟ ଶତକ ସହ ୩୪ ହଜାରରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିଥିଲେ ମଧ୍ୟ ତାଙ୍କ ନାମ ସମ୍ମାନଜନକ 'ଲର୍ଡ୍ସ ଅନର୍ ବୋର୍ଡ'ରେ ଲିପିବଦ୍ଧ ହୋଇନାହିଁ। ସାଧାରଣତଃ କ୍ରିକେଟ୍‌ର ମକ୍କା ଭାବେ ପରିଚିତ ଲର୍ଡ୍ସରେ ଯେଉଁ ଖେଳାଳି ଶତକ କିମ୍ବା ୫ ୱିକେଟ ସଫଳତା ପାଇଥାନ୍ତି ତାଙ୍କ ନାମ ଲର୍ଡ୍ସ ଅନର୍ ବୋର୍ଡରେ ଲେଖାଯାଇଥାଏ।



ଏହାକୁ ନେଇ ଏମ୍‌ସିସିର ସଭାପତି ମାର୍କ ନିକୋଲସ ମଜାଳିଆ ଢଙ୍ଗରେ ସଚିନଙ୍କୁ କହିଥିଲେ, 'ତୁମେ ଲର୍ଡ୍ସ ଅନର୍ ବୋର୍ଡରେ ସ୍ଥାନ ପାଇଲ ନାହିଁ। କ'ଣ ହେଲା ? ମୁଁ ଭାବୁଛି ଇଂଲଣ୍ଡର ଉଚ୍ଚମାନର ବୋଲିଂ ଲାଗି'। ତେବେ ନିକୋଲସଙ୍କ ଦ୍ୱାରା ପଚରାଯାଇଥିବା ଏହି ତ୍ରୁଟିପୂର୍ଣ୍ଣ ପ୍ରଶ୍ନକୁ ସଚିନ ହସି ହସି ସଂଶୋଧନ କରିଥିଲେ। ସଚିନ କହିଥିଲେ, 'ମୁଁ ଭାବୁଛି ଏହା ୧୯୯୮ ମସିହା ଥିଲା ଯେତେବେଳେ ଆମେ ଲର୍ଡ୍ସରେ ଏକ ମେମୋରିଆଲ୍ ମ୍ୟାଚ୍ ଖେଳିଥିଲୁ ଏବଂ ମୁଁ ସେଥିରେ ଅବଶିଷ୍ଟ ବିଶ୍ୱ ଏକାଦଶର ନେତୃତ୍ୱ ନେଇ ୧୨୫ ରନର ଶତକୀୟ ପାଳି ଖେଳିଥିଲି। ପ୍ରତିପକ୍ଷ ମେରିଲବୋନ କ୍ରିକେଟ୍ କ୍ଲବ (ଏମ୍‌ସିସି) ଦଳରେ ଗ୍ଲେନ ମ୍ୟାକ୍‌ଗ୍ରା, ଆଲାନ ଡୋନାଲ୍ଡ, ଜାଭାଗଲ ଶ୍ରୀନାଥ, ଅନିଲ କୁମ୍ବଲେ ଓ ବ୍ରାଏନ ମ୍ୟାକ୍‌ମିଲାନଙ୍କ ପରି ଦକ୍ଷ ବୋଲର୍ ରହିଥିଲେ।' ଉଲ୍ଲେଖଯୋଗ୍ୟ, ଏମ୍‌ସିସି ଓ ବିଶ୍ୱ ଏକାଦଶ ମଧ୍ୟରେ ଖେଳାଯାଇଥିବା ଏହି ମ୍ୟାଚ୍‌ଟି ଏକ ଚ୍ୟାରିଟି ମୁକାବିଲା ଥିଲା। ତେଣୁ ସଚିନ ଏଥିରେ ମାରିଥିବା ଶତକଟି ଅନର୍ ବୋର୍ଡରେ ସ୍ଥାନ ପାଇ ନ ଥିଲା। ଲର୍ଡ୍ସ ଅନର୍ ବୋର୍ଡ କେବଳ ଅଫିସିଆଲ୍ ମ୍ୟାଚ୍‌ର ରେକର୍ଡ ପାଇଁ ଉପଲବ୍ଧ ରହିଛି।

## ଶ୍ରଦ୍ଧାଞ୍ଜଳିଙ୍କୁ ଏଏଫ୍‌ସି 'ଏ' କୋଚିଂ ଲାଇସେନ୍ସ

ଭୁବନେଶ୍ୱର,୧୧।୭ (ସମିସ): ଓଡ଼ିଶାର ସୁନାମଧନ୍ୟ ମହିଳା ଫୁଟବଲ ଖେଳାଳି ତଥା କୋଚ୍ ଶ୍ରଦ୍ଧାଞ୍ଜଳି ସାମନ୍ତରାୟଙ୍କୁ ଏଏଫ୍‌ସି-'ଏ' କୋଚିଂ




ଲାଇସେନ୍ସ ମିଳିଛି। ଏସୀୟ ଫୁଟବଲ ମହାସଂଘ ପକ୍ଷରୁ ଅନୁଷ୍ଠିତ ଏ ଲାଇସେନ୍ସ ପରୀକ୍ଷାରେ ସେ କୃତକାର୍ଯ୍ୟ ହୋଇଛନ୍ତି। ଏହା ଫଳରେ ସେ ବରିଷ୍ଠ ଜାତୀୟ ତଥା ଗ୍ରେଡ୍-ଏ ଟିମ୍‌ର କୋଚ୍ ହେବାକୁ ଲାଇସେନ୍ସ ପ୍ରାପ୍ତ ହୋଇଛନ୍ତି। ପୂର୍ବରୁ ସେ ସମସ୍ତ ପ୍ରକାର ଭାରତୀୟ ଦଳର କୋଚ୍ ହୋଇସାରିଛନ୍ତି। ଏହି ସଫଳତା ଲାଗି ଶ୍ରଦ୍ଧାଞ୍ଜଳିଙ୍କୁ ଫାଓ ସଭାପତି ଟଙ୍କଧର ତ୍ରିପାଠୀ ଓ ସମ୍ପାଦକ ଆଶୀର୍ବାଦ ବେହେରା ଓ ଅନ୍ୟମାନେ ଅଭିନନ୍ଦନ ଜଣାଇଛନ୍ତି।

## ଫାଇନାଲରେ କାର୍ଲୋସ ଆଲ୍‌କାରାଜ୍

ଲଣ୍ଡନ,୧୧।୭ (ଏଜେନ୍ସି): ଉଦୀୟମାନ ଯୁବ ଖେଳାଳି ତଥା ଗତ ଦୁଇଥରର ବିଜେତା ସ୍ପେନ୍‌ର କାର୍ଲୋସ ଆଲକାରାଜ୍ ଚଳିତବ ବର୍ଷ ୱିମ୍ବଲଡନ ଟେନିସ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ପୁରୁଷ ଏକକ ପ୍ରଥମ ସେମିଫାଇନାଲରେ ଆଲକାରାଜ ୩-୦ ସେଟ୍‌ରେ ୫ମ ସିଡ୍ ଆମେରିକାର ଟେଲର ଫ୍ରିଜ୍‌କୁ ପରାସ୍ତ କରିଥିଲେ। ଆରମ୍ଭରୁ ପ୍ରାଧାନ୍ୟ ବିସ୍ତାର କରିଥିବା ନମ୍ବର ୨ ସିଡ୍ ଆଲକାରାଜ ଏହି ମ୍ୟାଚ୍‌କୁ ୬-୪, ୫-୭, ୬-୩ ଓ ୭-୬ (୮/୬) ସେଟ୍‌ରେ ପରାସ୍ତ କରିଥିଲେ। ରବିବାର ଖେଳାଯିବାକୁ ଥିବା ଫାଇନାଲରେ ଆଲକାରାଜଙ୍କ ସହ ନମ୍ବର ୧ ଜାନିକ ସିନ୍ନର କିମ୍ବା ରେକର୍ଡ ଗ୍ରାଣ୍ଡସ୍ଲାମ ବିଜେତା ନୋଭାକ ଜୋକୋଭିଚ୍‌ଙ୍କ ସହ ହେବ। ରିପୋର୍ଟ ଲେଖା ହେଲା ବେଳକୁ ଦ୍ୱିତୀୟ ସେମିଫାଇନାଲ ମୁକାବିଲା ଆରମ୍ଭ ହୋଇ ନ ଥିଲା।

ଆସନ୍ତାକାଲି ମହିଳା ଏକକ ଫାଇନାଲ ଖେଳାଯିବ। ଏଥିରେ ପୋଲାଣ୍ଡର ଇଗା ସ୍ୱିଆଟେକଙ୍କ ସହ ଆମାଣ୍ଡା ସିନିଆକୋଭଙ୍କର ମୁକାବିଲା ହେବ। ଗତକାଲି ଖେଳାଯାଇଥିବା ସେମିଫାଇନାଲରେ ଟପ୍ ସିଡ୍ ବେଲାରୁଷର ଆରିନା ସାବାଲେଙ୍କାଙ୍କୁ ୨-୧ରେ ଆନିସିମୋଭା ଓ ବେଲିଣ୍ଡା ବେଙ୍କିକ୍‌କୁ ୨-୦ରେ ପରାସ୍ତ କରି ସ୍ୱିଆଟେକ ଫାଇନାଲରେ ପ୍ରବେଶ କରିଥିଲେ।



ୱିମ୍ବଲଡନ ଗ୍ରାଣ୍ଡସ୍ଲାମ୍

### ସିନିଆକୋଭା-ଭର୍ବିକ ମିଶ୍ରିତ ଯୁଗଳ ଚାମ୍ପିଅନ

ଚେକ୍ ପ୍ରଜାତନ୍ତ୍ରର କାଟେରିଆ ସିନିଆକୋଭା ଓ ନେଦରଲାଣ୍ଡର ସେମ ଭର୍ବିକ ଚଳିତବର୍ଷ ୱିମ୍ବଲଡନ ମିଶ୍ରିତ ଯୁଗଳ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଶୁକ୍ରବାର ଖେଳାଯାଇଥିବା ସେମିଫାଇନାଲରେ ସିନିଆକୋଭା-ଭର୍ବିକଙ୍କ ଯୋଡି ୭-୬, ୭-୬ ସିଧାସଳଖ ଟାଇବ୍ରେକର ସେଟ୍‌ରେ ବ୍ରିଟେନର ଜୋ ସାଲିସ୍‌ବରୀ ଓ ବ୍ରାଜିଲ୍‌ର ଲୁଇସା ଷ୍ଟେଫାନିଙ୍କୁ ପରାସ୍ତ କରିଥିଲେ।

## ଜାତୀୟ ସବ୍‌ଜୁନିଅର ବାଳିକା ହକି ସେମିରେ ଓଡ଼ିଶା

ଭୁବନେଶ୍ୱର, ୧୧।୭ (ସମିସ): ରାଞ୍ଚିରେ ଚାଲିଥିବା ଜାତୀୟ ସବ୍‌ଜୁନିଅର ବାଳିକା ହକିର ୧୫ତମ ସଂସ୍କରଣ ସେମିଫାଇନାଲରେ ଓଡ଼ିଶା ଦଳ ପ୍ରବେଶ କରିଛି। ଶୁକ୍ରବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଓଡ଼ିଶା ବାଳିକା ଦଳ ୫-୦ ଗୋଲ୍‌ରେ ବିହାରକୁ ପରାସ୍ତ କରିଥିଲା। ଓଡ଼ିଶା ପକ୍ଷରୁ ଆଶିକା ସମାଦ, ପ୍ରିୟଙ୍କା



ମିଞ୍ଜ, ଏଲିନା ବୁର୍, ସ୍ୱିଟି କୁଜୁର ଓ ଗୀତା ଲାକ୍ରା ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଶନିବାର ପ୍ରଥମ ସେମିଫାଇନାଲରେ ହରିୟାଣା ସହ ଓଡ଼ିଶାର ମୁକାବିଲା ହେବ। କ୍ୱାର୍ଟର ଫାଇନାଲରେ ହରିୟାଣା ୧-୦ ଗୋଲ୍‌ରେ ଉତ୍ତର ପ୍ରଦେଶକୁ ହରାଇଥିଲା। ସେହିଭଳି ଆୟୋଜକ ଝାଡ଼ଖଣ୍ଡ ଓ ମିଜୋରାମ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ।

# ୮ ବର୍ଷ ପରେ କଳିଙ୍ଗକୁ ଫେରିଲା ଅନ୍ତର୍ଜାତୀୟ ଦୌଡ଼କୁଦ

ଭୁବନେଶ୍ୱର, ୧୧।୭ (ସମିସ)

ଦୀର୍ଘ ୮ ବର୍ଷ ପରେ ଆଇକନିକ କଳିଙ୍ଗ ଷ୍ଟାଡିୟମକୁ ଫେରିଛି ଏକ ବିଶ୍ୱସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା। ଅଗଷ୍ଟ ୧୦ରେ କଳିଙ୍ଗ ଷ୍ଟାଡିୟମର ମୁଖ୍ୟ ଫିଲ୍ଡରେ ଆୟୋଜିତ ହେବ ୱାର୍ଲ୍ଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜ ଲେଭଲ୍ ମିଟ୍। ୱାର୍ଲ୍ଡ ଆଥ୍‌ଲେଟିକ୍ସ (ଡବ୍ଲ୍ୟୁଏ), ଆଥ୍‌ଲେଟିକ୍ ଫେଡେରେସନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଆୟୋଜିତ ହେବାକୁ ଥିବା ଏହି ମେଗା ଇଭେଣ୍ଟରେ ଆୟୋଜକ ଭାରତ ସମେତ ୧୦ଟି ଦେଶର କ୍ରୀଡ଼ାବିତ୍ ଯୋଗଦେବେ। ଶେଷଓ ପ୍ରଥମଥର ଲାଗି ୨୦୧୭ ରେ କଳିଙ୍ଗ ଷ୍ଟାଡିୟମରେ ଏସିଆନ୍ ଆଥ୍‌ଲେଟିକ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଥିଲା। ସେତେବେଳେ ଅନୁଷ୍ଠିତ ଏହି ଏଲିଟ୍ ଲେଭଲ୍ ପ୍ରତିଯୋଗିତାରେ ୪୧ ରାଷ୍ଟ୍ରର ପାଖାପାଖି ୬୦୦ ଆଥ୍‌ଲେଟ୍ ଭାଗନେଇଥିଲେ।

**ଅଗଷ୍ଟ ୧୦ରେ ହେବ ୱାର୍ଲ୍ଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ୍ ଟୁର୍**



ଅଗଷ୍ଟ ୧୦ରେ ଆୟୋଜିତ ହେବାକୁ ଥିବା ଏହି ଏକଦିବସୀୟ ପ୍ରତିଯୋଗିତାରେ ତୁର୍କମେନିସ୍ତାନ, ଭୁଟାନ, ଦକ୍ଷିଣ କୋରିଆ, ମାଲେସିଆ, ଇରାକ, ଭିଏତ୍‌ନାମ, କାମେରୁନ, ଶ୍ରୀଲଙ୍କା, ଇରାନ, ଫିଲିପାଇନ୍ସ, ମାଳଦୀପରୁ ପାଖାପାଖି ୫୦ ବିଦେଶୀ କ୍ରୀଡ଼ାବିତ୍ ଭାଗନେବେ। ସେହିଭଳି ଘରୋଇ ଭାରତର ୧୦୦ରୁ ଊର୍ଦ୍ଧ୍ୱ ଆଥ୍‌ଲେଟ୍‌ଙ୍କୁ ମଧ୍ୟ ଏଥିରେ ଦେଖିବାକୁ ମିଳିବ। ଏଥିସହ ସେପ୍ଟେମ୍ବରରେ ଟୋକିଓରେ ହେବାକୁ ଥିବା ୨୦ତମ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍ ଲାଗି ଏହା ଯୋଗ୍ୟତା ଅର୍ଜନକାରୀ ଇଭେଣ୍ଟ ହେବ ବୋଲି ଶୁକ୍ରବାର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏଏଫ୍‌ଆଇ ସାଧାରଣ ସମ୍ପାଦକ ସନ୍ଦୀପ ମେହତା ସୂଚନା ଦେଇଛନ୍ତି। ଏହି ଏକଦିବସୀୟ ପ୍ରତିଯୋଗିତାରେ ପୁରୁଷ, ମହିଳା ଓ ମିକ୍ସଡ୍ ବର୍ଗରେ ମୋଟ୍ ୨୦ଟି ଇଭେଣ୍ଟ ଅନୁଷ୍ଠିତ ହେବ। ପୁରୁଷ ବିଭାଗରେ ୧୦୦, ୨୦୦, ୪୦୦, ୮୦୦, ୧୫୦୦, ୫୦୦୦ ମିଟର ଦୌଡ଼ ସହ ଲଙ୍ଗ ଜମ୍ପ, ଟ୍ରିପଲ ଜମ୍ପ, ଜାଭେଲିନ୍ ଥ୍ରୋ, ୪ ଗୁଣା ୪୦୦ମି ରିଲେ, ମହିଳାରେ ୧୦୦, ୨୦୦, ୪୦୦, ୮୦୦, ୧୫୦୦, ୧୦୦ ମିଟର ହର୍ଡଲ୍ସ, ଲଙ୍ଗ ଜମ୍ପ, ଜାଭେଲିନ ଥ୍ରୋ, ଓ ୪ ଗୁଣା ୪୦୦ ମିଟର ରିଲେ ଅନୁଷ୍ଠିତ ହେବ। ସେହିଭଳି ମିକ୍ସଡରେ କେବଳ ୪ ଗୁଣା ୪୦୦ ମିଟର ରିଲେ ହେବ ବୋଲି ଏଏଫ୍‌ଆଇ କୋଷାଧ୍ୟକ୍ଷ ବି.ଇ. ସେନଲି ଜୋନ୍ସ ଏହି ଅବସରରେ କହିଥିଲେ। ଡବ୍ଲ୍ୟୁଏ ଓ ଏଏଫ୍‌ଆଇ ବୈଷୟିକ ଦଳ କଳିଙ୍ଗ ଷ୍ଟାଡିୟମ ପରିଭ୍ରମଣ କରି ଭିତ୍ତିଭୂମି ଯାଞ୍ଚ କରିବା ସହ ଏହି ମେଗା ପ୍ରତିଯୋଗିତା ପୂର୍ବରୁ କିଛି ଟେକ୍‌ନିକାଲ ପରିବର୍ତ୍ତନ କରିବା ନେଇ ପରାମର୍ଶ ଦେଇଥିବା ଜଣାପଡ଼ିଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।

ନନ୍ଦିଘୋଷ

CAREER Opportunities

Nandighosha Network Pvt. Ltd., a leading & fast-growing Odia News Channel invites applications for its

IT Department.

Candidates having requisite qualifications and experience may send their CV.

| Name of the Post | Experience |
| --- | --- |
| IT Executive | 1. Diploma/Degree in Hardware & Networking / MCA from a recognized institute/University.<br>2. Key Responsibilities:<br>• Manage and maintain all IT infrastructure including systems, networks, and broadcast equipment.<br>• Provide technical support to newsroom, production, and editorial teams.<br>• Ensure the smooth operation of broadcasting software, editing systems, and studio setups.<br>• Troubleshoot hardware/software/network issues and ensure minimal downtime.<br>3. 3 to 5 years of experience in information technology. Priority will be given to electronic / digital media experience. |

Please apply along with your detailed CV with recent passport size photo via e-mail: hr@nandighoshatv.com by 15th July, 2025.
Only shortlisted candidates will be called for Personal Interview.

Contact No. 9437016499 HR Dept.

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS